



- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA


PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-38 ◆FRIDAY ◆1 AUG 2025 ◆PAGE-12 ◆₹ 6.00 | PANIKOILI | ◆ବର୍ଷ-୪୩ ◆ସଂଖ୍ୟା-୩୮ ◆ଶୁକ୍ରବାର ◆୧ ଅଗଷ୍ଟ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


## ଏମ୍ସ ନର୍ସଙ୍କ ଘରେ ପଶି ଦୁଇ ପିଲାଙ୍କୁ ଜାଳିଦେଲେ

■ **ପାଟନା, ୩୧।୭ (ଏଜେନ୍ସି):** ଚଳିତ ବର୍ଷ ଶେଷ ଆଡ଼କୁ ରାଜ୍ୟ ବିଧାନସଭା ନିର୍ବାଚନ ହେବାକୁ ଯାଉଥିବା ବେଳେ ବିହାରରେ ଅପରାଧୀଙ୍କ ଉତ୍ପାତ ବଢ଼ି ଚାଲିଛି। ପାଟନାରେ ଅପରାଧୀମାନେ ଯୋଜନାବଦ୍ଧ ଭାବେ ଗୋଟିଏ ପରେ ଗୋଟିଏ ହତ୍ୟାକାଣ୍ଡ ଘଟାଉଛନ୍ତି। ପାଟନାର ଜାନିପୁର ଥାନାର ନଗୱାଁ ଗାଁରେ ଦୁର୍ବୃତ୍ତମାନେ ଅଲ ଇଣ୍ଡିଆ ଇନ୍‌ଷ୍ଟିଚ୍ୟୁଟ ଅଫ୍ ମେଡିକାଲ ସାଇନ୍ସ (ଏମ୍ସ)ର ଜଣେ ନର୍ସଙ୍କ ଘରେ ପଶି ଦୁଇ ନୀରିହ ପିଲାଙ୍କୁ ଜିଅନ୍ତା ଜାଳି ଦେଇଛନ୍ତି। ନର୍ସ ଜଣକ ହେଉଛନ୍ତି ଜାନିପୁରରେ

**ବିହାରରେ ପୁଣି ଆତଙ୍କ**



ରହୁଥିବା ଶୋଭା ଦେବୀ ଓ ତାଙ୍କ ଦୁଇ ପିଲା ହେଲେ ସନ୍ତାନ ୧୪ ବର୍ଷୀୟା ଅଞ୍ଜଳି କୁମାରୀ ଓ ୧୨ ବର୍ଷୀୟ ଅଂଶ। ଦୁଇ ପିଲା ସ୍କୁଲରୁ ଘରକୁ ଫେରିବା ପରେ ଏହି ଘଟଣା ଘଟିଥିଲା। ବିଛଣା ଉପରେ ଦୁଇଜଣଙ୍କ ମୃତଦେହ ମିଳିଥିଲା। ଦିନ ଦ୍ୱିପହରେ କେହି ପିଲାଙ୍କୁ ହତ୍ୟା କରିଛନ୍ତି ବୋଲି ସେ କହିଛନ୍ତି। ନର୍ସଙ୍କ ସ୍ୱାମୀ ଲଲନ ଗୁପ୍ତା ନିର୍ବାଚନ କମିଶନ କାର୍ଯ୍ୟାଳୟରେ କିରାଣୀ ଭାବେ କାର୍ଯ୍ୟ କରନ୍ତି। ସୂଚନା ପାଇବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଘଟଣାର ପ୍ରକୃତ କାରଣ ଏପର୍ଯ୍ୟନ୍ତ ଜଣାପଡ଼ିନାହିଁ।

## ଉପରିସ୍ଥ ଅଧିକାରୀଙ୍କୁ ପରିସ୍ରା ପିଆଇଲେ ପିଅନ

■ **ମୋହନା, ୩୧।୭ (ସମିସ):** ଯନ୍ତ୍ରୀଙ୍କୁ ପରିସ୍ରା ପିଆଇଲେ ପିଅନ। ଗଜପତି ଜିଲ୍ଲା ଆର୍.ଉଦୟଗିରି ଆର୍‌ଡବ୍ଲୁଏସ୍‌ଏସ୍ କାର୍ଯ୍ୟାଳୟର ଯନ୍ତ୍ରୀ ସଚ୍ଚିନ ଗୌଡ଼ଙ୍କ ସହ ଏପରି ଅମାନବୀୟ ଘଟଣା ଘଟିଛି। ଏ ସଂପର୍କରେ ସେ ଆର୍.ଉଦୟଗିରି ଥାନାରେ ଅଭିଯୋଗ କରିଛନ୍ତି। ଥାନାରେ ସେ କରିଥିବା ଅଭିଯୋଗ ଅନୁସାରେ, ଗତ ୨୨ ତାରିଖ ଦିନ ଆର୍.ଉଦୟଗିରି ଆରଡବ୍ଲୁଏସ୍‌ଏସ୍ ଅଫିସ୍‌ରେ କାର୍ଯ୍ୟରେ ଯୋଗ ଦେଇଥିଲେ। ୨୩ ତାରିଖ ରାତିରେ ଅଫିସ୍‌ର ପିଅନ ଶିବ ନାରାୟଣ ନାୟକ ତାଙ୍କୁ ତାଙ୍କ ବାସଭବନରେ ଖାଇବାକୁ ଦେଇଥିଲେ। ଖାଇସାରିବା ପରେ ସେ ଆଣିଥିବା ଷ୍ଟିଲ୍ ବୋତଲରେ ଥିବା



ପାଣି ପିଇଥିଲେ ଯନ୍ତ୍ରୀ। ତେବେ ପିଇବା ପରେ ସେ ତାହା ପରିସ୍ରା ବୋଲି ଜାଣିବାକୁ ପାଇଥିଲେ। ସେ ନିଜେ ଏହାର ଲ୍ୟାବ୍ ଟେଷ୍ଟ ପାଇଁ ପଠାଇଥିଲେ। ପରୀକ୍ଷା ପରେ ଉକ୍ତ ପାଣିରେ ଆମୋନିଆ ଏବଂ ୟୁରିଆର ପରିମାଣ ଅଧିକ ଥିବା ଜଣାପଡ଼ିଥିଲା। ଏନେଇ ତଦନ୍ତ ପାଇଁ ଯନ୍ତ୍ରୀଜଣଙ୍କ ତାଙ୍କ ଉପରିସ୍ଥ ଅଧିକାରୀଙ୍କୁ ଜଣାଇଥିଲେ। କିନ୍ତୁ କୌଣସି ପଦକ୍ଷେପ ନ ନିଆଯିବାରୁ ଏ ସଂପର୍କରେ ସେ ଆର୍.ଉଦୟଗିରି ଥାନାରେ ଅଭିଯୋଗ କରିଛନ୍ତି। ଅପରପକ୍ଷେ, ପିଅନ ଶିବନାରାୟଣ ନାୟକ ତାଙ୍କ ଉପରେ ଆସିଥିବା ସମସ୍ତ ଅଭିଯୋଗକୁ ଖଣ୍ଡନ କରିଛନ୍ତି। ପୁଲିସ ଘଟଣାର ତଦନ୍ତ କରୁଛି।

**ଟ୍ରମ୍ପଙ୍କ କଟାକ୍ଷ**

# ରୁଷ ସହ ବୁଡ଼ିବ ଭାରତ

## ଭାରତ ଏକ ମୃତ ଅର୍ଥନୀତି

### ପ୍ରଭାବିତ ହେବ ଭାରତର ଅର୍ଥନୀତି

### ୯୦ ଟଙ୍କା ପର୍ଯ୍ୟନ୍ତ ଖସିବ ଟଙ୍କାମୂଲ୍ୟ

■ **ୱାଶିଂଟନ୍/ନୂଆଦିଲ୍ଲୀ, ୩୧।୭ (ଏଜେନ୍ସି):** ଶୁଳ୍କ ପ୍ରସଙ୍ଗରେ ଭାରତ ଓ ଆମେରିକା ମଧ୍ୟରେ ୫ଟି ପର୍ଯ୍ୟାୟ କଥାବାର୍ତ୍ତା ନିଷ୍ଫଳ ହୋଇଛି । ଭାରତ ଉପରେ ଆମେରିକୀୟ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ୨୫% ଶୁଳ୍କ ଲଗାଇଛନ୍ତି ଓ ଆସନ୍ତାକାଲିଠାରୁ ଏହା କାର୍ଯ୍ୟକାରୀ ହେବ । ରୁଷ ସହ ଭାରତର ସମ୍ପର୍କ ଓ ରୁଷରୁ ଅଶୋଧିତ ତୈଳ କ୍ରୟ ଯୋଗୁଁ କ୍ରୋଧାନ୍ୱିତ ଟ୍ରମ୍ପ ଭାରତ ଉପରେ ରାଗ ଶୁଝାଇଛନ୍ତି । କେବଳ ସେତିକି ନୁହେଁ, ଭାରତର ପାରମ୍ପରିକ ଶତ୍ରୁ ପାକିସ୍ତାନକୁ ପ୍ରୋତ୍ସାହିତ କରିବା ପରି ପଦକ୍ଷେପ ନେଉଛନ୍ତି । ଯାହା ଫଳେ ର ଭାରତର ଅର୍ଥନୀତି ଗଭୀର ପ୍ରଭାବିତ ହେବା ଆଶଙ୍କା ସୃଷ୍ଟି ହୋଇଛି । ଟ୍ରମ୍ପଙ୍କ ଘୋଷଣା ପରେ ଟଙ୍କା ମୂଲ୍ୟ୦.୨% ହ୍ରାସ ପାଇଛି ଓ ଆଜି ଡ଼ଲାର ସହ ଟଙ୍କାର ବିନିମୟ ମୂଲ୍ୟ ୮୭.୫୮ ଟଙ୍କାରେ ପହଞ୍ଚିଛି। ଟଙ୍କାର ବିନିମୟ



ମୂଲ୍ୟ ୯୦ ଟଙ୍କାରେ ପହଞ୍ଚିପାରେ ବୋଲି ଭାରତୀୟ ଅର୍ଥଶାସ୍ତ୍ରୀମାନେ ଆକଳନ କରୁଛନ୍ତି ।

ବିଡ଼ମ୍ବନା ହେଉଛି ଯେତେବେଳେ ଆମେରିକୀୟ ବ୍ୟବସାୟିକ ପ୍ରତିନିଧିଦଳ ଭାରତ ଗସ୍ତରେ ଦ୍ୱିପାକ୍ଷିକ ବାଣିଜ୍ୟ ସଂକ୍ରାନ୍ତରେ ଆଲୋଚନା କରୁଛନ୍ତି, ଠିକ୍ ସେହି ସମୟରେ ଟ୍ରମ୍ପ ଭାରତ ଉପରେ ଟିକସ ଲଗାଇଛନ୍ତି । ଗତ ମାର୍ଚ୍ଚ ମାସରୁ ଦୁଇ ଦେଶ ପାରସ୍ପରିକ ▶ପୃଷ୍ଠା-୭

### ପ୍ରଭାବିତ ହେବ ଓଡ଼ିଶା

ଟ୍ରମ୍ପଙ୍କ ଶୁଳ୍କ ବୃଦ୍ଧି ଯୋଗୁଁ ଦେଶର ଅର୍ଥନୀତି ସହ ଓଡ଼ିଶାର ଅର୍ଥନୀତି ମଧ୍ୟ ଗଭୀର ପ୍ରଭାବିତ ହେବ ବୋଲି ଆଶଙ୍କା ପ୍ରକାଶ ପାଇଛି । ଓଡ଼ିଶାରୁ ବିପୁଳ ପରିମାଣର ସାମୁଦ୍ରିକ ଖାଦ୍ୟ ଆମେରିକା ରପ୍ତାନୀ ହୋଇଥାଏ । ଏକ ଆକଳନ ଯୋଗୁଁ ସାରା ଦେଶରୁ ଗତ ଆର୍ଥିକ ବର୍ଷରେ ୪.୮୮ ବିଲିଅନ ଡ଼ଲାରର ସାମୁଦ୍ରିକ ଖାଦ୍ୟ ବିଦେଶକୁ ରପ୍ତାନୀ ହୋଇଛି ଏବଂ ଏହାର ସିଂହଭାଗ ଆମେରିକା ଓ ଚୀନକୁ ପଠାଯାଇଛି। ମୋଟ ସାମୁଦ୍ରିକ ଖାଦ୍ୟର ୬୬% ଚିଙ୍ଗୁଡ଼ି ଭାରତରୁ ରପ୍ତାନୀ କରାଯାଇଛି । ସାରା ଦେଶରୁ ଆମେରିକାକୁ ରପ୍ତାନୀ ହୋଇଥିବା ଚିଙ୍ଗୁଡ଼ିର ପ୍ରାୟ ୩୦% ଓଡ଼ିଶାରୁ ପଠାଯାଇଛି। ତେଣୁ ଆମେରିକାର ଶୁଳ୍କ ଯୋଗୁଁ ଓଡ଼ିଶାରୁ ଚିଙ୍ଗୁଡ଼ି ରପ୍ତାନୀ ବାଧାପ୍ରାପ୍ତ ହୋଇପାରେ ବୋଲି କୁହାଯାଉଛି ।

### କ୍ଷତି ସହିବେ ରପ୍ତାନୀକାରୀ

ଟ୍ରମ୍ପଙ୍କ ଶୁଳ୍କ ବିଶେଷ ଭାବରେ ଭାରତୀୟ ଆମଦାନୀ ଉପରେ ଲାଗୁହେବ, ଯେଉଁଥିରେ ଇସ୍ପାତ, ଅଟୋ ଯନ୍ତ୍ରାଂଶ, ଔଷଧ ଏବଂ ବୟନ ଶିଳ୍ପ ଭଳି କ୍ଷେତ୍ର ଅନ୍ତର୍ଭୁକ୍ତ। ବଜାର ବିଶେଷଜ୍ଞ ଅଜୟ ବାଗା କହିଛନ୍ତି, ଟ୍ରମ୍ପ ଶୁଳ୍କ ଭାରତୀୟ ବଜାରରେ ଅସ୍ଥିରତା ବୃଦ୍ଧି କରିବ ଓ ନିବେଶକଙ୍କ ବିଶ୍ୱାସକୁ ଦୁର୍ବଳ କରିପାରେ। ଆମେରିକୀୟ ବଜାର ଉପରେ ନିର୍ଭରଶୀଳ ଭାରତୀୟ ଅଟୋ, ଫାର୍ମା ଏବଂ ଇସ୍ପାତ କ୍ଷେତ୍ରର କମ୍ପାନୀ କ୍ଷତିଗ୍ରସ୍ତ ହେବେ।

### ଇରାନ୍‌ରୁ ତେଲ କ୍ରୟ ଉପରେ ଆମେରିକାର ବଡ଼ କାର୍ଯ୍ୟାନୁଷ୍ଠାନ
### ୬ ଭାରତୀୟ କମ୍ପାନୀ ଉପରେ କଟକଣା

■ **ନୂଆଦିଲ୍ଲୀ, ୩୧।୭ (ଏଜେନ୍ସି):** ଇରାନ ସହ ପେଟ୍ରୋକେମିକାଲ୍ ଉତ୍ପାଦ ବ୍ୟବସାୟରେ ଜଡିତ ୬ ଭାରତୀୟ କମ୍ପାନୀ ଆଲକେମିକାଲ୍ ସଲ୍ୟୁସନ୍ସ ପ୍ରାଇଭେଟ୍ ଲିମିଟେଡ୍, ଗ୍ଲୋବାଲ୍ ଇଣ୍ଡଷ୍ଟ୍ରିଆଲ୍ କେମିକାଲ୍ସ ଲିମିଟେଡ, ଜୁପିଟର୍ ଡାଏ କେମ ପ୍ରାଇଭେଟ୍ ଲିମିଟେଡ୍, ରମଣୀକଲାଲ୍ ଏସ୍ ଗୋସାଲିଆ ଆଣ୍ଡ କୋ, ପର୍ସିଷ୍ଟେଣ୍ଟ୍ ପେଟ୍ରୋକେମ ପ୍ରାଇଭେଟ୍ ଲିମିଟେଡ୍ ଏବଂ କାଞ୍ଚନ ପଲିମର୍ସ। ଉପରେ କଟକଣା ଲଗାଇଛି ଆମେରିକା। ଭାରତୀୟ କମ୍ପାନୀଗୁଡ଼ିକ ଇରାନ ପେଟ୍ରୋଲିୟମ୍ ଉତ୍ପାଦ କ୍ରୟ ଏବଂ ବିପଣନ ପାଇଁ ଜାଣିଶୁଣି କାରବାର ବୃଦ୍ଧି କରିଥିବା ଅଭିଯୋଗରେ ଏହି କଟକଣା ଜାରି କରାଯାଇଛି ।

### ଦିନକ ପରେ ଟ୍ରିବ୍ୟୁନାଲରେ ମହାନଦୀ ଶୁଣାଣି

## ସରକାରଙ୍କ ଆଭିମୁଖ୍ୟକୁ ନେଇ ସଂଶୟ

■ **ଭୁବନେଶ୍ୱର, ୩୧।୭ (ସମିସ):** ଆସନ୍ତା ଶନିବାର ହେବ ମହାନଦୀ ଜଳବିବାଦ ଟ୍ରିବ୍ୟୁନାଲରେ ୪୪ତମ ଶୁଣାଣି । ଏହି ଶୁଣାଣି ସମୟରେ ଓଡ଼ିଶାର ଆଭିମୁଖ୍ୟ କଣ ରହିବ, ତାହା ଜାଣିବା ପାଇଁ ବିଶେଷଜ୍ଞଙ୍କଠାରୁ ଆରମ୍ଭ କରି ସାଧାରଣ ଲୋକେ ପର୍ଯ୍ୟନ୍ତ ସମସ୍ତେ ଉଦ୍‌ବିଗ୍ନ। ଗତ ଶୁଣାଣି ସମୟରେ ଆଡଭୋକେଟ ଜେନେରାଲ ପିତାମ୍ବର ଆଚାର୍ଯ୍ୟ ବିବାଦର ସମାଧାନ ପାଇଁ ଦୁଇରାଜ୍ୟ ମଧ୍ୟରେ ଆପୋସ ଆଲୋଚନା ଜାରି ରହିଥିବା ଟ୍ରିବ୍ୟୁନାଲ ଅଧ୍ୟକ୍ଷଙ୍କୁ ଜଣାଇଥିଲେ। ଏଥିପାଇଁ ଶ୍ରୀ ଆଚାର୍ଯ୍ୟ ଅଧିକ ସମୟ ମାଗିଥିଲେ ଓ ଟ୍ରିବ୍ୟୁନାଲ ପରବର୍ତ୍ତୀ ଶୁଣାରି ତାରିଖ ଅଗଷ୍ଟ ୨ ତାରିଖକୁ ଧାର୍ଯ୍ୟ କରିଥିଲେ। ଶୁଣାରି ପାଇଁ ପାଇଁ ରାଜ୍ୟ ସରକାରଙ୍କ ହାତରେ ଦିନଟିଏ ଥିବାବେଳେ

▶▶ **ଆଇନଗତ ଲଢ଼େଇ ସମ୍ପର୍କରେ ନିରବ**

▶▶ **ବୁଝାମଣା ସ୍ୱରୂପ ସ୍ପଷ୍ଟ କରିବାକୁ ଦାବି**

ଉଭୟ ରାଜ୍ୟ ମଧ୍ୟରେ ବିବାଦର ସମାଧାନ ପାଇଁ କେଉଁ ପ୍ରକାର ଆଲୋଚନା ହୋଇଛି, ସେ ସମ୍ପର୍କରେ ସରକାର ନିରବ। କିଛିଦିନ ତଳେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଏ ସଂକ୍ରାନ୍ତରେ କ୍ଷୋଭ ପ୍ରକାଶ କରିବା ସହ ଦୁଇ ରାଜ୍ୟ ମଧ୍ୟରେ ଆପୋସ ଆଲୋଚନା କଣ ହୋଇଛି ଏବଂ ଓଡ଼ିଶା ଆଇନଗତ ଲଢ଼େଇରୁ ଓହରି ଯିବ ନା ଜାରି ରଖିବ ସେନେଇ ସ୍ପଷ୍ଟୀକରଣ ଲୋଡ଼ିଥିଲେ ହେଁ ସରକାର ଏ ସମ୍ପର୍କରେ ତୁଣ୍ଡ ଖୋଲି ନାହାନ୍ତି। ଏହି ସମୟରେ ▶ପୃଷ୍ଠା-୭

## ଉତ୍କଳକୁ ସଂକଟ 'ସଂଗତୀକରଣ'

### କମିବ ୧୭ ପ୍ରାଧ୍ୟାପକ ଓ ୨୪ ସହଯୋଗୀ ପ୍ରାଧ୍ୟାପକ ପଦ

■ **ଭୁବନେଶ୍ୱର, ୩୧।୭ (ସମିସ):** ଶ୍ରୀ ହରାଇବ ରାଜ୍ୟର ପ୍ରଥମ ତଥା ସର୍ବପୁରାତନ ବିଶ୍ୱବିଦ୍ୟାଳୟ 'ଉତ୍କଳ'। ଶୈକ୍ଷିକ ପ୍ରକ୍ରିୟା ଗୁରୁତର ପ୍ରଭାବିତ ହେବ। ଏପରିକି, ଗବେଷଣା ମଧ୍ୟ ବାଟବଣା ହେବାର ଆଶଙ୍କା ପାଇଛି। କାରଣ ଅଧାରୁ ଅଧିକ ଅଧ୍ୟାପକ ପଦ ଖାଲି ପଡ଼ିଥିବା ବେଳେ ସଂଗତୀକରଣ (ରେସନାଲାଇଜେସନ୍) ନାମରେ ଆହୁରି ପ୍ରଧ୍ୟାପକ ଓ ସହଯୋଗୀ ପ୍ରାଧ୍ୟାପକ ପଦ ହରାଇବାକୁ ଯାଉଛି ଏହି ଐତିହ୍ୟସଂପନ୍ନ



**ଖାଲିପଡ଼ିଛି ଅର୍ଦ୍ଧାଧିକ ଅଧ୍ୟାପକ ପଦ**

**ବାଧାପ୍ରାପ୍ତ ହେବ ଗୁଣାତ୍ମକ ଶିକ୍ଷା**

ବିଶ୍ୱବିଦ୍ୟାଳୟ। ୧୭ଟି ପ୍ରାଧ୍ୟାପକ ସମେତ ୨୪ଟି ସହଯୋଗୀ ପ୍ରାଧ୍ୟାପକ ପଦ କାଟିବାକୁ ଷଡ଼ଯନ୍ତ୍ର ହେଉଥିବା ଅଭିଯୋଗ ହୋଇଛି।

ବିଶ୍ୱବିଦ୍ୟାଳୟଗୁଡ଼ିକରେ ସ୍କୁଲ ବ୍ୟବସ୍ଥା ଲାଗୁ କରିବା ପାଇଁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହାଦ୍ୱାରା ସବୁ ବିଶ୍ୱବିଦ୍ୟାଳୟରୁ କିଛି ପଦ ଉଚ୍ଛେଦ କରି ଅନ୍ୟ ବିଶ୍ୱବିଦ୍ୟାଳୟରେ ପୂରଣ କରାଯିବ। ଏଥିପାଇଁ ଉଚ୍ଚଶିକ୍ଷା ପରିଷଦ ୪ଜଣ କୁଳପତିଙ୍କୁ ନେଇ ଏକ କମିଟି ▶ପୃଷ୍ଠା-୭

## ଝାଡ଼ାବାନ୍ତିରେ ୪ ମୃତ

### ଗାଁରେ ପହଞ୍ଚିଲେ ଡାକ୍ତରୀ ଟିମ୍



■ **କୋରାପୁଟ, ୩୧।୭ (ସମିସ):** ଗତ କିଛି ଦିନ ମଧ୍ୟରେ ବୋରିଗୁମ୍ମା ବ୍ଲକ୍ ମାଲଦା ଗ୍ରାମରେ ୪ ଜଣଙ୍କ ମୃତ୍ୟୁ ହୋଇଛି। ବୋରିଗୁମ୍ମା ବ୍ଲକ ମାଲଦା ଗ୍ରାମରେ ଏବେ ଝାଡ଼ାବାନ୍ତି ବ୍ୟାପିବାରୁ ଲୋକେ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ଝାଡ଼ାବାନ୍ତି ସୂଚନା ପାଇବା ପରେ ମେଡ଼ିକାଲ ଟିମ୍ ଗାଁରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରୁଥିବା ଜଣାପଡ଼ିଛି।

ଗୁରୁବାର ବୋରିଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ, ବୋରିଗୁମ୍ମା ବ୍ଲକ କର୍ମଚାରୀ ,ଏଏନଏମ ଏବଂ ଅନ୍ୟ କର୍ମଚାରୀ ଗାଁରେ ପହଞ୍ଚି ଘରକୁ ଘର ବୁଲି ଲୋକଙ୍କ ସହ ଆଲୋଚନା କରିଥିଲେ। ଡାକ୍ତରୀ ଦଳ ଗ୍ରାମବାସୀ ବ୍ୟବହାର କରୁଥିବା ନଳକୂପ, ଗଭୀର କୂପ ଏବଂ ପାଇପ୍ ଲାଇନ୍ ପାଣି ସାମ୍ପୁଲ ପରୀକ୍ଷା କରିଥିଲେ। ଲୋକଙ୍କୁ ସଚେତନ କରି ଖାଇବା ପୂର୍ବରୁ ହାତ ସଫା କରିବା, ବାସି ଖାଦ୍ୟ ନ ଖାଇବା, ପାଣିକୁ ଫୁଟାଇ ସେଥିରେ ହାଲୋଜେନ ଟାବଲେଟ୍ ପକାଇ ପିଇବା ପାଇଁ ପରାମର୍ଶ ଦେଇଥିଲେ। ଗାଁରେ ନାଳନର୍ଦ୍ଦମା ସଫା ସୁତୁରା ରଖିବା ପାଇଁ ମଧ କହିଛନ୍ତି। ଗାଁରେ ମେଡ଼ିକାଲ କ୍ୟାମ୍ପ୍ କରି ସପ୍ତାହେ ଯାଏ ୨୪ ଘଣ୍ଟା ସେବା ଯୋଗାଇ ଦେବାକୁ ମେଡ଼ିକାଲ ଅଫିସର କର୍ମଚାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

କୋଟପାଡ଼ ବିଧାୟକ ରୂପୁ ଭତ୍ରା ସ୍ଥିତି ଅନୁଧ୍ୟାନ କରିବା ପାଇଁ ମାଲଦା ଗାଁକୁ ଯାଇ ଲୋକଙ୍କ ସହ ଆଲୋଚନା କରିବା ସହ ମେଡ଼ିକାଲ ଟିମ ସହ ଆଲୋଚନା କରିଥିଲେ। ଲୋକେ ଦୂଷିତ ପାଣି ବ୍ୟବହାର ନ କରିବା ପାଇଁ ପରାମର୍ଶ ଦେଇଥିଲେ ଏବଂ କିଛି ଦିନ ଟ୍ୟାଙ୍କର ସାହାଯ୍ୟରେ ପିଇବା ପାଣି ଯୋଗାଇ ଦେବେ ବୋଲି କହିଛନ୍ତି। ବୋରିଗୁମ୍ମା ବିଡ଼ିଓ ମଧ ଗାଁରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ତେବେ ୪ଜଣଙ୍କ ମୃତ୍ୟୁ ଝାଡ଼ାବାନ୍ତି ନା ଅନ୍ୟ କାରଣରୁ ହୋଇଛି ତାହା ସ୍ପଷ୍ଟ ହୋଇପାରିନାହିଁ।

## ହାତୀ ଆକ୍ରମଣରେ ୩ ମୃତ

■ **ଢେଙ୍କାନାଳ, ୩୧।୭ (ସମିସ):** ଢେଙ୍କାନାଳ ବନଖଣ୍ଡ ହିନ୍ଦୋଳ ବନାଞ୍ଚଳ ରାସୋଳ ସେକ୍ସନ୍ ଅନ୍ତର୍ଗତ ବାଘଧରିଆ ଗ୍ରାମରେ ଆଜି ଏକ ହାତୀ ଆକ୍ରମଣରେ ୩ଜଣଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ, ଗ୍ରାମର ଶଶି ସାହୁ (୬୪), କରୁଣାକର ଦେହୁରୀ (୬୬) ଓ ଝୁଲଣ ଦେହୁରୀ (୫୪) ।

ଆଜି ସକାଳେ ଶଶି ଗାଁ ପୋଖରୀକୁ ଶୌଚ ପାଇଁ ଯାଇଥିବା ବେଳେ ୩ ଟିକିଆ ହାତୀପଲ ମଧ୍ୟରୁ ଗୋଟିଏ ଦନ୍ତାହାତୀ ଆସି ତାଙ୍କୁ ଆକ୍ରମଣ କରିଥିଲା। ଏଥିରେ ସେ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ହିନ୍ଦୋଳ ମେଡିକାଲରେ ଭର୍ତ୍ତି କରାଯାଇଥିଲେ ମଧ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ସେହିପରି, କରୁଣାକର ଦେହୁରୀ ହାତୀପଲକୁ ଦେଖି ଗାଁ ଆଡ଼କୁ ଦୌଡ଼ି ପଳାଉଥିବା ବେଳେ ଗୋଟିଏ ହାତୀ ତାଙ୍କୁ ଆକ୍ରମଣ କରିଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ହୋଇଥିଲା। ଏହି ସମୟରେ ଝୁଲଣ ଦେହୁରୀ ନଳକୂଅରୁ ପାଣି ଆଣିବାକୁ ଯାଇଥିବା ବେଳେ ହାତୀ ତାଙ୍କୁ ଗାଁ ରାସ୍ତାରେ କଚାଡ଼ି ମାରି ଦେଇଥିଲା।

**ଶବ ରଖି ପୁରୁଣା କଟକ-ସମ୍ବଲପୁର ରାସ୍ତା ଅବରୋଧ**

ହାତୀ ଆକ୍ରମଣରେ ଦିନକରେ ୩ଜଣଙ୍କ ମୃତ୍ୟୁକୁ ନେଇ ଗ୍ରାମରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଗ୍ରାମବାସୀଙ୍କ ସହ ଆଖପାଖ ଅଞ୍ଚଳବାସୀ ଏକତ୍ରିତ ହୋଇ ପୁରୁଣାକଟକ-ସମ୍ବଲପୁର ରାସ୍ତାର ସାତମାଇଲ ଛକ ନିକଟରେ ଶବ ରଖି ରାସ୍ତା ଅବରୋଧ କରିଥିଲେ।

ଗ୍ରାମବାସୀମାନେ ଅଭିଯୋଗ କରିଥିଲେ ଯେ ଗାଁ ନିକଟରେ ହାତୀପଲ ଥିବା ସମ୍ପର୍କରେ ଗ୍ରାମବାସୀ ପୂର୍ବ ଦିନ ବନବିଭାଗକୁ ଖବର ଦେଇଥିଲେ ମଧ୍ୟ ଏଥିପ୍ରତି ବିଭାଗ କର୍ଣ୍ଣପାତ ନକରି କୌଣସି ପଦକ୍ଷେପ ନେଇ ନଥିବାରୁ ହାତୀ ଆକ୍ରମଣରେ ତିନିଜଣଙ୍କ ମୃତ୍ୟୁ ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଥିଲେ। ଏପରିକି, ହାତୀ ସ୍କ୍ୱାଡ୍‌ଙ୍କର ମଧ୍ୟ ଦେଖାନଥିଲା। ଅନ୍ୟପଟେ ହାତୀ ଆକ୍ରମଣରେ ଗ୍ରାମରେ ତିନିଜଣଙ୍କ ମୃତ୍ୟୁ ଖବର ଦିଆଯାଇଥିଲେ ମଧ ବହୁ ବିଳମ୍ବରେ ପୁଲିସ ଆସିବା ପରେ ବନ ବିଭାଗ କର୍ମଚାରୀ ପହଞ୍ଚିଥିଲେ। ଏହାର ଦୀର୍ଘ ସମୟ ପରେ ବନାଞ୍ଚଳ ଅଧିକାରୀ ଗୌତମ ପ୍ରଧାନ ପହଞ୍ଚିବାରେ ଗ୍ରାମବାସୀ ▶ପୃଷ୍ଠା-୭

**ପୁରୀ ରଥଯାତ୍ରା ଦଳାଚକଟା ଘଟଣା**

## ମୁଖ୍ୟମନ୍ତ୍ରୀଙ୍କୁ ତଦନ୍ତ ରିପୋର୍ଟ ଦେଲେ ଉନ୍ନୟନ କମିସନର

■ **ଭୁବନେଶ୍ୱର, ୩୧।୭ (ସମିସ):** ରଥଯାତ୍ରା ସମୟରେ ପୁରୀ ଶରଧାବାଲିରେ ଦଳାଚକଟା ଘଟଣାରେ ଗୁରବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ତଦନ୍ତ ରିପୋର୍ଟ ପ୍ରଦାନ କରିଛନ୍ତି ଉନ୍ନୟନ କମିସନର ଅନୁ ଗର୍ଗ। ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଉନ୍ନୟନ କମିସନର ଅନୁ ଗର୍ଗ ଏହି ରିପୋର୍ଟ ଦାଖଲ କରିଛନ୍ତି। ତଦନ୍ତ ରିପୋର୍ଟ ମିଳିଥିବା ବେଳେ ଏହା ଉପରେ ସରକାର କ'ଣ କାର୍ଯ୍ୟାନୁଷ୍ଠାନ ନେବେ ସେନେଇ ସାଧାରଣରେ ଉତ୍କଣ୍ଠା



ପ୍ରକାଶ ପାଇଛି। ସୂଚନାଯୋଗ୍ୟ ଯେ ଗତ ଜୁନ ୨୯ ତାରିଖ ଭୋର ସକାଳୁ ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖ ଶରଧାବାଲିରେ ଦଳାଚକଟା ହୋଇଥିଲା। ଏହି ଅପ୍ରୀତିକର ▶ପୃଷ୍ଠା-୭

**ସରକାର ଉଦାସୀନ, ଚାଷୀ ହନ୍ତସନ୍ତ**

## ଆଖୁ ଚାଷର ଆଖି ବନ୍ଦ

■ **ଭୁବନେଶ୍ୱର, ୩୧।୭ (ସମିସ):** ରାଜ୍ୟରେ ଚିନି, ଗୁଡ଼ ଓ ଆଖୁ ଉତ୍ପାଦର ଆବଶ୍ୟକତା ପ୍ରତିବର୍ଷ ବଢ଼ୁଛି; ମାତ୍ର ଆଖୁ ଚାଷ ପ୍ରତିବର୍ଷ କମି କମି ଚାଲିଛି। ଗୋଟିଏପଟେ ଚିନିର ଆବଶ୍ୟକତା ବୃଦ୍ଧି ପାଉଥିବାବେଳେ ଆଖୁ ଚାଷ କମିବା ଯୋଗୁଁ ଅନ୍ୟ ରାଜ୍ୟ ଉପରେ ଓଡ଼ିଶା ଅଧିକ ନିର୍ଭରଶୀଳ ହେଉଛି। ରାଜ୍ୟରେ ଆଖୁ ଚାଷ ହ୍ରାସ ହେବା ସହ ଚିନି କଳ ବନ୍ଦ ହେବାରେ ଲାଗିଛି ଓ ଆଖୁ ଚାଷୀଙ୍କ ଆର୍ଥିକ ସ୍ଥିତି ଖରାପ ହେବାରେ ଲାଗିଛି। ଏ ସମ୍ପର୍କରେ ରାଜ୍ୟସ୍ତରୀୟ କମିଟି, ବିଧାନସଭାରେ କୃଷି ବିଭାଗ ଷ୍ଟାଣ୍ଡିଂ କମିଟି ବିଭିନ୍ନ ସମୟରେ ଦେଇଥିବା ରିପୋର୍ଟକୁ କାର୍ଯ୍ୟକାରୀ କରାଯାଉ ନାହିଁ କିମ୍ବା ଆଖୁ ଚାଷକୁ ପ୍ରୋତ୍ସାହିତ କରିବା ପରି କାର୍ଯ୍ୟକ୍ରମ ହାତକୁ ନିଆଯାଉ ନାହିଁ। ମାତ୍ର ସରକାର ଆଖୁ ଚାଷ ପ୍ରତି ଆଖି ବୁଜି ଦେଇଛନ୍ତି। ବିଜେପି ସରକାର କୃଷି କ୍ଷେତ୍ରକୁ ପ୍ରୋତ୍ସାହନ ଦେଉଥିବା ଡିଣ୍ଡିମ ପିଟୁଥିଲେ ବି ବର୍ତ୍ତମାନ ସୁଦ୍ଧା ରାଜ୍ୟରେ କୌଣସି ଚାଷରେ ସଂସ୍କାର ଆସିପାରୁନି।

### କ୍ରମାଗତ ଭାବେ କମୁଛି ଉତ୍ପାଦନ

### ବନ୍ଦ ହେବାରେ ଲାଗିଛି ଚିନି କଳ

ପରିସଂଖ୍ୟାନ ଅନୁସାରେ ଓଡ଼ିଶାରେ ଚିନିର ଆବଶ୍ୟକତା ବାର୍ଷିକ ପ୍ରାୟ ୪ଲକ୍ଷ ଟନ୍। ମାତ୍ର ରାଜ୍ୟରେ ଗୋଟିଏ ପରେ ଗୋଟିଏ ଚିନିକଳ ବନ୍ଦ ହେବାରେ ଲାଗିଛି। ଏହାଦ୍ୱାରା ଆମକୁ ବାହାର ରାଜ୍ୟରେ ଉତ୍ପାଦିତ ଚିନି ଉପରେ ନିର୍ଭରଶୀଳ ହେବାକୁ ପଡୁଛି। ବର୍ତ୍ତମାନ ସମୟରେ ଆସିକା ଚିନି କଳ ଦୟନୀୟ ସ୍ଥିତିରେ ଚାଲୁଥିବାବେଳେ ନୟାଗଡ, ବଡମ୍ବା, ବରଗଡ, ବଲାଙ୍ଗିରର ତୋରା ଆଦି ଚିନି କାରଖାନା ସଂପୂର୍ଣ୍ଣ ରୂପେ ବନ୍ଦ ହୋଇଯାଇଛି। ବେସରକାରୀ ଉଦ୍ୟମରେ ଢେଙ୍କାନାଳ ଚିନି କାରଖାନାଟି କଷ୍ଟେମଷ୍ଟେ ଚାଲିଛି। ଚିନି କାରଖାନା ସବୁ ବନ୍ଦ ହୋଇଯିବା ଯୋଗୁଁ ଆଖୁ ବିକ୍ରି ସମସ୍ୟା ଓ ଆଖୁଚାଷ ପାଇଁ ପ୍ରୋତ୍ସାହନ ମିଳୁନି। ଫଳସ୍ୱରୂପ ଚାଷୀ ଆଖୁ ଚାଷରୁ ମୁହଁ ଫେରାଇ ନେଉଛି। ନବରଙ୍ଗପୁର, କୋରାପୁଟ ଆଦି ଜିଲ୍ଲାରେ ଭଲ ଆଖୁ ଉତ୍ପାଦନ ପାଇଁ ଅନୁକୂଳ ପରିବେଶ ଥିବା ସତ୍ତ୍ୱେ ଚାଷୀମାନେ ଆଖୁଚାଷ କରିବାକୁ ▶ପୃଷ୍ଠା-୭

## ବିରତି ନେବ ମୌସୁମୀ

■ **ଭୁବନେଶ୍ୱର, ୩୧।୭ (ସମିସ):** ପଛକୁ ପଛ ଲଘୁଚାପ ଯୋଗୁଁ ସକ୍ରିୟ ରହିଥିବା ମୌସୁମୀ କିଛି ସମୟ ପାଇଁ ବିରତି ନେବ। ଏହି ବିରତି ଅଗଷ୍ଟ ଦ୍ୱିତୀୟ ସପ୍ତାହ ଅର୍ଥାତ୍ ପ୍ରାୟ ୧୨ ତାରିଖ ଯାଏଁ ଜାରି ରହିବ। ଏହି ସମୟରେ ମୌସୁମୀ ବାୟୁ ନିଷ୍କ୍ରିୟ ହେବା ଫଳରେ ରାଜ୍ୟରେ ବର୍ଷା କମିବ ଓ ପାଗ ଶୁଖିଲା ରହିବ। ଗଲା କିଛି ବର୍ଷ ହେବ ମୌସୁମୀ ଓଡ଼ିଶା ଛୁଇଁବାର ମାସେରୁ ଦେଢ଼ ମାସ ପରେ ଏହି ସ୍ଥିତି ଅର୍ଥାତ୍ 'ମୌସୁମୀ ବ୍ରେକ୍' ହେଉଥିବା ବେଳେ ଚଳିତ ବର୍ଷ ଆରମ୍ଭରୁ ଦେଢ଼ ସପ୍ତାହ ମୌସୁମୀ ବ୍ରେକ୍ ଲାଗିଥିଲା। ପୁଣି ଏହି ସ୍ଥିତି ସହ ଚଳିତ ବର୍ଷ ଦ୍ୱିତୀୟ ବିରତି ଆରମ୍ଭ ହେବାକୁ ଯାଉଛି। ସାଧାରଣତଃ ମୌସୁମୀ ବିରତି ସମୟରେ ଆକାଶ ନିର୍ମଳ ରହିଥାଏ ଓ ସୂର୍ଯ୍ୟକିରଣ ▶ପୃଷ୍ଠା-୭

**ବଢ଼ିବ ତାପମାତ୍ରା, ବୃଦ୍ଧି ପାଇବ ବଜ୍ରପାତ**

**ଅଗଷ୍ଟ ମାସରେ ସ୍ୱାଭାବିକଠାରୁ କମ୍ ବର୍ଷା**

## ରୁଷ୍‌ରେ କ୍ରମାଗତ ଦ୍ୱିତୀୟ ଦିନରେ ମଧ୍ୟ ଭୂକମ୍ପନ

ଭ୍ଲାଡିଭୋଷ୍ଟିକ୍, ୩୧।୭(ଏଜେନ୍ସି): ରୁଷିଆରେ କ୍ରମାଗତ ଦ୍ୱିତୀୟ ଦିନ ପାଇଁ ମଧ୍ୟ ଭୂକମ୍ପ ଆସିଛି। ରୁଷିଆର ପୂର୍ବାଞ୍ଚଳରେ ଥିବା କୁରିଲ ଦୀପରେ ଗୁରବାର ସକାଳେ ଆସିଥିବା ଭୂକମ୍ପର ତୀବ୍ରତା ୬.୫ ଥିଲା। ନ୍ୟାସନାଲ ସେଣ୍ଟର ଫର ସିସ୍‌ମୋଲୋଜି (ଏନ୍‌ସିଏସ୍) ମୁତାବକ ଏହି ଭୂକମ୍ପ ଭାରତୀୟ ସମୟ ଅନୁସାରେ ସକାଳ ୧୦.୫୭ରେ ଆସିଥିଲା ଓ ଏହାର ଗଭୀରତା ୧୦ କିମି ଥିଲା। ପୂର୍ବରୁ ବୁଧବାର କୁରିଲ ଦୀପ ନିକଟସ୍ଥ ସମୁଦ୍ରରେ ୮.୮ ତୀବ୍ରତାର ଭୂକମ୍ପ ଆସିଥିଲା। ଏହାକୁ ବିଶ୍ୱର ଷଷ୍ଠ ସର୍ବବୃହତ ଭୂକମ୍ପ ଥିଲା। କିନ୍ତୁ ଏଥରେ ଏପର୍ଯ୍ୟନ୍ତ ମୃତାହତର କୌଣସି ଖବର ଆସିନାହିଁ। ଏହି ଭୂକମ୍ପ ପରେ ରୁଷ, ଜାପାନ, ଚୀନ୍ ସମେତ ଏପରି ଆମେରିକା ପର୍ଯ୍ୟନ୍ତ ସୁନାମୀର ଲହଡି ପହଞ୍ଚିଥିଲା। ରୁଷରେ ଏହି ସୁନାମୀର ଉଚ୍ଚତା ୪ ମି ଥିବା ବେଳେ ଆମେରିକାରେ ଏହା ୧ ମି ଉଚ୍ଚତା ବିଶିଷ୍ଟ ଥିଲା। କୁରିଲରେ ଗତକାଲି ମଧ୍ୟ ୬.୩ ତୀବ୍ରତା ବିଶିଷ୍ଟ ଭୂକମ୍ପର ଝଟ୍‌କା ଅନୁଭୂତ ହୋଇଥିଲା। ଏହାକୁ ବାଦ୍ ଦେଲେ କାମଚଟକାରେ ମଧ୍ୟ ଭୂକମ୍ପ ପରେ ଆଗ୍ନେୟଗିରିରେ ବିସ୍ଫୋରଣ ହୋଇଥିଲା। ୮.୮ ତୀବ୍ରତା ବିଶିଷ୍ଟ ଭୂକମ୍ପ ଆସିବା ପରେ ଗତ ୧୬ ଘଣ୍ଟା ମଧ୍ୟରେ ରୁଷ ଓ ତା'ର ଆଖପାଖ ଅଞ୍ଚଳରେ ୧୨୫ଟି ଭୂକମ୍ପ ପରବର୍ତ୍ତୀ ଝଟ୍‌କା (ଆଫ୍ଟରସକ) ଅନୁଭୂତ ହୋଇଥିଲା ବୋଲି ଆମେରିକାର ଜିଓଲୋଜିକାଲ ସର୍ଭେ ତରଫରୁ ସୂଚନା ଦିଆଯାଇଛି। ଏହି ଆଫ୍ଟରସକ୍‌ର ତୀବ୍ରତା ୪.୪ କିମ୍ବା ତା'ଠାରୁ ଅଧିକ ଥିଲା। ଏଗୁଡିକ ମଧ୍ୟରେ ୩ଟି ଝଟ୍‌କା ୬.୦ରୁ ଅଧିକ ଥିଲା ଓ ସବୁଠାରୁ ବଡ଼ ଝଟକାର ତୀବ୍ରତା ୬.୯ ଥିଲା। ପୁଣି ବୁଧବାର ମୁଖ୍ୟ ଭୂକମ୍ପ କେନ୍ଦ୍ରର ଦକ୍ଷିଣ- ପଶ୍ଚିମ ଦିଗରେ ୨୦୦ ମାଇଲ ଦୂରରେ ୬.୪ ତୀବ୍ରତା ବିଶିଷ୍ଟ ଆଉଏକ ଝଟକା ଅନୁଭୂତ ହୋଇଥିଲା।

## ମୁମ୍ବାଇ ବିମାନ ବନ୍ଦରରେ ୮ କୋଟିର ଡ୍ରଗ୍ସ ଜବତ

ମୁମ୍ବାଇ, ୩୧।୭(ଏଜେନ୍ସି): ମୁମ୍ବାଇର ଛତ୍ରପତି ଶିବାଜୀ ମହାରାଜ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ୮ କୋଟି ଟଙ୍କା ଡ୍ରଗ୍ସ ଜବତ ହୋଇଛି। ବ୍ୟାଙ୍କକରୁ ଆସିଥିବା ଦୁଇଟି ବିମାନରୁ ଗଞ୍ଜେଇ ଜବତ କରାଯାଇଛି। ମୁମ୍ବାଇ କଷ୍ଟମ ଡିପାର୍ଟମେଣ୍ଟର ଆଭିଏସନ ଅଧିକାରୀମାନେ ଜୁଲାଇ ୨୯ ଓ ୩୦ ତାରିଖରେ ଏହି ଡ୍ରଗ୍ସ ଜବତ କରିଛନ୍ତି। ଏହି ମାମଲାରେ ୪ ଜଣଙ୍କୁ ଗିରଫ କରାଯାଇଛି। ବ୍ୟାଙ୍କକ୍‌ରୁ ଅବତରଣ କରିଥିବା ବିଜି ୭୬୦ ବିମାନରୁ ୩ ଜର ସଂଦିଗ୍ଧଙ୍କୁ ଅଟକ ରଖାଯାଇଥିଲା। ଏମାନଙ୍କଠାରୁ ଯାଞ୍ଚ କରାଯିବା ପରେ ୧.୯୯୦ କେଜି ଗଞ୍ଜେଇ ମିଳିଥିଲା। ବଜାରେ ଏହାର ମୂଲ୍ୟ ପାଖାପାଖି ୨ କୋଟି ଟଙ୍କା ବୋଲି କୁହାଯାଇଛି। ସେହିପରି ବ୍ୟାଙ୍କକରୁ ଆସିଥିବା ୬ଇ ୧୦୬୦ ବିମାନରେ ଜଣେ ଯାତ୍ରୀଙ୍କ ପାଖରୁ ୬.୨୨ କେଜି ଗଞ୍ଜେଇ ଜବତ କରାଯାଥିଲା ଓ ଏହାର ମୂଲ୍ୟ ୬ କୋଟି ଟଙ୍କା ବୋଲି କୁହାଯାଇଛି। ଏହି ଦୁଇଟି ମାମଲାରେ ଆଭିଏସନ ଅଧିକାରୀମାନେ ମୋଟ ଉପରେ ୮ କେଜି ଟଙ୍କାର ଡ୍ରଗ୍ସ ଜବତ କରିଛନ୍ତି। ଏହି ୪ ଜଣ ଅଭିଯୁକ୍ତଙ୍କ ବିରୋଧରେ ମାମଲା ରୁଜୁ କରାଯାଇଛି। ପୂର୍ବରୁ ପାଖାପାଖି ୪ ମାସ ତଳେ ଗୁଜରାଟ୍‌ରେ ଇଣ୍ଡିଆନ କୋଷ୍ଟ ଗାର୍ଡ (ଆଇସିଜି) ୩୦୦ କେଜି ଡ୍ରଗ୍ସ ଜବତ କରିଥିଲା ଓ ଏହାର ମୂଲ୍ୟ ପାଖାପାଖି ୧, ୮୦୦ କୋଟି ଟଙ୍କା ବୋଲି କୁହାଯାଇଥିଲା।

## ପାଲେଷ୍ଟାଇନ୍‌କୁ ମାନ୍ୟତା ଦେବ କାନାଡ଼ା

ଓଟାୱା, ୩୧।୭(ଏଜେନ୍ସି): ପାଲେଷ୍ଟାଇନ୍‌କୁ ମାନ୍ୟତା ଦେବା ପାଇଁ ପାଶ୍ଚାତ୍ୟ ଦେଶଗୁଡିକରେ ଏକ ପ୍ରକାର ପ୍ରତିଯୋଗିତା ଆରମ୍ଭ ହୋଇଛି। ଫ୍ରାନ୍ସ ଓ ବ୍ରିଟେନ ପରେ କାନାଡା ପାଲେଷ୍ଟାଇନ୍‌କୁ ଏକ ସ୍ୱତନ୍ତ୍ର ରାଷ୍ଟ୍ର ଭାବେ ମାନ୍ୟତା ଦେବାକୁ ଅଣ୍ଟା ଭିଡିଛି। କାନାଡ଼ା ପ୍ରଧାନମନ୍ତ୍ରୀ ମାର୍କ କାର୍ଣ୍ଣି ଏ ନେଇ ଘୋଷଣା କରିଛନ୍ତି। ଆଗାମୀ ସେପ୍ଟେମ୍ବରରେ ଜାତିସଂଘରେ ଆୟୋଜନ ହେବାକୁ ଥିବା ସାଧାରଣ ସଭାରେ ପାଲେଷ୍ଟାଇନ୍‌କୁ ଔପଚାରିକ ଭାବେ ଏକ ସ୍ୱତନ୍ତ୍ର ରାଷ୍ଟ୍ରର ମାନ୍ୟତା ଦିଆଯିବାର କାର୍ଯ୍ୟକ୍ରମ ରହିଛି। ଏଥିସହ ଜି-୭ର ତୃତୀୟ ରାଷ୍ଟ୍ର ଭାବେ କାନାଡା ପାଲେଷ୍ଟାଇନ୍‌କୁ ମାନ୍ୟତା ଦେବାକୁ ଘୋଷଣା କରିଛି। ଗାଜା ପଟିରେ ଗତ ଦୁଇ ବର୍ଷ ହେବ ଇସ୍ରାଏଲ ଓ ହମାଦ ମଧ୍ୟରେ ଯୁଦ୍ଧ ଚାଲିଛି। ଏଠାରେ ଖାଦ୍ୟ ଓ ଜଳ ସଂକଟ ଦେଖାଦେଇଛି। ଏଥିପାଇଁ ବିଶ୍ୱରେ ଇସ୍ରାଏଲ ଉପରେ ଚାପ ବୃଦ୍ଧି ପାଇବାରେ ଲାଗିଛି। ଅବଶ୍ୟ ପାଲେଷ୍ଟାଇନକୁ ମାନ୍ୟତା ଦେବାରେ ଇସ୍ରାଏଲ କୋଡୋଟି ସର୍ତ୍ତ ରଖିଛି। ଏଥିସହ କାର୍ଣ୍ଣି ପାଲେଷ୍ଟାଇନ୍‌କୁ ୬୩ କୋଟି ଟଙ୍କାର ଆର୍ଥିକ ସାହାଯ୍ୟ ଦେବାକୁ ମଧ୍ୟ ଘୋଷଣା କରିଛି।

## ହରିଦ୍ୱାରରେ ୪୮ କ୍ରସର ୟୁନିଟ୍ ବନ୍ଦ କରିବାକୁ ନିର୍ଦ୍ଦେଶ

ନୈନତାଲ, ୩୧।୭(ଏଜେନ୍ସି): ହରିଦ୍ୱାର ଅଞ୍ଚଳରେ ଚାଲୁଥିବା ୪୮ ଟି ଷ୍ଟୋନ କ୍ରସରକୁ ବନ୍ଦ କରିବାକୁ ଉତ୍ତରାଖଣ୍ଡ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏହି କ୍ରସରଗୁଡିକଠାରୁ ବିଦ୍ୟୁତ ସଂଯୋଗ କାଟିବା ସହ ଜଳ ଯୋଗାଣକୁ ତୁରନ୍ତ ବନ୍ଦ କରବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ପୁଣି ଗୋଟିଏ ସପ୍ତାହ ମଧ୍ୟରେ ଏ ନେଇ କି ପଦକ୍ଷେପ ନିଆଯାଇଛି ସେ ସେ ନେଇ ରିପୋର୍ଟ ଦେବାକୁ କହିଛନ୍ତି। ଏହି ମାମଲାର ପରବର୍ତ୍ତୀ ଶୁଣାଣି ସେପ୍ଟେମ୍ବରରେ ୧୨ରେ ହେବ। ହରିଦ୍ୱାର ମାତୃ ସଦନ ଏହି ମାମଲାରେ ପିଆଇଏଲ୍ ଦାଏର କରିଥିଲା। ହରିଦ୍ୱାର ନିକଟରେ ଗଙ୍ଗନଦୀ କୂଳରେ ଅବୈଧ ଖନନ୍ ନେଇ ଓ ଗଙ୍ଗାନଦୀ ଅସ୍ତିତ୍ୱ ନେଇ ଚିନ୍ତା ଜାହିର କରାଯାଇଥିଲା। ପୁଣି ଗଙ୍ଗା ନଦୀରେ ଚାଲିଥିବା ଅବୈଧ ଖନନକୁ ରୋକିବା ପାଇଁ ଆବେଦନରେ ଉଲ୍ଲେଖ କରାଯାଇଥିଲା। ଏବେ କୁମ୍ଭ କ୍ଷେତ୍ରରେ ଖନନ କରାଯାଉଥିବାରୁ ଗଙ୍ଗା ନଦୀର ଅସ୍ତିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ବୋଲି କୁହାଯାଇଛି।

## ଚୀନ୍‌ରେ ବନ୍ୟା ଓ ଭୂସ୍ଖଳନ; ୩୪ ମୃତ

ବେଜିଂ, ୩୧।୭(ଏଜେନ୍ସି): ଚୀନ୍‌ରେ ବନ୍ୟା କାରଣରୁ ଭୟଙ୍କର ସ୍ଥିତି ସୃଷ୍ଟି ହୋଇଛି। ବନ୍ୟା ଓ ଭୁସ୍ଖଳନ ଯୋଗୁଁ ୩୪ ଲୋକ ମୃତ୍ୟୁବରଣ କରିଛନ୍ତି। ବେଜିଂ ଓ ତା'ର ଆଖପାଖ ଅଞ୍ଚଳରେ ୮୦ ହଜାର ଲୋକଙ୍କୁ ଉଦ୍ଧାର କରାଯାଇଛି। ବେଜିଂରେ ଏ ନେଇ ହାଇ ଆଲର୍ଟ ଜାରି କରାଯାଇଛି ଓ ସବୁ ପ୍ରକାର ନିର୍ମାଣ କାର୍ଯ୍ୟକୁ ବନ୍ଦ ରଖାଯାଇଛି। ଉଦ୍ଧାରକାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ରାଷ୍ଟ୍ରପତି ସି ଜିନପିଙ୍ଗ୍ ନିର୍ଦ୍ଦେଶ ଦେଇଛନ୍ତି।

## ଅଷ୍ଟ୍ରେଲିଆରେ ୧୬ ବର୍ଷରୁ କମ୍ ପିଲା ୟୁଟ୍ୟୁବରେ ଆକାଉଣ୍ଟ ଖୋଲିପାରିବେନି




କାନବେରା, ୩୧।୭(ଏଜେନ୍ସି): ଅଷ୍ଟ୍ରେଲିଆରେ ୧୬ ବର୍ଷରୁ କମ୍ ବୟସ୍କ ପିଲା ସୋସିଆଲ ମିଡିଆ ୟୁଟ୍ୟୁବରେ ଆକାଉଣ୍ଟ ଖୋଲିପାରିବେ ନାହିଁ। ଅଗାମୀ ଡିସେମ୍ବର ୧୦ରୁ ଏହି ନୂଆ ନିୟମ ଲାଗୁ ହେବ ବୋଲି ଅଷ୍ଟ୍ରେଲିଆ ଟେଲିକମ୍ୟୁନିକେସନ ମନ୍ତ୍ରୀ ଅନିକା ବେଲ୍ସ କହିଛନ୍ତି। ତେବେ ପିଲାମାନେ ୟୁଟ୍ୟୁବ ବ୍ୟବହାର କରି ଭିଡିଓ ଦେଖିପାରିବେ ବୋଲି କୁହାଯାଇଛି। ଗତବର୍ଷ ନଭେମ୍ବରରେ ଅଷ୍ଟ୍ରେଲିଆ ୧୬ ବର୍ଷରୁ କମ୍ ବୟସ୍କ ପିଲାଙ୍କ ପାଇଁ ସୋସିଆଲ ମିଡିଆ ବ୍ୟାନ କରିବାକୁ ସଂସଦରେ ବିଲ ପାସ୍ ହୋଇଥିଲା। ଏଥିରେ ଫେସବୁକ୍, ଇନଷ୍ଟାଗ୍ରାମ, ସ୍ନାପ୍ ଚାଟ, ଟିକଟକ ଓ ଏକ୍ସ ଭଳି ପ୍ଲାଟଫର୍ମ ସାମିଲ ରହିଥିଲା। ସେତେବେଳେ ଏଥିରେ ୟୁଟ୍ୟୁବ୍‌କୁ ସାମିଲ କରାଯାଇ ନଥିଲା। ଏଥିସହ ବିଶ୍ୱର ପ୍ରଥମ ଦେଶ ଭାବେ ଅଷ୍ଟ୍ରେଲିଆ ସୋସିଆଲ ମିଡିଆକୁ ୧୬ ବର୍ଷରୁ କମ୍ ପିଲାଙ୍କ ପାଇଁ ବ୍ୟାନ କରି ଏକ ଦୃଷ୍ଟାନ୍ତମୂଳକ ପ୍ରଦକ୍ଷେପ ନେଇଛି। ଏହି ଆଇନ୍ ଅନୁସାରେ ପିତାମାତାଙ୍କ ସହମତି କିମ୍ବା ପୂର୍ବରୁ ଖୋଲାଯାଇଥିବା ଆକାଉଣ୍ଟକୁ ଅନୁମତି ଦିଆଯାଇନାହିଁ। ଅଗାମୀ ଗୋଟିଏ ବର୍ଷ ମଧ୍ୟରେ ଏହି ଆଇନ କାର୍ଯ୍ୟକାରୀ ହେବ। ତେବେ ଗେମିଂ ଓ ମେସେଜିଂ ଆପ୍ ଉପରେ କୌଣସି ନିଷେଧାଦେଶ ଜାରି କରାଯାଇନାହିଁ।

## କାର୍ ସହ ଜିଅନ୍ତା ଜଳିଗଲେ ଯୁବକଯୁବତୀ



ଅମୃତସର, ୩୧।୭(ଏଜେନ୍ସି): ପଞ୍ଜାବର ଅମୃତସରରେ ଗୁରୁବାର ଅପରାହ୍ଣରେ ଏକ କାର୍ ସହ ଯୁବକ ଓ ଯୁବତୀ ଜିଅନ୍ତା ଜଳିଯାଇଛନ୍ତି। ପେଟ୍ରୋଲ ନେଇ ଏକ ଟ୍ୟାଙ୍କର ଯାଉଥିବା ବେଳେ ଟାୟାର ଫାଟି ଯାଇଥିଲା। ଫଳରେ ନିୟନ୍ତ୍ରଣ ହରାଇ ଟ୍ୟାଙ୍କର ଏକ କାର୍‌କୁ ଧକ୍କା ଦେଇଥିଲା। ଟ୍ୟାଙ୍କର ଏତେ ଜୋରରେ ଧକ୍କା ଦେଇଥିଲା ଯେ, କାର୍‌ରେ ନିଆଁ ଲାଗି ଯାଇଥିଲା। ଫଳରେ କାରରେ ବସିଥିବା ଯୁବକ ଓ ଯୁବତୀ ଜିଅନ୍ତା ଜଳି ଯାଇଥିଲେ ଓ ଘଟଣାସ୍ଥଳରେ ହିଁ ଦୁହେଁ ମୃତ୍ୟୁବରଣ କରିଥିଲେ। ଧକ୍କା ଖାଇବା ପରେ କାର ରେଲିଂରେ ବାଡେଇ ହେବା ପରେ ନିଆଁ ଲାଗିଯାଇଥିଲା ବୋଲି ପ୍ରତ୍ୟେକ୍ଷଦର୍ଶୀ କହିଛନ୍ତି। ଘଟଣା ପରେ ଟ୍ୟାଙ୍କର ଡ୍ରାଇଭର ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଅଧଘଣ୍ଟା ପରେ ଦମକଳ ଆସିଥିଲା। ଏହାପରେ ସେନାର ଟିମ ଆସି କାରକୁ କାଟି ମୃତଦେହ ବାହର କରିଥିଲା। ମୃତଦେହକୁ ଚିହ୍ନଟ କରାଯାଇନାହିଁ। କିନ୍ତୁ କାରରେ ଦିଲ୍ଲୀର ନମ୍ବର ପ୍ଲେଟ ରହିଛି। ଟ୍ୟାଙ୍କର ଜଳନ୍ଧରରୁ ପେଟ୍ରୋଲ ନେଇ ଆସୁଥିଲା।

### ମାଲେଗାଁଓ ବିସ୍ଫୋରଣ

## ପ୍ରଜ୍ଞା, ପୁରୋହିତ ଦୋଷମୁକ୍ତ



ମୁମ୍ବାଇ, ୩୧।୭(ଏଜେନ୍ସି): ମହାରାଷ୍ଟ୍ରର ମଲେଗାଁଓ ବିସ୍ଫୋରଣରେ ସାଧ୍ୱୀ ପ୍ରଜ୍ଞା ଓ କର୍ଣ୍ଣଲ ପୁରୋହିତଙ୍କ ସମେତ ୭ ଜଣ ଅଭିଯୁକ୍ତ ଖଲାସ ହୋଇଛନ୍ତି। ଏନ୍‌ଆଇଏର ସ୍ୱତନ୍ତ୍ର କୋର୍ଟ ୭ ଜଣ ଅଭିଯୁକ୍ତଙ୍କୁ ପ୍ରମାଣ ଅଭାବରୁ ଖଲାସ କରିଛନ୍ତି। ବିଜେପିର ପୂର୍ବତନ ସାଂସଦ ସାଧ୍ୱୀ ପ୍ରଜ୍ଞ ଠାକୁର, କର୍ଣ୍ଣଲ ପ୍ରସାଦ ପୁରୋହିତ, ରମେଶ ଉପାଧ୍ୟାୟ, ଅଜୟ ରହିରକର, ସୁଧାକର ଜତୁର୍ବେଦୀ, ସମୀର କୁଲକର୍ଣ୍ଣୀ ଓ ସୁଧାକର ଧର ଦ୍ୱିବେଦୀ ଏହି ବିସ୍ଫୋଣରେ ମୁଖ୍ୟ ଅଭିଯୁକ୍ତ ଥିଲେ। ପୀଡିତଙ୍କ ଓକିଲ ସହୀଦ ନବୀନ ଅନସାରୀ ଏନ୍‌ଆଇଏ କୋର୍ଟର ଏହି ରାୟକୁ ହାଇକୋର୍ଟରେ ଚ୍ୟାଲେଞ୍ଜ କରିବେ ବୋଲି କହିଛନ୍ତି। ଏହି ମାମଲାରେ ଯାଞ୍ଚ ଏଜନ୍ସି ଓ ସରକାର ବିଫଳ ହୋଇଛନ୍ତି।

ମାଲେଗାଁଓରେ ୨୦୦୮ରେ ସେପ୍ଟେମ୍ବର ୨୯ରେ ବୋମା ବିସ୍ଫୋରଣ ହୋଇଥିଲା। ଏଥିରେ ୬ଜଣ ଲୋକ ପ୍ରାଣ ହରାଇଥିଲେ ଓ ପାଖାପାଖି ୧୦୦ ଲୋକ ଆହତ ହୋଇଥିଲେ। ପାଖାପାଖି ୧୭ ବର୍ଷ ପରେ ଆସିଥିବା ଏହି ରାୟ ନେଇ ବିଚାରପତି ଏକେ ଲାହୋଟି କହିଛନ୍ତି ଯେ, ଯାଞ୍ଚ ଏଜେନ୍ସି ଏହି ବହୁ ଚର୍ଚ୍ଚିତ ମାମଲାରେ ଅଭିଯୋଗ ପ୍ରମାଣ କରିବାରେ ବିଫଳ ହୋଇଛନ୍ତି। ଏପରି ସ୍ଥଳେ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇପାରିବ ନାହିଁ ବୋଲି ସେ କହିଛନ୍ତି। ବିସ୍ଫୋରଣ ହୋଇଥିଲା। କିନ୍ତୁ ବମ୍ ମଟରସାଇକଲରେ ରଖାଯାଇଥିଲା ବୋଲି କୌଣସି ପ୍ରମାଣ ମିଳିନାହିଁ ବୋଲି ଜଜ୍ ଲାହୋଟି କହିଛନ୍ତି। ପୁଣି ଏହି ମୋଟରସାଇକଲ ସାଧ୍ୱୀ ପ୍ରଜ୍ଞାଙ୍କ ନାମରେ ରହିଛ ବୋଲି ତାହା ମଧ୍ୟ ପ୍ରମାଣିତ ହୋଇନାହିଁ। ସେହିପରି କର୍ଣ୍ଣଲ ପୁରୋହିତ ବମ୍ ବନାଇଥିଲେ ବୋଲି ତାହା ମଧ୍ୟ ପ୍ରମାଣିତ ହୋଇନାହିଁ। ଏହ ମାମଲାର ରାୟ ୨୦୨୫ ମେ ୮ରେ ଆସିବାରଥିଲା। କିନ୍ତୁ କୋର୍ଟ ପୁଣି ରାୟକୁ ଜୁଲାଇ ୩୧ ପର୍ଯ୍ୟନ୍ତ ସୁରକ୍ଷିତ ରଖିଥିଲେ। ମାଲେଗାଁଓ ବିସ୍ଫୋରଣ ମାମଲା ନେଇ ମହାରାଷ୍ଟ୍ର ଏଟିଏସ୍ ପ୍ରାରମ୍ଭ ଯାଞ୍ଚ କରିଥିଲା। ୨୦୧୧ରେ ଏହି ମାମଲାକୁ ଏନ୍‌ଆଇଏକୁ ଯାଞ୍ଚ ପାଇଁ ସମର୍ପିତ କରାଯାଇଥିଲା। ୨୦୧୬ରେ ଏନ୍‌ଆଇଏ ଚାର୍ଜସିଟ୍ ଦାଖଲ କରିଥିଲା। ଏହି ମାମଲାରେ ୩ ଯାଞ୍ଚ ଏଜେନ୍ସି ଓ ୪ଜଣ ବିଚାରପତି ବଦଳି ହୋଇଛନ୍ତି। ଏହି ବିସ୍ଫୋରଣରେ ପ୍ରଥମେ ହିନ୍ଦୁ ସଂଗଠନକୁ ଦାୟୀ କରାଯାଇଥିଲା। ୨୦୧୭ରେ ଏହି ମାମଲାରେ ପ୍ରଜ୍ଞା ଠାକୁରଙ୍କୁ ଜାମିନ ମିଳିଥିଲା। ୨୦୧୯ରେ ପ୍ରଜ୍ଞା ଲୋକସଭା ସାଂସଦ ଭାବେ ନିର୍ବାଚିତ ହୋଇଥିଲେ। ଏବେ ଏ ନେଇ ରାଜନୀତି ଆରମ୍ଭ ହୋଇଛି। ବିଭିନ୍ନ ରାଜନୈତିକ ଦଳ ଓ ନେତାମାନେ କୋର୍ଟଙ୍କର ଏହି ରାୟ ନେଇ ମତ ଦେଇଛନ୍ତି।


## ଏନ୍‌ଡିଏରୁ ଅଲଗାହେଲେ ପନିର୍‌ସେଲଭମ୍



ଚେନ୍ନଇ, ୩୧।୭(ଏଜେନ୍ସି): ତାମିଲନାଡୁରେ ଆସନ୍ତାବର୍ଷ ବିଧାନସଭା ନିର୍ବାଚନ ଆୟୋଜନ ହେବାକୁ ଯାଉଥିବା ବେଳେ ପୂର୍ବତନ ମୁଖ୍ୟମନ୍ତ୍ରୀ ଓ ପନିର୍‌ସେଲଭମ୍ ସମସ୍ତଙ୍କୁ ଚକିତ କରି ବିଜେପି ନେତୃତ୍ୱାଧୀନ ଏନ୍‌ଡିଏଠାରୁ ଅଲଗା ହୋଇଛନ୍ତି। ଫଳରେ ତାମିଲନାଡୁ ରାଜନୈତିକ ସମୀକରଣରେ ଏକ ବଡ଼ ପରିବର୍ତ୍ତନ ହେବ ବୋଲି ଅନୁମାନ କରାଯାଉଛି। ପୂର୍ବରୁ ତାଙ୍କୁ ଏଆଇଏଡିଏମ୍‌କେ ପାର୍ଟିରୁମ ମଧ୍ୟ ବହିସ୍କାର କରାଯାଇଥିଲା। ମୁଖ୍ୟମନ୍ତ୍ରୀ ଏମ୍‌କେ ଷ୍ଟାଲିନ୍‌ଙ୍କୁ ପ୍ରାତଃ ଭ୍ରମଣ ଅବସରରେ ଭେଟିବା ପରେ ସେ ଏହି ନିଷ୍ପତ୍ତି ନେଇଛନ୍ତି। ଫଳରେ ଓପିଏସ୍ ନାମରେ ପରିଚିତ ପନିର୍‌ସେଲଭମ୍ ଡିଏମ୍‌କେରେ ମିଶିବେ ବୋଲି ଆଶା କରାଯାଉଛି। କିନ୍ତୁ ସେ ତାମିଲ ଅଭିନେତା ବିଜୟଙ୍କ ପାର୍ଟି 'ତାମିଲାଗା ଭେଟ୍ରି କାଜଘମ୍' ପାର୍ଟିରେ ଯୋଗ ଦେବେ ବୋଲି ସେ ସୂଚନା ଦେଇଛନ୍ତି। ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଚିଠି ଲେଖି ଭେଟିବାକୁ ଇଚ୍ଛା ଜାହିର କରିଥିଲେ। କିନ୍ତୁ ତାଙ୍କୁ ଅନୁମତି ଦିଆଯାଇ ନଥିଲା ଓ ଏଥିରେ ନୈରାଶ୍ୟ ଜାହିର କରିଥିଲେ। ପୁଣି ସର୍ବ ଶିକ୍ଷା ଅଭିଯାନ (ଏସ୍‌ଏସ୍‌ଏ)ରେ ପାଣ୍ଠି ବିତରଣରେ ବିଳମ୍ବ ହେବାରୁ ସାମାଜିକ ଗଣମାଧ୍ୟମରେ ସେ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରି ସିଧାସଳଖ ସମାଲୋଚନା କରିଥିଲେ। ଖାସ୍ ଏହି କାରଣରୁ ଏନ୍‌ଡିଏ ସହ ତାଙ୍କର ସମ୍ପର୍କ ଖରାପ ହୋଇଥିଲା ଓ ଏବେ ସେ ଏନ୍‌ଡିଏଠାରୁ ନିଜକୁ ଅଲଗା କରିଛନ୍ତି ବୋଲି କୁହାଯାଇଛି। ଉଲ୍ଲେଖଥାଉ କି, ଏଆଏଡିଏମ୍‌କେଠାରୁ ଅଲଗା ହେବା ପରେ ସେ ନିଜର ସଂଗଠନ ଗଠନ କରିଥିଲେ। ୨୦୨୬ରେ ତାମିଲନାଡୁ ବିଧାନସଭା ନିର୍ବାଚନ ଆୟୋଜନ ହେବ।

## ଜର୍ମାନୀ ଟିକ୍‌ଟକର୍ ବେଙ୍ଗାଲୁରୁରେ ଅଟକ





ବେଙ୍ଗାଲୁରୁ, ୩୧।୭(ଏଜେନ୍ସି): ଜର୍ମାନୀ ଟିକ୍‌ଟକର ନୋଏଲ ରବିନସନଙ୍କୁ ବେଙ୍ଗାଲୁରୁ ପୁଲିସ ଅଟକ ରଖିଛି। ଷ୍ଟ୍ରିଟ୍ ଡ୍ୟାନ୍ସ ଭିଡିଓ ବନାଇ ପ୍ରସିଦ୍ଧି ଲାଭ କରିଥିବା ନୋଏଲ୍ ରାସ୍ତା ଉପରେ ପାରମ୍ପରିକ ଭାରତୀୟ ପୋଷାକ ପରିଧାନ କରି ଏକ ଭିଡିଓ ବନାଉଥିଲେ। ଏହାକୁ ଦେଖିବା ପାଇଁ ବହୁ ସଂଖ୍ୟାରେ ଲୋକ ଏକାଠି ହୋଇଥିଲେ। ଫଳରେ ସାର୍ବଜନୀନ ସୁରକ୍ଷା ନେଇ ସମସ୍ୟା ସୃଷ୍ଟି ହୋଇଥିଲା। ନୋଏଲ୍‌ଙ୍କୁ ପୁଲିସ ଥାନକୁ ନେଇ ୧୫ ମିନିଟ ଅଟକ ରଖିଥିଲା। ବିନା ଅନୁମତିରେ ରାସ୍ତା ଉପରେ ଭିଡିଓ ବନାଉଥିବାରୁ ତାଙ୍କ ଉପରେ ଜରିମାନ ଧାର୍ଯ୍ୟ କରାଯାଇଥିଲା। ସମ୍ପୂର୍ଣ୍ଣ ଭାବେ ଠିକ ଅଛି ବୋଲି ନୋଏଲ ଇନଷ୍ଟାଗ୍ରାମରେ ପୋଷ୍ଟ କରି ଅବଗତ କରାଇଛନ୍ତି। ପ୍ରଥମଥର ପାଇଁ ମୋତେ ଥାନାକୁ ନିଆଯାଇଥିଲା ବୋଲି ସେ ଉଲ୍ଲେଖ କରିଛନ୍ତି। ମୋତେ ଜେଲକୁ ପଠାଇ ଦିଆଯିବ ବୋଲି ଆଶଙ୍କା କରୁଥିଲି। କିନ୍ତୁ ସୌଭାଗ୍ୟବଶତଃ ଏପରି ହୋଇ ନଥିଲା। ମୁଁ ଠିକ୍ ଅଛି ଓ ଭାରତକୁ ବହୁତ ଭଲ ପାଉଛି ବୋଲି ସେ ଉଲ୍ଲେଖ କରିଛନ୍ତି। ପୂର୍ବରୁ ୟୁନେସ ଜାରୋଉ ନାମକ ଆଉ ଜଣେ ଜର୍ମାନୀ ଟିକଟକରଙ୍କୁ ମଧ୍ୟ ବେଙ୍ଗାଲୁରୁ ପୁଲିସ ଚର୍ଚ୍ଚ ଷ୍ଟ୍ରିଟ୍ ଏରିଆରେ ଅଟକ ରଖିଥିଲା। ନୋଏଲ ରବିନସନ ଜଣେ କନଟେଣ୍ଟ କ୍ରିଏଟର ଓ ଡ୍ୟାନ୍ସର ଭାବେ ସୋସିଆଲ ମିଡିଆରେ ବେଶ ସକ୍ରିୟ ଅଛନ୍ତି। ଜାଙ୍କର ଜବରଦସ୍ତ ସଂଖ୍ୟରେ ଫଲୋଅର୍ସ ରହିଛନ୍ତି।

### ୧୦ ବିଆରଏସ୍ ବିଧାୟକଙ୍କ ଦଳବଦଳ ମାମଲା

## ତେଲଙ୍ଗାନା ବାଚସ୍ପତିଙ୍କ ଉପରେ ସୁପ୍ରିମକୋର୍ଟ କ୍ଷୁବ୍ଧ



**ତିନି ମାସ ମଧ୍ୟରେ ନିଷ୍ପତ୍ତି ପାଇଁ ନିର୍ଦ୍ଦେଶ**

ନୂଆଦିଲ୍ଲୀ, ୩୧।୭(ଏଜେନ୍ସି): ତେଲଙ୍ଗାନାରେ ବିଆର୍‌ଏସ୍‌ର ୧୦ ଜଣ ବିଧାୟକ ଶାସକ କଂଗ୍ରେସରେ ଯୋଗଦେବା ପରେ ସେମାନଙ୍କ ବିରୋଧରେ ଆଗତ ପିଟିସନ ଉପରେ ବାଚସ୍ପତି ନିଷ୍ପତ୍ତି ନେବାରେ ବିଳମ୍ବ କରୁଥିବାରୁ ସୁପ୍ରିମ କୋର୍ଟ ବିରକ୍ତି ପ୍ରକାଶ କରିଛନ୍ତି। ସେମାନଙ୍କୁ ଅଯୋଗ୍ୟ ଘୋଷଣା କରିବା ଲାଗି ହୋଇଥିବା ପିଟିସନ ଉପରେ ତିନି ମାସ ମଧ୍ୟରେ ନିଷ୍ପତ୍ତି ନେବାଲାଗି ସୁପ୍ରିମ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।


ଆଜି ଏହି ମାମଲାର ଶୁଣାଣି ବେଳେ ସର୍ବୋଚ୍ଚ ଅଦାଲତ କହିଛନ୍ତି ଯେ 'ଅସ୍ତ୍ରୋପଚାର ସଫଳ, ରୋଗୀ ମୃତ' ଭଳି ପରିସ୍ଥିତି ସୃଷ୍ଟି ହେବାକୁ ଦିଆଯାଇବ ନାହିଁ। ବାଚସ୍ପତି ତାଙ୍କର ନିଷ୍ପତ୍ତି ନେବାରେ ବିଳମ୍ବ କରୁଥିବାରୁ ଦଳବଦଳ କରିଥିବା ବିଧାୟକମାନେ ଫାଇଦା ଉଠାଉଛନ୍ତି। ପ୍ରଧାନ ବିଚାରପତି ଜଷ୍ଟିସ ଗଭାଇ ଏବଂ ଜଷ୍ଟିସ ମନିଶଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରି କହିଛନ୍ତି ଯେ ଉପରୋକ୍ତ ୧୦ ଜଣ ବିଧାୟକଙ୍କ ବିରୋଧରେ ମାର୍ଚ୍ଚ ୨୦୨୪ରେ ପିଟିସନ ଆଗତ ହୋଇଥିବା ବେଳେ ଏହାଉପରେ ନୋଟିସ ଜାରି କରିବା ଲାଗି ବାଚସ୍ପତିଙ୍କୁ ୭ ମାସ ଲାଗିଗଲା। ତାହାମଧ୍ୟ ଏହି ଅଦାଲତରେ ମାମଲାର ଶୁଣାଣି ହେବାର ଗୋଟିଏ ଦିନ ପୂର୍ବରୁ ନୋଟିସ ଜାରି କରାଯାଇଥିଲା। ନୋଟିସ ଜାରି କରିବାକୁ ବାଚସ୍ପତିଙ୍କୁ ଏତେମାସ କାହିଁକି ଲାଗିଲା ବୋଲି ପ୍ରଶ୍ନ ଉଠାଇ କୋର୍ଟ କହିଲେ ଯେ ସାଂସଦ/ବିଧାୟକମାନଙ୍କ ଦଳବଦଳ ଏକ ଚିନ୍ତାଜନକ ବିଷୟ। ଏହାକୁ ରୋକାନଗଲେ ଗଣତନ୍ତ୍ର ପ୍ରତି ବିପଦ ସୃଷ୍ଟି ହେବ। ତେଣୁ ବାଚସ୍ପତିଙ୍କୁ ତିନି ମାସ ମଧ୍ୟରେ ନିଷ୍ପତ୍ତି ନେବାଲାଗି କୁହାଯାଉଛି। ଜଣେ ଅଭିଯୁକ୍ତ ବିଧାୟକ ଲୋକସଭା ନିର୍ବାଚନରେ କଂଗ୍ରେସ ଟିକଟରେ ଲଢ଼ିଥିଲେ। ହାରିଯିବା ପରେ ସେ ବିଧାୟକ ପଦରେ ରହିଲେ। ବାଚସ୍ପତିଙ୍କ ଏଭଳି ଆଭିମୁଖ୍ୟ ବିରୋଧରେ ବିଆରଏସ୍ ପକ୍ଷରୁ ଆଗତ ପିଟିସନ ଉପରେ ଶୁଣାଣି କରି ସର୍ବୋଚ୍ଚ ଅଦାଲତ ଏହି ନି।।ର୍ଦ୍ଦେଶ ଦେଇଛନ୍ତି। ଏହାସହିତ କୋର୍ଟ ସ୍ପଷ୍ଟ କରିଦେଇଛନ୍ତି ବାଚସ୍ପତିଙ୍କ ପଦକ୍ଷେପ ଉପରେ କୋର୍ଟ ହସ୍ତକ୍ଷେପ କରିପାରିବେ।

## କର୍ଣ୍ଣାଟକରେ ନୂଆ ବ୍ଲଡ୍ ଗ୍ରୁପ୍ 'ସିଆରଆଇବି'





ବେଙ୍ଗାଲୁରୁ, ୩୧।୭(ଏଜେନ୍ସି): କର୍ଣ୍ଣାଟକର କୋଲାର ଜିଲ୍ଲାରେ ଜଣେ ୩୮ ବର୍ଷୀୟା ମହିଳାଙ୍କଠାରେ ଡାକ୍ତରମାନେ ଏକ ନୂଆ ବ୍ଲଡ୍ ଗ୍ରୁପ୍ ପାଇଛନ୍ତି। ଏଭଳି ବ୍ଲଡ ଗ୍ରୁପ୍ ବିଶ୍ୱରେ କେଉଁଠାରେ ଦେଖିବାକୁ ମିଳିନାହିଁ। ଏହି ବ୍ଲଡ ଗ୍ରୁପ୍‌କୁ 'ସିଆରଆଇବି'ର ନାମ ଦିଆଯାଇଛି। ଏପର୍ଯ୍ୟନ୍ତ ବିଶ୍ୱରେ ଏହି ବ୍ଲଡ୍ ଗ୍ରୁପ୍ କେବଳ ୧୦ ଜଣ ଲୋକଙ୍କର ରହିଛି। ମହିଳାଙ୍କର ହାର୍ଟ ସର୍ଜରୀ କରିବାକୁ ହସ୍ପିଟାଲରେ ଭର୍ତ୍ତି କରାଯିବା ପରେ ଏହା ଜଣା ପଡ଼ିଥିଲା। ମହିଳାଙ୍କ ବ୍ଲଡ୍ ଗ୍ରୁପ୍ ଓଆରଏଚ୍+ ଥିଲା ଓ ଏକ ସାଧାରଣ ବ୍ଲଡ୍ ଗ୍ରୁପ୍ ବୋଲି ଧରାଯାଇଥାଏ। କିନ୍ତୁ ଯେତେବେଳେ ଅସ୍ତ୍ରୋପଚାର ପାଇଁ ରକ୍ତ ଯୋଗାଡ କରାଗଲା, ସେତେବେଳେ କୌଣସି ଓ+ ୟୁନିଟ୍ ତାଙ୍କ ସହ ମେଳ ଖାଇ ନଥିଲା। ମାମଲା ଗମ୍ଭୀର ବୋଲି ଡାକ୍ତରମାନେ ହୃଦୟଙ୍ଗମ କରିବା ପରେ ତାଙ୍କ ରକ୍ତ ନମୁନାକୁ ରୋଟାରୀ ବେଙ୍ଗାଲୁରୁ ଟିଟିକ ବ୍ଲଡ୍ ସେଣ୍ଟରର ଆଡଭାନ୍ସ ଲାବ୍‌କୁ ପଠାଯାଇଥିଲା। ମହିଳାଙ୍କ ୨୦ ଜଣ ସମ୍ପର୍କୀୟଙ୍କ ରକ୍ତ ନମୁନାକୁ ଯାଞ୍ଚ କରାଯାଇଥିଲା। କିନ୍ତୁ କାହା ସହ ତାଙ୍କର ମେଳ ଖାଇ ନଥିଲା। ଫଳ ରକ୍ତ ନ ନେଇ ତାଙ୍କର ଅସ୍ତ୍ରୋପଚାର କରାଯାଇଥିଲା ଓ ଏହା ସଫଳ ହୋଇଥିଲା। କିନ୍ତୁ ତାଙ୍କ ରକ୍ତ ନମୁନାକୁ ବ୍ରିଟେନର ବ୍ରିଷ୍ଟଲ ସ୍ଥିତ ଇଣ୍ଟରନ୍ୟାସନାଲ ବ୍ଲଡ୍ ଗ୍ରୁପ୍ ରେଫରେନ୍ସ ଲାବ (ଆଇବିଜିଆରଏଲ୍)କୁ ପଠାଯାଇଥିଲା। ବହୁ ରିସର୍ଚ୍ଚ ଓ ପରୀକ୍ଷା ପରେ ମହିଳାଙ୍କର ଏକ ନୂଆ ବ୍ଲଡ ଗ୍ରୁପ୍ ଆଣ୍ଟିଜେନ ଖୋଜି ପାଇଥିଲେ।

## ପାକିସ୍ତାନକୁ ଝଟ୍‌କା; କଶ୍ମୀରରେ ହେବ ଦେଶର ସର୍ବବୃହତ୍ ହାଇଡ୍ରୋ ପ୍ରକଳ୍ପ



ଶ୍ରୀନଗର, ୩୧।୭(ଏଜେନ୍ସି): ଜମ୍ମୁ-କଶ୍ମୀରର ଚେନାବ ନଦୀ ଉପରେ ସର୍ବବୃହତ ହାଇଡ୍ରୋ ପ୍ରୋଜେକ୍ଟ ନିର୍ମାଣ କରିବାକୁ ଭାରତ ଯୋଜାନ କରୁଛି। ପାକିସ୍ତାନର ସହ ସିନ୍ଧୁ ନଦୀ ଚୁକ୍ତିରୁ ଓହରିଯିବା ପରେ ଭାରତ ଏହି ଯୋଜନା ଉପରେ କାର୍ଯ୍ୟ କରିବା ଆରମ୍ଭ କରିଛି। ଏହା ୧୮୫୬-ମେଗାୱାଟ କ୍ଷମତା ବିଶିଷ୍ଟ ଏହି ହାଇଡ୍ରୋ ପ୍ରୋଜେକ୍ଟ ପାକିସ୍ତାନର ଆପତ୍ତି ସତ୍ତ୍ୱେ ନିର୍ମାଣ କରାଯିବ। କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ବୁଧବାର ଅପରେସନ ସିନ୍ଦୂର ନେଇ ଚର୍ଚ୍ଚା ଅବସରରେ ଏକ ପ୍ରଶ୍ନର ଉତ୍ତର ଦେଇ ଏହି ବିଷୟରେ ସୂଚନା ଦେଇଛନ୍ତି। ଏ ନେଇ ନ୍ୟାସନାଲ ହାଇଡ୍ରୋଇଲେକଟ୍ରିକ୍ ପାୱାର କର୍ପୋରେସନ (ଏନ୍‌ଏଚ୍‌ପିସି) ଏହି ସାୱାଲକୋଟ ହାଇଡ୍ରୋ ପ୍ରୋଜକ୍ଟ ପାଇଁ ଟେଣ୍ଡର ପ୍ରକ୍ରିୟା ଆରମ୍ଭ କରିଛି। ଏନ୍‌ଏଚ୍‌ପିସି ଔପଚାରିକ ଭାବେ ଏକ ଅନ୍ତର୍ଜାତୀୟ କମ୍ପିଟେଟିଭ ବିଡିଂ (ଆଇସିବି) ସ୍ତରରେ ବିଡ୍ ଆହ୍ୱାନ କରିଛି। ସେପ୍ଟେମ୍ବର ୧୦କୁ ବିଡ୍ ଦାଖଲ କରିବାର ଶେଷ ତାରିଖ ଭାବେ ଧାର୍ଯ୍ୟ କରାଯାଇଛି। ଏହି ମହତ୍ତ୍ୱାକାଂକ୍ଷୀ ପ୍ରୋଜେକ୍ଟ ଏନ୍‌ଟିପିସି ଓ ଜମ୍ମୁ-କାଶ୍ମୀର ପାୱାର ଡେଭଲପମେଣ୍ଟ କର୍ପୋରେସନ ମିଳିତ ଉଦ୍ୟମରେ ନିର୍ମାଣ ହେବ। ୧୯୮୦ରେ ଏହି ଯୋଜନାର ପରିକଳ୍ପନା କରାଯାଇଥିଲା। କିନ୍ତୁ କେତୋଟି ଅନ୍ୟ ପ୍ରୋଜେକ୍ଟ ସହ ଏହାକୁ କାର୍ଯ୍ୟକାରୀ କରାଯାଇ ନଥିଲା। ୨୨, ୭୦୪ କୋଟି ଟଙ୍କା ବିନିମୟରେ ଏହି ମେଗା ପ୍ରୋଜେକ୍ଟ ଦୁଇଟି ପର୍ଯ୍ୟାୟରେ ନିର୍ମାଣ ହେବ। ସିନ୍ଧୁ ଚୁକ୍ତିରୁ ଓହରିବା ପରେ ସରକାର ଏହି ପରକଳ୍ପନା ସହ ଅନ୍ୟ ୬ଟି ପ୍ରୋଜେକ୍ଟର ନିର୍ମାଣ କାର୍ଯ୍ୟ ଆଗେଇ ନେବାକୁ ଯୋଜନା ଆରମ୍ଭ କରିଛି। ଉଲ୍ଲେଖଥାଉ କି, ଏପ୍ରିଲ ୨୨ରେ ପହଲଗାମରେ ଆତଙ୍କବାଦୀ ଆକ୍ରମଣ ପରେ ସିନ୍ଧୁ ଜଳ ବଣ୍ଟନ ଚୁକ୍ତିରୁ ଭାରତ ଓହରିଯିବାକୁ ଘୋଷଣା କରିଥିଲା। ଆତଙ୍କବାଦୀମାନେ ଧର୍ମ ପଚାରି ୨୬ ଜଣଙ୍କୁ ଗୁଳିକରି ହତ୍ୟା କରିଥିଲେ।

## ଯୁବକଙ୍କୁ ପିଟିପିଟି ହତ୍ୟା



**ଦମ୍ପତି ଅଟକ**

ତୁରୁମୁଙ୍ଗା, ୩୧।୭(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ଥାନା ଅଙ୍କୁରା ଗ୍ରାମରେ ଜଣେ ଯୁବକଙ୍କୁ ପିଟିପିଟି ହତ୍ୟା କରାଯାଇଥିବା ନେଇ ଅଭିଯୋଗ ହୋଇଛି। ମୃତକ ହେଲେ, ଅଙ୍କୁରା ନାଏକସାହିର ଭକ୍ତବନ୍ଧୁ ନାଏକଙ୍କ ପୁଅ ଗଙ୍ଗାଧର (୨୮)। ଗଙ୍ଗାଧର ବୁଧବାର ସନ୍ଧ୍ୟାରେ ଗାଁ ନିକଟ ଝପାସାହିକୁ ଯାଇଥିବା ବେଳେ ସେଠାରେ କିଛି ଲୋକ ସଂଘବଦ୍ଧ ଭାବେ ଆକ୍ରମଣ କରିଥିଲେ। ଏଥିରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ପୁଲିସ୍ ଶବକୁ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କ ହସ୍ତାନ୍ତର କରିବା ସହ ମୃତକଙ୍କ ମା' ପାଳଙ୍ଗ ନାଏକଙ୍କ ଅଭିଯୋଗ ଆଧାରରେ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସେହିପରି ଏହି ଘଟଣାରେ ପୁଲିସ ଝପାସାହିର ଦୀନବନ୍ଧୁ ପାତ୍ର ଏବଂ ତା' ସ୍ତ୍ରୀଙ୍କୁ ଥାନାକୁ ଆଣି ପଚରାଉଚରା କରୁଛି। ଅପରପକ୍ଷେ, ସାଇଣ୍ଟିଫିକ୍ ଟିମ୍ ସହାୟତାରେ ଘଟଗାଁ ଏସ୍‌ଡିପିଓ ବିଜୟକୃଷ୍ଣ ମହାପାତ୍ର, ପାଟଣା ଥାନାଧିକାରୀ ମାନସ ମହାକୁଡ଼, ଏସ୍‌ଆଇ ଲକ୍ଷ୍ମଣ ମାଝୀ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି।

■ ଟିକସ ବାକି ରଖି ଗଡୁଥିଲା ବସ୍

## ୧୦ ଲକ୍ଷ ଜରିମାନା ଗଣିଲେ ମାଲିକ

**୫ରୁ ଅଧିକ ଚାଲାଣ ଥିବା ଗାଡ଼ି ମାଲିକଙ୍କୁ ପରିବହନ ବିଭାଗର ନୋଟିସ**

କଟକ, ୩୧।୭(ସମିସ): ଏକ ଯାତ୍ରୀବାହୀ ଘରୋଇ ବସକୁ ୧୦ଲକ୍ଷ ଟଙ୍କାର ଜରିମାନା କରାଯାଇଥିବା ବେଳେ ଜରିମାନା ପଇଠ ପରେ ଜବତ ହୋଇଥିବା ବସକୁ ଗାଡି ମାଲିକଙ୍କୁ ହସ୍ତାନ୍ତର କରିଛି କଟକ ଆଞ୍ଚଳିକ ପରିବହନ ବିଭାଗ। ବେଆଇନ ଭାବେ ଟିକସ ଫାଙ୍କି ଚାଲୁଥିବା ଉକ୍ତ ବସ (ଓଡି୦୫ ଏଭି ୫୪୬୫)କୁ କଟକ ଆରଟିଓ ପକ୍ଷରୁ ଜବତ କରାଯାଇ ୧୦ ଲକ୍ଷ ଟଙ୍କା ଜରିମାନା ଧାର୍ଯ୍ୟ କରାଯାଇଥିଲା। ପରମିଟ୍, ବୀମା ଏବଂ ଅନ୍ୟାନ୍ୟ ନିୟମ ପାଳନ ନ କରିବା ପାଇଁ ଏହି ଜରିମାନା ଲାଗୁ କରାଯାଇଥିଲା। ଯାହା ମୋଟ ୧୦ ଲକ୍ଷ ୧୯ ହଜାର ୭୫୬ ଟଙ୍କା ହୋଇଥିଲା। ଫିଟନେସ୍ ଅଭାବ ପାଇଁ ୫ହଜାର ଟଙ୍କା, ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣପତ୍ର ନଥିବାରୁ ୧୦ହଜାର ଟଙ୍କା, ପରମିଟ୍ ୧୦ ହଜାର ବୀମା ପାଇଁ ୨ହଜାର ଓ ଟିକସ ବାବଦରେ ୩ ଲକ୍ଷ ୭ ହଜାର ୬୬୪ ଟଙ୍କା ସହ ଜରିମାନା ୬ଲକ୍ଷ ୮୫ହଜାର ୯୨ଟଙ୍କା ଏହିପରି ମୋଟ ଜରିମାନା ୧୦ଲକ୍ଷ ୧୯ହଜାର ୭୫୬ଟଙ୍କା ଆଦାୟ କରାଯାଇଥିଲା।

ସେହିଭଳି ରାଜ୍ୟରେ ୨୯ଲକ୍ଷ ଇ-ଚାଲାଣ ପଡ଼ିରହିଥିବା ବେଳେ ଏହି ବାବଦ ଅର୍ଥ ଆଦାୟ କରାଯାଇପାରିନାହିଁ। ତେବେ ବଡ଼ ଗାଡ଼ିଗୁଡ଼ିକ କ୍ଷେତ୍ରରେ ମଧ୍ୟ ଅଧିକ ଚାଲାଣ ରହିଥିବା ଜଣାପଡ଼ିଛି। ଏଣୁ ପରିବହନ ବିଭାଗ ପକ୍ଷରୁ ଏହି ଗାଡି ଗୁଡିକର ମାଲିକ ମାନଙ୍କୁ ନୋଟିସ ପଠାଯାଇଛି। ବିଶେଷକରି ୫ରୁ ଅଧିକ ଚାଲାଣ ଥିବା ବଡ ଗାଡିକୁ ଜରିମାନା ପଇଠ ପାଇଁ ନୋଟିସ ପ୍ରଥମ ପର୍ଯ୍ୟାୟରେ ୨୦୦ଗାଡି ମାଲିକଙ୍କୁ ନୋଟିସ ହୋଇଛି। ଆସନ୍ତା ୧୫ଦିନ ମଧ୍ୟରେ ଚାଲାଣ ବାବଦ ଜରିମାନା ଅର୍ଥ ପଇଠ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ପରିବହନ ବିଭାଗ। ଏଥିସହ ଫିଟନେସ ଓ ଅନ୍ୟ କାଗଜପତ୍ରକୁ ଠିକ କରିବାକୁ ପଡ଼ିବ। ଏହା ନକଲେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ଚେତାବନୀ ଦିଆଯାଇଛି। ପରିବହନ ବିଭାଗ ଅଧିକାରୀଙ୍କ କହିବାନୁସାରେ ଏଭଳି ୧୦ ହଜାର ଗାଡ଼ି ଚିହ୍ନଟ ହୋଇଛି। ପର୍ଯ୍ୟାୟକ୍ରମେ ସମସ୍ତ ଗାଡ଼ି ମାଲିକଙ୍କୁ ନୋଟିସ ହେବ। ଟୋଲ ଗେଟରେ ଗଡି ଗୁଡିକ ଅତିକ୍ରମ କଲା ବେଳେ ଖିଲାପି ଗାଡ଼ିଗୁଡ଼ିକୁ ସ୍ୱୟଂକ୍ରିୟ ଚାଲାଣ କଟାଯାଉଛି।

■ ଖରିଫ ଚାଷୀଙ୍କୁ ଧାନ ବିକ୍ରି ଚିନ୍ତା

## ଜଟିଳ ପ୍ରକ୍ରିୟା ଯୋଗୁଁ କମୁଛି ପଞ୍ଜୀକରଣ

ଭୁବନେଶ୍ୱର, ୩୧।୭(ସମିସ): ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ଖରିଫ୍ ଚାଷ ପାଇଁ ୩ ଲକ୍ଷ ୩୮ ହଜାର ୭୩୫ ଜଣ ଚାଷୀ ପଞ୍ଜୀକରଣ କରିଛନ୍ତି। ଗତବର୍ଷ ଏହି ସମୟ ମଧ୍ୟରେ ଅଧିକ ୧୦ ହଜାର ଚାଷୀ ପଞ୍ଜିକୃତ ହୋଇଥିଲେ। ଏଥର ସରକାରଙ୍କ ଜଟିଳ ପ୍ରକ୍ରିୟା ଯୋଗୁଁ ପଞ୍ଜୀକରଣରେ ଶିଥିଳତା ଦେଖାଦେଇଥିବା ଅଭିଯୋଗ ହେଉଛି। ବିଶେଷକରି ପଞ୍ଜୀକରଣ ସମୟରେ ଇ-କେୱାଇସି କରିବା, ରାଜସ୍ୱ ନିରୀକ୍ଷକ(ଆର୍‌ଆଇ)ଙ୍କଠାରୁ ଜିମାନାମା(ଅଣ୍ଡର୍‌ଟେକିଂ) ଆଣିବା ପ୍ରମୁଖ ସମସ୍ୟା ଭାବେ ଉଭା ହୋଇଛି। ଏଥିସହ ଉପାନ୍ତ ଅଞ୍ଚଳ ପାକ୍‌ସଗୁଡ଼ିକରେ ଇଣ୍ଟରନେଟ୍ ସମସ୍ୟା ଯୋଗୁଁ ମଧ୍ୟ ପଞ୍ଜୀକରଣ ଧୀମା ହେଉଥିବା ଜଣାପଡ଼ିଛି। ସରକାର ଏସବୁ ସମସ୍ୟା ପ୍ରତି ଦୃଷ୍ଟି ଦେବାକୁ ବାରମ୍ବାର ଚାଷୀମାନେ ଦାବି କରୁଥିଲେ ହେଁ ସରକାର କର୍ଣ୍ଣପାତ କରୁନାହାନ୍ତି।

ଅନ୍ୟପକ୍ଷରେ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଗଣମାଧ୍ୟମକୁ ସଫେଇ ଦେଇ କହିଛନ୍ତି, ପଞ୍ଜୀକରଣ ୪ ଦିନ ବିଳମ୍ବରେ ଆରମ୍ଭ ହୋଇଥିବାରୁ ଚାଷୀଙ୍କ ସଂଖ୍ୟା କମିଛି। ପଞ୍ଜୀକରଣରେ ମାତ୍ର ୧୦ ହଜାର ବ୍ୟବଧାନ ରହିଛି। ଚାଷୀ କେବଳ ଗୋଟିଏ ସେଲ୍ଫ ଡିକ୍ଲାରେସନ୍ ଫର୍ମରେ ଦସ୍ତଖତ କରିବେ। ବାପା କିମ୍ବା ଭାଇଙ୍କ ନାମରେ ରେକର୍ଡ ଥିଲେ କେବଳ ଲିଖିତ ଆକାରେ ଦେବେ। ସେଥିପାଇଁ ଫର୍ମ ଇସ୍ୟୁ ହୋଇଯାଇଛି। ଅସୁବିଧା ଥିଲେ ଦିଆଯାଇଥିବା ଫୋନ୍ ନମ୍ବରରେ ଫୋନ୍ କରିବାକୁ ସେ କହିଛନ୍ତି।

**ଚିନ୍ତାରେ ଚାଷୀ**

# ଗଜା ହେଉନି ସରକାରୀ ବିହନ

■ ଇ-କେୱାଇସି ଗୋଲକଧନ୍ଧା ବଢ଼ାଇଛି ସମସ୍ୟା

■ ଗ୍ୟାରେଣ୍ଟିଯୁକ୍ତ ଭଲ ଫସଲ ଅମଳ ସୁନିଶ୍ଚିତ ଦାବି

ଭୁବନେଶ୍ୱର,୩୧।୭(ସମିସ): ଚଳିତ ବର୍ଷ ଅନୁକୂଳ ମୌସୁମୀ ଯୋଗୁଁ ରାଜ୍ୟର ଅନେକ ଜିଲ୍ଲାରେ ଚାଷକାମ ଆରମ୍ଭ ହୋଇସାରିଛି। ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୨୬.୭୫ ଲକ୍ଷ ହେକ୍ଟରରୁ ଅଧିକ ଜମିରେ ଚାଷ କାର୍ଯ୍ୟ ଆରମ୍ଭ ହୋଇ ସାରିଥିବା ବେଳେ ଅନେକ ଜିଲ୍ଲାରେ ସରକାରୀ ବିହନ ଶତକଡ଼ା ଅଧାରୁ ଅଧିକ ପ୍ରତିଶତ ଗଜା ହେଉ ନ ଥିବା ଅଭିଯୋଗ ହୋଇଛି। ଏଥିପାଇଁ ଚାଷୀମାନଙ୍କ ମଧ୍ୟରେ ଘୋର ଅସନ୍ତୋଷ ଓ ଅନିଶ୍ଚିତତାର ବାତାବରଣ ସୃଷ୍ଟି ହୋଇଛି। ଏବେ ଯାହାବି ଧାନ ତଳି ରହିଛି, ସେଥିପାଇଁ ଆବଶ୍ୟକ ସାର ମଧ୍ୟ ମିଳିବା ସମ୍ଭବ ହେଉନାହିଁ। ରାଜ୍ୟର କୃଷିବହୁଳ ଜିଲ୍ଲାଗୁଡ଼ିକୁ ଗସ୍ତ କରି କୃଷିକ୍ଷେତ୍ର ଓ କୃଷକମାନଙ୍କର ଏହି ବାସ୍ତବ ସ୍ଥିତି ଦେଖିବା ପରେ ରାଜ୍ୟ କିଷାନ କଂଗ୍ରେସ ଗଭୀର ଉଦ୍‌ବେଗ ପ୍ରକାଶ କରିଛି।

ଯାହାର ଆଶୁ ପ୍ରତିକାର ଦାବି କରିବା ସହ ବେଳହୁଁ ସାବଧାନ ନ ହେଲେ ରାଜ୍ୟରେ କୃଷି ବ୍ୟବସ୍ଥା, କୃଷି ଅର୍ଥନୀତି ତଥା ଚାଷୀ ଓ ଚାଷର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିବାର ସମ୍ଭାବନା ରହିଛି ବୋଲି ରାଜ୍ୟ କିଷାନ କଂଗ୍ରେସ କହିଛି।

ଗୁରୁବାର ରାଜ୍ୟ କିଷାନ କଂଗ୍ରେସ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି ଯେ ଏକ ପ୍ରତିନିଧି ଦଳ ପଶ୍ଚିମ ଓଡ଼ିଶା ଏବଂ ରାଜ୍ୟର କୃଷିବହୁଳ ଅନ୍ୟ କିଛି ଜିଲ୍ଲାକୁ ଗସ୍ତକରି ଚାଷୀ, ଚାଷ ଓ ଚାଷୀ ପରିବାରର ଅବସ୍ଥା ଦେଖିଛନ୍ତି। ଏହି ସମୟରେ ସେମାନେ ଚାଷୀଙ୍କ ଠାରୁ ବିହନ ଗଜା ନ ହେବାଠାରୁ ଆରମ୍ଭ କରି ଅନେକ ସମସ୍ୟା ବିଷୟରେ ଅବଗତ ହୋଇଛନ୍ତି। ବିଶେଷକରି ଭଦ୍ରକ, ବାଲେଶ୍ୱର, ଢେଙ୍କାନାଳ, ଅନୁଗୁଳ, ଦେବଗଡ଼, ସୁନ୍ଦରଗଡ଼, ବରଗଡ଼, ବଲାଙ୍ଗିର, କଳାହାଣ୍ଡି, ନୂଆପଡ଼ା ଓ ସୋନପୁର ଜିଲ୍ଲାର ଚାଷୀମାନେ ଏବେ ଆତଙ୍କରେ ସମୟ ବିତାଉଛନ୍ତି। ବାଲେଶ୍ୱର ଜିଲ୍ଲାରେ ସୁବର୍ଣ୍ଣରେଖା, ଜଳକା, ବୁଢ଼ାବଳଙ୍ଗ ଆଦି ନଦୀରେ ଲଗାତର ବନ୍ୟା ଆସିବା ଫଳରେ ଧାନତଳି ପଚିଯାଇଛି। ତଳି ଅଭାବ ଯୋଗୁଁ ରୁଆ ବେଉଷଣ କାର୍ଯ୍ୟ ଆଗେଇ ପାରୁ ନ ଥିବା ବେଳେ ନୂଆପଡ଼ା ଓ ବଲାଙ୍ଗିର ଜିଲ୍ଲାର କିଛି ଅଂଶରେ ଅନାବୃଷ୍ଟି କାରଣରୁ ଚାଷକାର୍ଯ୍ୟ ପଛାଇ ଯାଇଛି। ଅବଶିଷ୍ଟ ଜିଲ୍ଲାମାନଙ୍କରେ ଚାଷକାର୍ଯ୍ୟ ଆଗେଇ ଚାଲିଥିବା ବେଳେ ସରକାରୀ ବିହନ ଅଧାରୁ ଅଧିକ ପ୍ରତିଶତ ଗଜା ନ ହେବା କାରଣରୁ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଚାଷ ଆରମ୍ଭ ସମୟରେ ଏକ ଗ୍ୟାରେଣ୍ଟିଯୁକ୍ତ ଭଲ ଫସଲ ଅମଳକୁ ଦୃଷ୍ଟିରେ ରଖି ସରକାର ଏବେଠୁ ଚାଷୀ ଓ ଚାଷକୁ ସମସ୍ତ ପ୍ରକାର ସୁବିଧା ସୁଯୋଗ ପ୍ରଦାନ ସହିତ ସବୁ ପ୍ରକାର ସହାୟତା ଦେବା ପାଇଁ କିଷାନ କଂଗ୍ରେସ ଦାବି କରିଛି। ଆବଶ୍ୟକ ପଡ଼ିଲେ ବିନା ସୁଧ ଓ ସର୍ତ୍ତରେ ଋଣ ଯୋଗାଇଦେବା ସହିତ କୀଟନାଶକ, ସାର ଓ ବିହନ ଆଦି ରିହାତି ଦରରେ ଯୁଦ୍ଧକାଳୀନ ଭିତ୍ତିରେ ଯୋଗାଇଦେବାକୁ କିଷାନ କଂଗ୍ରେସ ଦାବି କରିଛି।


ସେହିପରି ଟୋକନପ୍ରାପ୍ତି ଓ ପଞ୍ଜୀକରଣ ପାଇଁ ସମ୍ପ୍ରତି ଇ-କେୱାଇସି ଓ ବଂଶାବଳୀ ନିରୂପଣ ବ୍ୟବସ୍ଥା କରାଯାଇଛି। ଇ-କେୱାଇସି ନ ହେଲେ ଚାଷୀ ସରକାରୀ ଖାତାରେ ଚାଷୀ ଭାବେ ଗଣାହୋଇ ପାରିବ ନାହିଁ ଏବଂ ତା'ର ଧାନକୁ ଧାନମଣ୍ଡିରେ ଗ୍ରହଣ କରାଯିବ ନାହିଁ। ମାତ୍ର ଏହି ପ୍ରକ୍ରିୟା ବହୁ ଜଟିଳ କରାଯାଇଥିବାରୁ ଚାଷୀମାନେ ନାହିଁ ନ ଥିବା ସମସ୍ୟା ଭୋଗୁଛନ୍ତି। କର୍ପୋରେଟ ସଂସ୍ଥା ଓ ମିଲ୍ ମାଲିକମାନଙ୍କ ଚକ୍ରାନ୍ତରେ ନ ପଡ଼ି ରାଜ୍ୟ ଓ କେନ୍ଦ୍ର ସରକାର ତୁରନ୍ତ ସତର୍କ ନ ହେଲେ, ଚାଷୀକୁଳ ରାଜରାସ୍ତାକୁ ବାହାରି ସରକାରୀକଳ ଅଚଳ କରିଦେବେ ବୋଲି କିଷାନ କଂଗ୍ରେସ ଚେତାବନୀ ଦେଇଛି। ଆଜିର ସାମ୍ବାଦିକ ସମ୍ମିଳନୀରେ କିଷାନ କଂଗ୍ରେସର ରାଜ୍ୟ ଅଧ୍ୟକ୍ଷ ଅଭୟ ସାହୁ, ଦଳର ମୁଖପାତ୍ର ପ୍ରାକ୍ତନ ବିଧାୟକ ଦେବାଶିଷ ନାୟକ, କିଷାନ କଂଗ୍ରେସ ରାଜ୍ୟ ସଂଯୋଜକ ଅରୁଣ ଜେନା, ମୁଖପାତ୍ର ହିମାଂଶୁ ଲେଙ୍କା, ଚାଷୀ ନେତା ଶିତିକଣ୍ଠ ମହାନ୍ତି ଓ ରତନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ସଂଖ୍ୟାଲଘୁ ମହିଳାଙ୍କୁ ଧର୍ମଶାଳା ବିଧାୟକଙ୍କ ଅସଦାଚରଣ ଦୁର୍ଭାଗ୍ୟଜନକ: ବିଜେଡି

■ ବିଜେପି ସଂଖ୍ୟାଲଘୁ ସେଲ୍ ସଭାପତିଙ୍କ ପତ୍ନୀ ବିଧାୟକଙ୍କ ଦ୍ୱାରା ନିର୍ଯାତିତ

■ ପୀଡ଼ିତା ମହିଳା ଲିଖିତ ଅଭିଯୋଗ କରିଥିଲେ ହେଁ ଏତଲା ରଖୁନି ପୁଲିସ

■ ଯାଜପୁର ଜିଲ୍ଲାରେ କର୍ତ୍ତବ୍ୟରତ ମହିଳା ପୁଲିସ କର୍ମଚାରୀ ମଧ୍ୟ ଅସୁରକ୍ଷିତ



ଭୁବନେଶ୍ୱର,୩୧।୭(ସମିସ): ରାଜ୍ୟରେ ମହିଳା ଓ ଶିଶୁ ବିରୋଧୀ ହିଂସା ଓ ଅପରାଧ ଉପରମୁହାଁ ସ୍ଥିତିରେ ରହିଥିବା ବେଳେ ରାଜ୍ୟ ସରକାର ଏକପ୍ରକାର ଉପାୟଶୂନ୍ୟ ହୋଇ ପଡ଼ିଛନ୍ତି। ଏପରିସ୍ଥିତିରେ ସଂଖ୍ୟାଲଘୁ ସମ୍ପ୍ରଦାୟର ଜଣେ ମହିଳାଙ୍କୁ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁଙ୍କ ଅସଦାଚରଣ ଘଟଣାରେ ପୁଲିସ ଏତଲା ଗ୍ରହଣ ନ କରିବା ଉଦ୍‌ବେଗଜନକ ବୋଲି ବିଜୁ ଜନତା ଦଳର ୩ ମହିଳା ନେତ୍ରୀ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି।

ଗୁରୁବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ତଥା ଦଳର ପିଏସି ସଦସ୍ୟା ଟୁକୁନି ସାହୁ କହିଛନ୍ତି ଯେ ବିଜେପି ସରକାରରେ ରାଜ୍ୟରେ ମହିଳାମାନେ କୌଣସି କ୍ଷେତ୍ରରେ ସୁରକ୍ଷିତ ନାହାନ୍ତି। ପ୍ରତିଦିନ ରାଜ୍ୟରେ ଘଟୁଥିବା ନାରୀ ନିର୍ଯାତନା ଘଟଣା ପାଇଁ ଓଡ଼ିଶା ଦେଶରେ ନିନ୍ଦିତ ହେଉଛି।

ସେହିପରି ଦଳର ମୁଖପାତ୍ର ଇପ୍ସିତା ସାହୁ କହିଥିଲେ ଯେ ବିଜେପି ସରକାରରେ ମହିଳା ଓ ଛାତ୍ରୀମାନେ ପ୍ରତ୍ୟେକ ଦିନ ନିର୍ଯାତନାର ଶିକାର ହେଉଥିବା ବେଳେ ଯାଜପୁର ଜିଲ୍ଲାରେ ଏକ ଅଭାବନୀୟ ନାରୀ ନିର୍ଯାତନାର ଖବର ସାମ୍ନାକୁ ଆସିଛି। ବିଜେପି ସଂଖ୍ୟାଲଘୁ ସେଲର ସଭାପତିଙ୍କ ପତ୍ନୀଙ୍କୁ ତାଙ୍କ ଝିଅ ସାମ୍ନାରେ ଧର୍ମଶାଳା ବିଧାୟକଙ୍କ ଦ୍ୱାରା ନିର୍ଯାତନାର ଶିକାର ହୋଇ ପୁଲିସର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ତାଙ୍କର ଏତଲାକୁ ପୁଲିସ ଏ ପର୍ଯ୍ୟନ୍ତ ଗ୍ରହଣ କରୁନାହିଁ। ତାଙ୍କ ସ୍ୱାମୀଙ୍କୁ ଧର୍ମଶାଳାରେ ବ୍ୟବସାୟ କରିବା ପାଇଁ ହେଲେ ମାସିକ ଦାଦାବାଟି ଦେବାକୁ ପଡ଼ିବ ବୋଲି ବିଧାୟକ ଧମକ ଦେଉଛନ୍ତି ବୋଲି ସେ ତାଙ୍କ ଏତଲାରେ ଦର୍ଶାଇଥିଲେ ମଧ୍ୟ ପୁଲିସ ଏପର୍ଯ୍ୟନ୍ତ ବିଧାୟକଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ ବୋଲି ଶ୍ରୀମତି ସାହୁ ପ୍ରଶ୍ନ କରିଥିଲେ। ସେ ଆହୁରି ମଧ୍ୟ କହିଥିଲେ ଯେ ଯାଜପୁର ଜିଲ୍ଲାରେ ଜଣେ କର୍ତ୍ତବ୍ୟରତ ମହିଳା ଏଏସ୍‌ଆଇଙ୍କୁ ଥାନା ଭିତରେ ବିଜେପି ସମର୍ଥକମାନେ ଅସଭ୍ୟ ଭାଷାରେ ଗାଳିଗୁଲଜ ସହ ଅପମାନିତ କରିଥିଲେ। ଏହି ଘଟଣାକୁ ନେଇ ମହିଳା ଏଏସ୍‌ଆଇ ଯାଜପୁର ପୁଲିସ ପ୍ରଶାସନ ନିକଟରେ ଫେରାଦ ହୋଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଅଭିଯୁକ୍ତଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଧର୍ମଶାଳା ବିଧାୟକଙ୍କ ଧନବଳ ଆଗରେ ରାଜ୍ୟ ବିଜେପି ସଭାପତି ଓ ମୁଖ୍ୟମନ୍ତ୍ରୀ ଯେ ଅସହାୟ ହୋଇପଡ଼ିଛନ୍ତି, ଏଥିରୁ ପ୍ରତୀୟମାନ ହେଉଛି।

ସେହିପରି ଦଳର ମୁଖପାତ୍ର ସୋଫିଆ ଆଲାମ କହିଥିଲେ ଯେ ରାଜ୍ୟରେ ସଂଖ୍ୟାଲଘୁ ସମ୍ପ୍ରଦାୟର ମହିଳାମାନେ ନିର୍ଯାତନାର ଶିକାର ହୋଇ ଥାନାର ଦ୍ୱାରସ୍ଥ ହେଉଥିଲେ ମଧ୍ୟ ଅଭିଯୁକ୍ତଙ୍କ ବିରୋଧରେ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବା ଦୁର୍ଭାଗ୍ୟଜନକ। ଏଠି ଅପରାଧୀ ଉପରମୁହାଁ ହୋଇଥିବା ବେଳେ ସରକାର ଉପାୟଶୂନ୍ୟ ହୋଇପଡ଼ିଛନ୍ତି ବୋଲି ସେ ସମାଲୋଚନା ଛଳରେ କହିଛନ୍ତି।


## ବିସ୍ଥାପିତଙ୍କ ପାଇଁ ଲଢ଼ିବ କଂଗ୍ରେସ

ଭୁବନେଶ୍ୱର,୩୧।୭(ସମିସ): ରାଜ୍ୟର ୨୦ ଲକ୍ଷ ହିତାଧିକାରୀ ପଟ୍ଟା ପାଇବା ପାଇଁ ହକ୍‌ଦାର ଅଛନ୍ତି। କିନ୍ତୁ ବର୍ତ୍ତମାନ ପର୍ଯ୍ୟନ୍ତ ସେମାନଙ୍କୁ ତାଙ୍କ ଅଧିକାର ଦିଆଯାଇ ନାହିଁ। ସରକାର ଲକ୍ଷ ଲକ୍ଷ ଏକର ଜମି କମ୍ପାନୀମାନଙ୍କୁ ଦେଉଥିବା ବେଳେ ଆଦିବାସୀ, ଅଣଆଦିବାସୀଙ୍କୁ ତାଙ୍କ ନ୍ୟାଯ୍ୟ ଅଧିକାର ଦେଉନାହାନ୍ତି। ଖଣି ଖାଦାନ ପାଇଁ ହଜାର ହଜାର ଲୋକଙ୍କୁ ବିନା ସରକାରୀ ଭରଣାରେ ନିଜ ଜଙ୍ଗଲ ଜମିରୁ ବିସ୍ଥାପିତ କରାଯାଉଛି। ଯେଉଁମାନେ ବିସ୍ଥାପନ ହେଉଛନ୍ତି ସେମାନଙ୍କ ପାଇଁ କଂଗ୍ରେସ ଲଢ଼େଇ କରିବ ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି।

ଗୁରୁବାର କଂଗ୍ରେସ ଭବନଠାରେ ଏଆଇସିସି ମାନବାଧିକାର ସଂଗଠନ ପକ୍ଷରୁ ୧୫ଟି ଜିଲ୍ଲାରୁ ଆସିଥିବା କର୍ମକର୍ତ୍ତା ଓ ଶତାଧିକ ସ୍ୱେଚ୍ଛାସେବୀଙ୍କୁ ନେଇ 'ହ୍ୟୁମାନ୍ ରାଇଟ୍ସ' ସଭାକୁ ଉଦ୍‌ବୋଧନ ଦେଇ ଶ୍ରୀ ଦାସ କହିଛନ୍ତି ଯେ ବେଆଇନ ବିସ୍ଥାପନ, ଉତ୍କଟ ବେକାରୀ ସମସ୍ୟା ଏବଂ ନାରୀ ନିର୍ଯାତନା ବିରୋଧରେ ଘୋର ସଂଗ୍ରାମରେ ଅବତୀର୍ଣ୍ଣ ହେବାକୁ ପଡ଼ିବ। ଏଥିପାଇଁ ଲଢ଼େଇ ଜୋର୍‌ଦାର କରିବାକୁ ହ୍ୟୁମାନ ରାଇଟ୍ସ ସ୍ୱେଚ୍ଛାସେବୀମାନଙ୍କୁ ପିସିସି ସଭାପତି ଶ୍ରୀ ଦାସ ଆହ୍ୱାନ ଦେଇଛନ୍ତି। ଓଡିଶା ହ୍ୟୁମାନ ରାଇଟ୍ସ ସଂଘ ସଭାପତି ସୁରେନ ଶତପଥୀ କଂଗ୍ରେସ ବିଚାରଧାରା ସହିତ ଆମେ ଲୋକଙ୍କ ଅଧିକାର ଏବଂ ସମସ୍ୟାର ସମାଧାନ ପାଇଁ ତୃଣମୂଳ ସ୍ତରରେ କାର୍ଯ୍ୟ କରିବୁ ବୋଲି ନିଜ ବକ୍ତବ୍ୟରେ କହିଥିଲେ। ଏଠାରେ ସଂଘର ଉପସଭାପତି ଡକ୍ଟର ଯତୀନ ଦିଗାଳ, ଦେବୀ ପ୍ରସାଦ ମିଶ୍ର, ସଂଯୋଜକ ରାଜକିଶୋର ସାହୁ, ଅମିତ ମହନ୍ତ, ବାବୁ ଦଳବେହେରା ମଞ୍ଚାସୀନ ଥିଲେ।

**ବ୍ରାହ୍ମଣୀରେ ବନ୍ୟା**

## ରାସ୍ତା ଉପରେ କୁମ୍ଭୀର



ଆଳି, ୩୧।୭(ସମିସ): ବ୍ରାହ୍ମଣୀ ନଦୀରେ ବନ୍ୟା ଯୋଗୁଁ କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ୍ କୋଳିଡିହ ପଞ୍ଚାୟତର ବିଜୟନଗର, ତଅାଁଳାଡିଆ, ଦିନିଆରୀ, ଇଚ୍ଛାପୁର, ଜାମୁଦଣ୍ଡା ଗ୍ରାମର ଲୋକେ ଜଳବନ୍ଦୀ ଅବସ୍ଥାରେ ରହିଛନ୍ତି। ଏପରି ଅବସ୍ଥାରେ ସେମାନଙ୍କୁ କୁମ୍ଭୀର ଭୟ ଘାରିବାରେ ଲାଗିଛି। ଆଜି ସଂଧ୍ୟାରେ କିଛି ଲୋକ ଇଚ୍ଛାପୁର ରାସ୍ତାର ମଙ୍ଗଳା ମନ୍ଦିର ନିକଟରେ ଏକ ବଉଳା କୁମ୍ଭୀର ଭାସୁଥିବା ଦେଖିବା ପରେ ସ୍ଥାନୀୟ ଅଞ୍ଚଳରେ ଆତଙ୍କର ବାତାବରଣ ଖେଳିଯାଇଛି। ଫଳରେ ଗ୍ରାମବାସୀ ଭୟରେ ପଦାକୁ ବାହାରୁ ନାହାନ୍ତି।

ସୂଚନାନୁଯାୟୀ, ଗ୍ରାମର ମୁଖ୍ୟ ରାସ୍ତା ଉପରେ ୫ଫୁଟ୍ ଉଚ୍ଚର ପାଣି ପ୍ରବାହିତ ହେଉଥିବା ବେଳେ ଗ୍ରାମବାସୀ ଇଚ୍ଛାପୁର ରାସ୍ତା ଦେଇ ଯାତାୟାତ କରୁଥିଲେ। ଜଳସ୍ତର ବୃଦ୍ଧି ପାଇବା ହେତୁ ଉକ୍ତ ରାସ୍ତାର କିଛି ସ୍ଥାନ ବୁଡ଼ିଯାଇ ରାସ୍ତା ଉପରେ ପାଣି ପ୍ରବାହିତ ହେଉଛି। ବୁଡ଼ିଯାଇଥିବା ସେହି ସ୍ଥାନ ମଧ୍ୟରୁ ମଙ୍ଗଳା ମନ୍ଦିର ନିକଟରେ ଆଜି ସନ୍ଧ୍ୟାରେ ଏକ ବଉଳା କୁମ୍ଭୀର ଭାସୁଥିବା କିଛି ଲୋକ ଦେଖିବାକୁ ପାଇଥିଲେ। ସାଧାରଣତଃ ବନ୍ୟାଜଳ ସହ କୁମ୍ଭୀର ଜନବସତି ଆଡ଼କୁ ଚାଲିଆସିବାର ପୂର୍ବରୁ ବହୁ ନଜିର ରହିଛି। ଉଲ୍ଲେଖଯୋଗ୍ୟ, ଗତ ମାସରେ ତଅାଁଳାଡିହା ଗ୍ରାମର କୈଳାସ ମହାନ୍ତିଙ୍କ ପତ୍ନୀ କାଜଲ ମହାନ୍ତି (୪୦) ଖରସ୍ରୋତା ନଦୀ ସଂଲଗ୍ନ ତଅାଁଳାଡିହା ପାନିଆଯୋରକୁ ଗାଧୋଇବାକୁ ଯାଇଥିବା ବେଳେ ତାଙ୍କୁ ଏକ କୁମ୍ଭୀର ଆକ୍ରମଣ କରିଥିଲା ଏବଂ ସେଥିରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା।

■ ଏକ୍ ପେଡ୍ ମା କେ ନାମ୍-୨.୦

## ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନରେ ରାଜ୍ୟରେ ଲାଗିବ ୭୫ ଲକ୍ଷ ଗଛ

■ ଅଭିଯାନର ଦ୍ୱିତୀୟ ସଂସ୍କରଣରେ ୭.୫ କୋଟି ବୃକ୍ଷରୋପଣ ଲକ୍ଷ୍ୟ

■ ଜଳବାୟୁ ଉପଯୋଗୀ ବୃକ୍ଷ ରୋପଣ ପାଇଁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ

ଭୁବନେଶ୍ୱର,୩୧।୭(ସମିସ): ଆସନ୍ତା ସେପ୍ଟେମ୍ବର ୧୭ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୭୫ତମ ଜନ୍ମଦିନରେ ରାଜ୍ୟ ସରକାର ୭୫ ଲକ୍ଷ ଗଛ ଲଗାଇବେ। 'ଏକ୍ ପେଡ୍ ମା କେ ନାମ୍' ଅଭିଯାନ ଅଧୀନରେ ଏହି ରେକର୍ଡ ସଂଖ୍ୟକ ଗଛ ଲାଗିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଛନ୍ତି। ଗୁରବାର ଲୋକସେବା ଭବନରେ ଅଭିଯାନ ସମ୍ପର୍କରେ ଏକ ପ୍ରସ୍ତୁତି ବୈଠକରେ ଅଧ୍ୟକ୍ଷତା କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ 'ଏକ୍ ପେଡ୍ ମା କେ ନାମ୍' କାର୍ଯ୍ୟକ୍ରମ ଏକ ଜନଆନ୍ଦୋଳନରେ ପରିଣତ ହୋଇଛି। ଗତବର୍ଷ ଏହି କାର୍ଯ୍ୟକ୍ରମରେ ଓଡ଼ିଶା ତା'ର ଲକ୍ଷ୍ୟ ଅତିକ୍ରମ କରି ୬.୭୨ କୋଟି ଗଛ ଲଗାଇ ସାରା ଦେଶରେ ଚତୁର୍ଥ ସ୍ଥାନ ଅଧିକାର କରିଥିଲା। ଏ ବର୍ଷ ୭.୫ କୋଟି ଗଛ ଲଗାଇବାର ଲକ୍ଷ୍ୟ ରଖାଯାଇଛି। ଏବର୍ଷ କେବଳ ଗୋଟିଏ ଦିନ (ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନ)ରେ ୭୫ ଲକ୍ଷ ଗଛ ଲାଗିବ, ଯାହା ଏକ ରେକର୍ଡ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। କେବଳ ଗଛ ଲଗାଇଦେଲେ ହେବ ନାହିଁ; ଏହି ଗଛକୁ କିଭଳି ଉତ୍ତମ ଭବିଷ୍ୟତ ମିଳିବ ତା'ର ମଧ୍ୟ ଦାୟିତ୍ୱ ନେବା ଆବଶ୍ୟକ ବୋଲି ମତ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ବୃକ୍ଷରୋପଣ ପରେ ଏହାର ରକ୍ଷଣାବେକ୍ଷଣ ଓ ଯତ୍ନ ପାଇଁ ପ୍ରତ୍ୟେକ ସରକାରୀ କର୍ମଚାରୀ ଏବଂ ଜନସାଧାରଣ ଦାୟିତ୍ୱବାନ ହେବା ଆବଶ୍ୟକ। ବିଶେଷକରି ଜିଲ୍ଲାମାନଙ୍କରେ ଜଳବାୟୁ ଉପଯୋଗୀ ବୃକ୍ଷରୋପଣ ଜରୁରୀ ଅଟେ। କାର୍ଯ୍ୟକ୍ରମର ବ୍ୟାପକ ପ୍ରଚାରପ୍ରସାର ପାଇଁ ମୁଖ୍ୟମନ୍ତ୍ରୀ ସୂଚନା ଓ ଲୋକସମ୍ପର୍କ ବିଭାଗକୁ ନିର୍ଦ୍ଦେଶ ଦେବା ସହ ଉତ୍ତମ ପ୍ରଦର୍ଶନ କ୍ଷେତ୍ରରେ ବ୍ୟକ୍ତିଗତ ଓ ଗୋଷ୍ଠୀଗତ ସ୍ତରରେ ପୁରସ୍କାର ବ୍ୟବସ୍ଥା କରାଯିବା ପାଇଁ ପରାମର୍ଶ ଦେଇଥିଲେ। ବୈଠକରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗଙ୍କ ସମେତ ବିଭିନ୍ନ ବିଭାଗର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

## ଆଜିଠୁ ଖୋଲିବ ଭିତରକନିକା




ରାଜନଗର,୩୧।୭(ସମିସ): ବିଶ୍ୱପ୍ରସିଦ୍ଧ ଭିତରକନିକା ଜାତୀୟ ଉଦ୍ୟାନ ଆସନ୍ତାକାଲିଠାରୁ ଦେଶବିଦେଶର ପର୍ଯ୍ୟଟକଙ୍କ ପାଇଁ ଖୋଲିବ। ବଉଳା କୁମ୍ଭୀରଙ୍କ ପ୍ରଜନନ ଋତୁ ପାଇଁ ପ୍ରତିବର୍ଷ ମେ' ୧ରୁ ଜୁଲାଇ ୩୧, ଦୀର୍ଘ ୩ ମାସ ଧରି ଭିତରକନିକା ବନ୍ଦ ରହିଥାଏ। ପର୍ଯ୍ୟଟକଙ୍କ ଭିତରକନିକାରେ ପ୍ରବେଶ ଉପରେ କଟକଣା ଥାଏ। ଆଜି ଏହି ଅବଧି ସରିଯାଉଥିବାରୁ ଆସନ୍ତାକାଲିଠାରୁ ଏହି ଜାତୀୟ ଉଦ୍ୟାନକୁ ଖୋଲାଯିବ। ଏଥିପାଇଁ ବନବିଭାଗ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି।

ଭିତରକନିକା ମଧ୍ୟକୁ ପ୍ରବେଶ କରିବାକୁ ପର୍ଯ୍ୟଟକଙ୍କ ପାଇଁ ପରିଚୟପତ୍ରକୁ ବାଧ୍ୟତାମୂଳକ କରାଯାଇଛି। ପର୍ଯ୍ୟଟକ ଗୁପ୍ତି, ଚାନ୍ଦବାଲି, ଖୋଲା ଓ ଡାଙ୍ଗମାଳ ପ୍ରଭୃତି ୪ଟି ପ୍ରବେଶ ପଥ ଦେଇ ଭିତରକନିକାକୁ ପ୍ରବେଶ କରିପାରିବେ। ପର୍ଯ୍ୟଟକମାନେ ଜଳପଥରେ ବଉଳା କୁମ୍ଭୀର, ଦେଶୀ ଓ ବିଦେଶୀ ପକ୍ଷୀ, ହରିଣ, ବାର୍‌ହା, ସମ୍ବର, ଝିଙ୍କ ଆଦି ନାନା ପଶୁପକ୍ଷୀ ଓ ମ୍ୟୁଜିୟମ ଦେଖିବା ସହ ବନବିଭାଗ ପକ୍ଷରୁ ନିର୍ମାଣ ହୋଇଥିବା ପ୍ରଥମ ସ୍କାଏ ୱାକ୍ ବ୍ରିଜ, ୱାଚ୍ ଟାୱାର, ସେଲ୍‌ଫି ପଏଣ୍ଟ, ମ୍ୟାନଗ୍ରୁଭ ମେଟା ନର୍ସରୀ, ବୋଟ ଲାଇବ୍ରେରୀ, ସହିଦ ସ୍ତମ୍ଭ, କୁମ୍ଭୀର ପ୍ରଜନନ କେନ୍ଦ୍ର ଆଦି ଦେଖିପାରିବେ। ଯନ୍ତ୍ରଚାଳିତ ବୋଟ୍ ସହ ବନବିଭାଗ ପକ୍ଷରୁ ଡାଙ୍ଗମାଳ ଓ ଗୁପ୍ତିଠାରେ ଥିବା ଫାଇବର୍ ବୋଟ୍‌ରେ ମଧ୍ୟ ପର୍ଯ୍ୟଟକ ବୁଲି ଭିତରକନିକାର ନୈସର୍ଗିକ ଶୋଭା ଉପଭୋଗ କରିପାରିବେ। ଚଳିତବର୍ଷ ଭିତରକନିକାକୁ ସମ୍ପୂର୍ଣ୍ଣ ଭାବେ ପଲିଥିନ୍‌ମୁକ୍ତ କରାଯାଇଛି। ପର୍ଯ୍ୟଟକ ପଲିଥିନ୍ ଓ ପ୍ଲାଷ୍ଟିକ୍ ସାମଗ୍ରୀ ଜାତୀୟ ଉଦ୍ୟାନ ମଧ୍ୟକୁ ନ ଆଣିବା ପାଇଁ ବନ ବିଭାଗ ପକ୍ଷରୁ ନିବେଦନ କରାଯାଇଛି।

## ସ୍ତନ୍ୟପାନ କେବଳ ବ୍ୟକ୍ତିଗତ ପସନ୍ଦ ନୁହେଁ; ଏକ ସାମାଜିକ ଦାୟିତ୍ୱ

**ଆଜିଠୁ ବିଶ୍ୱ ସ୍ତନ୍ୟପାନ ସପ୍ତାହ ଆରମ୍ଭ**




ଭୁବନେଶ୍ୱର,୩୧।୭(ସମିସ): ସ୍ତନ୍ୟପାନ କେବଳ ବ୍ୟକ୍ତିଗତ ପସନ୍ଦ ନୁହେଁ; ଏହା ଏକ ସାମାଜିକ ଦାୟିତ୍ୱ। ମା' କ୍ଷୀର ସେବନ ଦ୍ୱାରା ୨୨ ପ୍ରତିଶତ ନବଜାତ ଶିଶୁମୃତ୍ୟୁ ହାର ରୋକାଯାଇପାରିବ ବୋଲି ୟୁନିସେଫ୍ ଓଡ଼ିଶା ପୋଷଣ ବିଶେଷଜ୍ଞ ସୌରଭ ଭଟ୍ଟାଚାର୍ଯ୍ୟ କହିଛନ୍ତି। ଆସନ୍ତାକାଲି (ଅଗଷ୍ଟ ୧)ଠାରୁ ୭ ତାରିଖ ପର୍ଯ୍ୟନ୍ତ ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳନ ଅବସରରେ ଗୁରୁବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର ଏବଂ ୟୁନିସେଫ୍ ସହଯୋଗରେ ଆୟୋଜିତ କର୍ମଶାଳାରେ ଶ୍ରୀ ଭଟ୍ଟାଚାର୍ଯ୍ୟ ବିଶ୍ୱ ଓ ରାଜ୍ୟ ସ୍ତରରେ ସ୍ଥାୟୀ ସ୍ତନ୍ୟପାନ ସହାୟତା ବ୍ୟବସ୍ଥା ସୃଷ୍ଟି ପାଇଁ ଆବଶ୍ୟକ ରଣନୀତି ଉପରେ ଆଲୋଚନା ଅବସରରେ ସେ ଏହା କହିଛନ୍ତି।

ଶ୍ରୀ ଭଟ୍ଟାଚାର୍ଯ୍ୟ କହିଛନ୍ତି, ମା'ମାନଙ୍କ ଅସୁବିଧାକୁ ଦୂର କରିବା ଏବଂ ସେମାନଙ୍କ ଶିଶୁମାନଙ୍କୁ ସର୍ବୋତ୍ତମ ପୋଷଣ ଦେବା ପାଇଁ ମାତୃତ୍ୱ ସୁରକ୍ଷାଠାରୁ ଆରମ୍ଭ କରି ଉପଯୁକ୍ତ ମାର୍ଗଦର୍ଶନ ଏବଂ ସାମୁଦାୟିକ ସଚେତନତା ପର୍ଯ୍ୟନ୍ତ ଦୃଢ଼ ସମର୍ଥନ ବ୍ୟବସ୍ଥାର ଆବଶ୍ୟକତା ରହିଛି। ଏନ୍‌ଏଫ୍‌ଏଚ୍‌ଏସ୍-୫ ଅନୁଯାୟୀ, ଓଡ଼ିଶାରେ ୬୮.୫% ଶିଶୁ ଜନ୍ମର ପ୍ରଥମ ଘଣ୍ଟା ମଧ୍ୟରେ ସ୍ତନ୍ୟପାନ କରନ୍ତି, ଯାହାକି ଜାତୀୟ ହାର ୪୧.୮ % ଅପେକ୍ଷା ବହୁତ ଅଧିକ। ସେହିପରି ରାଜ୍ୟରେ ୬ ମାସରୁ କମ୍ ବୟସର ୭୨.୯% ଶିଶୁ ସ୍ୱତନ୍ତ୍ର ସ୍ତନ୍ୟପାନ କରନ୍ତି, ଯାହ ଜାତୀୟ ହାର ୬୩.୭% ଅଧିକ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ପରିବାର କଲ୍ୟାଣ ନିର୍ଦ୍ଦେଶିକା ଡ. ରାଜଶ୍ରୀ ପଟ୍ଟନାୟକ ଚଳିତବର୍ଷର ବିଷୟବସ୍ତୁ 'ସ୍ତନ୍ୟପାନରେ ନିବେଶ, ଭବିଷ୍ୟତ ପାଇଁ ନିବେଶ' ଉପରେ ଆଲୋଚନା କରି କହିଥିଲେ ଯେ, ସ୍ତନ୍ୟପାନକୁ ପ୍ରାଥମିକତା ଦେବା କେବଳ ସ୍ୱାସ୍ଥ୍ୟ ପାଇଁ ନିଷ୍ପତ୍ତି ନୁହେଁ; ଏହା ଆମ ଶିଶୁମାନଙ୍କ ଏବଂ ଆଗାମୀ ପିଢ଼ି ପାଇଁ ଏକ ସୁସ୍ଥ ଓ ସୁଦୃଢ଼ ଭବିଷ୍ୟତ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ନିବେଶ। ଏଥିପାଇଁ କେବଳ ମା' ନୁହେଁ; ବରଂ ପରିବାରର ମୁଖ୍ୟ ସଦସ୍ୟଙ୍କ ସହଯୋଗର ଆବଶ୍ୟକତା ରହିଛି। ପ୍ରତି ପରିବାରରେ ନବଜାତ ଶିଶୁଙ୍କୁ ଅନ୍ତତଃ ୬ମାସ ପର୍ଯ୍ୟନ୍ତ ସ୍ତନ୍ୟପାନ କରାଇବା ପାଇଁ ସଚେତନତା କାର୍ଯ୍ୟକ୍ରମ କରାଯାଉଥିଲେ ବି ଏଥିପ୍ରତି ମା' ମାନସିକ ସ୍ତରରେ ଯତ୍ନବାନ ହେବା ଉଚିତ୍ ବୋଲି ସେ କହିଥିଲେ।

ଆଲୋଚନାରେ ଅଂଶଗ୍ରହଣ କରି ଶିଶୁ ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ଡ. ଆଦିତ୍ୟ ମହାପାତ୍ର ମା' ଓ ଶିଶୁ ଉଭୟଙ୍କ ପାଇଁ ସ୍ତନ୍ୟପାନର ଗୁରୁତ୍ୱ ଉପରେ ବକ୍ତବ୍ୟ ରଖି କହିଥିଲେ ଯେ ସ୍ତନ୍ୟପାନ ଶିଶୁ ପାଇଁ ପ୍ରଥମ ଟିକା ଭାବେ କାର୍ଯ୍ୟ କରେ, ଯାହା ସଂକ୍ରମଣରୁ ସୁରକ୍ଷା ଦେଇ ଶିଶୁର ସୁସ୍ଥ ବିକାଶ ସୁନିଶ୍ଚିତ କରିବା ସହ ମା'ମାନଙ୍କୁ ମଧ୍ୟ ନିର୍ଦ୍ଦିଷ୍ଟ ରୋଗରୁ ସୁରକ୍ଷା ପ୍ରଦାନ କରେ। ପୋଷଣ ଯୁଗ୍ମ ନିର୍ଦ୍ଦେଶକ ଡ. ସ୍ମୃତିଜିତ୍ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ଶେଷଭାଗରେ ଏକ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଗୋଟିଏ ସ୍ୱର୍ଗରଥ ଭରସାରେ ଚାଲିଛି ପିଆର୍‌ଏମ୍‌ରେ ସେବା

# ଶବ ନେବାକୁ ଅପେକ୍ଷା କରିବାକୁ ପଡୁଛି ୨୪ ଘଣ୍ଟା







ବାରିପଦା, ୩୧।୭ (ସମିସ)

ମିଥ୍ୟା ପ୍ରତିଶ୍ରୁତିରେ ପ୍ରଲୋଭିତ ହୋଇ ମୟୂରଭଞ୍ଜବାସୀ ଗତ ସାଧାରଣ ନିର୍ବାଚନରେ ବିଜେପିକୁ ବିପୁଳ ଭୋଟଦେଇ ସମସ୍ତ ବିଧାୟକ, ସାଂସଦଙ୍କୁ ବିଜୟୀ କରିଥିଲେ। ହେଲେ ଏକବର୍ଷ ପରେ ସବୁଠାରୁ ବଡ ବିଫଳତା ସ୍ୱାଦ ଚାଖୁଛନ୍ତି ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ। ପୂର୍ବ ବିଜେଡି ସରକାର ସମୟରେ ଜିଲ୍ଲାବାସୀଙ୍କୁ ଉନ୍ନତ ସ୍ୱାସ୍ଥ୍ୟ ସେବା ଯୋଗାଇବା ପାଇଁ ପିଆରଏମ ମେଡ଼ିକାଲ କଲେଜ ଏବଂ ହସ୍ପିଟାଲର ସ୍ଥାପନ କରାଯାଇଥିଲା; କିନ୍ତୁ ସରକାର ବଦଳିବା ପରେ ତାହା ଦିନକୁ ଦିନ ନିଜ ଲକ୍ଷ୍ୟ ସାଧନରୁ ଦୂରେଇ ହେଉଛି। ରୋଗୀ ସେବା ବ୍ୟବସ୍ଥାରେ ବିଭିନ୍ନ ସମସ୍ୟା ଦେଖା ଯାଉଥିବା ବେଳେ ବର୍ତ୍ତମାନ ଗୋଟିଏ ସ୍ୱର୍ଗ ରଥ ଗାଡି ଭରସାରେ ଚାଲିଛି ପିଆରଏମ ହସ୍ପିଟାଲ। ଏହି ହସପିଟାଲ ଉପରେ ମୟୂରଭଞ୍ଜ ସମେତ ପୋଡ଼ଶୀ ପଶ୍ଚିମବଙ୍ଗ, ଝାରଖଣ୍ଡ ଆଦି ଅଞ୍ଚଳର ଲୋକେ ନିର୍ଭରଶୀଳ। ଉପଖଣ୍ଡର ପ୍ରାୟତଃ ମୃତଦେହଗୁଡ଼ିକର ବ୍ୟବଚ୍ଛେଦ ଏଠାରେ ହୋଇଥାଏ। କିନ୍ତୁ ଏହାପରେ ମୃତଦେହ ଘରକୁ ନେବା ପାଇଁ ସ୍ୱର୍ଗରଥ ଗାଡି ଅଭାବ ସମସ୍ୟା ସୃଷ୍ଟି କରିଛି। କାରଣ ବର୍ତ୍ତମାନ ଗୋଟିଏ ଗାଡିରେ ହିଁ ସେବା ଚାଲିଛି। ପୂର୍ବରୁ ୨ଟି ଥିବାବେଳେ ଗୋଟିଏ ଅଚଳ ହୋଇଛି। ଏଠାରେ ଥିବା ସ୍ୱର୍ଗ ରଥ ଗାଡିଟି କେବଳ ପୌର ପରିଷଦର ସେବା ଯୋଗାଉଛି। ଜିଲ୍ଲାର ବିଭିନ୍ନ ସ୍ଥାନକୁ ଯାଇ ମୃତଦେହ ଘର ଲୋକଙ୍କୁ ହସ୍ତାନ୍ତର କରି ଆସିବା ବେଳକୁ ବିଳମ୍ବ ହେଉଛି। ଏଣୁକରି ଅନ୍ୟ ଏକ ମୃତଦେହ ସମୟରେ ନେବାକୁ ଅସୁବିଧା ପରିଲକ୍ଷିତ ହେଉଛି। ପ୍ରାୟତଃ ମୃତଦେହ ନେବାକୁ ଲୋକଙ୍କୁ ଅଧା ଦିନ କିମ୍ବା ଗୋଟିଏ ଦିନ ମଧ୍ୟ ଅପେକ୍ଷା କରିବାକୁ ପଡୁଛି। ତେଣୁକରି ଲୋକେ ମୃତଦେହକୁ ଘରକୁ ନେଇ ଶବ ସତ୍କାର କରିବାକୁ ବାଧ ହୋଇ ଘରୋଇ ଗାଡ଼ିରେ ନେବାକୁ ବାଧହେଉଛନ୍ତି ସମ୍ପର୍କୀୟ। ଏହାର ସୁଯୋଗ ନେଇ ଘରୋଇ ଗାଡି ମାଲିକମାନେ ଅଧିକ ଟଙ୍କା ଭଡା ମାଗୁଛନ୍ତି। ବାରିପଦା ସଦର ଥାନା ଅନ୍ତର୍ଗତ ଶ୍ୟାମାଖୁଣ୍ଟା ବ୍ଲକର ଦୁଧିଆଶୋଳ ଗ୍ରାମର ଅଜୁ କାଳନ୍ଦୀଙ୍କ ସାପ କାମୁଡାରେ ହସ୍ପିଟାଲରେ ଚିକିତ୍ସିତ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ପିଆରଏମରେ ବ୍ୟବଚ୍ଛେଦ ହେବାପରେ ମୃତଦେହ ଘରକୁ ନେବା ପାଇଁ ସ୍ୱର୍ଗ ରଥ ଗାଡି ମିଳିନଥିଲା। ସ୍ୱର୍ଗରଥ ଗାଡି ଅନ୍ୟ ଏକ ମୃତଦେହ ଶୁକ୍ଳି ଅଞ୍ଚଳକୁ ଛାଡିବା ପାଇଁ ଯାଇଥିଲା। ତାହା ଆସି ପହଞ୍ଚିବାକୁ ଅଧା ଦିନ ସମୟ ଲାଗିବ। ହସ୍ପିଟାଲ ପକ୍ଷରୁ ଅନ୍ୟ କୌଣସି ସୁବିଧା ନ ଥିବାରୁ ଶେଷରେ ତାଙ୍କ ପରିବାର ଘରୋଇ ଗାଡିରେ ନେବାକୁ ବାଧ ହୋଇଥିଲେ। ଏନେଇ ପିଆରଏମ ହସ୍ପିଟାଲର ଅଧକ୍ଷ ଡା. ରବୀନ୍ଦ୍ର କୁମାର ମିଶ୍ରଙ୍କ ଦୃଷ୍ଟି ଆକର୍ଷଣ କରାଯିବାରୁ ଏହି ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି। ତେବେ ସ୍ୱାସ୍ଥ୍ୟ ସେବା ଏକ ଗୁରୁତ୍ୱପୂର୍ଣ୍ଣ ସେବା ହୋଇଥିବା ବେଳେ ଏ ବାବଦରେ ରାଜ୍ୟ ସରକାର କିମ୍ବା ଜିଲ୍ଲାର ସାଂସଦ ଓ ବିଧାୟକଙ୍କ ପାଟି ଖୋଲୁନାହିଁ। ଫଳରେ ଜିଲ୍ଲାର ସ୍ୱାସ୍ଥ୍ୟ ସେବା ଭୁଶୁଡ଼ି ପଡ଼ିଛି।

### ଅଧିକ ଟଙ୍କା ଦେଇ ଘରୋଇ ଗାଡ଼ିରେ ମୃତଦେହ ନେଉଛନ୍ତି ସମ୍ପର୍କୀୟ

## କାର୍ ଓ ବାଇକ୍‌କୁ ଧକ୍କାଦେଲା ଆଳୁ ବୋଝେଇ ଅଟୋ; ୨ ଆହତ



**ଉଦଳା, ୩୧।୭ (ସମିସ):** ଉଦଳା-ବାରିପଦା ୧୯ନଂ. ରାଜ୍ୟ ରାଜପଥ ନିକଟ ସୁନାପାଳ ପୋଲଠାରୁ କିଛି ଦୂରରେ ଗୁରୁବାର ଏକ ଆଳୁ ବୋଝେଇ ଅଟୋ କାର୍ ଏବଂ ବାଇକକୁ ଧକ୍କା ଦେବାରୁ ଦୁଇଜଣ ଆହତ ହୋଇଛନ୍ତି। ପ୍ରତ୍ୟକ୍ଷଦର୍ଶୀଙ୍କ ମୁତାବକ ଦ୍ରୁତଗତିରେ ଆସୁଥିବା ଅଟୋଟି କାରକୁ ଧକ୍କା ଦେବାରୁ ଦୁଇଟି ଯାକ ବେଲୁନ ବାହାରି ଯିବା ସହିତ ସମ୍ମୁଖଭାବ ଚୁରମାର ହୋଇଯାଇଛି। ପରେ ଅଟୋଟି ଏକ ବାଇକକୁ ଧକ୍କା ଦେଇଥିଲା। ଉଦଳାରୁ ଏକ ଅଟୋ ଆଳୁ ବୋଝେଇ କରି ଦ୍ରୁତଗତିରେ ଆସୁଥିବା ବେଳେ ନିଶାସକ୍ତ ଅବସ୍ଥାରେ ଚାଳକ ନିୟନ୍ତ୍ରଣ ହରାଇ ବାରିପଦା ପଟୁ ଆସୁଥିବା ଏକ କାରକୁ ଧକ୍କା ଦେଇଥିଲା। ଫଳରେ କାରଟି ଓଲଟି ପଡ଼ିଥିଲା। ଏହି ସମୟରେ ଜଣେ ବାଇକ ଚାଳକ ଦୁର୍ଘଟଣାରେ ଆହତ ହୋଇଛନ୍ତି। ଏହାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ଦେଖାଦେଇଥିଲା। ପୁଲିସ ପହଞ୍ଚି ଆହତଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଛି। ପୁଲିସ ଗାଡିଗୁଡିକୁ ଜବତ କରିଛି।

## ପୋଖରୀରୁ ଯୁବକଙ୍କ ମୃତଦେହ ଉଦ୍ଧାର

**ମୋରଡା, ୩୧।୭ (ସମିସ):** ମୋରଡା ଥାନା ଅଧୀନ କୋହି ପଞ୍ଚାୟତ ବାଲିଆଡ଼ିପା ଗାଁ ପୋଖରୀରୁ ଗୁରୁବାର ଜଣେ ଯୁବକଙ୍କ ମୃତଦେହକୁ ଜବତ କରିଛି ପୁଲିସ। ମୃତକ ଯୁବକ ହେଲେ ଲଖିରା ମୁର୍ମୁ। ସେ ବୁଧବାର ଅପରାହ୍ନରେ ପୋଖରୀକୁ ଗାଧୋଇବାକୁ ଯାଇ ଆଉ ଘରକୁ ଫେରି ନଥିଲେ। ତେବେ ଲଖିରାଙ୍କ ପୋଷାକ ପୋଖରୀ ଆଡିରେ ପଡ଼ିଥିବାରୁ ଗ୍ରାମବାସୀ ସନ୍ଦେହକରି ଖୋଜାଖୋଜି କରଥିଲେ ମଧ୍ୟ ପାଇନଥିଲେ। ଗୁରୁବାର ସକାଳେ ଦମକଳ ବାହିନୀ ଖୋଜାଖୋଜି କରିଥିଲେ ମଧ୍ୟ ଲଖିରାଙ୍କୁ ପାଇ ନଥିଲେ। କିନ୍ତୁ କିଛି ସମୟପରେ ଲଖିରାଙ୍କ ମୃତଦେହ ପାଣିରେ ଭାସୁଥିବା ଦେଖି ଲୋକେ ପୁଲିସକୁ ଖବର ଦେଇଥିଲେ। ପରେ ପୁଲିସ ପହଞ୍ଚି ଶବକୁ ଜବତ କରି ବାରିପଦା ପଠାଇଛି।

## କଳମା ପୀଡ଼ିତାଙ୍କୁ ଭେଟିଲେ କଂଗ୍ରେସ ପ୍ରତିନିଧି ଦଳ



**ବେତନଟୀ, ୩୧।୭ (ସମିସ):** ଦୀର୍ଘ ଦିନ ଧରି ଜଣେ ମହିଳା ନିଜର ହକ୍ ପାଇବା ପାଇଁ ବାରମ୍ବାର ଗୁହାରି କରି ନିରାଶ ହୋଇଛନ୍ତି। ମଙ୍ଗଳବାର ବାରିପଦା ଆରକ୍ଷୀ ଅଧୀକ୍ଷକଙ୍କୁ ଦ୍ୱିତୀୟ ବାର ସାକ୍ଷାତ କରି ୧୫ ଦିନ ମଧ୍ୟରେ ନ୍ୟାୟ ନ ମିଳିଲେ କାର୍ଯ୍ୟାଳୟ ଆଗରେ ଆତ୍ମାହୁତି ଦେବେ ବୋଲି ଚେତାବନୀ ଦେବା ପରେ ପ୍ରଶାସନ ଚଳଚଞ୍ଚଳ ହୋଇଛି। ବିଭିନ୍ନ ଗଣମାଧ୍ୟମ ଏବଂ ସୋସିଆଲ ମିଡିଆରେ ଏହି ଖବର ପ୍ରସାରିତ ହେବା ପରେ ଜିଲ୍ଲା କଂଗ୍ରେସର ପ୍ରତିନିଧି ଦଳ ବୁଧବାର ପୀଡିତାଙ୍କ କଳମାସ୍ଥିତ ଘରେ ପହଞ୍ଚି ଘଟଣା ସମ୍ପର୍କରେ ପଚାରି ବୁଝିଥିଲେ। କଂଗ୍ରେସ ଜିଲ୍ଲା ସଂଯୋଜକ ଅରବିନ୍ଦ ଦାସ, ମହିଳା ସଭାପତି ସସ୍ମିତା ଘୋଷାଲ, ରାଜ୍ୟ ଛାତ୍ର ସାଧାରଣ ସମ୍ପାଦକ ମୋତି ପ୍ରକାଶ ଦାଶ, ବେତନଟୀ ବ୍ଲକ ସଭାପତି କୁଶଧର ବେହେରା, ଜିଲ୍ଲା ଓବିସି ସଭାପତି ଦିଲ୍ଲୀପ ନାୟକ ପ୍ରମୁଖ ତାଙ୍କ ଘରେ ପହଞ୍ଚିଥିଲେ। ଏକ ଘରୋଇ କଳିକୁ ନେଇ ଅପରପକ୍ଷର ଏତଲା କ୍ରମେ ବୈଶିଙ୍ଗା ଥାନା ଅଧିକାରୀ ବାରିଣୀ ଦାସ ତାଙ୍କୁ ଜେଲ ପଠାଇଥିଲେ ବୋଲି ଅନସୂୟା ଜେନା ପ୍ରକାଶ କରିଛନ୍ତି। ରାଜନୈତିକ ଚାପରେ ତାଙ୍କର ମାମଲା ୧୫୫ /୨୫କୁ ପୁଲିସ ବିଚାରକୁ ନ ନେଇ କୌଣସି କାର୍ଯ୍ୟାନୁଷ୍ଠାନ ନେଇ ନ ଥିବା ଦର୍ଶାଇଥିଲେ।

## ଏସ୍‌ଡିପିଓ ଅଫିସ ସମ୍ମୁଖରୁ ଚୋରି ଉଦ୍ୟମ; ସିସି ଟିଭିରେ ଫଟୋ କଏଦ




**ବାରିପଦା, ୩୧।୭ (ସମିସ):** ବାରିପଦା ସହରରେ ଚୋରି ଓ ଛିନତାଇ ନିୟମିତ ଘଟଣା ହେଲାଣି। ଫଳରେ ପୁଲିସକୁ ଚୋର ସିଧାସଳଖ ଚ୍ୟାଲେଞ୍ଜ ଦେଉଛନ୍ତି। ବୁଧବାର ବିଳମ୍ବିତ ରାତିରେ ବାରିପଦା ଷ୍ଟେସନବଜାର ନିକଟ ସଦର ପୁଲିସ ଏସଡିପିଓଙ୍କ କାର୍ଯ୍ୟାଳୟ ସମ୍ମୁଖରୁ ଚୋରି ଉଦ୍ୟମ ହୋଇଛି। ଯାହାକି ସିସି ଟିଭି କ୍ୟାମେରାରେ ଫଟୋ କଏଦ ହୋଇଛି। ଚୋରି ସମୟର ସିସି ଟିଭିରେ କଏଦ ଉକ୍ତ ଭିଡ଼ିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ବୁଧବାର ବିଳମ୍ବିତ ରାତିରେ ଚୋର ଜଣକ ସେଠାରେ ଥିବା ଏକ ହୋଲସେଲର ଗୋଦାମ ଓ ସଂଲଗ୍ନ ଘରକୁ ପ୍ରବେଶ କରିବାକୁ ଚେଷ୍ଟା କରିଥିଲା। ତେବେ କୌଣସି ମତେ ଗୋଦାମ ଗୃହର ସମ୍ମୁଖ ଫାଟକ ଖୋଲିପାରିନଥିଲା। ଫଳରେ ଚୋରି ଉଦ୍ୟମ ବିଫଳ ହୋଇଥିଲା। ଏହାପରେ ସମ୍ମୁଖରେ ଥିବା ଏକ ମିନି ଟ୍ରକର କାଚକୁ ପଥରରେ ବାଡେଇ ଭାଙ୍ଗିଥିଲା। ଟ୍ରକରୁ ଚୋରି କରିବାକୁ ଉଦ୍ୟମ କରିଥିବା ବେଳେ ସେଥିରେ ମଧ୍ୟ ବିଫଳ ହୋଇଥିଲା। କିନ୍ତୁ ଟ୍ରକ ଭିତରେ ଥିବା ସରଞ୍ଜାମ ଚୋରିକରି ପଳାଇଥିଲା ଚୋର। ଚୋରି କରିବାର ସମସ୍ତ ଭିଡ଼ିଓ ସିସି ଟିଭିରେ କଏଦ ହୋଇଛି। ବିଳମ୍ବିତ ରାତିରେ କିଛି ଗାଡି ମୋଟର ଚଳାଚଳ କରୁଥିବା ବେଳେ ଏସଡିପିଓ କାର୍ଯ୍ୟାଳୟ ସମ୍ମୁଖରେ ରାସ୍ତା ଉପରେ ଜଣେ ଚୋରି ଉଦ୍ୟମ କରିଛି। ପୁଲିସର ପାଟ୍ରୋଲିଂ ଢିଲା ଯୋଗୁଁ ଚୋରି ବଢ଼ିବାରେ ଲାଗିଛି।

## ଡିଭାଇନରେ ରାମଟେକ୍ ସଫ୍ଟୱେୟାର ସଲ୍ୟୁସନର କ୍ୟାମ୍ପସ୍ ଚୟନ




**ବାରିପଦା, ୩୧।୭ (ସମିସ):** ଉତ୍ତର ଓଡ଼ିଶାର ଅଗ୍ରଣୀ ବୈଷୟିକ ଶିକ୍ଷାନୁଷ୍ଠାନ ଡିଭାଇନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲଜିରେ ୩୧ ତାରିଖରେ ହାଇଦ୍ରାବାଦସ୍ଥିତ ରାମଟେକ୍ ସଫ୍ଟୱେୟାର ସଲ୍ୟୁସନ ପକ୍ଷରୁ କ୍ୟାମ୍ପସ୍ ଚୟନ ପ୍ରକ୍ରିୟା ଅନୁଷ୍ଠିତ ହୋଇଯାଇଛି। ଏହା ଚଳିତ ଶିକ୍ଷାବର୍ଷର ସପ୍ତମ କ୍ୟାମ୍ପସ। ଯେଉଁଥିରେ ଡିଭାଇନରୁ ପାସ୍ କରିଥିବା ସିଭିଲ୍ ଏବଂ ଇଲେକ୍ଟ୍ରିକାଲ୍ ଆଣ୍ଡ ମେକାନିକାଲ୍ (ଇଏଣ୍ଡଏମ୍) ବ୍ରାଞ୍ଚର ୬ ଜଣ ଚାକିରି ପାଇବା ପାଇଁ ଯୋଗ୍ୟ ବେବେଚିତ ହୋଇଛନ୍ତି। ରାମଟେକ ସଫ୍ଟୱେୟାର୍ ସଲ୍ୟୁସନର ପ୍ରଶାସନିକ ଅଧିକାରୀ ସନ୍ଦୀପକୁମାର ଜେନା ଡିଭାଇନ୍ ଛାତ୍ରଛାତ୍ରୀଙ୍କ ବ୍ୟକ୍ତିଗତ ସାକ୍ଷାତକାର ନେଇଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ ଇଂ ବିପ୍ଳବ ଭଞ୍ଜନ ବୁଗୁଡେଇ ଏହି ଚୟନ ପ୍ରକ୍ରିୟାରେ ଖୁସି ବ୍ୟକ୍ତ କରିବା ସହ ଯୋଗ୍ୟ ବିବେଚିତ ହୋଇଥିବା ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଚଳିତ ଶିକ୍ଷା ବର୍ଷରେ ଶତକଡା ୧୦୦ ଛାତ୍ରଛାତ୍ରୀ ଚାକିରି ପାଇବାର ଆଶା ରଖିଛନ୍ତି ଅନୁଷ୍ଠାନର ନିର୍ଦ୍ଦେଶକ। ଏ ସମସ୍ତ ପ୍ରକ୍ରିୟାରେ ଅନୁଷ୍ଠାନର ଅଧକ୍ଷ୍ୟ ଇଂ ଅଭିନ୍ନ କୁମାର ଦାସ, ବିଶ୍ୱ ରଞ୍ଜନ ମହାନ୍ତ, ଇଂ ଯାଜ୍ଞାସେନୀ ଦେଓ ଏବଂ ଇଂ ଅମିଶା ଅଗସ୍ତି ପ୍ରମୁଖ ଦାୟିତ୍ୱ ତୁଲାଇଥିଲେ।

## ୨ରେ ପିଏମ୍ କିଷାନର ୨୦ତମ କିସ୍ତି; ଉପକୃତ ହେବେ ଜିଲ୍ଲାର ୨ ଲକ୍ଷ ଚାଷୀ

**ବାରିପଦା, ୩୧।୭ (ସମିସ):** ପିଏମ କିଷାନର ୨୦ତମ କିସ୍ତି ଶନିବାର ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଆଭାସୀ ମାଧ୍ୟମରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଦାନ କରାଯିବ। କୃଷି ବିଜ୍ଞାନ କେନ୍ଦ୍ର ଏବଂ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ଅଡିଟୋରିୟମ ହଲ ଓ ଶ୍ୟାମାଖୁଣ୍ଟା ସ୍ଥିତ କୃଷି ବିଜ୍ଞାନ କେନ୍ଦ୍ର କାର୍ଯ୍ୟାଳୟ ପରିସରରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଗତ ୨୦୨୪ ଡିସେମ୍ବର ମୟୂରଭଞ୍ଜ ଜିଲ୍ଲାର ୨ଲକ୍ଷ ୨୩ ହଜାର ୭୯୧ଜଣ ଚାଷୀଙ୍କୁ ୧୯ତମ କିସ୍ତି ଟଙ୍କା ପ୍ରଦାନ କରାଯାଇଥିଲା। ଏଥର ତାଠାରୁ ଅଧିକ ଚାଷୀଙ୍କ ବ୍ୟାଙ୍କ ଖାତାକୁ ସିଧାସଳଖ ଟଙ୍କା ଯିବ। ଏହି କାର୍ଯ୍ୟକ୍ରମର ସିଧା ପ୍ରସାରଣରେ ଜିଲ୍ଲାର ଚାଷୀଗଣ ଦେଖିପାରିବା ନେଇ ଉଭୟ ସ୍ଥାନରେ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି।

### ଗୁହାଳଡାଙ୍ଗିରି ଲ୍ୟାମ୍ପସର ନାହିଁ ନିଜସ୍ୱ ଗୃହ

## ପଞ୍ଜୀକରଣ ପାଇଁ ଚାଷୀ ଯାଉଛନ୍ତି ଗୋରୁମହିଷାଣି

**ରାଇରଙ୍ଗପୁର, ୩୧।୭ (ସମିସ):** ମୟୂରଭଞ୍ଜ ଜିଲ୍ଲାର ଉପାନ୍ତ ଅଞ୍ଚଳ ଗୁହାଳଡାଙ୍ଗିରୀ ପଞ୍ଚାୟତର ଚାଷୀମାନେ ୧୨କିମି ଦୂର ଗୋରୁମହିଷାଣିଠାରେ କାର୍ଯ୍ୟ କରୁଥିବା ଲ୍ୟାମ୍ପ୍ସରେ ନାମ ପଞ୍ଜୀକରଣ, ମଣ୍ଡିରେ ଧାନ ବିକ୍ରି, ସାର, କୀଟନାଶକ ଆଦି ଦେଣନେଣ କରୁଛନ୍ତି। ଗୁହାଳଡାଙ୍ଗିରୀ ପଞ୍ଚାୟତରେ ନିଜସ୍ୱ ଘର ନ ଥିବାରୁ ଏଠାକାର ଲ୍ୟାମ୍ପ୍ସଟି ଗୋରୁମହିଷାଣିରେ କାର୍ଯ୍ୟ କରୁଛି। ଫଳରେ ଚାଷୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥିସହିତ ପାହାଡିଆ ଦୁର୍ଗମ ଅଞ୍ଚଳ ଯୋଗୁଁ ସବୁ ଗାଁକୁ ରାସ୍ତା ନ ଥିବାରୁ ଚାଷୀ ହନ୍ତସନ୍ତ ହେଉଛନ୍ତି। ଗୁହାଳଡାଙ୍ଗିରିଠାରେ ନୂତନ ଗୃହ ନିର୍ମାଣ ପାଇଁ ଜିଲ୍ଲାପାଳଙ୍କୁ ୩ ବର୍ଷ ପୂର୍ବରୁ ବାମନଘାଟି ଉପଜିଲ୍ଲାପାଳଙ୍କ ଜନଶୁଣାଣି ଶିବିରରେ ସରପଞ୍ଚ ବିଶୁ ମୁଣ୍ଡାଙ୍କ ନେତୃତ୍ୱରେ ସମିତି ସଭ୍ୟା ଭବାନୀ ନାୟକ, ନାଏବ ସରପଞ୍ଚ ସେମାନ୍ତି ହେମ୍ବ୍ରମ, ୱାର୍ଡ ସଭ୍ୟ/ସଭ୍ୟା ବୁଦୁନୀ ନାଏକ, ଗଙ୍ଗାମଣି ଗିରି, ପ୍ରମିଳା ନାଏକ, ପ୍ରମିଳା ନାୟକ, ଦେଶାଇ ନାଏକ, ରଶ୍ମି ବିନ୍ଧାଣି, ଘାସିରାମ ମାଝୀ, ପମା ମାର୍ଣ୍ଡି, ସିଂଗୋ ମିର୍ଦ୍ଧା, ସରୋଜ କୁମାର ମୁଣ୍ଡାରୀ ପ୍ରମୁଖ ଜିଲ୍ଲାପାଳଙ୍କୁ ସାକ୍ଷାତ କରି ଏ ସମ୍ପର୍କରେ ଅବଗତ କରାଇଥିଲେ। ତିନି ମାସ ଭିତରେ ସମାଧାନ ହେବ ବୋଲି ଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଏ ଯାଏ କୌଣସି ପଦକ୍ଷେପ ନିଆଯାଇନାହିଁ। ଗୁହାଳଡାଙ୍ଗିରିଠାରେ ଲ୍ୟାମ୍ପସ ନାଁରେ ଖାତା ନମ୍ବର-୩୨୫, ପ୍ଲଟ ନମ୍ବର-୮୫୩ରେ ୧୭ ଡେସିମିଲ ଜାଗା ରହିଛି। ତୁରନ୍ତ ଏହି ଜାଗା ଉପରେ ସମବାୟ ସମିତିର ନୂତନ ଗୃହ ନିର୍ମାଣ କରାଯାଇ କାର୍ଯ୍ୟକ୍ଷମ କରାଯାଉ ବୋଲି ଚାଷୀ ଦାବି କରିଛନ୍ତି। ତେଣୁ ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ଲୋକେ ନିବେଦନ କରିଛନ୍ତି।




## ଜିଲ୍ଲାସ୍ତରୀୟ ଏଡ୍‌ସ କୁଇଜ୍ ପ୍ରତିଯୋଗିତା | ସ୍ୱାଧୀନ ଓ ଅଭିନବ ରାଜ୍ୟସ୍ତରକୁ ମନୋନୀତ




ବାରିପଦା, ୩୧।୭ (ସମିସ)

ମୟୂରଭଞ୍ଜ ଜିଲ୍ଲା ଏଡ୍‌ସ ନିୟନ୍ତ୍ରଣ ଏବଂ ପ୍ରତିକାର କକ୍ଷ ତରଫରୁ ଜିଲ୍ଲାସ୍ତରୀୟ ଏଡ୍‌ସ ସମ୍ବନ୍ଧୀୟ ଏକ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାର ୨୬ଟି ବ୍ଲକରୁ ପ୍ରଥମ ହୋଇଥିବା ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ଏଡ଼ସ ନିୟନ୍ତ୍ରଣ ସମିତିର ପରିଚାଳିକା ରଶ୍ମିତା ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା କିଶୋର କୁମାର ଆଚାର୍ଯ୍ୟ ଯୋଗଦେଇ ସଚେତନତା ସୃଷ୍ଟି ଉପରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ବିଭିନ୍ନ କବିତା ମାଧ୍ୟମରେ ସଚେତନତା ସୃଷ୍ଟି ପାଇଁ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଶାରୀରିକ ଶିକ୍ଷା ଅଧିକାରୀ ଭାଗିରଥି ମଲ୍ଲିକ, ଜେଆରସି ରାଜ୍ୟ ସାଧନ କର୍ମୀ ଡ ରମାକାନ୍ତ ମହାନ୍ତ ପ୍ରମୁଖ ଉପସ୍ଥିତ ରହି ମତବ୍ୟକ୍ତ ରଖିଥିଲେ। ଜିଲ୍ଲା ଜୁନିୟର ରେଡ୍‌କ୍ରସ୍ ଅଧିକାରୀ ସ୍ମୃତି ରଞ୍ଜନ ପାଣି ସ୍ୱାଗତ ଅଭିଭାଷଣ ଦେଇଥିଲେ। ପ୍ରତିଯୋଗିତାରେ ରାଜ୍ୟସ୍ତରକୁ ୨ ଜଣ ମନୋନୀତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ପ୍ରଥମ ସ୍ଥାନ ଓଏଭି ଶୁଳିଆପଦାର ସ୍ୱାଧୀନ ଭାରତ ଦାସ, ଦ୍ୱିତୀୟ ଓଏଭି ବେତନଟି ଅଭିନବ ଲେଙ୍କା, ସରକାରୀ ଉଚ୍ଚ ବିଦ୍ୟାଳୟ ଅସନା ବିଶୋଇର ସେଲିନା ପଣ୍ଡା ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ୬୦୦ ଟଙ୍କା ଲେଖାଏଁ ପୁରସ୍କାର, ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ବୈକୁଣ୍ଠନାଥ ସାଲ ଧନ୍ୟବାଦ ଅର୍ପଣ କରିଥିଲେ।



ଡଙ୍ଗାପାଣି ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷାଦାନ ବିପର୍ଯ୍ୟସ୍ତ

# ଗୋଟିଏ କୋଠରିରେ ୬ଟି ଶ୍ରେଣୀର ବିଦ୍ୟାର୍ଥୀ





ରାଇରଙ୍ଗପୁର, ୩୧।୭ (ସମିସ): ଆଦିବାସୀ ବହୁଳ ଜିଲ୍ଲା ମୟୂରଭଞ୍ଜ ଦୁର୍ଗମ ଅଞ୍ଚଳରେ ପୁଣି ସାମ୍ନାକୁ ଆସିଲା ଶିକ୍ଷାର ଏକ ବିକଳ ଚିତ୍ର। ଗୋଟିଏ ଶ୍ରେଣୀ ଗୃହରେ ବ୍ଲାକ ବୋର୍ଡକୁ ଦୁଇ ଶିକ୍ଷକ, ଗୋଟିଏ ଶେଣୀ ଗୃହରେ ୬ଟି ଶ୍ରେଣୀର ୫୦ରୁ ଅଧିକ ବିଦ୍ୟାର୍ଥୀ ପଢ଼ୁଛନ୍ତି। ଏଭଳି ପରିସ୍ଥିତିରେ କିଭଳି ପାଠପଢ଼ା ହେଉଛି ତାହା ସହଜରେ ଅନୁମେୟ। ଏଭଳି ଏକ ଚିତ୍ର ଦେଖିବାକୁ ମିଳିଛି ବାମନଘାଟି ଉପଖଣ୍ଡ କାର୍ଯ୍ୟାଳୟରୁ ୪୦କିମି ରାଇରଙ୍ଗପୁର ଗୋଷ୍ଠୀଶିକ୍ଷା ବିଭାଗ ଅଧୀନରେ ଥିବା ଗୁହାଳଡାଙ୍ଗରି ଗ୍ରାମପଞ୍ଚାୟତ ଡଙ୍ଗାପାଣି ପ୍ରାଥମିକ ବିଦ୍ୟାଳୟରେ। ଏହି ସ୍କୁଲରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। କିନ୍ତୁ ଗୋଟିଏ କୋଠରୀରେ ୫୦ରୁ ଅଧିକ ପିଲା ବସି ପଢ଼ୁଛନ୍ତି। ଫଳରେ ପ୍ରାକ ଶିକ୍ଷାରୁ ବଞ୍ଚିତ ହେଉଛନ୍ତି ଛାତ୍ରଛାତ୍ରୀ ବୋଲି ଗ୍ରାମର ଉମେଶ ନାଏକ, ରିମା ମାଝୀ, ଶିବ ନାଏକ, ଶିକ୍ଷକ ଜଗନ୍ନାଥ ଦାସ ପ୍ରମୁଖ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷେ ଗୁଣାତ୍ମକ ଶିକ୍ଷା ପାଇଁ ବିଦ୍ୟାଳୟରେ ବାଲବାଟିକା ବିଭାଗ ମଧ୍ୟ ସାମିଲ କରାଯାଇଛି। ତେବେ ଦୀର୍ଘ ବର୍ଷ ପୂର୍ବରୁ ଗୋଟିଏ ଶ୍ରେଣୀଗୃହ ନିର୍ମାଣ ହୋଇଥିବା ବେଳେ ତାହା ଏବେ ବିପଦସଂକୁଳ ଅବସ୍ଥାରେ ରହିଛି। ଏଥିସହିତ ବିଦ୍ୟାଳୟରେ ରହିଥିବା ରୋଷେଇ ଗୃହରେ ମଧ୍ୟ ପାଣି ପଡୁଥିବା ଅଭିଯୋଗ ହୋଇଛି।

ବିପାଶାଙ୍କ ନିଆରା ହସ୍ତକଳା କାରିଗର

# ଫେନ୍‌ସି ଫଟୋ ଓ ଜଗନ୍ନାଥଙ୍କ ରାକ୍ଷୀ ପାଇଁ ଚର୍ଚ୍ଚିତ



ବଡସାହି, ୩୧।୭ (ସମିସ): ଆସନ୍ତା ଅଗଷ୍ଟ ୮ ତାରିଖରେ ରାକ୍ଷୀ ପୂର୍ଣ୍ଣମୀ। ଏହି ପବିତ୍ର ଦିନରେ ନିଜ ଭାଇ ହାତରେ ରକ୍ଷା ବନ୍ଧନ ବାନ୍ଧିବା ପାଇଁ ଭଉଣୀ ତତ୍ପର। ତେଣୁ ପ୍ରତିବର୍ଷ ଭାଇ ହାତରେ ସୁନ୍ଦର, ଆକର୍ଷଣୀୟ ଓ ନୂଆ ଡିଜାଇନର ରାକ୍ଷୀଟିଏ ବାନ୍ଧିବା ପାଇଁ ଭଉଣୀମାନେ ନିଜ ନିଜ ପ୍ରୟାସରେ ଥାଅନ୍ତି। ତେଣୁ ବର୍ତ୍ତମାନର ସୋସିଆଲ ମିଡିଆ ସେମାନଙ୍କ ଚାହିଦାକୁ ମେଣ୍ଟାଇବା ପାଇଁ ଏକ ମାଧ୍ୟମ ପାଲଟିଛି। ଫେନ୍‌ସୀ ଫଟୋ ରାକ୍ଷୀର ଚାହିଦା ଚଳିତ ବର୍ଷ ଅଧିକ ରହିଛି। ଦେଉଳିଆ ପଞ୍ଚାୟତର ଛାତ୍ରୀ ବିପାଶ ମହାପାତ୍ରଙ୍କ ନିଆରା ହସ୍ତକଳା କାରିଗରୀ ଚର୍ଚ୍ଚାର ବିଷୟ ହୋଇଛି। ଏ ନେଇ ତାଙ୍କ ନିକଟକୁ ବିଭିନ୍ନ ସ୍ଥାନରୁ ଅର୍ଡର ଆସିଥିବାର ସେ ପ୍ରକାଶ କରିଛନ୍ତି। ତାଙ୍କ ହାତ ତିଆରି ରାକ୍ଷୀ ନିଆରା ହୋଇଥିବାରୁ ଗ୍ରାହକଙ୍କ ଦ୍ୱାରା ବେଶ ଆଦୃତ ହୋଇଛି। ତାଙ୍କର ନିଶା ଜଗନ୍ନାଥଙ୍କ ଫଟୋଚିତ୍ର ଆଙ୍କିବା ହୋଇଥିବାବେଳେ କାନଫୁଲ, ରାକ୍ଷୀ, ଗ୍ରୀଟିଂସ କାର୍ଡ, ଫଟୋ ଫ୍ରେମ, ହାତ ତିଆରି ଅଳଙ୍କାର ଓ ଭାଲେଣ୍ଟାଇନ କାର୍ଡ, ଜନ୍ମଦିନ ଉପହାର ଓ ଗୃହ ଉପକରଣ ପ୍ରସ୍ତୁତ କରି ସେ ଚର୍ଚ୍ଚାରେ ରହିଛନ୍ତି। ନିଜର ପ୍ରିୟଜନ ତଥା ସାଙ୍ଗକୁ ଉପହାର ଦେବା ପାଇଁ ତାଙ୍କ ସାମଗ୍ରୀର ଚାହିଦା ମଧ୍ୟ ବଢୁଛି। ଏବେ ସେ ଇନଷ୍ଟାଗ୍ରାମରେ ଆର୍ଟ ଗ୍ୟାଲେରୀ ଓ ୟୁଟ୍ୟୁବରେ ଚ୍ୟାନେଲ ମାଧ୍ୟମରେ ମଧ୍ୟ ସେ ବେଶ ପରିଚିତ। ସିଜିନ ଅନୁସାରେ ଓ ଆବଶ୍ୟକତାକୁ ଦୃଷ୍ଟିରେ ରଖି ସେ ତାଙ୍କର ସାମଗ୍ରୀ ପ୍ରସ୍ତୁତ କରୁଥିବା ବେଳେ ଏହାକୁ ବିକ୍ରି କରି ସେ ସ୍ୱାବଲମ୍ବୀ ହୋଇପାରିଥିବା କହିଛନ୍ତି। ସେ +୨ ପରେ ଲାବୋରେଟୋରୀ ଟେକନିସିଆନରେ ସ୍ନାତକର ଶେଷ ବର୍ଷର ଛାତ୍ରୀ। ପାଠ ପଢ଼ିବା ସହିତ ପରିବାରକୁ ମଧ୍ୟ ସହଯୋଗ କରିଥାନ୍ତି।

## ଜାତୀୟ ରଗ୍‌ବୀ ପ୍ରି-କ୍ୟାମ୍ପରେ ଜିଲ୍ଲାର ୩ ଖେଳାଳି



ବାରିପଦା, ୩୧।୭ (ସମିସ): ଜାତୀୟ ରଗବୀ ଭାରତୀୟ ଦଳ ପ୍ରି-କ୍ୟାମ୍ପରେ ମୟୂରଭଞ୍ଜ ଜିଲ୍ଲାର ୩ ଜଣ ଖେଳାଳି ସ୍ଥାନ ପାଇଛନ୍ତି। ଏହି ଖେଳାଳିମାନେ ବୁଧବାର ଜିଲ୍ଲାପାଳ ହେମକାନ୍ତ ସଏଙ୍କୁ ଭେଟିଛନ୍ତି। ଅଗଷ୍ଟ ୧୦ରୁ ସେପ୍ଟେମ୍ବର ୧୭ ପର୍ଯ୍ୟନ୍ତ ପ୍ରି-କ୍ୟାମ୍ପ କଲିକତାର ସାଇ ନେତାଜୀ ସୁଭାଷ ଇଷ୍ଟର୍ଣ୍ଣ ସେଣ୍ଟରେ ଅନୁଷ୍ଠିତ ହେବ। ମୟୂରଭଞ୍ଜ ଜିଲ୍ଲାରୁ ୩ଜଣ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ସିନିୟର ବର୍ଗରେ ସନ୍ଧ୍ୟାରାଣୀ ଟୁଡୁ ଓ ସୁନିତା ହାଁସଦା ଏବଂ ଅଣ୍ଡର ୧୮ରେ ସୁମିତ୍ରା ମୁର୍ମୁ। ଏହି ଖେଳାଳିମାନେ ଚୀନରେ ସେପ୍ଟେମ୍ବର ୨୦ ଓ ୨୧ରେ ଆୟୋଜିତ ରଗବୀ ସିରିଜରେ ଯୋଗଦେବେ। ଯାହାକୁ ନେଇ ଜିଲ୍ଲାପାଳ ଖେଳାଳିଙ୍କ ସଫଳତା କାମନା କରିଛନ୍ତି। ବର୍ତ୍ତମାନ ୩ଜଣ ଖେଳାଳି ଫ୍ୟୁଚର ଷ୍ଟାର୍ ସ୍ପୋର୍ଟସ ଏକାଡେମୀରେ ପ୍ରଶିକ୍ଷଣ ନେଉଛନ୍ତି। ତାଙ୍କର ଏହି ସଫଳତା ପାଇଁ ମୟୂରଭଞ୍ଜ ଆଥଲେଟିକ ଆସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, ଜିଲ୍ଲା କ୍ରୀଡ଼ା ଶିକ୍ଷା ଅଧିକାରୀ ଭାଗିରଥୀ ମଲ୍ଲିକ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଶୁଭାଶିଷ ନାୟକ, ଓଡ଼ିଶା ରଗବୀ ଫୁଟବଲ୍ ସଂଘର ସମ୍ପାଦକ ଉପେନ୍ଦ୍ର କୁମାର ମହାନ୍ତି, ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା, ଡିଭାଇନ୍ ଅନୁଷ୍ଠାନର ନିର୍ଦ୍ଦେଶକ ବିପ୍ଲବଭଞ୍ଜନ ଭୁଗୁଡେଇ, ଫ୍ୟୁଚର ଷ୍ଟାର୍ ସ୍ପୋର୍ଟସ ଏକାଡେମୀର ନିର୍ଦ୍ଦେଶକ ଅମର କୁମାର ସେଠୀ, ଉପଦେଷ୍ଟା ସୋମନାଥ ସିଂହ, ମଙ୍ଗଲ ହାଁସଦା ସମେତ ବହୁ କ୍ରୀଡ଼ାବିତ ଅଭିନନ୍ଦନ ଜଣାଇଛନ୍ତି।

## କଲେଜ ସମସ୍ୟା ନେଇ 'ମାସା' ପକ୍ଷରୁ ଦାବିପତ୍ର



ରାଇରଙ୍ଗପୁର, ୩୧।୭ (ସମିସ): ମୟୂରଭଞ୍ଜ ଆଦିବାସୀ ଛାତ୍ର ସଂଗଠନ (ମାସା) ପକ୍ଷରୁ ରାଇରଙ୍ଗପୁର ମହାବିଦ୍ୟାଳୟ ବିଭିନ୍ନ ସମସ୍ୟା ନେଇ ୧୧ ଦଫା ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏହି କଲେଜ ଓଡ଼ିଶାର ପୁରାତନ ଶିକ୍ଷାନୁଷ୍ଠାନଭାବେ ପରିଚିତ। ଏଠାରେ ଅଧିକାଂଶ ଆଦିବାସୀ ଛାତ୍ରଛାତ୍ରୀ ପଢୁଛନ୍ତି। ସମ୍ପ୍ରତି ମହାବିଦ୍ୟାଳୟରେ ବିଭିନ୍ନ ପ୍ରକାର ସମସ୍ୟା ଦେଇ ଗତି କରୁଛି। ମହାବିଦ୍ୟାଳୟରେ ସାନ୍ତାଳୀ ସ୍ନାତକ, ୨୦୨୪-୨୫ ମସିହାର ବୃତ୍ତି, ପିଜି, ବିଏଡ୍, ବିଏ ଏଲଏଲବି ଆଦସ ସାମିଲ, ଲାଇବ୍ରେରୀ ପ୍ରତିଷ୍ଠା, ପୁରୁଣା ଅଜବେଷ୍ଟର କ୍ଲାସ୍ ରୁମ୍‌କୁ ଭାଙ୍ଗି ନୂତନ କୋଠାଘର, ପ୍ରବେଶ ଦ୍ୱାରକୁ ଭାଙ୍ଗି ନୂତନ ଫାଟକ ନିର୍ମାଣ, ବାଳକ କମନ ରୁମ, ଜିମ୍ ରୁମ ଆଦି ୧୧ଟି ଦାବି ନେଇ ମାସା ପକ୍ଷରୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି।

## ବ୍ଲକ୍‌ସ୍ତରୀୟ ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି ବୈଠକ

ବେତନଟୀ, ୩୧।୭ (ସମିସ): ବେତନଟୀ ବ୍ଲକସ୍ତରୀୟ ସ୍ୱାଧୀନତା ଦିବସ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଗୁରୁବାର ଏମପିସି ହାଇସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପରିଚାଳାନ କମିଟିର ସଭାପତି ଜୟନ୍ତ ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ପାଦକ ଚନ୍ଦ୍ରଶେଖର ବେରା, ସମ୍ମାନିତ ଅତିଥି ଭାବେ



ଏମପିସି ହାଇସ୍କୁଲ ପ୍ରଧାନଶିକ୍ଷକ ଅର୍ଜୁନ ସିଂ ସଭାକାର୍ଯ୍ୟକୁ ପରିଚାଳନା କରିଥିଲେ। ଆଗାମୀ ସ୍ୱାଧୀନତା ଦିବସ କିପରି ଶାନ୍ତିଶୃଙ୍ଖଳା ସହ ପାଳନ ହେବ ସେ ଦିଗରେ ବିଶେଷ ଭାବେ ଆଲୋଚନା କରାଯାଇଥିଲା। ଆସନ୍ତା ଅଗଷ୍ଟ ୮ ଶୁକ୍ରବାର ମହାରାଜା ପ୍ରତାପ ଚନ୍ଦ୍ର ଉଚ୍ଚ ବିଦ୍ୟାଳୟରେ ସିନିୟର, ଜୁନିଅର, ସବ ଜୁନିଅରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବ। ସ୍ୱାଧୀନତା ଦିବସ ପୂର୍ବରୁ ବିଦ୍ୟାଳୟର ଛାତ୍ରଛାତ୍ରୀ ପରେଡ ପ୍ରାକ୍ଟିସ ପାଇଁ ଅଗଷ୍ଟ ୧୨ ଓ ୧୩ ତାରିଖରେ ଅପରାହ୍ନ ୨ଟାରୁ ୪ଟା ପର୍ଯ୍ୟନ୍ତ ହେବାର ଧାର୍ଯ୍ୟ କରାଯାଇଛି। ବୈଠକରେ ବେତନଟୀ ବ୍ଲକର କର୍ମଚାରୀ, ଜଳ ବିଭାଗ, ଶିକ୍ଷା ବିଭାଗ, ବିଦ୍ୟୁତ ବିଭାଗ, ଥାନା, ଡାକ୍ତରଖାନା, ବନ କାର୍ଯ୍ୟାଳୟରୁ ଅଧିକାରୀ, ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟତ୍ରୀ, ସାମ୍ବାଦିକ, ବୁଦ୍ଧିଜୀବୀଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜାତୀୟ ଦିବସ ପାଳନ କମିଟି ପକ୍ଷରୁ ଅନୁପ ଦଣ୍ଡପାଟ, ସଞ୍ଜୟ ମତୁଆଲ, ଜନମନ ବେହେରା, ପ୍ରବୀର ବାରିକ, ଖେଳ ଶିକ୍ଷକ ସନ୍ତୋଷ କୁମାର ବେହେରା, ହରିଶ ଚନ୍ଦ୍ର ସାମଲ, ମନୋଜ ପଣ୍ଡା, ସତ୍ୟକାମ ପଣ୍ଡା, ପ୍ରଶାନ୍ତ ନାଥ, ଉଦିତ କୁମାର ପରିଡ଼ା, ପଦ୍ମମାଳି ମହିଳା ସମ୍ପାଦିକା ପ୍ରଭାତୀ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ସମ୍ପାଦକ ଚନ୍ଦ୍ରଶେଖର ବେରା ଧନ୍ୟବାଦ ଅର୍ପଣ କରିଥିଲେ।

## ମହିଷକୁଦର-ରାଧାନଗରବାଲି ପୋଲ ଉଚ୍ଚ ଦାବି



ରାଇରଙ୍ଗପୁର, ୩୧।୭ (ସମିସ): ଜାମଦା ବ୍ଲକ ମହିଷକୁଦର-ରାଧାନଗରବାଲି ଅଣଓସାରିଆ ପୋଲକୁ ଉଚ୍ଚ କରିବା ନିମନ୍ତେ ଅଞ୍ଚଳବାସୀ ଦାବି ଜଣାଇଛନ୍ତି। ବର୍ଷାଦିନେ ପାହାଡର ଉଛୁଳା ପାଣି ଏହି ପୋଲ ଉପରେ ପ୍ରବାହିତ ହେଉଛି। ଏହି ପୋଲ ନିଚ୍ଚା ଥିବାରୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଏ। ପ୍ରତିବର୍ଷ ପାହାଡର ପାଣି ଯୋଗୁଁ ଏହି ପୋଲ ଉପରେ ନିର୍ଭର କରୁଥିବା ଲୋକେ ନାନା ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ପୋଲ ଉପରେ ପାଣି ପ୍ରବାହିତ ହେଲେ ମହିଷକୁଦର- ରାଧାନଗର, ରଙ୍ଗମଟିଆ, ଘୁମାଲ ଆଦି ୭/୮ଟି ପଞ୍ଚାୟତର ଲୋକେ ଯାତାୟାତ କରିପାରନ୍ତି ନାହିଁ। ପୋଲ ଉପରେ ବନ୍ୟା ହେଲେ ସ୍କୁଲ ଛାତ୍ରଛାତ୍ରୀ, ସରକାରୀ ଓ ବେସରକାରୀ କର୍ମଚାରୀ ମଧ୍ୟ ହଇରାଣ ହରକତ ହୁଅନ୍ତି। ତେଣୁ ଗ୍ରାମ୍ୟ ଉନ୍ନୟନ ବିଭାଗ ଏହି ପୋଲକୁ ଉଚ୍ଚା କରିବାକୁ ସାଧାରଣରେ ଦାବି ହେଉଛି।

## ୬ ବର୍ଷ ହେଲାଣି ସରୁନି ଭୀମକାନ୍ଧା ପୋଲ ନିର୍ମାଣ

ରାଇରଙ୍ଗପୁର, ୩୧।୭ (ସମିସ): ମୟୂରଭଞ୍ଜ ଜିଲ୍ଲାର ଆଦିବାସୀ ଅଧ୍ୟୁଷିତ ପଛୁଆ ଅଞ୍ଚଳଭାବେ ପରିଚିତ ବିଜାତଳା ବ୍ଲକ ଅନ୍ତର୍ଗତ ଚଢେଇପାହାଡି ପଞ୍ଚାୟତ ଭୀମକାନ୍ଧା ଗ୍ରାମର ଶେଷ ମୁଣ୍ଡରେ ଏକ ପୋଲ ନିର୍ମାଣ ଚାଲିଛି; ହେଲେ ପୋଲ ଆରମ୍ଭ ହେବାର ଇତିମଧ୍ୟରେ ୬



ବର୍ଷ ବିତିଯାଇଥିଲେ ମଧ୍ୟ ଶେଷ ହୋଇନାହିଁ। ଫଳରେ ଲୋକେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେବେ ପୋଲ ନିର୍ମାଣ ହେଉଥିବା ସମ୍ପର୍କରେ କୌଣସି ସୂଚନା ଫଳକ ମଧ୍ୟ ଲଗାଯାଇନାହିଁ। ଫଳରେ ବିନା ସୂଚନା ଫଳକରେ କାମ ଚାଲିଥିବାରୁ ଲୋକେ କିଛି ଜାଣିପାରୁନାହାନ୍ତି। ଅଞ୍ଚଳବାସୀଙ୍କ ଦାବି ମୁତାବକ ଗତ ୨୦୧୯ ମସିହାରେ ପୋଲ ନିର୍ମାଣ ଆରମ୍ଭ ହୋଇଥିଲା। ଏହି ପୋଲ ନିର୍ମାଣ ଶେଷ ହେଲେ ସ୍ଥାନୀୟ ଲୋକେ ଗୋରୁମହିଷାଣି ବଜାରକୁ ସହଜରେ ଯିବାଆସିବା କରିପାରିବେ। ଏ ନେଇ ଚଢେଇପାହାଡି ପଞ୍ଚାୟତର ସମିତି ସଭ୍ୟା କୁନି ସର୍ଦ୍ଦାର ଦୁଇ ଥର ଜିଲ୍ଲାପାଳଙ୍କୁ ଦାବିପତ୍ର ଦେଇଛନ୍ତି; କିନ୍ତୁ ଜିଲ୍ଲାପାଳ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ନିର୍ଦ୍ଦେଶ ଦେବା ସତ୍ତ୍ୱେ କୌଣସି ଫଳ ମିଳୁନାହିଁ। ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ଅବମାନନା କରୁଛି ଗ୍ରାମ୍ୟ ଉନ୍ନୟନ ବିଭାଗ। ଅଞ୍ଚଳବାସୀ ବାରମ୍ବାର ପ୍ରଶାସନକୁ ଜଣାଇଥିଲେ ସୁଦ୍ଧା ପୋଲ ଶେଷ ହେଉ ନ ଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

## ସ୍ମୃତିରେ ରହିଯିବ; ଗପରେ ଶୁଣିବେ 'ଡାକବାକ୍ସ' କଥା

ମୋରଡ଼ା, ୩୧।୭ (ସମିସ): କଥାରେ ଅଛି 'ଚିଠି କେତେବେଳେ ଟିକି ଚଢ଼େଇ ସାଜି ଦୂର ଦେଶର ମଣିଷ ପାଖରେ ଡେଣା ଝାଡ଼ିଛି ତ ପୁଣି କେତେବେଳେ ଚିଠି ହର୍ଷ, ଉଲ୍ଲାସ, ବିଷାଦର ସୀମାରେଖା ଡେଇଁ ସମୟକୁ ସ୍ଥିର କରିପାରିଛି। ଚିଠି




କେବଳ ଇତି ଆଉ ଠିକଣାରେ ବାନ୍ଧିହୋଇ ରହିନି। କବିତା, ଗଜଲ, ଗପ ଗୀତର ତାଳେତାଳେ ଚିଠି ସଭିଙ୍କର ପସନ୍ଦର ମାଧ୍ୟମ ବି ସାଜିଛି। ତେବେ ଚିଠି, ଡାକବାଲାର ସାଇକଲ ଘଣ୍ଟିର ପ୍ରତିଧ୍ୱନି। ନାଲି ବାକ୍ସ ଭିତରେ ହଳଦିଆ କାଗଜର ସ୍ୟାହି ବୋଳା ଅକ୍ଷର ସବୁ ଚିଠିକୁ କରିଥାଏ ଜୀବନ୍ତ; ହେଲେ ସମୟକ୍ରମେ ହଜିଯିବାକୁ ବସିଲାଣି ଏଇ ଚିଠି ବାକ୍ସର କାୟାକଳ୍ପ। ଦିନ ଦିନ ଧରି ଫାଙ୍କା ତ ଆଉ କେଉଁଠି ଲୋପ ପାଇପାଇବାକୁ ମଧ୍ୟ ବସିଲାଣି। ଡିଜିଟାଲ ଯୁଗରେ ରାହା ଖୋଜୁଛି ସେ କାଳର ଚିଠି ବାକ୍ସ। ତେବେ ଏବେ ଡାକବାକ୍ସ କେବଳ ବ୍ୟାବସାୟିକ ଏବଂ ସରକାରୀ ଚିଠି କେବଳ ସାହାରା ପାଲଟିଛି। ଡାକବାଲା କଥା କହିଲେ ମନକୁ ଆସିଯାଏ ପୋଷ୍ଟମ୍ୟାନ ଏବଂ ତାଙ୍କ ହାତରେ ଥିବା ଚିଠି କଥା। ଯିଏ ଘରକୁ ଘର ବୁଲି ଚିଠି ବାଣ୍ଟୁଥାନ୍ତି। ସମୟ ସହ ମାଧ୍ୟମ ବଦଳିଥିଲେ ବି ଚିଠିର ସ୍ମୃତି ଲୋକଙ୍କ ମନରେ ଭିନ୍ନ ଏକ ଛାପ ଛାଡିଯାଇଛି। ଡାକବାକ୍ସ ପୂର୍ବରୁ ଏକମାତ୍ର ଖବର ପଠାଇବାର ମାଧ୍ୟମ ପାଲଟିଥିଲା। ଚାକିରି ଆବେଦନଠାରୁ ଆରମ୍ଭକରି ନିଯୁକ୍ତି ପତ୍ର ଆଦି ଚିଠି ମାଧ୍ୟମରେ ଅଧିକ ଛୁଟି ପାଇଁ ଆବେଦନ, ଏପରିକି ଦୂର ରାଇଜରୁ ପୁଅ କିମ୍ବା ଝିଅଟିଏ ପରିବାରକୁ ଭଲମନ୍ଦ କଥା ଲେଖି ପୋଷ୍ଟକାର୍ଡ ମାଧ୍ୟମରେ ଜଣାଉଥିଲେ; କିନ୍ତୁ ସମୟ ସହ ତାଳ ଦେଇ ସ୍ମାର୍ଟ ଫୋନ, ଇଣ୍ଟରନେଟ ଯୁଗରେ ଯୁବପିଢ଼ି ଡାକ ସେବାକୁ ଭୁଲି ଯାଇଛନ୍ତି। ପ୍ରତିଦିନ ଡାକ ବାକ୍ସ ଖୋଲିଲେ ଶହଶହ ଚିଠି ଡାକ କର୍ମଚାରୀଙ୍କ ହାତରେ ବାଜୁଥିଲା। ଚିଠିକୁ ସଜାଡିବା ପରେ ସାଇକଲରେ ଧରି ଗାଁକୁଗାଁ ବୁଲୁଥିଲା ଡାକବାଲା; କିନ୍ତୁ ଏବେ ଡାକବାକ୍ସ ଅଲୋଡା ହୋଇଯାଇଛି।

## 'ମା' ପାଇଁ ଗଛଟିଏ' କାର୍ଯ୍ୟକ୍ରମ

ବଡ଼ସାହି, ୩୧।୭ (ସମିସ): ବଡସାହି ବ୍ଲକ ଶାଳଗାଁ ଉଚ୍ଚ ବିଦ୍ୟାଳୟରେ ଫୋର୍ଡ଼ ନାଖରା ଓ ମେରା ଯୁବା ଭାରତ ଆନୁକୂଲ୍ୟରେ 'ମା' ପାଇଁ ଗଛଟିଏ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଫୋର୍ଡ଼ର ସନ୍ତୋଷ କୁମାର ଖଣ୍ଡା ସ୍ୱାଗତ ଭାଷଣ ଓ ଅତିଥି ଦେଇଥିଲେ। ଶାଳଗାଁ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସନ୍ତୋଷ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବନାଞ୍ଚଳ ଅଧିକାରୀ ମନୱାର ଖାନ, ଅଧ୍ୟାପକ ସୁବାସଚନ୍ଦ୍ର ମହାପାତ୍ର ମୁଖ୍ୟବକ୍ତା ଏବଂ ସମ୍ମାନିତ ଅତିଥିରୂପେ ଅବସରପ୍ରାପ୍ତ ଜେଲ ଅଧକ୍ଷ ସନ୍ତୋଷ କୁମାର ଦୁର୍ଗା, ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ସଂଯୋଜକ ନିହାର ସାମଲ ପ୍ରମୁଖ ଯୋଗଦେଇ ମା' ପାଇଁ ଗୋଟିଏ ଗଛ ଲଗାଇବା ପାଇଁ ପରାମର୍ଶ ଦେଇଥିଲେ। ଏହି ଅବସରରେ ମା' ପାଇଁ ଗଛଟିଏ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପରେ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ସହ ପୁରସ୍କାର ପ୍ରଦାନ କରାଯାଇଥିଲା। ଯୁବକ, ଯୁବତୀ ଛାତ୍ରଛାତ୍ରୀମାନେ ପରିବେଶ ସମ୍ପର୍କିତ ପ୍ଲାକାର୍ଡ ଧରି ଗାଁ ପରିକ୍ରମା କରିଥିଲେ। ପରେ ଅତିଥି ଓ ଯୁବ ଗୋଷ୍ଠୀଙ୍କ ଦ୍ୱାରା ଚାରାରୋପଣ କରାଯାଇଥିଲା। ଶେଷରେ ପ୍ରିୟଙ୍କା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ଆଶ୍ରମ ବିଦ୍ୟାଳୟରେ ପରିଚାଳନା କମିଟି-ଅଭିଭାବକ ବୈଠକ

କପ୍ତିପଦା, ୩୧।୭ (ସମିସ): ସରକାରୀ ନିର୍ଦ୍ଦେଶ ଅନୁସାରେ କପ୍ତିପଦା ବ୍ଲକ ଦେବଳା ଆଶ୍ରମ ସ୍କୁଲରେ ଗୁରୁବାର ପରିଚାଳନା କମିଟି, ଅଭିଭାବକ ଏବଂ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମୁଖ୍ୟ ଅତିଥି ଭାବେ ଉଦଳା ବିଧାୟକ ଭାସ୍କର ମଢ଼େଇ ଯୋଗଦେଇ ନୂତନ ଶିକ୍ଷା ନୀତି, ପ୍ରାଥମିକ ଶିକ୍ଷାର ଜଗତୀକରଣ ଓ ପ୍ରସାର ପାଇଁ ବାଲବାଟିକା, ମାଧେସିଂ ଛାତ୍ରବୃତ୍ତି ଯୋଜନା, ଗୋଦାବରୀଶ ମିଶ୍ର ଶିକ୍ଷା ଯୋଜନା ଆଦି ହାତକୁ ନିଆଯାଇଛି ବୋଲିକହିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଦେବଳା ସରପଞ୍ଚ ଭୀମ ଚରଣ ସିଂ, ବିଶିଷ୍ଟ ଅତିଥି ଭାବେ ସମାଜସେବୀ ପ୍ରଭାତ ପରିଡ଼ା, ସମ୍ମାନିତ ଅତିଥି ଭାବେ ବିଜୟ କୁମାର ସେନାପତି, ଯୁବ ସଂଗଠକ ଝୁନାଲ କୁମାର ମଢ଼େଇ ଯୋଗଦେଇ ଉପାଦେୟ ବ୍ୟକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରଧାନ ଶିକ୍ଷକ ଦୀପକ କୁମାର ଦଣ୍ଡପାଟ ସ୍ୱାଗତ ଭାଷଣ ଦେବା ସହିତ ବୈଠକର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଶିକ୍ଷକ ଲକ୍ଷ୍ମୀଧର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ମା'ପାଇଁ ଗଛଟିଏ ଅବସରରେ ଚାରାରୋପଣ କରାଯାଇଥିଲା।

ପ୍ରଶାସନ ପକ୍ଷରୁ ପ୍ରାକ୍ ପ୍ରସ୍ତୁତି ବୈଠକ

# ଅଗଷ୍ଟ ୨୭ରେ ଅଗ୍ନିବୀର ବାୟୁ ନିଯୁକ୍ତି ରାଲି




ବାରିପଦା, ୩୧।୭ (ସମିସ): ଭାରତୀୟ ବାୟୁ ସେନା ତରଫରୁ ଅଗଷ୍ଟ ୨୭ରୁ ସେପ୍ଟେମ୍ବର ୪ତାରିଖ ପର୍ଯ୍ୟନ୍ତ ବାରିପଦା ଛଉ ପଡ଼ିଆରେ ଅଗ୍ନିବୀରବାୟୁ ନିମନ୍ତେ ଏକ ନିଯୁକ୍ତି ରାଲି ଆୟୋଜିତ ହେବ। ଏ ନେଇ ଜିଲ୍ଲାପାଳ ହେମକାନ୍ତ ସଏଙ୍କ ଅଧ୍ୟକ୍ଷତାରେ ଏକ ପ୍ରାକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏସ୍‌ପି ବରୁଣ ଗୁଣ୍ଟୁପାଲ୍ଲି, ଗ୍ରୁପ କ୍ୟାପଟେନ ସଞ୍ଜୟ ପଟ୍ଟନାୟକ ତଥା ସମାଦେଶ ଅଧିକାରୀ ନବମ ବାୟୁସେନା ଚୟନ କେନ୍ଦ୍ର ଭୁବନେଶ୍ୱର, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମାନନ୍ଦ ବେହେରା ଓ ଜିଲ୍ଲା ଦକ୍ଷତା ବିକାଶ ଓ ନିଯୋଜନ ଅଧିକାରୀ ଆଶିଷ ବସନ୍ତିଆ ସମେତ ବାରିପଦା ଉପଜିଲ୍ଲାପାଳ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ, ବିଭିନ୍ନ ଥାନାର ଆଇଆଇସି, ସମସ୍ତ ପିଏଆଇଟିଡିଏ, ସହକାରୀ ଯନ୍ତ୍ରୀ ପୂର୍ତ୍ତ ବିଭାଗ, ଆଞ୍ଚଳିକ ପରିବହନ ଅଧିକାରୀ, ଜିଲ୍ଲା ମଙ୍ଗଳ ଅଧିକାରୀ, ଜିଲ୍ଲା କ୍ରୀଡା ଅଧିକାରୀ, ତହସିଲଦାର ବାରିପଦା, ଏସଡିପିଓ ବାରିପଦା, ଡିଏସପି ଡିଆଇବି, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, କାର୍ଯ୍ୟ ନିର୍ବାହୀ ଅଧିକାରୀ, ବାରିପଦା ପୌର ପାଳିକା, ଡେପୁଟି କଲେକ୍ଟର ନିଜାରତ ଓ ବିଭିନ୍ନ ମହାବିଦ୍ୟାଳୟର ଅଧକ୍ଷ ଓ ଅଧକ୍ଷା ଉପସ୍ଥିତ ଥିଲେ। ଭାରତୀୟ ବାୟୁ ସେନାରେ ଅଗ୍ନିବୀରବାୟୁ ପଦବୀ ପାଇଁ ଉଭୟ ପୁରୁଷ ଓ ମହିଳା ଆଶାୟୀ ପ୍ରାର୍ଥୀଙ୍କ ନିମନ୍ତେ ୩ଟି ପର୍ଯ୍ୟାୟରେ ନିଯୁକ୍ତି ରାଲି ଅନୁଷ୍ଠିତ ହେବ। ରାଲିରେ ଆସାମ, ଅରୁଣାଚଳ ପ୍ରଦେଶ, ତ୍ରିପୁରା, ମେଘାଳୟ, ମଣିପୁର, ମିଜୋରାମ, ନାଗାଲ୍ୟାଣ୍ଡ, ସିକ୍କିମ, ପଶ୍ଚିମ ବଙ୍ଗ, ଛତିଶଗଡ଼ ଓ ଝାଡ଼ଖଣ୍ଡ ସମେତ ଓଡ଼ିଶାର ସମସ୍ତ ଜିଲ୍ଲାର ଆଶାୟୀ ପ୍ରାର୍ଥୀ/ପ୍ରାର୍ଥିନୀ (ଯେଉଁମାନଙ୍କ ବୟସ ସାଢେ ୧୭ ବର୍ଷରୁ ୨୧ ବର୍ଷ ଭିତରେ ହୋଇଥବ ଏବଂ ଯୁକ୍ତ ଦୁଇ କିମ୍ବା ଆଇଟିଆଇ/ ଡିପ୍ଲୋମାରେ ଉତ୍ତୀର୍ଣ୍ଣ ହୋଇଥିବେ; ମାତ୍ର ଇଂରାଜୀରେ ସର୍ବନିମ୍ନ ୫୦ ପ୍ରତିଶତ ସହିତ ଏଗ୍ରିଗେଟରେ ୫୦ ପ୍ରତିଶତ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବେ) ନିଯୁକ୍ତି ନିମନ୍ତେ ନିର୍ଦ୍ଧାରିତ ମାନଦଣ୍ଡ ଯଥା ଶିକ୍ଷାଗତ ଯୋଗ୍ୟତା, ଶାରୀରିକ ଗଠନ ଇତ୍ୟାଦି ଭିତ୍ତିରେ ନିଯୁକ୍ତି ପାଇଁ ଅଂଶ ଗ୍ରହଣ କରିପାରିବେ। ଏଥିପାଇଁ କୌଣସି ପଞ୍ଜିକରଣ ଆବଶ୍ୟକତା ନାହିଁ। ନିଯୁକ୍ତି ରାଲି ପାଇଁ ଧାର୍ଯ୍ୟ ତାରିଖ, ସମୟ ଓ ସ୍ଥାନରେ ଆସି ଆଶାୟୀମାନେ ସିଧା ସଳଖ ଅଂଶ ଗ୍ରହଣ କରିପାରିବେ।

## ଶ୍ରୀଶ୍ରୀ ବଡ଼ମା'ଙ୍କ ୧୩୨ତମ ଜନ୍ମ ଦିବସ ପାଳନ


ଗୋରୁମହିଷାଣି, ୩୧।୭ (ସମିସ): ମୟୂରଭଞ୍ଜ ଜିଲ୍ଲା ଗୋରୁମହିଷାଣୀ ସତସଙ୍ଗ ବିହାରରେ ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ଲୀଳା ସଂଗନୀ ଶ୍ରୀ ଶ୍ରୀ ବଡ଼ମାଆଙ୍କ ୧୩୨ତମ ଜନ୍ମ ଦିବସ ପାଳିତ ହୋଇଯାଇଛି। ପ୍ରତ୍ୟୁଷରେ ଉଷା କୀର୍ତ୍ତନ ବେଦ ମାଙ୍ଗଳିକ ଗ୍ରନ୍ଥ ପାଠ ଉଷା ବିନତି ସହିତ ୮ଟା ୫୦ରେ ଜନ୍ମ ଲଗ୍ନ ଘୋଷଣା ହୋଇଥିଲା। ଅପରାହ୍ନରେ ଏକ ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ସାନ୍ଧ୍ୟ ୭ ଟାରେ ସତସଙ୍ଗ ସଦାଆଲୋଚନା ହୋଇଥିଲା। ଏଥିରେ ଅଧ୍ୟୁର୍ଯ୍ୟ ଆରନ୍ କଲେଜର ଅଧ୍ୟାପକ ଅନନ୍ତ କୁମାର ସ୍ୱାଇଁ ପରିଚାଳନା କରିଥିଲେ। ଅଧ୍ୟାପକ ପ୍ରଦୀପ କୁମାର ସାହୁ ତଥା ସାମ୍ବାଦିକ ଦୟାନିଧି ମହାକୁଡ ଶ୍ରୀଶ୍ରୀ ବଡମା'ଙ୍କ ଦିବ୍ୟ ଜୀବନୀ ଉପରେ ଆଲୋଚନା କରିଥିଲେ। ଅଧ୍ୟାପିକା ଭାରତୀ ମହାନ୍ତି, ଆୟୁଷ୍ମାନ ମଣ୍ଡଳ, ଶଶିକଳା ପଲେଇ, ସୁମିତ୍ରା ପଲେଇ, ରୋହିତ ନାଏକ ପ୍ରମୁଖ ଭଜନ କୀର୍ତ୍ତନ କରିଥିଲେ। ଶେଷରେ ଆନନ୍ଦ ବଜାରରେ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା।


କୃଷି ବିଜ୍ଞାନ କେନ୍ଦ୍ର, ମୟୂରଭଞ୍ଜ-୧

ପିଏମ କିଶାନର ୨୦ତମ କିସ୍ତି ଆସନ୍ତା ୨ ଅଗଷ୍ଟ ୨୦୨୫ ରେ ମାନନୀୟ ଯଶସ୍ୱୀ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଆଭାସି ମାଧ୍ୟମରେ ପ୍ରଦାନ କରାଯିବ। ଏହାର ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ କୃଷି ବିଜ୍ଞାନ କେନ୍ଦ୍ର ଏବଂ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହେବ ଏବଂ ସିଧା ପ୍ରସାରଣ ର ସୁବିଧା କୃଷି ବିଜ୍ଞାନ କେନ୍ଦ୍ର ପରିସରରେ କରାଯାଇଅଛି।

ସକାଳ
THE SAKALA

# ସମ୍ପାଦକୀୟ



ଯାହା କହି ହୁଏ ନାହିଁ କି ନ କହି ରହି ହୁଏ ନାହିଁ, ତାହା ସଙ୍ଗୀତ ମାଧ୍ୟମରେ ପରିପ୍ରକାଶ କରାଯାଇପାରେ।
-ଭିକ୍ଟର ହ୍ୟୁଗୋ

## ଇନ୍ଧନ-କୂଟ

ଦ୍ୱିତୀୟ ବିଶ୍ୱଯୁଦ୍ଧ ପରବର୍ତ୍ତୀ ବିଶ୍ୱ ବାଣିଜ୍ୟ ଏବଂ ଭୂ-ରାଜନୀତିର କେନ୍ଦ୍ରରେ ଆଧିପତ୍ୟ ବିସ୍ତାର କରି ଚାଲିଛି ଜୀବାଶ୍ମ ଇନ୍ଧନ। ଏଥିପାଇଁ ଉପସାଗରୀୟ ଉତ୍ତେଜନା ଓ ଅସ୍ଥିରତା ଲାଗି ରହିଛି ଏବଂ ଏକାଧିକ ଗୋଳାବାରୁଦ ଯୁଦ୍ଧ ମଧ୍ୟ ସଂଘଟିତ ହୋଇଛି। ଏହି ପୃଷ୍ଠଭୂମିରେ ରୁଷରୁ ସର୍ବାଧିକ ତୈଳ ଆମଦାନୀକାରୀ ରାଷ୍ଟ୍ର ଭାରତ ଉପରେ ଟ୍ରମ୍ପଙ୍କ ଆକ୍ରୋଶରେ ପଛରେ ଅଧିକ କାରଣ ଖୋଜିବାର ଆବଶ୍ୟକତା ନାହିଁ। ଯଦି ବିଶ୍ୱରେ ନିକଟ ଭବିଷ୍ୟତରେ କୌଣସି ବଡ଼ ଧରଣର ଯୁଦ୍ଧ ସଂଘଟିତ ହୁଏ ତେବେ ଜୀବାଶ୍ମ ଇନ୍ଧନ ପ୍ରମୁଖ କାରକ ହେବ ଏବଂ ଏଥିରେ ଆମେରିକାର ହିଁ ବଡ଼ ଭୂମିକା ରହିବ, ଏହାକୁ ଅସ୍ୱୀକାର କରିହେବ ନାହିଁ। ବିଗତ ଶତାବ୍ଦୀର ନବେଦଶକରୁ ଆରମ୍ଭ ହୋଇଥିବା ଆମେରିକାର ଇନ୍ଧନ-କୂଟ ଇରାକ୍ ଉପରେ ଗୁଳିଗୋଳା ଓ କ୍ଷେପଣାସ୍ତ୍ର ଆକ୍ରମଣର ରୂପ ନେଇଥିବା ବେଳେ ଚଳିତ ଶତାବ୍ଦୀରେ ଟାରିଫ୍-ଯୁଦ୍ଧରେ ପରିବର୍ତ୍ତିତ ହୋଇଛି। ଡୋନାଲ୍ଡ ଟ୍ରମ୍ପ ଆମେରିକାର ରାଷ୍ଟ୍ରପତି ରୂପେ ଦ୍ୱିତୀୟ ଥର କ୍ଷମତାସୀନ ହେବା ପରେ ଆମେରିକାର ଇନ୍ଧନ-କୂଟ ଆହୁରି ଆକ୍ରମଣାତ୍ମକ ଓ ନିର୍ଣ୍ଣାୟକ ହେଉଥିବା ଦେଖାଯାଉଛି।

ସୋଭିଏତ୍ ସଂଘର ପତନ ପରେ ଆମେରିକା ବିଶ୍ୱର ସର୍ବଶକ୍ତିମାନ ଅପ୍ରତିଦ୍ୱନ୍ଦ୍ୱୀ ରାଷ୍ଟ୍ର ହେବାର ସ୍ୱପ୍ନ ଦେଖିଥିଲା। କିନ୍ତୁ ଭ୍ଲାଦିମାର ପୁଟିନ୍‌ଙ୍କ ନେତୃତ୍ୱରେ ରୁଷ୍ ପୁଣି ନିଜକୁ ବିଶ୍ୱ ମହାଶକ୍ତି ରୂପେ ପ୍ରତିଷ୍ଠିତ କରିବା ସହିତ ଆମେରିକାର ସ୍ୱପ୍ନ ଅଧୁରା ରହିଗଲା। କୂଟନୈତିକ ପରାଜୟ ପରେ ଆମେରିକା ଏବେ ଅର୍ଥନୈତିକ କଟକଣା କୌଶଳ ରୁଷ୍ ବିରୋଧରେ ପ୍ରୟୋଗ କରି ଭୂରାଜନୀତିକୁ ପ୍ରଭାବିତ କରିବାକୁ ଚାହୁଁଛି। ଆମେରିକାର ଏହି ପରିବର୍ତ୍ତିତ ରୁଷ୍ ବିରୋଧୀ ରଣକୌଶଳରେ ୟୁକ୍ରେନ୍ ଅଜାଣତରେ ମୋହରା ହୋଇସାରିଛି। କିନ୍ତୁ ରୁଷ୍‌ର ଅର୍ଥନୀତି ଉପରେ ଏହାର ବିଶେଷ ପ୍ରଭାବ ପଡ଼ି ନଥିବା ଅନୁମାନ କରିବା ପରେ ଆମେରିକା ଇନ୍ଧନ-କୂଟ ପାଞ୍ଚିଛି ଏବଂ ରୁଷରୁ ଇନ୍ଧନ ନ କିଣିବା ପାଇଁ ଭାରତ, ଚୀନ୍, ୟୁରୋପ ସମେତ ଅନ୍ୟାନ୍ୟ ରାଷ୍ଟ୍ରଙ୍କୁ ଉଚ୍ଚା ଟାରିଫ୍ ଚେତାବନୀ ଦେଇଛି।

ରୁଷ-ୟୁକ୍ରେନ୍ ଯୁଦ୍ଧ ପୂର୍ବରୁ ରୁଷରୁ ଭାରତର ତୈଳ ଆମଦାନୀ ସେତେ ଅଧିକ ନଥିଲା। ରୁଷ ଉପରେ ଆମେରିକା ଓ ୟୁରୋପୀୟ ରାଷ୍ଟ୍ରସଂଘର କଟକଣା ପରେ ରୁଷ୍ ତୈଳ ରପ୍ତାନୀରେ ଯେଉଁ ରିହାତି ଘୋଷଣା କଲା ତାହାର ସବୁଠାରୁ ବଡ଼ ହିତାଧିକାରୀ ହେଲା ଚିରବନ୍ଧୁ ରାଷ୍ଟ୍ର ଭାରତ। ଏବେ ରୁଷ୍‌ର ମୋଟ ଇନ୍ଧନ ରପ୍ତାନୀର ସର୍ବାଧିକ ଅଂଶ ଭାରତକୁ ଯାଉଥିବା ବେଳେ ଭାରତର ମୋଟ ଇନ୍ଧନ ଚାହିଦାର ୪୦% ରୁଷରୁ ଆସୁଛି। ସେହିପରି ରୁଷ୍ ପ୍ରାକୃତିକ ବାଷ୍ପର ସବୁଠାରୁ ବଡ଼ ବଜାର କିଛିମାସ ପୂର୍ବରୁ ଥିଲା ୟୁରୋପୀୟ ରାଷ୍ଟ୍ର ସଂଘ। କିନ୍ତୁ ଟ୍ରମ୍ପ ଦ୍ୱିତୀୟ ବାର କ୍ଷମତାକୁ ଆସିବାର ପ୍ରଥମ ଦିନ ହିଁ ଆମେରିକାରେ ଜୀବାଶ୍ମ ତୈଳ ଓ ପ୍ରାକୃତିକ ବାଷ୍ପ ଉତ୍ତୋଳନରେ ଥିବା କଟକଣାକୁ ହଟାଇଦେଲେ। ପ୍ୟାରିସ୍ ରାଜିନାମାରୁ ଓହରି ଆସିଥିବାରୁ ଆମେରିକା ପାଇଁ ଏ କ୍ଷେତ୍ରରେ ଆଉ କୌଣସି ଅଙ୍କୁଶ ରହିଲା ନାହିଁ। ଏହାପଛରେ ଟ୍ରମ୍ପଙ୍କ ଏକମାତ୍ର ଉଦ୍ଦେଶ୍ୟ ଥିଲା ରୁଷ୍‌ର ବିଶ୍ୱ ତୈଳ ବଜାର ଅଂଶକୁ ଦଖଲ କରି ତା'ର ଅର୍ଥନୀତିକୁ ଦୁର୍ବଳ କରିବା।

ପ୍ରାଥମିକ ପର୍ଯ୍ୟାୟରେ ୟୁକ୍ରେନ୍ ଦେଇ ୟୁରୋପକୁ ଯାଇଥିବା ରୁଷ୍‌ର ପ୍ରାକୃତିକ ବାଷ୍ପ ଯୋଗାଣ ପାଇପ୍‌ଲାଇନ୍‌କୁ ବନ୍ଦ କରିବା ପାଇଁ ୟୁକ୍ରେନ୍ ଉପରେ ଟ୍ରମ୍ପ ଚାପ ସୃଷ୍ଟି କରି ସଫଳ ହେବା ପରେ ରୁଷ୍‌ରୁ ତୈଳ ଆମଦାନୀ କରୁଥିବା ୟୁରୋପୀୟ ରାଷ୍ଟ୍ରମାନଙ୍କୁ ଟାରିଫ୍ ଧମକ ଦେଲେ। ଇତିମଧ୍ୟରେ ୟୁରୋପୀୟ ରାଷ୍ଟ୍ରସଂଘକୁ ରୁଷ୍‌ର ପ୍ରାକୃତିକ ବାଷ୍ପ ରପ୍ତାନୀରେ ୮୦% ହ୍ରାସ ଘଟିଥିବା ବେଳେ ବ୍ରିଟେନ୍ ସମେତ ୟୁରୋପୀୟ ରାଷ୍ଟ୍ରସଂଘର ଇନ୍ଧନ ବଜାର ସିଧାସଳଖ ଆମେରିକା ହାତକୁ ଚାଲିଯାଇଛି। ଆମେରିକା ଚାପରେ ଆଉ କେତେକ ଅଣ-ୟୁରୋପୀୟ ରାଷ୍ଟ୍ର ମଧ୍ୟ ରୁଷରୁ ତୈଳ ଆମଦାନୀ କାଣ୍ଟଛାଣ୍ଟ କରିଛନ୍ତି। କିନ୍ତୁ କଟକଣା ଚେତାବନୀ ଚୀନ୍ ଓ ଭାରତ ଉପରେ କୌଣସି ପ୍ରଭାବ ପକାଇ ପାରୁ ନଥିବା ଉପଲବ୍ଧି କରିବା ପରେ ଟ୍ରମ୍ପ ଏହି ଦୁଇ ରାଷ୍ଟ୍ର ବିରୋଧରେ ୨୦୦ ପ୍ରତିଶତ ପର୍ଯ୍ୟନ୍ତ ଟାରିଫ୍ ଲାଗୁ କରିବାକୁ ଘୋଷଣା ମଧ୍ୟ କରିଥିଲେ। ପରିବର୍ତ୍ତିତ ପରିସ୍ଥିତିରେ ଟ୍ରମ୍ପ ଚୀନ୍ ସହିତ ସାଲିସ୍ କରିଥିବା ବେଳେ ଭାରତ ବିରୋଧରେ ମାତ୍ରାଧିକ ପ୍ରତିଶୋଧ ପରାୟଣ ହୋଇପଡ଼ିଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆମେରିକା ଗସ୍ତ ବେଳେ 'ମେକ୍ ଆମେରିକା ଗ୍ରେଟ୍ ଏଗେନ୍(ମାଗା)' ନୀତି ଆଳରେ ରୁଷ୍ ବଦଳରେ ଆମେରିକାରୁ ପ୍ରତିରକ୍ଷା ଉପକରଣ ଓ ଇନ୍ଧନ କିଣିବା ପାଇଁ ଟ୍ରମ୍ପ ଭାରତ ଉପରେ ଏକପ୍ରକାର ଚାପ ସୃଷ୍ଟି କରିଥିଲେ। କିନ୍ତୁ ଏଥିରେ ଭାରତ ବିଶେଷ ପ୍ରଭାବିତ ହୋଇନଥିବା ଏବଂ ରୁଷରୁ ଭାରତର ତୈଳ ଆମଦାନୀ ହ୍ରାସ ପାଇନଥିବା ଲକ୍ଷ୍ୟ କରିବା ପରେ ଟ୍ରମ୍ପ ମାତ୍ରାଧିକ ପ୍ରତିକ୍ରିୟାଶୀଳ ହୋଇ ନିର୍ଦ୍ଧାରିତ ରାଜିନାମା ତାରିଖ ପୂର୍ବରୁ ହିଁ ଏକତରଫା ଭାବେ ବର୍ଦ୍ଧିତ ଶୁଳ୍କ ଲାଗୁ କରିବା ସହିତ ଅତିରିକ୍ତ ଜୋରିମାନା କଷିବାକୁ ଘୋଷଣା କରିଛନ୍ତି। ଟ୍ରମ୍ପଙ୍କ ଇନ୍ଧନ-କୂଟରେ ଏବେ ଭାରତର ଚିରଶତ୍ରୁ ପାକିସ୍ତାନ ଆଉ ଏକ ମୋହରା ହୋଇଛି। ଏକପକ୍ଷରେ ଭାରତରୁ ଆମଦାନୀ ସାମଗ୍ରୀ ଉପରେ ଟ୍ରମ୍ପ ୨୫% ଆମଦାନୀ ଶୁଳ୍କ ଲାଗୁ କରିଥିବା ବେଳେ ପାକିସ୍ତାନର ତୈଳ ଉତ୍ତୋଳନ, ଭଣ୍ଡାରଣ ଓ ରପ୍ତାନୀ ପାଇଁ ଅକୁଣ୍ଠ ଆର୍ଥିକ ସହାୟତା ଘୋଷଣା କରିଛନ୍ତି। ଏପରିକି ପାକିସ୍ତାନକୁ ତୈଳ ରପ୍ତାନୀକାରୀ ରାଷ୍ଟ୍ର ଭଳି ସ୍ତରକୁ ଉନ୍ନୀତ କରିବା ପାଇଁ ଟ୍ରମ୍ପ ଏକ ଅବାନ୍ତର ଘୋଷଣା ମଧ୍ୟ କରିବାକୁ ପଛାଇ ନାହାନ୍ତି।

ରୁଷ୍‌ରୁ ପ୍ରାକୃତିକ ବାଷ୍ପ ଆମଦାନୀ ବନ୍ଦ ହେବା ପରେ ରୁଷ୍‌ର ବାଣିଜ୍ୟ ଅର୍ଥନୀତି ସ୍ୱାଭାବିକ ଭାବେ ପ୍ରଭାବିତ ହୋଇଛି। ତା'ସହିତ ନରୱେ ଓ ଆମେରିକା କମ୍ପାନୀଙ୍କ ଏକଚାଟିଆ କାରବାରର ସିଧାସଳଖ ପ୍ରଭାବ ୟୁରୋପୀୟ ଅର୍ଥନୀତି ଉପରେ ପଡ଼ିଛି। ଗତ ୨୯ ତାରିଖରେ ପ୍ରକାଶିତ 'ୱାର୍ଲ୍ଡ ଇକୋନୋମିକ୍ ଆଉଟ୍‌ଲୁକ୍' ରିପୋର୍ଟରେ ଆଇଏମ୍ଏଫ୍ ଦର୍ଶାଇଛି ଯେ ଟ୍ରମ୍ପଙ୍କ ଟାରିଫ୍ ଆଭିମୁଖ୍ୟ ଯୋଗୁଁ ୟୁରୋପୀୟ ସଂଘର ଅଭିବୃଦ୍ଧି ହାର ଗୁରୁତର ପ୍ରଭାବିତ ହେବ। ଆମେରିକାର ଏକଚାଟିଆ କାରବାରରେ ପ୍ରାକୃତିକ ବାଷ୍ପ ମୂଲ୍ୟ ମହଙ୍ଗା ହେଲେ ତାହାର ପରୋକ୍ଷ ଓ ପ୍ରତିକୂଳ ପ୍ରଭାବ କୃଷି କ୍ଷେତ୍ର ଉପରେ ମଧ୍ୟ ପଡ଼ିବ। ୟୁରିଆ ଉତ୍ପାଦନରେ ପ୍ରାକୃତିକ ବାଷ୍ପର ଏକ ପ୍ରମୁଖ ଅବଦାନ ଥିବାରୁ ସାର ଦର ବଢ଼ିବ ଏବଂ କୃଷି ଉତ୍ପାଦ ଆହୁରି ମହଙ୍ଗା ହେବ। ଏହାର ପ୍ରତ୍ୟକ୍ଷ ପ୍ରଭାବ ଭାରତ ପରି କୃଷିପ୍ରଧାନ ଦେଶର କୃଷିବଜାର ଉପରେ ପଡ଼ିବ ଏବଂ ଖାଦ୍ୟ ଶସ୍ୟ ଉତ୍ପାଦନ ଓ ବଜାର ଆହୁରି ମହଙ୍ଗା ହେବ।

ଅପରପକ୍ଷରେ ଟ୍ରମ୍ପଙ୍କ ଇନ୍ଧନ-କୂଟରେ ସବୁଠାରୁ ଉପକୃତ ହେବ ଆମେରିକା ଅର୍ଥନୀତି। ୨୦୧୬ ପର୍ଯ୍ୟନ୍ତ ପ୍ରାକୃତିକ ବାଷ୍ପ ପାଇଁ ଆମଦାନୀ ଉପରେ ନିର୍ଭରଶୀଳ ଥିବା ଏହି ରାଷ୍ଟ୍ର ସେଲ୍‌ଫ ଫୁଏଲ୍ ଉତ୍ତୋଳନରେ ସଫଳ ହେବା ପରେ ଏବେ ବିଶ୍ୱର ସର୍ବାଧିକ ପ୍ରାକୃତିକ ବାଷ୍ପ ରପ୍ତାନିକାରୀ ରାଷ୍ଟ୍ର ଭାବେ ଉଭା ହୋଇଛି। ଦେବାଳିଆ ହୋଇଯାଇଥିବା ଆମେରିକାର ତୈଳ ଓ ଗ୍ୟାସ୍ କମ୍ପାନୀମାନଙ୍କ ପାଇଁ ଟ୍ରମ୍ପଙ୍କ ଇନ୍ଧନ-କୂଟ ଏକପ୍ରକାର ବରଦାନ ସାବ୍ୟସ୍ତ ହୋଇଛି। ବିଶ୍ୱ ଇନ୍ଧନ ବଜାରରୁ ରୁଷ୍‌କୁ ଦୀର୍ଘସମୟ ପର୍ଯ୍ୟନ୍ତ ହଟାଇ ଆମେରିକା ଏକଚାଟିଆ ଅଧିକାର ସହିତ ୟୁରୋପକୁ ବଶମ୍ୱଦ କରି ରଖିବାର ଯୋଜନା ମଧ୍ୟ ଟ୍ରମ୍ପ କରିଛନ୍ତି। ସର୍ବୋପରି ଇନ୍ଧନ-କୂଟ ଜରିଆରେ ଟ୍ରମ୍ପ ବିଶ୍ୱ ଭୂରାଜନୀତି ଏବଂ କୃଷି-ବାଣିଜ୍ୟ-ଅର୍ଥନୀତିକୁ କରାୟତ୍ତ କରି 'ମାଗା'କୁ ସଫଳ କରିବାର ସୁଚିନ୍ତିତ ରଣନୀତି ପ୍ରସ୍ତୁତ କରିଛନ୍ତି।

## ବୃକ୍ଷ, ବିପ୍ଳବ ଓ ଜୀବନ

**ଅନନ୍ତ ସାହୁ**

ପ୍ରତିବର୍ଷ ଜୁନ ୫ ତାରିଖରେ ପାଳନ ହେଉଛି ବିଶ୍ୱ ପରିବେଶ ଦିବସ। ଏହିଦିନରେ ଅନେକ ଆତ୍ମଘୋଷିତ ବୃକ୍ଷପ୍ରେମୀ, ସ୍ୱେଚ୍ଛାସେବୀ, ସମାଜସେବୀ, ରାଜନେତା ଓ ପରିବେଶବିତ୍‌ମାନଙ୍କର ଆର୍ବିଭାବ ହୁଏ। ପୂର୍ବପ୍ରସ୍ତୁତି ଅନୁସାରେ କିଛି ସ୍ଥାନ ଚିହ୍ନଟ କରି ଗଛ ଲଗାଯିବା ସହ ଚାଲେ ଫଟୋଉଠା ପ୍ରତିଯୋଗିତା। ସେଗୁଡ଼ିକୁ ବିଭିନ୍ନ ଗଣମାଧ୍ୟମରେ ପ୍ରଚାର ପ୍ରସାର କରାଯାଏ। ଏହା ସହ ଶେଷ ହୁଏ ପରିବେଶ ଦିବସ। ପରେ ସେ ସ୍ଥାନରେ ଲାଗିଥିବା ଗଛ ମଲା କି ବଞ୍ଚିଲା ତା'କୁ ଦେଖିବାକୁ ଆଖି ଯାଏନି। ପରିବେଶ ଦିବସ କହିଲେ ଏହା ବୁଝାଯାଏ କି? ଦେଖିଲେ ଲାଗେ ଏହା ଏକ ପ୍ରହସନ! ଗଛ ଲଗାଯାଏ, ପରେ ତା'କୁ ବଳି ପକାଯାଏ। ଗୋଟିଏ ଦିନ ପରିବେଶ ଦିବସ ନାମରେ ପରିବେଶ କଥା ଚିନ୍ତାକରି ସବୁଦିନ ତା'ର ବସ୍ତ୍ରହରଣ କରାଯାଉଛି।

ପ୍ରକୃତି ଓ ପରିବେଶ ମଣିଷକୁ ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ସବୁକିଛି ଯୋଗାଇଛି। ଜୀବନ ଜିଇଁବାର ରାହା ଦେଖାଇଛି। କିନ୍ତୁ ତା'କୁ ଛଳ ଓ କପଟତା ସହ ଧ୍ୱଂସ କରିବାରେ ସମାଜ ମାତିଛି। ଗଛ ପ୍ରତିମୁହୂର୍ତ୍ତରେ ମଣିଷକୁ ଅମୃତ ସ୍ୱରୂପ ଅମ୍ଳଜାନ ଯୋଗାଇଥାଏ ଏବଂ ବିଷ ରୂପକ ଅଙ୍ଗାରକାମ୍ଳ ଶୋଷିନିଏ। ଏହାର ପ୍ରତିବଦଳରେ ବୃକ୍ଷ ପାଉଛି କ'ଣ?

କୁହାଯାଏ ଗୋଟିଏ ଗୋଟିଏ ବିନ୍ଦୁ ମିଶି ସିନ୍ଧୁରେ ପରିଣତ ହୁଏ। ଯାହାକୁ ପ୍ରମାଣିତ କରିଛି ୧୨ ବର୍ଷ ବୟସର ଜଣେ କୁନି ଝିଅ। ରାଜସ୍ଥାନର ଏକ ଛୋଟ ଗାଁ ରାମଗଡ଼। ଯେଉଁଠି ତାପମାତ୍ରା ସାଧାରଣତଃ ୪୫ ଡିଗ୍ରୀ ଉପରେ ଥାଏ। ପ୍ରଥମେ ଦେଖିଲେ, ଏହା ସାଧାରଣତଃ ମରୁଭୂମି ଭଳି ଲାଗିପାରେ। ଯେଉଁଠି ଦୂର ଦୂର ପର୍ଯ୍ୟନ୍ତ ଖାଲି ମାଟିଘର ଏବଂ ଏକର ଏକର ଶୁଖିଲା ଜମି। ଯେତେବେଳେ କୁନିଝିଅଟି ଜାଣିଲା ଯେ ସେ ପଢୁଥିବା ବିଦ୍ୟାଳୟ ପାଖରେ ଥିବା ନିମ ଓ ପିପ୍ପଳ ଗଛ ଧୀରେ ଧୀରେ ଶୁଖିଯାଉଛି, ସେ ଅଞ୍ଚଳର ମାଟି ଫାଟି ଯାଉଛି ଏବଂ ଗଛରେ ବସାବାନ୍ଧିଥିବା ପକ୍ଷୀ ସବୁ ଦୂର ସ୍ଥାନକୁ ଉଡ଼ିବାକୁ ଅରମ୍ଭ କଲେଣି, ସେ ଓ ତା'ର ସହପାଠୀ କିଛି କରିବା ପାଇଁ ଚିନ୍ତାକଲେ। ସେମାନେ ତାଙ୍କର ବିଜ୍ଞାନ ଶିକ୍ଷକଙ୍କ ସହଯୋଗରେ ଏକ 'ଗ୍ରୀନ କ୍ଲବ' ଗଠନ କରି ପ୍ରତିଦିନ ବିଦ୍ୟାଳୟ ପାଠପଢ଼ା ସରିବା ପରେ ଚାରାରୋପଣ କରୁଥିଲେ। ସେମାନେ ବର୍ଷାଜଳ ସଂଗ୍ରହ କରିବା ସହ ଘରର ବଳକା ପଦାର୍ଥରେ ଖତ ପ୍ରସ୍ତୁତ କରି ଚାରାମୂଳରେ ଦେଉଥିଲେ। ପିଲାଙ୍କ ଏ ଭଳି ପ୍ରୟାସ ଦେଖି ଗ୍ରାମର ବୟସ୍କ ଲୋକମାନେ ମଧ୍ୟ ଏଥିରେ ଅଂଶଗ୍ରହଣ କରିବାକୁ ଲାଗିଲେ। ଜାଳେଣି କାଠ ବ୍ୟବହାର କରୁଥିବା ଗ୍ରାମବାସୀ ପ୍ରତିଜ୍ଞା କରିଛନ୍ତି ଅତ୍ୟାବଶ୍ୟକ ଭାବେ ଗଛ କାଟିବେ ନାହିଁ। ଏହାର ଫଳସ୍ୱରୂପ ସେ ଅଞ୍ଚଳ ଆଜି ମରୁଭୂମିରୁ ଏକ ସବୁଜ ଜଙ୍ଗଲରେ ପରିବର୍ତ୍ତନ ହୋଇଛି। ସେଠାରେ ପଶୁପକ୍ଷୀ ସ୍ୱଚ୍ଛନ୍ଦରେ ରହୁଛନ୍ତି। ଏହାଠାରୁ ବଡ଼ ଉପଲବ୍ଧି ଆଉ କ'ଣ ହୋଇପାରେ!

ବିଡ଼ମ୍ବନା ଆଜିର ସମାଜ ବୃକ୍ଷକୁ ବିଭିନ୍ନ ଆଳ ଦେଖାଇ କାଟି କୁଟି ନଷ୍ଟ କରିବାରେ ମାତିଛି। ସମ୍ପ୍ରତି ଯେଉଁମାତ୍ରାରେ ବୃକ୍ଷ ଓ ଜଙ୍ଗଲ କଟାଯାଉଛି, ସେହି ଅନୁପାତରେ ଚାରାରୋପଣ ହେଉନାହିଁ। ବୃକ୍ଷ ସ୍ଥାନାନ୍ତରଣ ପାଇଁ ବିକଳ୍ପ ଥାଇ ମଧ୍ୟ କୋଠବାଡ଼ି ଓ ରାସ୍ତା ନିର୍ମାଣ ସମୟରେ ଗଛକୁ ହସି ହସି କାଟିଦିଆଯାଏ। ଅନ୍ୟପକ୍ଷେ ଖଣିଜ ସମ୍ପଦ ଉତ୍ତୋଳନ ପାଇଁ ମନଇଚ୍ଛା ଗଛ କଟାଯାଏ। ବହୁ ସମୟରେ ଶିଳ୍ପ ଓ କଳକାରଖାନା ନିର୍ମାଣ ସହ ବିକାଶର ଗୋଲାପୀ ଚିତ୍ର ଦେଖାଇ ଅନେକ ଜଙ୍ଗଲ ନଷ୍ଟ କରାଯାଏ। ଏହାସହ ଜଙ୍ଗଲ ଉପରେ ନିର୍ଭର କରୁଥିବା ଅନେକ ଆଦିବାସୀ ଓ ସ୍ଥାନୀୟ ଲୋକଙ୍କୁ ବାସହରା କରିଦିଆଯାଉଛି। ଜୀବଜନ୍ତୁମାନଙ୍କୁ ଶିକାର କରିବା ପାଇଁ ମନୁଷ୍ୟକୃତ ନିଆଁ ଏବଂ ଗ୍ରୀଷ୍ମପ୍ରବାହ କାରଣରୁ ହେକ୍ଟର ହେକ୍ଟର ଜଙ୍ଗଲ ପୋଡ଼ିଜଳି ପାଉଁଶ ହୋଇଯାଏ। ସେହିଭଳି ବନ୍ୟା ଓ ବାତ୍ୟାରେ ମଧ୍ୟ ଅନେକ ବୃକ୍ଷ ଓ ଜଙ୍ଗଲ ନଷ୍ଟ ହୋଇଯାଏ।

ସାମ୍ପ୍ରତିକ ଅତ୍ୟଧିକ ଜଙ୍ଗଲ କ୍ଷୟ ଯୋଗୁଁ ବିଶ୍ୱ ପ୍ରତି ମିନିଟ୍‌ରେ ୩୦ଟି ଫୁଟବଲ ପଡ଼ିଆ ଆୟତନ ସଦୃଶ୍ୟ ଜଙ୍ଗଲ ହରାଇ ବସୁଛି। ଏହିଧାରା ଯଦି ଜାରି ରହିବ ତେବେ ଆଗାମୀ ୮୦ ବର୍ଷ ପରେ ଆମ ସବୁଜଗ୍ରହ ଜଙ୍ଗଲଶୂନ୍ୟ ହୋଇଯିବ। କିଛିଦିନ ତଳେ ପ୍ରକାଶିତ 'ଗ୍ଲୋବାଲ ଫରେଷ୍ଟ ୱାଚ୍ ସର୍ଭେ'ର ରିପୋର୍ଟ ଅନୁଯାୟୀ ୨୦୨୪ ମସିହାରେ ଭାରତ ୧୮ ହଜାର ୨୦୦ ହେକ୍ଟର ପ୍ରାକୃତିକ ଜଙ୍ଗଲ ହରାଇଛି ଏବଂ ୨୦୨୩ ମସିହାରେ ୧୭ ହଜାର ୭୦୦ ହେକ୍ଟର ଜଙ୍ଗଲ ହରାଇଥିଲା। ସେହିପରି ୨୦୦୧ରୁ ଅଦ୍ୟାବଧି ଦେଶରେ ୨.୩୧ ନିୟୁତ ହେକ୍ଟର ଜଙ୍ଗଲ ନଷ୍ଟ ହୋଇଛି। ଏହା ମଧ୍ୟରେ ୨୦୦୨ ରୁ ୨୦୨୪ ମଧ୍ୟରେ ଦେଶରେ ୩ ଲକ୍ଷ ୪୮ ହଜାର ହେକ୍ଟରର ଆର୍ଦ୍ର ପ୍ରାକୃତିକ ଜଙ୍ଗଲ ନଷ୍ଟ ହୋଇଛି। ସରକାରଙ୍କ ତଥ୍ୟ ଅନୁଯାୟୀ ବିଗତ ୧୦ ବର୍ଷ ମଧ୍ୟରେ ରାଜ୍ୟରେ ସଡ଼କ ନିର୍ମାଣ ଏବଂ ସମ୍ପ୍ରସାରଣ ପାଇଁ ୧ କୋଟି ୮୫ ଲକ୍ଷ ଗଛ କଟାଯାଇଥିବା ଦର୍ଶାଯାଇଛି। କିନ୍ତୁ ଏହାର ସଂଖ୍ୟା ଅଧିକ ହୋଇପାରେ। ସେହିଭଳି ଗ୍ରୀଷ୍ମ ପ୍ରବାହ ଓ ବନାଗ୍ନି କାରଣରୁ ଓଡ଼ିଶାରେ ସର୍ବାଧିକ ବର୍ଷକୁ ହାରାହାରି ୨୩୮ ହେକ୍ଟର ଜଙ୍ଗଲ ପୋଡ଼ି ପାଉଁଶ ହୋଇଯାଏ। ଏକ ତଥ୍ୟ ଅନୁଯାୟୀ ଜଙ୍ଗଲ ନିଆଁ ଯୋଗୁଁ ଓଡ଼ିଶାର ୧୮୦ ବର୍ଗ କି.ମି ଜଙ୍ଗଲ ନଷ୍ଟ ହୋଇସାରିଛି। ସେହିଭଳି ଜଙ୍ଗଲ ଜମି ଜବରଦଖଲରେ ମଧ୍ୟ ଓଡ଼ିଶା ଦେଶରେ ଚତୁର୍ଥ ସ୍ଥାନ ହାସଲ କରିଛି। ରାଜ୍ୟସଭାରେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଦେଇଥିବା ତଥ୍ୟ ଅନୁସାରେ ଓଡ଼ିଶାରେ ୪୦ ହଜାର ୫୦୭.୫୬ ହେକ୍ଟର ଜଙ୍ଗଲ ଜମି ଜବରଦଖଲ କରାଯାଇଛି।

ସାଧାରଣ ଭାବେ ଗୋଟିଏ ମଣିଷ ବଞ୍ଚିବା ପାଇଁ ଦୈନିକ ୫୫୦ ଲିଟର ଅମ୍ଳଜାନ ଆବଶ୍ୟକ, ଯାହାକି ଡାକ୍ତରଖାନାର ତିନୋଟି ଅମ୍ଳଜାନ ସିଲିଣ୍ଡର ଥଳି ସହ ସମାନ। ଏହାକୁ ଉତ୍ପାଦନ କରନ୍ତି ୩୨ ଫୁଟ ଉଚ୍ଚତା ବିଶିଷ୍ଟ ଦୁଇଟି ଗଛ। ଗୋଟିଏ ବିଶାଳ ବରଗଛ ବର୍ଷକୁ ପାଖାପାଖି ୨ ହଜାର ୭ଶହ କିଲୋଗ୍ରାମ ଅମ୍ଳଜାନ ବାୟୁମଣ୍ଡଳକୁ ଛାଡ଼େ ଏବଂ ୫୦ କିଲୋଗ୍ରାମ ଅଙ୍ଗାରକାମ୍ଳ ଟାଣିନିଏ। ସେହିପରି ଅଶ୍ୱତ୍ଥ ଗଛର ବିଶେଷତ୍ୱ ହେଲା ଦିବାରାତ୍ର୨୪ ଘଣ୍ଟା ଅମ୍ଳଜାନ ବାୟୁମଣ୍ଡଳକୁ ଯୋଗାଏ। ଅନୁରୂପ ଭାବେ ନିମ୍ବ, ବାଉଁଶ, ଅର୍ଜୁନ ଓ ବେଲ ଗଛ ମଧ୍ୟ ଦିବାରାତ୍ର ଅମ୍ଳଜାନ ନିର୍ଗମନ କରିଥା'ନ୍ତି। ଏକ ରିପୋର୍ଟ ଅନୁସାରେ ଏକ ପରିମିତ ଭୂମିରେ ଥିବା ବୃକ୍ଷରାଜି ବା ଅରଣ୍ୟ ୫ ଟନ୍ ସବୁଜବାଷ୍ପ ଶୋଷଣ କରେ ଏବଂ ୪ ଟନ୍ ଅମ୍ଳଜାନ ନିର୍ଗମନ୍ କରେ, ଯାହା ୧୮ ଜଣ ଲୋକଙ୍କ ଶ୍ୱାସକ୍ରିୟା ପାଇଁ ଯଥେଷ୍ଟ। ଏକ ଆନ୍ତର୍ଜାତିକ ଅଧ୍ୟୟନ ଅନୁଯାୟୀ ଭାରତରେ ଥିବା ବିଭିନ୍ନ ଜଙ୍ଗଲରେ ୧୭ ହଜାର ୫୧୦ କିସମର ବୃକ୍ଷ ଏବେ ବିଲୁପ୍ତ ଅବସ୍ଥାରେ। ତଥ୍ୟକୁହେ ଗତ ୫୦ ବର୍ଷ ମଧ୍ୟରେ ସର୍ବାଧିକ ପ୍ରଜାତିର ଗଛ ବିଲୁପ୍ତ ହୋଇଛି। ଏହାର ମୁଖ୍ୟ କାରଣ ହେଉଛି - ବିକାଶ, ବନାଗ୍ନି ଓ ବାତ୍ୟା।

ଏ ସବୁ ମଧ୍ୟରେ କିଛିମାସ ତଳେ ସାମାଜିକ ଗଣମାଧ୍ୟମରେ ଛାଇଯାଇଥିଲା ଏକ ହୃଦୟ ବିଦାରକ ଭିଡିଓ, ଯେଉଁଥିରେ ତେଲେଙ୍ଗାନାର ହାଇଦ୍ରାବାଦ ସହରର ଏକ ବିଶ୍ୱବିଦ୍ୟାଳୟ ପରିସରରେ ଆଇଟି ପାର୍କ ନାମରେ ରାତିଅଧିଆ କଟାଯାଉଥିଲା ୪୦୦ ଏକର ଜଙ୍ଗଲ, ଯେଉଁଥିରେ ଥିଲେ ଅନେକ ହରିଣ, ମୟୂର, ହାତୀ ଓ ବାନର ଭଳି ଅନେକ ନିରୀହ ଜୀବଜନ୍ତୁ। ଶେଷରେ ଛାତ୍ରମାନଙ୍କ ଆନ୍ଦୋଳନ ଏବଂ ସର୍ବୋଚ୍ଚ ନ୍ୟାୟାଳୟଙ୍କ ହସ୍ତକ୍ଷେପ ପରେ ତାହା ବନ୍ଦ ହୋଇଥିଲା। ଏହାକୁ ଲକ୍ଷ୍ୟ କଲେ ମନକୁ ଆସେ ୧୭୩୦ ମସିହାର ଗୋଟିଏ ଶବ୍ଦ 'କଟା ବୃକ୍ଷଠୁ କଟା ମୁଣ୍ଡ ଶସ୍ତା'। ଏହାଥିଲା ରାଜସ୍ଥାନର ବିଷ୍ଣୋଇ ସମୁଦାୟର ସଦସ୍ୟ ଅମୃତାଦେବୀଙ୍କର। ଏକ ଖେଜରି ଗଛକୁ ବଞ୍ଚାଇବାକୁ ଯାଇ ଅମୃତା ଦେବୀଙ୍କ ସହ ପ୍ରାୟ ୩୬୩ ଜଣ ପୁରୁଷ, ମହିଳା ଓ ଶିଶୁ କୁରାଢ଼ି ଆଗରେ ନିଜ ଜୀବନକୁ ଉତ୍ସର୍ଗ କରିଦେଇଥିଲେ। ଏହି ଘଟଣା ପ୍ରକୃତି ଓ ପରିବେଶକୁ ବଞ୍ଚାଇବା ପାଇଁ ବିଷ୍ଣୋଇ ସମୁଦାୟର ଉଚ୍ଚବିଚାରକୁ ଦର୍ଶାଏ। ୧୯୭୦ ମସିହାର ଚିପକୋ ଆନ୍ଦୋଳନକୁ ଏହା ମଧ୍ୟ ପ୍ରେରିତ କରିଥିଲା, ଯାହା ଖେଜରୀ ଗଣହତ୍ୟାର ପ୍ରାୟ ୨୪୫ ବର୍ଷ ପରେ ହୋଇଥିଲା।

ବୃକ୍ଷ କାଟିବା ଏବଂ ଜଙ୍ଗଲ ନଷ୍ଟ କରିବା ମଣିଷ ପାଇଁ କିଞ୍ଚିତ ମାତ୍ର ହୋଇଥାଇପାରେ। ହେଲେ ଏହାର ଫଳାଫଳ ଭବିଷ୍ୟତରେ ଭୟାବହ ହୋବକୁ ଯାଉଛି ଏଥିରେ ଦ୍ୱିରୁକ୍ତି ନାହିଁ। ଏଥିରୁ କେବଳ ସମାଜକୁ ବୁଝିବାକୁ ପଡ଼ିବ ଗଛ ଓ ଜଙ୍ଗଲ ବଞ୍ଚିଲେ ସମଗ୍ର ମାନବ ସମାଜ ତିଷ୍ଠି ରହିବ। କିଛିଟା ସ୍ୱାର୍ଥ ଓ ଲାଳସା ଭଳି ହୀନ ମାନସିକତାରୁ ଦୂରେଇ ରହି ଚାରାରୋପଣ କରିବା ସହ ବୃକ୍ଷମାନଙ୍କୁ ସୁରକ୍ଷା ଦେବା ଏବଂ ସମଗ୍ର ମଣିଷ ସମାଜ ଓ ଜୀବଜଗତକୁ ଧ୍ୱଂସ ହେବାରୁ ବଞ୍ଚାଇବା। ନଚେତ୍ ସମୟ ଆସିବ ଯେଉଁ ବୃକ୍ଷଠାରୁ ଆମେ ଅମ୍ଳଜାନ ବୁନ୍ଦାଏ ପାଇ ବଞ୍ଚିଛେ, ସେହି ବୃକ୍ଷ ହିଁ ମାନବ ସମାଜର ବିନାଶର କାରଣ ପାଲଟିଯିବ।

ଇଟାମାଟି(ନୟାଗଡ଼),
ମୋ: ୬୩୭୨୫୯୪୦୪୧

## ବିଶ୍ୱାସରେ ସଙ୍କଟ!

**ଅଶୋକ ମହାରଣା**

ରୋମ ସମ୍ରାଟ ଡାଇନୋସିୟସ ସମୟରେ ଦୁଇ ବନ୍ଧୁ ଡାମନ ଓ ବିଥିୟସଙ୍କ ମଧ୍ୟରେ ଥିଲା ଅଭେଦ୍ୟ ବନ୍ଧୁତା। କୌଣସି କାରଣରୁ ସମ୍ରାଟ ଡାଇନୋସିୟସ ଡାମନଙ୍କୁ ମୃତ୍ୟୁଦଣ୍ଡରେ ଦଣ୍ଡିତ କରନ୍ତି। ଡାମନ ଦୁଃଖରେ ମ୍ରିୟମାଣ ହୋଇପଡ଼ନ୍ତି ଏହି କାରଣରୁ ଯେ ସେ ଫାଶୀ ପାଇବେ, କିନ୍ତୁ ପରିବାରବର୍ଗ ଜାଣିପାରିବେ ନାହିଁ। ଡାମନ ସମ୍ରାଟଙ୍କୁ ଅନୁନୟ କରନ୍ତି ତାଙ୍କୁ ସାତ ଦିନ ସମୟ ଦେବା ପାଇଁ, ଯାହା ଫଳରେ ସେ ପରିବାରବର୍ଗଙ୍କୁ ସେ ବିଷୟରେ ଜଣାଇ ପାରିବେ। ଡାଇନୋସିୟସ ଗୋଟିଏ ସର୍ତ୍ତରେ ଡାମନ୍‌ଙ୍କୁ ଅନୁମତି ଦିଅନ୍ତି। ସେ ସର୍ତ୍ତଟି ହେଲା ଯଦି ଆଉଜଣେ ବ୍ୟକ୍ତି ଡାମନ୍‌ଙ୍କ ବଦଳରେ କାରାଗାରରେ ରହିବେ। ଯଦି ଡାମନ୍ ନ ଫେରନ୍ତି ସେହି ପ୍ରତିନିଧି ପ୍ରାଣଦଣ୍ଡ ଭୋଗିବେ। କିଏ ସେହି ବନ୍ଧୁ, ଯିଏ ଜାଣି ଜାଣି ନିଜ ମୃତ୍ୟୁଦଣ୍ଡକୁ ସ୍ୱୀକାର କରିନେବ? କିନ୍ତୁ ଡାମନ୍‌ଙ୍କ ପ୍ରତିନିଧି ଭାବେ କାରାଗାରରେ ରହିବା ପାଇଁ ବିଥିୟସ ଆଗେଇ ଆସିଲେ।

ଇତିମଧ୍ୟରେ ସାତଦିନ ବିତି ଯାଇଛି, କିନ୍ତୁ ଡାମନ ଫେରିବାର କୌଣସି ସୂଚନା ନାହିଁ। ରାଜାଙ୍କ ସର୍ତ୍ତ ଅନୁସାରେ ବିଥିୟସଙ୍କୁ ଫାଶୀଖୁଣ୍ଟ ପାଖକୁ ନିଆଯାଇଛି। ମୁହଁରେ କଳାକପଡ଼ା ବାନ୍ଧିବା ପୂର୍ବରୁ ତାଙ୍କୁ ଚିରାଚରିତ ଯେତେବେଳେ ପଚରାଯାଇଛି 'ତୁମର ଶେଷ ଇଚ୍ଛା କ'ଣ?' ବିଥିୟସ କିଛି ଉତ୍ତର ନ ଦେଇ କେବଳ ଅଶ୍ରୁ ବିସର୍ଜନ କରିଛନ୍ତି। ରାଜା ହସିହସି କହିଛନ୍ତି, 'ହେ ମୂଢ଼! ତୁମେ କ'ଣ ଜାଣି ନଥିଲ ଯେ ଫାଶୀଦଣ୍ଡ ପାଇଥିବା ଜଣେ ବ୍ୟକ୍ତି କେବେ ମଧ୍ୟ ଫେରିଆସିବ ନାହିଁ? ଏଭଳି ବିଶ୍ୱାସ କରିବା ମସ୍ତବଡ଼ ଭୁଲ। ଏବେ କାନ୍ଦିଲେ କ'ଣ ମୁକ୍ତି ପାଇଯିବ?' ବିଥିୟସ ସ୍ମିତ ହସି ଉତ୍ତର ଦେଲେ, 'ହେ ରାଜନ! ମାର ଏ ଅଶ୍ରୁଧାର ଭଗବାନଙ୍କ ନିକଟରେ କୃତଜ୍ଞତା ପାଇଁ। ସେ ମୋର ପ୍ରାର୍ଥନା ଶୁଣିଛନ୍ତି ଯେ ଆଜି ମୋ ଜୀବନ ପାଇଁ ମୋ ବନ୍ଧୁର ଜୀବନ ରକ୍ଷା ହୋଇପାରୁଛି। ଭଗବାନ ମୋତେ ଆଶୀର୍ବାଦ କରିଛନ୍ତି।' ଏହି ସମୟରେ ଦୂରରୁ କେହି ଜଣେ ଦୌଡ଼ି ଦୌଡ଼ି ଆସୁଥିବାର ଦେଖିବାକୁ ମିଳିଲା। ସେ ବ୍ୟକ୍ତିଜଣକ 'ଫାଶୀ ବନ୍ଦ କର' ବୋଲି ଚିତ୍କାର କରୁଥିଲେ। ସେ ବ୍ୟକ୍ତିଜଣକ ଥିଲେ ଡାମନ୍। କିଛି ସମୟ ପରେ ଫାଶୀ ଖୁଣ୍ଟ ନିକଟରେ ପହଞ୍ଚି ଡାମନ୍ କହିଲେ, 'ହେ ଭଗବାନ! ଆପଣ କେତେ ମହାନ। ଟିକିଏ ବିଳମ୍ବ ହୋଇ ଯାଇଥିଲେ ମୋର ବନ୍ଧୁର ଜୀବନ ଚାଲି ଯାଇଥା'ନ୍ତା।' ସମ୍ରାଟ ଡାଇନିଓସିସ ହତଚକିତ। ଏଭଳି ବନ୍ଧୁତାକୁ ଦେଖି ତାଙ୍କ ଆଖିରେ ବି ଲୋତକର ଧାର। ତାଙ୍କ ମୁଖରୁ ବାହାରି ଆସିଛି - 'ଏଭଳି ବନ୍ଧୁତା ଓ ବିଶ୍ୱାସ ବିଶ୍ୱରେ ବିରଳ। ଡାମନ ତୁମକୁ ମୁଁ ମୁକ୍ତି କରିଦେଉଛି। ଏବେ ମୁଁ ହେଉଛି ତୁମର ତୃତୀୟ ବନ୍ଧୁ। ମୋତେ ତୁମେ ବନ୍ଧୁ ଭାବରେ ଗ୍ରହଣ କର।'

ସେକସପିୟରଙ୍କ ଜୁଲିୟସ ସିଜର ନାଟକ ବିଶ୍ୱାସରେ ପଡ଼ିଥିବା କଳଙ୍କିତ ଛିଟାକୁ ପ୍ରତିବେଦନ କରେ। ଏକଛତ୍ରବାଦୀ ହେଲେ ମଧ୍ୟ ଜୁଲିୟସ ସିଜର ଥିଲେ ସୁଶାସକ। ତାଙ୍କୁ ଷଡ଼ଯନ୍ତ୍ର କରି ରାସ୍ତାରୁ ହଟାଇବା ପାଇଁ ପ୍ରିୟବନ୍ଧୁ ବ୍ରୁଟସଙ୍କ ସାହାରା ନିଆଗଲା। ସିଜରଙ୍କୁ ସଂସଦ ଭିତରକୁ ଛଳନାରେ ନିଆଯାଇ ହତ୍ୟା କରିବା ପାଇଁ ସିନେଟରମାନେ ଯେତେବେଳେ ଛୁରିକା ଘାତ କଲେ, ସିଜର ଚିତ୍କାର କଲେ 'ବ୍ରୁଟସ ମୋର ବନ୍ଧୁ ମୋତେ ରକ୍ଷାକର!' ସିଜର ପଛକୁ ଫେରିଚାହିଁବା ବେଳକୁ ବ୍ରୁଟସଙ୍କ ହାତରେ ମଧ୍ୟ ଥିଲା ଛୁରୀ। ସ୍ତବଧ ହୋଇଗଲେ ସିଜର। କହିଲେ, 'ଶେଷରେ ତୁମେ ବି ବ୍ରୁଟସ! ଦୁଇ ଘଟଣା ମଧ୍ୟରେ ସାମଞ୍ଜସ୍ୟ ଥାଇ ନ ପାରେ। କିନ୍ତୁ ଗୋଟିଏ ମାତ୍ର ନିର୍ଣ୍ଣାୟକ ସତ୍ୟ ବିଶ୍ୱାସରେ ସଙ୍କଟ।

ଆଜି ମଣିଷ ମଣିଷକୁ ବିଶ୍ୱାସ କରିବାକୁ ପଶ୍ଚାତପଦ। କିନ୍ତୁ କାହିଁକି ଏବଂ କ'ଣ ପାଇଁ, ତା'ର ଉତ୍ତର ଅନେକ। ଦୁଇଟି ଘଟଣା ମାନବ-ମାନବ ଭିତରେ ଥିବା ବିଶ୍ୱାସର ଗୋଟିଏ ଗୋଟିଏ ଉଦାହରଣ ମାତ୍ର। ସତରେ ମଣିଷ କେତେ ଅସହାୟ ହୋଇପଡ଼ିଛି। ବିଶ୍ୱାସ ଗୋଟିଏ ଏମିତି ଛୋଟ ଶବ୍ଦ, ଯାହାକୁ ପଢ଼ିବାକୁ ଲାଗେ ଗୋଟେ ମିନିଟ, ଭାବିବାକୁ କିଛି ସମୟ, ବୁଝେଇବାକୁ କିଛି ଦିନ ଏବଂ ପାଳନ କରିବାକୁ ସାରାଜୀବନ। ବିଶ୍ୱାସ ଏବେ ସଙ୍କଟରେ। ପୃଥିବୀ ପୃଷ୍ଠରେ ଅସଂଖ୍ୟ ଶକ୍ତି ମନୁଷ୍ୟକୁ କବଳିତ କରି ରଖିଛି। ଏଆଇ ବା କୃତ୍ରିମ ବୁଦ୍ଧିମତ୍ତା ବିଜ୍ଞାନର ଅବଦାନ। ବିଜ୍ଞାନ କିନ୍ତୁ ଆମକୁ ଭୟଭୀତ କରାଉଛି। ଫଳରେ ମାନବ-ମାନବ ଭିତରେ ସମ୍ପର୍କ ସ୍ଥାୟୀ ହୋଇ ରହୁନାହିଁ।

ବିଶ୍ୱାସ ଏକ ସ୍ୱତଃପ୍ରବୃତ୍ତ ଚିନ୍ତନ। ଶିଶୁଟିଏ ଜନ୍ମ ଗ୍ରହଣ କଲେ ଚିତ୍କାର କରି କାନ୍ଦେ। ତା'ର କାନ୍ଦ ହେଉଛି ବିଶ୍ୱାସ। ଅସଚେତନ ଥିଲେ ମଧ୍ୟ ତା'ର ବିଶ୍ୱାସ ଯେ ମୋର କ୍ରନ୍ଦନ ଶୁଣିବାକୁ ମାଆ ସଚେତନ ଅଛି। ସେହି ବିଶ୍ୱାସ ହିଁ ଜୀବନର ସତ୍ତା। ବିଶ୍ୱାସ ହିଁ ଜନ୍ମଜନ୍ମାନ୍ତର ସମ୍ପର୍କ। ଯେପରି ମାଟି ପାତ୍ରର ଛୋଟ ଛିଦ୍ରଟିଏ ପାଣିକୁ ଧରି ରଖିପାରେ ନାହିଁ, ଠିକ ସେମିତି ସମ୍ପର୍କରେ ଲେଶମାତ୍ର ଅବିଶ୍ୱାସ ସାରା ଜୀବନ ପାଇଁ ଏକ ରେଖା ଟାଣିଦିଏ। ତାହା ହେଉଛି ଅବିଶ୍ୱାସ। ବିଶ୍ୱାସ ଅଛି ବୋଲି ତ ରାସ୍ତାପାର୍ଶ୍ୱରେ ବିକ୍ରି ହେଉଥିବା ଖାଦ୍ୟ ଆମେ ସାଦରେ ଗ୍ରହଣ କରୁଛୁ। କିନ୍ତୁ ସେହି ବିଶ୍ୱାସରେ ଏବେ ବିରାଟ ପ୍ରଶ୍ନବାଚୀ। ପ୍ରତି ହୃତ୍‌ସ୍ପନ୍ଦନରେ ସୃଷ୍ଟି ହେଉଛି ଅସମାହିତ ପ୍ରଶ୍ନଚିହ୍ନ। କାହିଁକି ବିଶ୍ୱାସରେ ସଙ୍କଟ? ସ୍ୱାର୍ଥ ନା ପରିବର୍ତ୍ତିତ ପରିବେଶ ନା ସମୟ? ନା ଜ୍ଞାନର ପ୍ରକୃତ ପରିଭାଷାକୁ ବ୍ୟାପ୍ତ କରିବାର ଦୁର୍ବଳତା? ବିଶ୍ୱାସ ନଥିଲେ ଜୀବନ ବି ନାହିଁ। ବିଶ୍ୱାସ ନଥିଲେ ଆତ୍ମିୟତାବୋଧ କାହିଁ? ବିଶ୍ୱାସହୀନତା ହିଁ ଆଜନ୍ମ ଦୁଃଖର କାରଣ। ଅନ୍ତତଃ ବିଶ୍ୱାସକୁ ସଜାଗ କରିବା ସମସ୍ତଙ୍କର କର୍ତବ୍ୟ।

ସିମିନଇ(ଢେଙ୍କାନାଳ), ମୋ: ୯୪୩୭୨୯୦୧୮୧

## ରାବଣ ମନ୍ଦିର

### ବିଚିତ୍ର ବିଶ୍ୱାସ

**ଓଜସ୍ୱିନୀ**

ପୂର୍ବପ୍ରକାଶିତ ଉତ୍ତାରୁ...

ରାବଣଙ୍କୁ ସମର୍ପିତ ଦ୍ୱିତୀୟ ମୁଖ୍ୟ ମନ୍ଦିରଟି ହେଉଛି ରାଜସ୍ଥାନର ଉଦୟପୁରଠାରେ ଥିବା କମଳନାଥ ମହାଦେବ ମନ୍ଦିର। ଏହି ମନ୍ଦିରର ବୈଚିତ୍ର ହେଉଛି, ଏଠାରେ ମହାଦେବଙ୍କ ପୂର୍ବରୁ ଅସୁରରାଜ ରାବଣଙ୍କ ପୂଜାର୍ଚ୍ଚନା କରାଯାଏ। ଭକ୍ତମାନେ ପ୍ରଥମେ ରାବଣଙ୍କୁ ଦର୍ଶନ କରିବା ପରେ ମହାଦେବଙ୍କୁ ଦର୍ଶନ କରନ୍ତି। କମଳନାଥ ମହାଦେବ ନାମରେ ପ୍ରସିଦ୍ଧ ଏହି ମନ୍ଦିର ଉଦୟପୁରଠାରୁ ପ୍ରାୟ ୭୦ କି.ମି. ଦୂର ଝାଡୋଲ୍ ଅଞ୍ଚଳର ଆୱରଗଡ଼ ପାର୍ବତ୍ୟାଞ୍ଚଳରେ ରହିଛି। ସ୍ଥାନୀୟ ଲୋକକଥା ଅନୁସାରେ ଏଠାରେ ରାବଣ ଶିବଙ୍କୁ ପ୍ରସନ୍ନ କରିବା ପାଇଁ ତପସ୍ୟା କରିଥିଲେ। ତପସ୍ୟା ସମୟରେ ରାବଣ ପ୍ରତିଦିନ ୧୦୮ ଟି ପଦ୍ମ ଶିବଙ୍କୁ ଅର୍ପଣ କରୁଥିଲେ। ଏକଦା ସୃଷ୍ଟିକର୍ତ୍ତା ବ୍ରହ୍ମା ରାବଣଙ୍କ ଭକ୍ତି ପରୀକ୍ଷା ନେବା ପାଇଁ ଗୋଟିଏ ପଦ୍ମପୁଷ୍ପ ଅଦୃଶ୍ୟ କରିଦେଲେ। କମଳ ପୁଷ୍ପର ଅଭାବକୁ ପୂରଣ କରିବା ପାଇଁ ରାବଣ ନିଜ ମସ୍ତକ ଛେଦନ କରି ମହାଦେବଙ୍କୁ ଅର୍ପଣ କଲେ। ରାବଣଙ୍କ ଭକ୍ତିରେ ପ୍ରସନ୍ନ ହୋଇ ସ୍ୱୟଂ ମହାଦେବ ପ୍ରକଟ ହୋଇ ରାବଣଙ୍କ ନାଭିରେ ଅମୃତକୁଣ୍ଡ ସ୍ଥାପନାର ବରଦାନ ଦେବା ସହିତ ଦଶାନନ ହେବାର ସୌଭାଗ୍ୟ ପ୍ରଦାନ କଲେ। ଏହି ସ୍ଥାନରେ ରାବଣ କମଳପୁଷ୍ପ ସ୍ଥାନରେ ନିଜର ମସ୍ତକ ଅର୍ପଣ କରି ଶିବଙ୍କୁ ପ୍ରସନ୍ନ କରିଥିବାରୁ ଏହି ଶିବଲିଙ୍ଗ କମଳନାଥ ନାମରେ ନାମିତ ହୋଇଛନ୍ତି। ଏଠାରେ ରାବଣଙ୍କ ପୂଜାର୍ଚ୍ଚନା ବିନା ଶିବ ଦର୍ଶନ ବ୍ୟର୍ଥ ବୋଲି କୁହାଯାଉଛି। ତେଣୁ ସ୍ଥାନୀୟ ବିଶ୍ୱାସ ଅନୁସାରେ ମହାଦେବଙ୍କୁ ପ୍ରସନ୍ନ କରି ମନୋବାଞ୍ଛିତ ବରଦାନ ପ୍ରାପ୍ତି କରିବାକୁ ହେଲେ ପ୍ରଥମେ ରାବଣଙ୍କୁ ପୂଜା କରାଯାଉଛି। ରାବଣଙ୍କ ପୂଜା କରିବା ଦ୍ୱାରା ମହାଦେବଙ୍କ ବିଶେଷ କୃପା ଲାଭ ହୋଇଛି ବୋଲି ଶ୍ରଦ୍ଧାଳୁମାନେ ସେମାନଙ୍କର ଅଭିଜ୍ଞତା ଓ ଅନୁଭବରୁ କହିଥା'ନ୍ତି।

ଦେବଭୂମି ଉତ୍ତରାଖଣ୍ଡର ଚମୋଲି ଜିଲ୍ଲାର ବେରାସକୁଣ୍ଡଠାରେ ମହାଦେବଙ୍କର ଏକ ପ୍ରାଚୀନ ମନ୍ଦିର ଅଛି, ଯାହା ନିକଟରେ ରହିଛି ରାବଣ ଶିଳା। ଏଠାରେ ରାବଣ ଶିବଙ୍କୁ ପ୍ରସନ୍ନ କରିବା ପାଇଁ ଗୋଟିଏ ଗୋଡ଼ରେ ଠିଆ ହୋଇ ୧୦ ହଜାର ବର୍ଷ କଠୋର ତପସ୍ୟା କରିଥିଲେ। ତପସ୍ୟା ଫଳପ୍ରସୂ ନହେବାର ଆଶଙ୍କା କରି ରାବଣ ଏଠାରେ ତାଙ୍କର ଶିର ଛେଦନ କରି ମହାଦେବଙ୍କୁ ଅର୍ପଣ କରିଥିଲେ ବୋଲି ଲୋକକଥା ଅଛି। ନଅଟି ଶିର ଛେଦନ ପରେ ଦଶମ ଶିର ଛେଦନ କରିବା ସମୟରେ ସ୍ୱୟଂ ଶିବ ରାବଣଙ୍କ ସମ୍ମୁଖରେ ପ୍ରକଟ ହେଲେ ଏବଂ ବର ଯାଚନା କରିବାକୁ କହିଲେ। ମହାଦେବ ସବୁଦିନ ପାଇଁ ସେହି ସ୍ଥାନରେ ଅବସ୍ଥାନ କରନ୍ତୁ ବୋଲି ରାବଣ ବର ମାଗିବାରୁ ମହାଦେବ ସନ୍ତୁଷ୍ଟ ହୋଇ ଶିବଲିଙ୍ଗ ଭାବେ ସେଠାରେ ରହିଲେ। ବେରାସକୁଣ୍ଡ ମହାଦେବ ସ୍ୱୟମ୍ଭୂ ବୋଲି କୁହାଯାଏ। 'ସ୍କନ୍ଦପୁରାଣ'ର 'କେଦାରଖଣ୍ଡ'ରେ ମଧ୍ୟ ଏହି ଅଞ୍ଚଳକୁ ଏକ ପବିତ୍ରଭୂମି ଭାବେ ବର୍ଣ୍ଣନା କରାଯାଇଛି। ଉତ୍ତରାଖଣ୍ଡର ଚମୋଲି ଜିଲ୍ଲାରେ ଦଶୋଲି ନାମକ ଗୋଟିଏ ଗାଁର ଅଛି। ଦଶାନନ ନାମର ଅପଭ୍ରଂଶ ହୋଇ ଏହା ଦଶୋଲି ହୋଇଥାଇପାରେ ବୋଲି ଐତିହାସିକମାନେ ମତ ଦିଅନ୍ତି। 'ରାବଣ ସଂହିତା'ରେ ଉଲ୍ଲେଖ ଅଛି ଯେ, ଏହି ସ୍ଥାନରେ ରାବଣ 'ନାଡ଼ି ବିଜ୍ଞାନ' ରଚନା କରିଥିଲେ। ରାବଣ ଶିଳାକୁ ଶ୍ରଦ୍ଧାଳୁମାନେ ରାବଣଙ୍କ ପ୍ରତୀକ ଭାବେ ପୂଜାର୍ଚ୍ଚନା କରିଥା'ନ୍ତି।

ଭାରତର ଆଉ କେତେକ ମନ୍ଦିର ମଧ୍ୟ ରାବଣଙ୍କୁ ସମର୍ପିତ। ଯଥା - ଉତ୍ତରପ୍ରଦେଶର ଗୌତମବୁଦ୍ଧ ନଗରରୁ ପ୍ରାୟ ୧୫ କିଲୋମିଟର ଦୂର ବିସରଖ ଗାଁରେ ଥିବା ରାବଣ ମନ୍ଦିର, ଯାହାକୁ ରାବଣଙ୍କ ଜନ୍ମସ୍ଥାନ ବୋଲି କୁହାଯାଉଛି। ଏଠାରେ ରାବଣଙ୍କ ଏକ ସୁନ୍ଦର ମନ୍ଦିର ସହିତ ତାଙ୍କର ପିତା ବିଶ୍ରବାଙ୍କ ମଧ୍ୟ ଗୋଟିଏ ମନ୍ଦିର ଅଛି। ରାବଣ ମନ୍ଦିର ପରିସର ଭିତରେ ଗୋଟିଏ ପ୍ରାଚୀନ ଶିବ ମନ୍ଦିର ରହିଛି। ଏହି ଶିବଲିଙ୍ଗକୁ ରାବଣ ପୂଜା କରୁଥିଲେ ବୋଲି କୁହାଯାଏ। ଏଠାରେ ଦଶହରା ଦିନ ରାବଣଙ୍କୁ ବିଶେଷ ପୂଜାର୍ଚ୍ଚନା କରାଯାଇ ସ୍ୱାଦିଷ୍ଟ ଭୋଗ ଅର୍ପଣ କରାଯାଇଥାଏ। ଜନଶ୍ରୁତି କହେ ଯେ, ଅନେକ ବର୍ଷ ପୂର୍ବରୁ ଏହି ଗ୍ରାମରେ ମଧ୍ୟ ଦଶହରା ପାଳନ ପୂର୍ବକ ରାବଣଙ୍କ ପୁତ୍ତଳିକାକୁ ଦହନ କରାଯାଇଥିଲା। ପରିଣାମ ସ୍ୱରୂପ ଗ୍ରାମରେ ଅନେକ ଲୋକ ମୃତାହତ ହେଲେ। ଏହାପରେ ଅନେକ ଯଜ୍ଞ ଏବଂ ରାବଣଙ୍କ ଉଦ୍ଦେଶ୍ୟରେ ମନ୍ତ୍ରୋଚାରଣ ଦ୍ୱାରା ଶୁଭଫଳ ଲାଭ ହେଲା। ଏହା ପରଠାରୁ କେବେ ମଧ୍ୟ ଏହି ଗ୍ରାମରେ ରାବଣପୋଡ଼ି କରାଯାଏନାହିଁ। କାନପୁରରେ ଥିବା ରାବଣ ମନ୍ଦିର, ଯାହାକି କେବଳ ଦଶହରା ଦିନ ଖୋଲାଯାଏ ଏବଂ ଏହିଦିନ ରାବଣଙ୍କୁ ଦୁଗ୍ଧରେ ଅଭିଷେକ କରାଇ ଶୃଙ୍ଗାର କରାଯାଇ ଆଳତି ଓ ପୂଜାର୍ଚ୍ଚନା କରାଯାଏ। ମଧ୍ୟପ୍ରଦେଶର ବିଦିସାଠାରେ ଥିବା ରାବଣ ମନ୍ଦିରରେ କାନ୍ୟକୁବ୍‌ଜ ବ୍ରାହ୍ମଣ ସମୁଦାୟର ବରବଧୂ ରାବଣଙ୍କ ଆଶୀର୍ବାଦ ନେବା ପାଇଁ ଆସନ୍ତି। ଆନ୍ଧ୍ରପ୍ରଦେଶର କାକିନାଡ଼ାରେ ଥିବା ଶିବ ମନ୍ଦିରରେ ପ୍ରାୟ ୩୦ଫୁଟ ଉଚ୍ଚର ରାବଣଙ୍କ ମୂର୍ତ୍ତି ରହିଛି। ଏହି ମନ୍ଦିରରେ ପୂଜା ପାଉଥିବା ଶିବଲିଙ୍ଗଙ୍କୁ ରାବଣ ନିଜେ ପ୍ରତିଷ୍ଠା କରାଇଥିଲେ ବୋଲି ଲୋକକଥା ଅଛି।(ସମାପ୍ତ)

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ‘ସୁଭଦ୍ରା’ର ରାଜ୍ୟସ୍ତରୀୟ ପରିଚାଳନା ଓ ତଦାରଖ କମିଟି ବୈଠକ

# ହିତାଧିକାରୀମାନଙ୍କ ସାମଗ୍ରିକ ଆର୍ଥିକ ସଶକ୍ତୀକରଣ ଉପରେ ଗୁରୁତ୍ୱ

ଭୁବନେଶ୍ୱର,୩୧।୭ (ସମିସ): ଲୋକସେବା ଭବନ ସମ୍ମିଳନୀ କକ୍ଷରେ "ସୁଭଦ୍ରା' ରାଜ୍ୟସ୍ତରୀୟ ପରିଚାଳନା ଓ ତଦାରଖ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଅଧ୍ୟକ୍ଷତା କରି ସୁଭଦ୍ରା ଯୋଜନାର ପ୍ରଭାବୀ କାର୍ଯ୍ୟକାରିତା ସମ୍ପର୍କରେ ସମୀକ୍ଷା ଓ ତଦାରଖ କରିବା ସହ ଯୋଜନାର ଆଗାମୀ କାର୍ଯ୍ୟାନ୍ୱୟନ ଉପରେ ପରାମର୍ଶ ପ୍ରଦାନ କରିଥିଲେ। ସୁଭଦ୍ରା ହିତାଧିକାରୀମାନେ ସରକାରଙ୍କ ଅନ୍ୟ ବିଭିନ୍ନ ଯୋଜନାରୁ ଲାଭ ଉଠାଇ କିପରି ସାମଗ୍ରିକ ଆର୍ଥିକ ସଶକ୍ତିକରଣ ହୋଇପାରିବେ ସେ ସମ୍ପର୍କରେ ଶ୍ରୀ ଆହୁଜା ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ନିର୍ଦ୍ଦେଶିକା ମୋନିଷା ବାନାର୍ଜୀ ସୁଭଦ୍ରା ଯୋଜନାରେ ଅବଲମ୍ବନ କରାଯାଇଥିବା ଉତ୍ତମ ଅଭ୍ୟାସ ଓ ଅଭିନବତ୍ୱ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ବିଭାଗୀୟ ନିର୍ଦ୍ଦେଶିକା ମୋନିଷା ବାନାର୍ଜୀ ସୁଭଦ୍ରା ଯୋଜନା ସମ୍ବନ୍ଧୀୟ ଖର୍ଚ୍ଚ ବାବଦରେ ଆଲୋଚନା କରିଥିଲେ। ସେହିପରି ଅଭିଯୋଗ ଶୁଣାଣି ପ୍ରକ୍ରିୟାରେ ସୁଭଦ୍ରା ପୋର୍ଟାଲରେ ଏଯାବତ୍ ୩ ଲକ୍ଷ ୫୧ ହଜାର ୪୯୨ ଅଭିଯୋଗ ମଧ୍ୟରୁ ୧ଲକ୍ଷ ୮୩ହଜାର ୬୮୧ ଅଭିଯୋଗର ସମାଧାନ ହୋଇପାରିଛି। କେବଳ ମହିଳାମାନଙ୍କ ଦ୍ୱାରା ଚାଲୁଥିବା 'କୁହ ସୁଭଦ୍ରା' ଅଭିଯୋଗ ସମାଧାନ କେନ୍ଦ୍ରରେ ଏପର୍ଯ୍ୟନ୍ତ ଦିନକୁ ପ୍ରାୟ ୨୦ ହଜାରରୁ ଅଧିକ କଲ୍ ଗ୍ରହଣ କରାଯାଇ ସେସବୁର ଉତ୍ତର ଦିଆଯାଇଥିବା ମହିଳା ଓ ଶିଶୁ ବିକାଶ ବିଭାଗ ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା ଉଲ୍ଲେଖ କରିଥିଲେ। କ୍ୟାବିନେଟ ଅନୁମୋଦନର ମାତ୍ର ୧୦୦ ଦିନରେ ଏହି ଯୋଜନା କାର୍ଯ୍ୟକାରୀ କରାଯିବା ସହ ଦୁଇଟି କିସ୍ତିରେ ହିତାଧିକାରୀଙ୍କୁ ସୁବିଧାରେ ଆର୍ଥିକ ସହାୟତା ସ୍ଥାନାନ୍ତର କରିବାରେ ସାମୂହିକ ସରକାରୀ ବ୍ୟବସ୍ଥା ସହ ମହିଳା ଓ ଶିଶୁ ବିକାଶ ବିଭାଗର ସୁସମନ୍ୱୟ ନିମନ୍ତେ ମୁଖ୍ୟ ଶାସନ ସଚିବ ମହିଳା ଓ ଶିଶୁ ବିଭାଗକୁ ପ୍ରଶଂସା କରିଛନ୍ତି। ବୈଠକରେ ମହିଳା ଓ ଶିଶୁ ବିକାଶ ବିଭାଗ ସମେତ ସମ୍ପୃକ୍ତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ତଥା କମିଟିର ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

# ଆଇଏଏସ୍ ସ୍ତରରେ ଅଦଳବଦଳ

## ୪ ଉନ୍ନୟନ କର୍ତ୍ତୃପକ୍ଷରେ ଉପାଧ୍ୟକ୍ଷ ନିଯୁକ୍ତି

ଭୁବନେଶ୍ୱର,୩୧।୭ (ସମିସ): ରାଜ୍ୟ ସରକାର ଗୁରୁବାର ଆଇଏଏସ୍ ସ୍ତରରେ ଏକ ଛୋଟଧରଣର ଅଦଳବଦଳ କରିଛନ୍ତି। ଏନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି।

ବିଜ୍ଞପ୍ତି ଅନୁଯାୟୀ, ୨୦୧୫ ମସିହା ବ୍ୟାଚ୍ ଆଇଏଏସ ଆବୋଲି ସୁନିଲ ନରଭଣେଙ୍କୁ ଓଡ଼ିଶା ରାଜ୍ୟ କ୍ଷୁଦ୍ର ଶିଳ୍ପ ନିଗମ ଓ ଓଡ଼ିଶା ରାଜ୍ୟ ଅର୍ଥ ନିଗମର ପରିଚାଳନା ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ୨୦୨୧ ବ୍ୟାଚ୍ ଆଇଏଏସ୍ ଧିନା ଦସ୍ତାଗିରଙ୍କୁ ରାଉରକେଲା ମହାନଗର ନିଗମର କମିଶନର, ରାଉରକେଲା ସ୍ମାର୍ଟ ସିଟି ଲିମିଟେଡର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ରାଉରକେଲା ଉନ୍ନୟନ କର୍ତ୍ତୃପକ୍ଷର ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ୨୦୨୧ ବ୍ୟାଚ୍ ଆଇଏଏସ ରେହାନ ଖତ୍ରୀଙ୍କୁ ସମ୍ବଲପୁର ଉନ୍ନୟନ କର୍ତ୍ତୃପକ୍ଷର ଉପାଧ୍ୟକ୍ଷ ଭାବେ ଅତିରିକ୍ତ ଦାୟିତ୍ୱ ମିଳିଥିବା ବେଳେ ସମାନ ବ୍ୟାଚ୍‌ର କିରଣଦୀପ କୌର ସାହୋତାଙ୍କୁ କଟକ ଉନ୍ନୟନ କର୍ତ୍ତୃପକ୍ଷର ଉପାଧ୍ୟକ୍ଷ ଭାବେ ଅତିରିକ୍ତ ଦାୟିତ୍ୱ ମିଳିଛି। ସେହିପରି ଆଇଏଏସ ପ୍ରଥମେଶ ଅରବିନ୍ଦ ରାଜସିର୍କେଙ୍କୁ ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷର ଉପାଧ୍ୟକ୍ଷ ଭାବେ ଅତିରିକ୍ତ ଦାୟିତ୍ୱ ମିଳିଛି।

■ ହାଇକୋର୍ଟରେ ରୋଜଭ୍ୟାଲି ଚିଟ୍‌ଫଣ୍ଡ ଠକେଇ ଘଟଣା

# ଗୌତମ କୁଣ୍ଡୁଙ୍କ ଜାମିନ ଆବେଦନ ପୁଣି ଖାରଜ

କଟକ, ୩୧।୭ (ସମିସ): ବହୁଚର୍ଚ୍ଚିତ ରୋଜଭ୍ୟାଲି ଚିଟଫଣ୍ଡ ଠକେଇ ଘଟଣାର ମୁଖ୍ୟ ଅଭିଯୁକ୍ତ ତଥା ଏହି ଚିଟ୍‌ଫଣ୍ଡ ସଂସ୍ଥାର ଅଧ୍ୟକ୍ଷ ଗୌତମ କୁଣ୍ଡୁଙ୍କ ପକ୍ଷରୁ ଦାୟର ଜାମିନ ଆବେଦନକୁ ତୃତୀୟଥର ପାଇଁ ଖାରଜ କରିଦେଇଛନ୍ତି ହାଇକୋର୍ଟ। ୧୭ ହଜାର ୩୬୭କୋଟିର ଏହି ବଡ଼ ଠକେଇ ଘଟଣାରେ ଅଦ୍ୟାବଧି ଜମାକାରୀଙ୍କୁ ୯ହଜାର କୋଟି ଟଙ୍କା ଜମାକାରୀଙ୍କୁ ପଇଠ ହୋଇପାରିନାହିଁ। ବହୁସଂଖ୍ୟାରେ ଜମାକାରୀ ବିପୁଳ ପରିମାଣର ଠକେଇର ଶିକାର ହୋଇଥିବାକୁ ଦୃଷ୍ଟି ରଖି ହାଇକୋର୍ଟ ଜାମିନ ଆବେଦନକୁ ଅଗ୍ରାହ୍ୟ କରିଦେଇଛନ୍ତି। ଜଷ୍ଟିସ୍ ଗୌରୀଶଙ୍କର ଶତପଥୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଏଥିପୂର୍ବରୁ ଶ୍ରୀ କୁଣ୍ଡୁଙ୍କ ଜାମିନ ଆବେଦନକୁ ଗତ୨୦୨୪ଅଗଷ୍ଟ୨୧ଓ୨୦୨୪ଡିସେମ୍ବର୨୪ରେ ଦୁଇ ଥର ପାଇଁ ହାଇକୋର୍ଟ ଖାରଜ କରିଛନ୍ତି। ଏପରିକି, ଏହା ବିରୋଧରେ ସେ ଦାୟର କରିଥିବା ଆବେଦନକୁ ମଧ୍ୟ ଗତ ୨୦୨୫ ଫେବୃଆରି ୩ରେ ସର୍ବୋଚ୍ଚ ଅଦାଳତରେ ଖାରଜ ହୋଇଥିବା ନେଇ ଶୁଣାଣି ବେଳେ ସ୍ପଷ୍ଟ ହୋଇଥିଲା। ଆବେଦନକାରୀଙ୍କ ତରଫରୁ ଏହି ତଥ୍ୟ ଲୁଚାଯାଇଥିବା ନେଇ ଅଦାଲତ ମଧ୍ୟ ଅସନ୍ତୋଷ ପ୍ରକାଶ କରିଥିଲେ। ମାମଲାରୁ ପ୍ରକାଶ ଯେ ରୋଜଭ୍ୟାଲି ଗ୍ରୁପ ଲକ୍ଷାଧିକ ଜମାକାରୀଙ୍କଠାରୁ ୧୭ହଜାର କୋଟି ଟଙ୍କା ଠକେଇ ଅଭିଯୋଗ ହୋଇଥିଲା। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ସିବିଆଇ ଏହାର ତଦନ୍ତ କରିଥିଲା। ୨୦୧୫ରେ ଇଡି ଓ ସିବିଆଇ ଏହି ମାମଲାର ତଦନ୍ତ କରି ସଂସ୍ଥାର ଅଧ୍ୟକ୍ଷ ଶ୍ରୀ କୁଣ୍ଡୁ ଓ ତାଙ୍କ ପତ୍ନୀ ଶୁଭ୍ରା କୁଣ୍ଡୁଙ୍କୁ ଗିରଫ କରିଥିଲା। ଭୁବନେଶ୍ୱର ସ୍ୱତନ୍ତ୍ର ସିବିଆଇ ଅଦାଲତରେ ଏବେ ଏହି ମାମଲା ବିଚାରାଧିନ ରହିଛି। ଖୋର୍ଦ୍ଧା ଦୌରା ଅଦାଲତ ୨୦୧୭ନଭେମ୍ବର୨୪ରେ ଶ୍ରୀ କୁଣ୍ଡୁଙ୍କ ଜାମିନ ଆବେଦନ ଖାରଜ କରିଥିଲେ। ବର୍ତ୍ତମାନ ସମୟ ମଧ୍ୟରେ ଏହି ମାମଲାରେ ଅନେକ ଅଗ୍ରଗତି ହୋଇଛି। ବିଶେଷକରି ଅତିରିକ୍ତ ଚାର୍ଜସିଟ ଦାଖଲ କରାଯାଇଛି ଓ ଅନ୍ୟ କେତେକସହ ଅଭିଯୁକ୍ତ ମାନଙ୍କୁ ଜାମିନ ମିଳିସାରିଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ରୁଷ ସହ...

ବ୍ୟବସାୟିକ ସହଯୋଗ ସଂକ୍ରାନ୍ତରେ ଆଲୋଚନା କରି ଆସିଛନ୍ତି। ଦୁଇ ଦେଶ ମଧ୍ୟରେ ସମ୍ପ୍ରତି ୧୯୧ ଆରବ ଡ଼ଲାର କାରବାର ହେଉଛି ଓ ୨୦୩୦ ସୁଦ୍ଧା ଏହାକୁ ୫୦୦ ଆରବ ଡ଼ଲାରରେ ପହଞ୍ଚାଇବାକୁ ଆଲୋଚନା ଚାଲିଛି। ମାତ୍ର ଏହି ସମୟରେ ୨୫% ଶୁଳ୍କ ଲାଗୁ ଭାରତୀୟ ବ୍ୟବସାୟୀଙ୍କୁ ଆଶ୍ଚର୍ଯ୍ୟଚକିତ କରିଛି।

ଆସନ୍ତା ଅଗଷ୍ଟ ୨୬ ତାରିଖରେ ଆମେରିକାର ଏକ ପ୍ରତିନିଧିଦଳ ବ୍ୟବସାୟିକ ଆଲୋଚନା ନିମନ୍ତେ ପୁଣି ଭାରତ ଗସ୍ତରେ ଆସିବେ ଓ ଅକ୍ଟୋବର-ନଭେମ୍ବର ମାସ ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା କରାଯିବାକୁ ଉଭୟ ଦେଶ ଲକ୍ଷ୍ୟ ରଖିଥିବାବେଳେ ଆସନ୍ତାକାଲିଠାରୁ ନୂଆ ଟିକସ ଲାଗୁ ଭବିଷ୍ୟତରେ ବ୍ୟବସାୟିକ ସମ୍ପର୍କକୁ ବାଧାପ୍ରାପ୍ତ କରିବାର ଆଶଙ୍କା ରହିଛି।

## ସରକାରଙ୍କ ଆଭିମୁଖ୍ୟକୁ...

ଦିନକ ପରେ ହେବାକୁଥିବା ଶୁଣାଣିରେ ରାଜ୍ୟ ସରକାର କେଉଁ ତଥ୍ୟ ରଖିବେ ଓ କେଉଁ ଆଭିମୁଖ୍ୟ ପୋଷଣ କରିବେ ତାହା ଉପରେ ରାଜ୍ୟବାସୀଙ୍କର ନଜର ରହିଛି।

ଗତ ୨୩ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମହାନଦୀ ଜଳବିବାଦକୁ ସଂକ୍ରାନ୍ତରେ ଏକ ସମୀକ୍ଷା ବୈଠକ କରିଥିଲେ। କେନ୍ଦ୍ରୀୟ ଜଳ କମିଶନରେ ସମସ୍ୟା ସମାଧାନ ପାଇଁ ହେଉଥିବା ଉଦ୍ୟମ ମନ୍ଥର ଗତିରେ ଚାଲିଥିବାରୁ କେନ୍ଦ୍ର ସରକାରଙ୍କ ସହଯୋଗରେ ଉଭୟ ରାଜ୍ୟ ମଧ୍ୟରେ ଆପୋଷ ଆଲୋଚନା କରାଯାଇ ଏହି ସମସ୍ୟାର ସମାଧାନ କରାଯାଇପାରିବ ବୋଲି ସେ ମତବ୍ୟକ୍ତ କରିଥିଲେ। ଏପରିକି ଦୁଇରାଜ୍ୟ ମଧ୍ୟରେ ଉଚ୍ଚସ୍ତରୀୟ ପଦାଧିକାରୀ ମାନେ ଏ ନେଇ ଆଲୋଚନାରତ ଥିବା ବୈଠକରୁ ଜଣା ପଡ଼ିଥିଲା। ଏହାପୂର୍ବରୁ ମୁଖ୍ୟମନ୍ତ୍ରୀ ଏକାଧିକ ଧର ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏଙ୍କ ସହ ବିବାଦ ସମ୍ପର୍କରେ ଆଲୋଚନା କରିଛନ୍ତି। ତାଙ୍କ ସହ କଣ ଆଲୋଚନା ହୋଇଛି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସର୍ବସାଧାରଣରେ ପ୍ରକାଶ କରିନାହାନ୍ତି। ମହାନଦୀ ଓଡ଼ିଶାର ଜୀବନରେଖା। ଏହାକୁ ନେଇ ସରକାର କୌଣସି ନିଷ୍କର୍ଷରେ ପହଞ୍ଚିବା ପୂର୍ବରୁ ସମସ୍ତଙ୍କୁ ବିଶ୍ୱାସକୁ ନେବା ଆବଶ୍ୟକ। ତେଣୁ ଛତିଶଗଡ଼ ସହ କେଉଁପ୍ରକାର ବୁଝାମଣା ହେଉଛି, ତାହା ମୁଖ୍ୟମନ୍ତ୍ରୀ କିମ୍ବା ରାଜ୍ୟ ସରକାର ସାର୍ବଜନୀନ କରନ୍ତୁ ବୋଲି ମହାନଦୀ ଆନ୍ଦୋଳନ ସହ ଜଡ଼ିତ ବିଭିନ୍ନ ସଂଗଠନ ଦାବି କରିଛନ୍ତି।

ସୂଚନା ଅନୁଯାୟୀ ଛତିଶଗଡ଼ ସହ ଓଡ଼ିଶା ସମସ୍ୟାର ସମାଧାନ ପାଇଁ ଆଲୋଚନା ରତ ବୋଲି ନିଜେ ମୁଖ୍ୟମନ୍ତ୍ରୀ ଓ ଏଜି କହୁଥିଲେ ହେଁ, ପ୍ରତିପକ୍ଷ ଛତିଶଗଡ଼ର ଏଜି ଏହାକୁ ଖଣ୍ଡନ କରୁଛନ୍ତି। ତେଣୁ ସତ କଣ ତାହା ଜାଣିବାର ଅଧିକାର ସମସ୍ତଙ୍କର ରହିଛି ବୋଲି ମହାନଦୀ ବଞ୍ଚାଅ ଆନ୍ଦୋଳନ ପକ୍ଷରୁ ଦାବି କରାଯାଇଛି। ସେହିପରି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ମଧ୍ୟ ଏନେଇ ନିଜର କ୍ଷୋଭ ପ୍ରକାଶ କରିବା ସହ ଛତିଶଗଡ଼ ସହ ରାଜ୍ୟ ସରକାର କଣ ଆଲୋଚନା କରୁଛନ୍ତି, ତାହା ସାର୍ବଜନୀନ କରିବାକୁ ଦାବି କରିଛନ୍ତି। ଏହା ସହ ରାଜ୍ୟ ସରକାର ଏନେଇ ସର୍ବଦଳୀୟ ବୈଠକ ଡକ୍ତୁ ବୋଲି ନବୀନ ଦାବି କରିଥିଲେ। ତେବେ ନବୀନଙ୍କ ଦାବି ଏବଂ ପ୍ରସ୍ତାବକୁ ନେଇ ରାଜ୍ୟ ସରକାର କୌଣସି ଆଗ୍ରହ ଦେଖାଇନଥିବା ବେଳେ ମହାନଦୀକୁ ନେଇ ନିରବତା ଅବଲମ୍ବନ କରୁଛନ୍ତି। ଯାହା ରାଜ୍ୟ ସ୍ୱାର୍ଥ ଦୃଷ୍ଟିରୁ ଆଦୌ ଭଲ ନୁହେଁ। ମହାନଦୀ ବଞ୍ଚାଅ ଆନ୍ଦୋଳନ ପକ୍ଷରୁ କୁହାଯାଇଛି ଯେ ସରକାରୀ ସ୍ତରରେ ଆପୋଷ ଆଲୋଚନାକୁ ଯିବା ପୂର୍ବରୁ ଏହି ପ୍ରସଙ୍ଗକୁ ନେଇ ଓଡ଼ିଶାର ରାଜନୈତିକ ଦଳ, ସାମାଜିକ ସଂଗଠନ, ନଦୀ ଆନ୍ଦୋଳନ ତଥା ବିଶେଷଜ୍ଞମାନଙ୍କ ସହିତ ପରାମର୍ଶ କରାଯିବା ଜରୁରୀ ଅଟେ। ସରକାର ଏନେଇ ପଦକ୍ଷେପ ନିଅନ୍ତୁ ବୋଲି ସଂଗଠନ ପକ୍ଷରୁ ଦାବି ହୋଇଛି।

## ଉତ୍କଳକୁ ସଂକଟ...

ଗଠନ କରିଛି। ଛାତ୍ରଛାତ୍ରୀ ଅନୁପାତକୁ ନେଇ ଶିକ୍ଷକ ପଦ ସୃଷ୍ଟି କରାଯାଇଥିଲା। ବର୍ଷବର୍ଷ ଧରି ୫୫ ପ୍ରତିଶତରୁ ଅଧିକ ପଦ ଖାଲି ପଡ଼ିଛି। ଏହାସତ୍ତ୍ୱେ ପଦ ହ୍ରାସ ପାଇଁ ସୁପାରିଶ କରିବାକୁ ଏହି ୪ ଜଣିଆ କମିଟି କିପରି ପ୍ରସ୍ତାବ ଦେଉଛି ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଏହି କମିଟି ଗୋଟିଏ ପିଜି ବିଭାଗ ପାଇଁ ଜଣେ ପ୍ରାଧ୍ୟାପକ, ୨ଜଣ ସହଯୋଗୀ ପ୍ରାଧ୍ୟାପକ ଓ ୨ଜଣ ସହକାରୀ ପ୍ରାଧ୍ୟାପକ ପଦ ନିୟମ ଲାଗୁ କରୁଛନ୍ତି। ଫଳରେ କୌଣସି ସ୍ପେସିଆଲାଇଜେସନ୍ ପେପର୍ ନେବାର ସୁଯୋଗ ପାଇବେ ନାହିଁ ଛାତ୍ରଛାତ୍ରୀ। ଅନୁରୂପ ଭାବେ ସ୍ନାତକ (ୟୁଜି) ପାଠ୍ୟକ୍ରମ ପଢ଼ାଇବାକୁ କେବଳ ୩ଜଣ ସହକାରୀ ପ୍ରାଧ୍ୟାପକ ରହିବାର ପ୍ରାବଧାନ କରାଯାଉଛି। ବିଶ୍ୱବିଦ୍ୟାଳୟରେ ସମ୍ପ୍ରତି ୪୬ଟି ମଞ୍ଜୁରୀପ୍ରାପ୍ତ ପ୍ରାଧ୍ୟାପକ ପଦ ରହିଛି। ବିଧାନସଭା ତଥ୍ୟ ଅନୁଯାୟୀ, ମାତ୍ର ୧୦ ଜଣ ପ୍ରାଧ୍ୟାପକ କାର୍ଯ୍ୟରତ ଅଛନ୍ତି। ହେଲେ ସଂଗତୀକରଣ ପ୍ରକ୍ରିୟାରେ ପ୍ରାଧ୍ୟାପକ ପଦ ୨୯କୁ କମାଇବା ପାଇଁ ସୁପାରିଶ କରାଯାଇଥିବା ଜଣାପଡ଼ିଛି। ସେହିପରି ୭୫ଟି ମଞ୍ଜୁରୀପ୍ରାପ୍ତ ସହଯୋଗୀ ପ୍ରାଧ୍ୟାପକ ପଦ ମଧ୍ୟରୁ ମାତ୍ର ୩୦ଜଣ କାର୍ଯ୍ୟରତ ଅଛନ୍ତି। ଏହି ପଦ ସଂଖ୍ୟା ମଧ୍ୟ ୫୧କୁ କମାଇବାକୁ ପ୍ରସ୍ତାବ ରହିଛି।

ସଂଗତୀକରଣ ପ୍ରକ୍ରିୟା ଛାତ୍ର-ଶିକ୍ଷକ ଅନୁପାତକୁ ଗୁରୁତର ଭାବେ ପ୍ରଭାବିତ କରିବ ବୋଲି ଶିକ୍ଷାବିତ୍ ଡ. ମାନସ ବେହେରା କହିଛନ୍ତି। ସେ କହିଛନ୍ତି, ଜାତୀୟ ଶିକ୍ଷାନୀତି ଲାଗୁ ହେବା ପରେ ସ୍ନାତକରେ ୨୬ ଶହ ନମ୍ବର ବଦଳରେ ୩୬ ଶହ ମାର୍କର ପରୀକ୍ଷା ଦେବେ ଛାତ୍ରଛାତ୍ରୀ। ସଂଗତୀକରଣ ପ୍ରକ୍ରିୟା ଦ୍ୱାରା ଅଧ୍ୟାପକ ପଦ କମୁଥିବାରୁ ଶିକ୍ଷାର ଗୁଣାତ୍ମକମାନ ହ୍ରାସ ପାଇବ। ଅଧ୍ୟାପକଙ୍କ ଉପରେ କାର୍ଯ୍ୟଭାର ମଧ୍ୟ ବଢ଼ିବ। ଏଣୁ ଛାତ୍ର-ଶିକ୍ଷକଙ୍କ ଅନୁପାତକୁ ପ୍ରାଥମିକତା ଦେବା ଆବଶ୍ୟକ ବୋଲି ସେ କହିଛନ୍ତି।

ଉତ୍କଳ ବିଶ୍ୱବିଦ୍ୟାଳୟ ଭାରପ୍ରାପ୍ତ କୁଳପତି ପ୍ରଫେସର ଯଜ୍ଞେଶ୍ୱର ଦଣ୍ଡପାଟ କହିଛନ୍ତି ଯେ ସଂଗତୀକରଣ ପ୍ରକ୍ରିୟା ନେଇ ବିଶ୍ୱବିଦ୍ୟାଳୟର ପଦ ସଂଖ୍ୟା ବଢ଼ିବା ବା କମିବା ନେଇ କୌଣସି ଚୂଡ଼ାନ୍ତ ନିଷ୍ପତ୍ତି ହୋଇନାହିଁ। ସରକାର ଏନେଇ ନିଷ୍ପତ୍ତି ନେବେ ବୋଲି ସେ କହିଛନ୍ତି। ଅପରପକ୍ଷରେ ନାକ୍ ମାନ୍ୟତା ପାଇବାରେ ଉତ୍କଳ ବିଶ୍ୱବିଦ୍ୟାଳୟ ସମସ୍ୟାର ସମ୍ମୁଖୀନ ହେବ ବୋଲି ମଧ୍ୟ ଆଶଙ୍କା ପ୍ରକାଶ ପାଇଛି। ଛାତ୍ର-ଶିକ୍ଷକ ଅନୁପାତ କମିଲେ 'ଏ+' ମାନ୍ୟତା ଆହୁରି ନିମ୍ନଗାମୀ ହେବ ବୋଲି ଶିକ୍ଷାବିତ୍‌ମାନେ ଆଶଙ୍କାବ୍ୟକ୍ତ କରିଛନ୍ତି।

## ହାତୀ ଆକ୍ରମଣରେ...

ତାଙ୍କୁ ଘେରିଯାଇଥିଲେ। ଗ୍ରାମରେ ଲାଇଟ, ହାତୀ ଆସିବା ସୂଚନା ପାଇଁ ସାଇରନ ବ୍ୟବସ୍ଥା, ବିଭାଗ ଦ୍ୱାରା ହାତୀ ଘଉଡ଼ାଇବା ପାଇଁ ୨୪ ଘଣ୍ଟିଆ ପ୍ରହରା ଆଦି ଦାବି କରିଥିଲେ। ତେବେ ଏତେଗୁଡ଼ିଏ ଦାବି ଶୁଣି ବନାଞ୍ଚଳ ଅଧିକାରୀ ଉତ୍ତ୍ୟକ୍ତ ହୋଇ ଗ୍ରାମବାସୀଙ୍କୁ ଗାଳିଗୁଲଜ କରିଥିଲେ। ଏହାକୁ ନେଇ ପୁଣି କିଛି ସମୟ ଉତ୍ତେଜନା ପ୍ରକାଶ ପାଇଥିଲା।

ଖବର ପାଇ ଘଟଣାସ୍ଥଳରେ ହିନ୍ଦୋଳ ଉପଜିଲ୍ଲାପାଳ ପ୍ରଭାସ କୁମାର ବେହୁରା, ତହସିଲଦାର ଦିଲୀପ କୁମାର ସେଠୀ, ହିନ୍ଦୋଳ ଏସଡିପିଓ ସତ୍ୟକୁମାର ନନ୍ଦ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାସୁଝା କରିଥିଲେ। ଗ୍ରାମରେ ଲାଇଟ ଲଗାଇବା, ହିନ୍ଦୋଳରେ ଆତଙ୍କ ଚଳାଇଥିବା ଦନ୍ତାହାତୀକୁ ତୁରନ୍ତ ଟ୍ରାଙ୍କୁଲାଇଜ କରି ଅନ୍ୟତ୍ର ପଠାଇବା, ହାତୀ ଜଗୁଆଳିଙ୍କ ଦ୍ୱାରା ନିୟମିତ ପହରା ଆଦି ଦାବିଗୁଡ଼ିକୁ ଯଥାଶୀଘ୍ର ପୂରଣ କରାଯିବାକୁ ପ୍ରତିଶ୍ରୁତି ଦେବା ସହ ମୃତକଙ୍କ ପରିବାରକୁ ରେଡକ୍ରସ ପାଣ୍ଠିରୁ ୫ହଜାର ଟଙ୍କା ଲେଖାଏଁ ପ୍ରଦାନ କରିବା ପରେ ଉତ୍ତେଜନା ଥମିଥିଲା ଓ ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ହିନ୍ଦୋଳ ଡାକ୍ତରଖାନା ପଠାଇଥିଲା। ପରେ ରାସ୍ତା ଅବରୋଧ ପ୍ରତ୍ୟାହୃତ ହୋଇଥିଲା।

ଅନ୍ୟପଟେ କର୍ତ୍ତବ୍ୟରେ ଅବହେଳା ପାଇଁ ରାସୋଳ ବନପାଳ ଦାୟିତ୍ୱରେ ଥିବା ଲୁସ୍ମିତା ସିଂଙ୍କୁ ଢେଙ୍କାନାଳ ଡିଏଫଓ ସୁମିତ କୁମାର କର କାର୍ଯ୍ୟରୁ ନିଲମ୍ବନ କରିଥିବା ଜଣାପଡ଼ିଛି। ଏକ ଶୋକାକୁଳ ପରିବେଶରେ ଗାଁ ନିକଟ ଶ୍ମଶାନରେ ୩ ଜଣଙ୍କର ଶବଦାହ କରାଯାଇଛି।

## ମୁଖ୍ୟମନ୍ତ୍ରୀଙ୍କୁ ତଦନ୍ତ...

ଘଟଣାରେ ମୋଟ ୩ ଜଣ ଶ୍ରଦ୍ଧାଳୁଙ୍କର ମୃତ୍ୟୁ ଘଟିଥିଲା ବେଳେ କେତେଜଣ ଆହତ ମଧ୍ୟ ହୋଇଥିଲେ। ଏହି ଘଟଣାର ତଦନ୍ତ ପାଇଁ ରାଜ୍ୟ ସରକାର ଉନ୍ନୟନ କମିସନର ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରିଥିଲେ। ଉନ୍ନୟନ କମିସନରଙ୍କୁ ସହଯୋଗ କରିବା ପାଇଁ ୪ ଜଣ ଓଏଏସ ଅଧିକାରୀଙ୍କୁ ମଧ୍ୟ କମିଟିରେ ସ୍ଥାନ ମିଳିଥିଲା। ଉନ୍ନୟନ କମିଶନର ନିଜେ ଭୁବନେଶ୍ୱର ଏବଂ ପୁରୀରେ ଶୁଣାଣି କରିବା ସହ ପ୍ରତ୍ୟେକ୍ଷଦର୍ଶୀଙ୍କଠାରୁ ମତାମତ ଗ୍ରହଣ କରିଥିଲେ।

## ଆଖୁ ଚାଷର...

ଆଗ୍ରହ ପ୍ରକାଶ କରୁନାହାନ୍ତି। ୨୦୦୦-୦୧ ବର୍ଷ ବେଳକୁ ଓଡ଼ିଶାରେ ଆଖୁଚାଷ ହେଉଥିବା ଜମିର ପରିମାଣ ପ୍ରାୟ ୩୧ହଜାର ହେକ୍ଟର ଥିଲା। ଏହି ବର୍ଷରେ ୨୧ଲକ୍ଷ ମେଟ୍ରିକ ଟନ୍ ଆଖୁ ଉତ୍ପାଦିତ ହୋଇଥିଲା। ୨୦୧୮-୧୯ ବର୍ଷରେ ଓଡ଼ିଶାରେ ୨୫ହଜାରରୁ ହେକ୍ଟରରୁ କମ୍ ଜମିରେ ପ୍ରାୟ ୧୮ ଲକ୍ଷ ମେଟ୍ରିକ ଟନ୍ ଆଖୁ ଉତ୍ପାଦିତ ହୋଇଥିବା ସ୍ଥଳେ ୨୦୧୯-୨୦ ବର୍ଷରେ ୧୯ ହଜାର ହେକ୍ଟରରୁ କମ୍ ଜମିରେ ପ୍ରାୟ ୧୪ଲକ୍ଷ ମେଟ୍ରିକ ଟନ୍ ଆଖୁ ଉତ୍ପାଦିତ ହୋଇଥିଲା। ଗତବର୍ଷ ପାଖାପାଖି ୧୫ ଲକ୍ଷ ହେକ୍ଟର ଚାଷ ଜମିରେ ୧୧ରୁ ୧୨ ଲକ୍ଷ ମେଟ୍ରିକ୍ ଟନ୍ ଆଖୁ ଉତ୍ପାଦନ ହୋଇଛି।

ଏ ସମ୍ପର୍କରେ କୃଷି ବିଶେଷଜ୍ଞ ଦେବବ୍ରତ ପାଣିଗ୍ରାହୀ କହିଛନ୍ତି, ବ୍ରିଟିଶ ସରକାର ସମୟରୁ ଆସିକାରେ ଚିନିକଳ ସ୍ଥାପିତ ହୋଇଥିଲା। ଚିନିକଳଗୁଡ଼ିକ ପକ୍ଷରୁ ଚାଷୀମାନଙ୍କୁ ଉନ୍ନତ କିସମର ଆଖୁ ବିହନ ସମେତ ସାର ଓ ଅନ୍ୟାନ୍ୟ ପ୍ରୋତ୍ସାହନ ଯୋଗାଇ ଦିଆଯାଉଥିଲା। ଚାଷୀମାନଙ୍କଠାରୁ ଆଖୁ ସଂଗ୍ରହ କରି କାରଖାନାରେ ଚିନି ଉତ୍ପାଦନ କରାଯାଉଥିଲା। ଏଥିଯୋଗୁଁ ଚାଷୀମାନେ ଅଧିକ ଲାଭ ପାଇବା ଆଶାରେ ଆଖୁଚାଷ କରୁଥିଲେ। କିନ୍ତୁ ଚିନିକଳଗୁଡିକ ଗୋଟିଏ ପରେ ଗୋଟିଏ ବନ୍ଦ ହୋଇଯିବା ଫଳରେ ଉତ୍ପାଦିତ ଆଖୁ ବିକ୍ରି ମୁଖ୍ୟ ସମସ୍ୟା ହେଉଛି। ବାରମ୍ବାର କ୍ଷତି ସହିବା ଫଳରେ ଚାଷୀମାନେ ଆଖୁଚାଷ ପାଇଁ ଆଗ୍ରହ ପ୍ରକାଶ କରୁନାହାନ୍ତି। ପୂର୍ବରୁ ଗାଁ ଗହଳରେ ଆଖୁ ପେଡି ଗୁଡ଼ ଉତ୍ପାଦନ କରି ଚାଷୀମାନେ ବିଶେଷ ଲାଭବାନ ହେଉଥିଲେ। ଚିନିକଳ ସ୍ଥାପନ ପରେ ସମ୍ପୃକ୍ତ ଅଞ୍ଚଳରେ ଗୁଡ ଉତ୍ପାଦନ ଉପରେ ପ୍ରତିବନ୍ଧକ ଲଗାଯିବାରୁ ଏବେ ଗୁଡ ପାଇଁ ବି ଆମକୁ ଅନ୍ୟ ରାଜ୍ୟ ଉପରେ ନିର୍ଭର କରିବାକୁ ପଡୁଛି ବୋଲି ସେ କହିଛନ୍ତି।

## ବିରତି ନେବ...

ସିଧା ପୃଥିବୀ ଉପରେ ପଡ଼ିଥାଏ। ଏଥିପାଇଁ ତାପମାତ୍ରା ବଢ଼ିବା ସହ ମୌସୁମୀ ସମୟରେ ବାୟୁମଣ୍ଡଳରେ ପ୍ରଚୁର ଜଳୀୟବାଷ୍ପ ରହୁଥିବାରୁ ଏହା ବିଜୁଳି ଘଡ଼ିଘଡ଼ି ପାଇଁ ମଧ୍ୟ ସ୍ଥିତି ଅନୁକୂଳ କରିଥାଏ। ଯେହେତୁ ରାଜ୍ୟରେ ଗଲା କିଛି ଦିନ ମଧ୍ୟରେ ଭଲ ବର୍ଷା ହୋଇଛି, ତେଣୁ ଚାଷ କାମ ପାଇଁ ଚାଷୀମାନେ କ୍ଷେତରେ ରହିବାର ସମ୍ଭାବନା ରହିଛି। ତେଣୁ ଏହି ସମୟରେ ଚାଷୀଙ୍କ ପାଇଁ ବଜ୍ରପାତର ଅଧିକ ବିପଦ ଆଶଙ୍କା ସୃଷ୍ଟି ହୋଇଛି। ସୂଚନା ଥାଉ କି ମୌସୁମୀ ସହ ଜଡ଼ିତ ନିମ୍ନଚାପରେଖା ଉତ୍ତରମୁହାଁ ହେଲେ ଓଡ଼ିଶା ସମେତ କେନ୍ଦ୍ରୀୟ ଭାରତରେ ବର୍ଷା କମିଥାଏ। ନିମ୍ନଚାପ ରେଖା ଏହି ସମୟରେ ଉତ୍ତର ମୁହାଁ ହୋଇ ହିମାଳୟ ପାଦଦେଶରେ ସକ୍ରିୟ ରହିବା ସହ ସେଠାରେ ବର୍ଷା କରାଏ। ସେହିପରି ମୌସୁମୀ ବିରତି ସମୟରେ ପଶ୍ଚିମାଝଡ଼ର ପ୍ରଭାବ ରହିଲେ ଏହି ବିରତି ଅବଧି ବୃଦ୍ଧି ହେବାକୁ ସହାୟକ ହୋଇଥାଏ। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଜୁଲାଇ ୩୦ ତାରିଖ ସୁଦ୍ଧା ରାଜ୍ୟରେ ୬୧୩.୯ ମିମି ବର୍ଷା ହୋଇ ସାରିଛି। ଯାହାକି ସାରା ରାଜ୍ୟରେ ସ୍ୱାଭାବିକ ବର୍ଷା ୫୫୦.୭ ମିମି ତୁଳନାରେ ୧୧ ପ୍ରତିଶତ ଅଧିକ ରହିଛି।

ଅନ୍ୟପଟେ ମୌସୁମୀ ବିରତି ଯୋଗୁଁ ଦୁଇ ସପ୍ତାହ ସ୍ୱାଭାବିକଠାରୁ କମ୍ ବର୍ଷା ହେବ। ସାରା ରାଜ୍ୟରେ ଅଗଷ୍ଟରେ ବର୍ଷାର ପରିମାଣ ସ୍ୱାଭାବିକ ତୁଳନାରେ କମ୍ ରହିବ ବୋଲି ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) କହିଛି। ଅଗଷ୍ଟ ମାସ ପାଇଁ ମୌସୁମୀ ବର୍ଷାଜନିତ ଆକଳନ କରି ଆଇଏମ୍‌ଡି କହିଛି, ରାଜ୍ୟର କାଁ ଭାଁ ସ୍ଥାନକୁ ଛାଡ଼ିଦେଲେ ଅବଶିଷ୍ଟ ସଅଞ୍ଚଳରେ ଅଗଷ୍ଟ ମାସରେ ମୌସୁମୀ ବର୍ଷା ସ୍ୱାଭାବିକ ତୁଳନାରେ କମ୍ ରହିବ। ଦୁଇ ତଳେ ପଶ୍ଚିମବଙ୍ଗର ଗାଙ୍ଗେୟ ଉପତ୍ୟକାରେ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଥିଲା। ଏହା ପ୍ରଭାବରେ ଗୁରୁବାର ରାଜ୍ୟର କିଛି ଜିଲ୍ଲାରେ ବର୍ଷା ହୋଇଥିବା ବେଳେ ଶୁକ୍ରବାର ମଧ୍ୟ କେବଳ ଉତ୍ତର ଓଡ଼ିଶାର କିଛି ଜିଲ୍ଲାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ସମ୍ଭାବନା ରହିଛି। ମାତ୍ର ଶନିବାରଠାରୁ ବର୍ଷାର ପରିମାଣ ମାତ୍ରାଧିକ ହ୍ରାସ ପାଇବା ସହ ସାରା ଓଡ଼ିଶାରେ ଶୁଖିଲା ପାଗ ରହିବାର ସମ୍ଭାବନା ରହିଛି।


**AFFIDAVIT**

By the virtue of an affidavit sworn before the Notary Public, Daringibadi, Dated 31.07.2025. I, Radhika Deshmajhi, W/o- Binod Deshmajhi, Address Kalikia, Po: Kasabasa, Ps: Bamunigam, Dist: Kandhamal, State: Odisha-762021 declare that I have changed my minor daughter's name from ANJITA DESHMAJHI to MEGHA DESHMAJHI. Henceforth, She shall be known as **MEGHA DESHMAJHI** for all purposes.

**AFFIDAVIT**

By virtue of an affidavit No.2094, dtd.28.07.2025 in the court of the Executive Magistrate, Sukinda, Jajpur, I, Jogesh Kumar Majhi, Vill- Kantira, Po- Atta, Ps- Sukinda, Jajpur-755018 have changed my minor son's name from Asian Majhi to **Ashish Kumar Majhi** for all purposes.

**Sd/- Jogesh Kumar Majhi**

**AFFIDAVIT**

By virtue of an affidavit No.2465, dtd.24.06.2025 in the court of the Executive Magistrate, Pipili, Puri, I, Rojalin Rath, Vill- Mahasingpatna, Po- Dandamukundapur, Ps- Pipili, Dist- Puri, Odisha have changed my name from Rosalin Dash (Dob-12.06.1987) to Rojalin Rath (correct Dob-12.06.1988) for all purposes.

**Sd/- Rojalin Rath**

**Notice(For Minor)**

By virtue of an affidavit sworn before The Executive Magistrate, Kaptipada, Udala, Mayurbhanj , dated 30-07-2025. I, Malati Tudu, Address At- Debala, Po- Gadigaon, Dist- Mayurbhanj, Pin- 757087 declare that I have changed the name of my Son from Suray Tudu to Mangal Tudu . Henceforth, he shall be known as Mangal Tudu for all purposes.

**Malati Tudu**

**NOTICE**

By virtue of an affidavit sworn before the Notary Public, Cuttack, dated 23.07.2025 I, Maguni Prasad Singh Samanta, resident of At- Kendubilwa, PO- Prataprudrapur, PS- Balianta, Dist- Khordha-752102, Odisha have changed my name from Maguni Pradhan to Maguni Prasad Singh Samanta. Henceforth, I shall be known as **Maguni Prasad Singh Samanta** for all purposes.

**Maguni Prasad Singh Samanta**

**AFFIDAVIT**

I ALAYANA DURGAMBA, W/o A THIRUPATI, resident of Bharat Nagar Colony 1st lane, Bell Road, Po- P.R.Peta, PS- JEYPORE, Dist- Koraput, Odisha -764003, Odisha declare by this Affidavit No.678, Dated - 31/07/2025, that now onwards I shall be known as A DURGAMBA for all future purpose.

**AFFIDAVIT**

By virtue of an affidavit No.356, dtd.10.07.2025 in the court of Executive Magistrate, Chatrapur, Ganjam, I, Tukuna Nahak have changed my son namely Aswini Kumar Nahak, Date of Birth from 14.09.2007 to 29.10.2008 vide his Birth certificate Regd. No. 236/2012 and Aadhar card no. 349739778541. Henceforth my son's actual and correct date of Birth is 29.10.2008 for all purposes.

**Sd/- Tukuna Nahak**

**AFFIDAVIT**

By virtue of an affidavit Sl. No. 558, dtd. 10.07.2025 before the Notary, Bhubaneswar, I Payoja Priyadarsini Resident of At-Sanabankihati, Po- Bilasuni, Ps-Niali, Dist- Cuttack, Pin-754004, Odisha I have changed my name from Payaja Priyadarsini to Payoja Priyadarsini for all purposes.

**Sd/- Payoja Priyadarsini**

**CHANGE OF NAME**

By virtue of an affidavit sworn before Executive Magistrate, Nabarangpur dtd. 30th July 2025, I, N Vijay Nagendra (New Name), permanent resident of Gadabaguda, Nabarangpur, in the district of Nabarangpur, Odisha, Pin-764059, declare that I have changed my name from **Roshit Kumar** (Old Name) to **N Vijay Nagendra** (New Name). Henceforth, I shall be known as **N Vijay Nagendra** (New Name) for all purposes.

**N Vijay Nagendra**

**AFFIDAVIT**

By virtue of an affidavit Sl. No.- 2099, dtd.31.07.2025 in the court of the Executive Magistrate, Phulbani, Dist.- Kandhamal, I, Subhalata Kanhar, have changed my name from Subhalaxmi Kanhar to Subhalata Kanhar. Henceforth I shall be known as **Subhalata Kanhar** for all purposes.

**Sd/- Subhalata Kanhar**

**AFFIDAVIT**

I ALAYANA THIRUPATI, S/o ALAYANA ESWAR, resident of Bharat Nagar colony 1st lane, Bell Road, Po- P.R.Peta, PS- JEYPORE, Dt-Koraput, Odisha - 764 003 declare by this Affidavit No.677, Dated - 31/07/2025,that now onwards I shall be known as A THIRUPATI for all future purpose.

**CHANGE OF NAME**

By virtue of an affidavit sworn before The Notary Public, Sunabeda dated 31/07/2025 I, Smt. Jashoda Majhi, W/o Keshaba Majhi, Village - Parata, PO. - Thuba, PS. - Nandapur, District - Koraput declare that I have changed my name from **Yasoda Majhi** to **Jashoda Majhi**. Henceforth, I shall be known as **Jashoda Majhi** for all purposes.

**Jashoda Majhi**

**AFFIDAVIT**

By virtue of an affidavit Sl. No. 547, dtd. 17.03.2025 before the Notary, Bhubaneswar,I Srabana Kumar Naik Resident of At-Ganikumpa, Po- Podasahi, Ps-Banigochha, Dist-Nayagarh, Pin- 752089,Odisha I have changed my name from Muna Sahu to Srabana Kumar Naik for all purposes.

**Sd/- Srabana Kumar Naik**

O-517 Email:- rw_dharmagarh@yahoo.com

**GOVERNMENT OF ODISHA**
**OFFICE OF THE SUPERINTENDINGENGINEER**
**RURAL WORKS DIVISION, DHARMAGARH**

BID IDENTIFICATION NO. DMGH/Online-03 OF 2025-26 Dates:28.07.2025

**"e" PROCUREMENT NOTICE**

Bid documents consisting of Work, Estimate Cost, Cost of tender Paper, Bid Security, Time of Completion, Class of Contractor and the set of terms and conditions of contract and other necessary documents can be seen in Govt. website i.e. www.tendersorissa.gov.in

1.Name of the Work :Building works in the district of Kalahandi as mentioned in DTCN

2. Total No of Works : 02No.

3.Estimated Cost: :Rs.12.60 lakhs to Rs.13.83 lakhs

4.Period of Completion: : 02 Calendar Month

5.Other Details:

| Availability of Tender online for bidding | | Last date & time seeking tender clarification | Date &timeof Opening of tender |
|---|---|---|---|
| From | To | | |
| 01.08.2025 At 10.00 AM | 14.08.2025 Up to 5.00 PM | 12.08.2025 Up to 5.00 PM | 16.08.2025 At 11.00 AM |

Further details can be seen from the website www.tendersorissa.gov.in

Superintending Engineer
Rural Works Division
Dharmagarh

OIPR-25100/11/0025/2526

**AFFIDAVIT**

I, Swornabala Jena W/o Samaresh Jena, Resident of Plot No-62, Lal Bahadur Colony, Old Station Square, PO - Budheswari, PS-Laxmisagar, Bhubaneswar, Dist-Khordha, Pin-751006, Odisha declare by this affidavit No.106 dated 30.07.2025 that now onwards I shall be known as **SWORNABALA PRADHAN** for all future purposes.

**AFFIDAVIT**

I, Subhashree Das W/o Satyabrata Prusty, Resident of Plot No - 219/9379 , Chakeisihani, PO - Rasulgarh, PS- Mancheswar, Bhubaneswar, Dist - Khordha, Odisha - 751010, declare by this affidavit No.026 dated 06.01.2020 that now onwards I shall be known as **SUBHASHREE PRUSTY** for all future purposes.

**AFFIDAVIT**

I, Swapna Das W/o Saroj Kumar Tarasia, Resident of Plot No 361(P) , Saneigadia, PO- Rasulgarh, PS-Mancheswar, Bhubaneswar, Dist-Khordha, Odisha-751010, declare by this affidavit No.1465 dated 31.07.2025 that now onwards I shall be known as **SWAPNA TARASIA** forall future purposes.

**AFFIDAVIT**

By virtue of an affidavit sworn before Notary Public Titilagarh, dated 30.07.2025 I, Kuma Bag , Address At- Dhatuk, Po- Barbahal, Ps- Patnagarh, Dist- Balangir, Odisha, Pin- 767027 declare that I have changed my name from Kumbha Bag to Kuma Bag. Henceforth, I shall be known as **Kuma Bag** for all purposes.

**Kuma Bag**

**AFFIDAVIT**

I, Olivia Parida, W/o-Manas Kumar Parida, resident of vill - Baligohiri, PO - Raj Nilgiri, Dist - Balasore, Pin -756040, Odisha, declare by this affidavit No -7354, dated- 30/07/2025, that now onwards I shall be known as **OLIVIA MAITY** for all future purposes.

**AFFIDAVIT**

By virtue of an affidavit before the Notary Public, dtd- 28/07/2025. I **Gumani Sahoo,** aged about 85 years, W/o- Late Rushinath Sahoo, At- Dadhapatna, PO/PS- Barang, Dist- Cuttack, Pin- 754005, Odisha have changed my name from **Guna Lata Sahoo** to **Gumani Sahoo.** Henceforth, both the names **Guna Lata Sahoo** and **Gumani Sahoo** is one and same person and I shall be known as **Gumani Sahoo** for all purposes.

**AFFIDAVIT**

I, Mamata Rani Das, W/o- Snehasis Pattanaik, resident of Flat No. 204/A, Trident Galaxy, kalinga Nagar, Ghatikia, Ps- Chandaka, Bhubaneswar, Pin-751030, Dist- Khordha, Odisha declare by this affidavit No. 499, date- 30/07/2025, that now onwards I shall be known as **MAMATA DAS** for all future purposes.

**LOST**

**I, Sandip Kumar Beura,** S/o.: Sulekha Chandra Beura, Village: Raghunathpur, PO.: RK Patna, P.S.: Patkura, Dist.: Kendrapara, state that the Original Regd. Sale Deed No.: 10931204085 dt.10.1.2025 executed by Balaram Parida in favour of Dhaneswar Behera & original ROR Khata No.: 3537/7925 of Mouza: Samagudia favouring Dhaneswar Behera have been lost/ misplaced from my custody and my all attempt to trace/find the same fruitless despite of my best efforts. A Station Diary vide GD No.: 19 dt.2.7.2025 has been made at Kendrapara town police station in this respect on my report. No mortgage/charge/security has been created with any banks/Financial institutions by depositing the said Regd. sale deed & ROR in original for any advance till date. If no objection is received from any concerned within a period of **15 days** from the date of publication of this notice. it will be presumed that the property in question is free from all encumbrances by others.

**(Sri Sandip Kumar Beura)**
**Mob. No.7873759098**

### ଡି ଡି ସ୍ୱୟଂଶାସିତ ମହାବିଦ୍ୟାଳୟ ସୁରକ୍ଷା ମଞ୍ଚର ତିନିଦିନିଆ ଗଣଧାରଣା ସମାପ୍ତ

# ପ୍ରତିଶ୍ରୁତି ପୂରଣ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଆହ୍ୱାନ

କେନ୍ଦୁଝର, ୩୧।୭ (ସମିସ)

ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟ ସୁରକ୍ଷା ମଞ୍ଚ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ତିନିଦିନିଆ ଗଣଧାରଣା ଗୁରୁବାର ସମାପ୍ତ ହୋଇଛି। ଜିଲ୍ଲାରୁ ବହୁ ବୁଦ୍ଧିଜୀବୀ ଏଥିରେ ସାମିଲ ହୋଇ ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟର ସ୍ଥିତି ରକ୍ଷା କରି ପୂର୍ବ ଗୌରବ ଫେରାଇ ଆଣିବା ପାଇଁ ଡକରା ଦେଇଥିଲେ। ଏହି ପରିପ୍ରେକ୍ଷୀରେ ନିଜର ପ୍ରତିଶ୍ରୁତି ପୂରଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ଆହ୍ୱାନ କରାଯାଇଛି।




ଉଲ୍ଲେଖଯୋଗ୍ୟ, ୧୯୫୭ ମସିହାରୁ ଭୂତତ୍ତ୍ୱ ବିଭାଗକୁ ନେଇ କେନ୍ଦୁଝର ସାଇନ୍ସ କଲେଜ ପ୍ରତିଷ୍ଠା ହୋଇଥିଲା। ପରେ ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟର ମାନ୍ୟତା ପାଇଥିଲା। ଏବେ ଏକ ପୁରୁଣା କଲେଜକୁ ଚଞ୍ଚକତା କରି ଲୋପ କରିଦିଆଗଲା ବୋଲି ଅଭିଯୋଗ ହେଉଛି। ଫଳରେ ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟ କାଗଜପତ୍ରରେ ନିଜ ଅସ୍ତିତ୍ୱ ହରାଇଛି। ବିଶ୍ୱବିଦ୍ୟାଳୟ ନାମରେ କଲେଜ ସମ୍ପତ୍ତି ହଡ଼ପ ହେବାରେ ଲାଗିଛି।

ବିଶ୍ୱବିଦ୍ୟାଳୟ ନାମରେ ଓଏସଡ଼ି ପ୍ରତାପ ମହାନ୍ତି ଅତୀତର ଧରଣୀ ଭୂୟାଁ ବିଦ୍ରୋହର ଖଳନାୟକ ବିଚିତ୍ରା ନନ୍ଦ ଦାସ ଭୂମିକା ନିଭାଉଛନ୍ତି ବୋଲି ଆଜି ଗଣଧାରଣାସ୍ଥଳରେ ମତ ପ୍ରକାଶ ପାଇଥିଲା। ଯୁକ୍ତ ଦୁଇ ଓ ଯୁକ୍ତ ତିନି ସ୍ତରରେ ପାଠପଢା ସ୍ଥାଣୁ ହୋଇଯାଇଛି। ଦୁର୍ଭାଗ୍ୟର କଥା, ସ୍ନାତକ ଛାତ୍ରଛାତ୍ରୀ ଏବର୍ଷ ଏଯାଏ ପରିଚୟପତ୍ର ପାଇ ପାରି ନାହାନ୍ତି। ବିଶ୍ୱବିଦ୍ୟାଳୟର ସେକଥା ବୁଝିବାକୁ ବେଳ ନାହିଁ ବୋଲି ଅଭିଯୋଗ ଆସିଛି। ୟୁଜିସି ଧରଣୀଧର ବିଶ୍ୱବିଦ୍ୟାଳୟକୁ ଷ୍ଟେଟ ୟୁନିଭରସିଟି କହିବା ବେଳେ ଏବେ ଏହାକୁ ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟ ଉନ୍ନତ ହୋଇ ଏହି ବିଶ୍ୱବିଦ୍ୟାଳୟ ହେଲା ବୋଲି କହିବା ଏକ ବେନିୟମ କାର୍ଯ୍ୟ ବୋଲି କୁହାଯାଉଛି। ଏହାର ମାନ୍ୟତା ପରିବର୍ତ୍ତନ ବେଳେ ସେତେବେଳର ପୂର୍ବତନ ଛାତ୍ର ସଂଘର ତଥା ଜନସାଧାରଣଙ୍କ ଅନୁମତି ନିଆଯାଇ ନଥିଲା।

ଆଜି ଏସବୁ ବିଷୟରେ ଗଣଧାରଣାସ୍ଥଳରେ ବିଷଦ ଆଲୋଚନା ହୋଇ ଅନେକ ମୂଲ୍ୟବାନ ସୁଚିନ୍ତିତ ମତ ଓ ପ୍ରସ୍ତାବ ମିଳିଥିଲା। ମୁଖ୍ୟମନ୍ତ୍ରୀଙ୍କ ଅଗଷ୍ଟ ୩ ତାରିଖ କେନ୍ଦୁଝର ଗସ୍ତ ପୂର୍ବରୁ ବଳିଷ୍ଠ ପଦକ୍ଷେପ ନେଇ ଧରଣୀଧର ସ୍ୱୟଂ ଶାସିତ ମହାବିଦ୍ୟାଳୟକୁ ପୂର୍ବାବସ୍ଥାକୁ ଫେରାଇ ଆଣି ଏଠାରେ ଅଧିକ ଅଧାପକ ଦେଇ ନୂତନ ପିଜି ବିଷୟ ଖୋଲିବାକୁ ଗଣଧାରଣାରେ ଆହ୍ୱାନ ଦିଆଯାଇଛି। ସେହିପରି ସବୁ ଦୁର୍ନୀତି, ଅବ୍ୟବସ୍ଥାର ମୂଳ ସୂତ୍ରଧର ବିଶ୍ୱବିଦ୍ୟାଳୟ ଓଏସଡ଼ି ପ୍ରତାପଚନ୍ଦ୍ର ମହାନ୍ତିଙ୍କ କାର୍ଯ୍ୟକାଳ ଅଗଷ୍ଟ ୬ରେ ସରୁଛି ତେଣୁ ତାଙ୍କର କାର୍ଯ୍ୟକାଳ ଆଉ ନ ବଢେଇବାକୁ ଦାବି କରାଯାଇଛି।

ପୁରୁଣା ବଜାରର ସୁଲେଇଖମାଠାରେ ବିଶ୍ୱବିଦ୍ୟାଳୟ କୋଠା ଓ ଜମିରେ ଧରଣୀଧର ବିଶ୍ୱବିଦ୍ୟାଳୟର ସ୍ଥାୟୀ ମୁଖ୍ୟ ଦପ୍ତର ଅବିଳମ୍ବେ ଖୋଲିବାକୁ ବିଶ୍ୱବିଦ୍ୟାଳୟ କ୍ରିୟାନୁଷ୍ଠାନ କମିଟି ବିଭିନ୍ନ ନାଗରିକ କମିଟି ସହଯୋଗରେ ଶ୍ରୀ ବଳଦେବଜୀଉ ମନ୍ଦିର ସାମନାରେ ଗଣଧାରଣା କରିବ ବୋଲି ନିଷ୍ପତ୍ତି ଆଜି ଦୋହରାଇଛି। ତେବେ ସେଥିଲାଗି ସୁରକ୍ଷା ମଞ୍ଚ ଅଗଷ୍ଟ ୩ ଓ ୬ ତାରିଖକୁ ସତର୍କତା ସହ ଅପେକ୍ଷା କରିଛି ଧରଣୀଧର କଲେଜକୁ ମାଗଣା ଜମି ଦାନ କରିଥିବା ଲୋକଙ୍କୁ ନେଇ କଲେଜ ସମ୍ମୁଖରେ ନିଜ ପ୍ରିୟ ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟକୁ ରକ୍ଷା ଲାଗି ମଧ୍ୟ ଗଣଧାରଣା ଦେବ ବୋଲି ସୂଚନା ମିଳିଛି। ସେଥିଲାଗି ବିଭିନ୍ନ ରାଜନୈତିକ ଦଳ, ଛାତ୍ର ସଂଗଠନ, ଗଣ ସଂଗଠନ ଆଗେଇ ଆସିବାକୁ ସୁରକ୍ଷା ମଞ୍ଚର ଆବାହକ ଚକ୍ରଧର ସାହୁ ଆହ୍ୱାନ ଦେଇଛନ୍ତି।

ମଞ୍ଚର ବରିଷ୍ଠ ସଦସ୍ୟ ଭରତ ପାତ୍ର ସଭା ସଂଯୋଜନା କରିଥିଲେ। ଗବେଷକ ନିରଞ୍ଜନ ବାରିକ, ଜିଲ୍ଲା ସାମ୍ବାଦିକ ସଂଘର ସଭାପତି ବରିଷ୍ଠ ସାମ୍ବାଦିକ ସତ୍ୟନାରାୟଣ ମିଶ୍ର, ପୁରାତନ ଛାତ୍ର ସଂଘର ସଭାପତି ଆଲୋକ ମିଶ୍ର, ବିଜେଡି ସଭାପତି ତଥା ଆଲୁମନି ସଂପାଦକ ଆଶିଷ ଚକ୍ରବର୍ତ୍ତୀ, ନାରୀ ନେତ୍ରୀ ପ୍ରାଚୀବାଳା ସାହୁ, ସଂଗୀତା ସିଂହ, ସିଟିଜେନ ଫୋରମ୍ ଉପଦେଷ୍ଟା କୃଷ୍ଣଚନ୍ଦ୍ର ମହାନ୍ତି, ପୂର୍ବତନ ସାଂସଦ ମାଧବ ସର୍ଦ୍ଦାର, ଶିକ୍ଷାବିତ ଡ. ବନବିହାରୀ ମିଶ୍ର, ଡ. କ୍ଷୀରୋଦଚନ୍ଦ୍ର ମିଶ୍ର, ଦିଲ୍ଲୀପ କୁମାର ସାହୁ, ନବକିଶୋର ସାହୁ, ଲାଲମୋହନ ରାଉତ, କୃଷକ ନେତା ଦୀପକ ରାଜ, ସତ୍ୟଜିତ ମିଶ୍ର, ଶରତଚନ୍ଦ୍ର ପାତ୍ର, ରମେଶ ମହାନ୍ତ, ବାବାଜୀ ପାତ୍ର, ସୁପାଇ ମୁର୍ମୁ, ଇଂ ପ୍ରଶାନ୍ତ ଦଳେଇ ବକ୍ତବ୍ୟ ରଖିଥିଲେ। ଗୟାଧର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ପୂର୍ବତନ ବିଧାୟକ ସୁବର୍ଣ୍ଣ ନାୟକ, ସିଟିଜେନ ଫୋରମ୍ ସଭାପତି ଡ. ଅରୁଣ ସାହୁ, ରାମନାରାୟଣ ଦ୍ୱିବେଦୀ, ଅବସରପ୍ରାପ୍ତ ଅଧ୍ୟାପକ ରଞ୍ଜନ ପଣ୍ଡା, ପ୍ରତିଭା ମଞ୍ଜରୀ ନାୟକ, ରେବତୀ ସାହୁ, ପୂର୍ଣ୍ଣ ଦାସ, ତେଲକୋଇର ବରିଷ୍ଠ ନାଗରିକ କୈଳାସଚନ୍ଦ୍ର ପ୍ରଧାନ, ଅନୁସୂଚିତ ଜାତି ଏକତା ମଞ୍ଚର ଅଲେଖ ପାତ୍ର, ସୁବଳ ସେଠୀ, ନିରୋଦ ବେହେରା, ଅଯୋଧ୍ୟା ପାତ୍ର, ଗଣ୍ଡ ସମାଜ ସଭାପତି ଜନାର୍ଦ୍ଦନ ନାୟକ, ସାମ୍ବାଦିକ ସଞ୍ଜୟ ସାହୁ, ଅଧ୍ୟାପକ ଦୀପକ ଦାସ ପ୍ରମୁଖ ସାମିଲ ହୋଇଥିଲେ।

---

## ସୁଆଁପଦା ହାଟରୁ ମୋବାଇଲ ଲୁଟ୍

**ରାମଚନ୍ଦ୍ରପୁର, ୩୧।୭ (ସମିସ):** ରାମଚନ୍ଦ୍ରପୁର ଥାନା ୨୦ ନମ୍ବର ଜାତୀୟ ରାଜପଥ ସୁଆଁପଦା ବୁଧବାର ସାପ୍ତାହିକ ହାଟ ମଧ୍ୟରୁ ଜଣେ ଯୁବକଙ୍କ ମୋବାଇଲ ଲୁଟିଛନ୍ତି ଲୁଟେରା। ବେଲସୁନ୍ଦରୀ ଗ୍ରାମର ନିରଂଜନ ସାହୁ (୨୮) ଅପରାହ୍ନରେ ପନିପରିବା କିଣିବା ସମୟରେ ତାଙ୍କ ପକେଟରୁ ଦାମୀ ମୋବାଇଲଟିକୁ ଲୁଟି ନେଇ ଦୁର୍ବୃତ୍ତ ଫେରାର ହୋଇଯାଇଥିଲା। ବହୁ ଖୋଜାଖୋଜି ପରେ ନିରାଶ ହୋଇ ନିରଞ୍ଜନ ରାମଚନ୍ଦ୍ରପୁର ଥାନାରେ ଅଭିଯୋଗ କରିଛନ୍ତି। ହାଟ ସମେତ ବିଭିନ୍ନ ଜନଗହଳିପୂର୍ଣ୍ଣ ସ୍ଥାନରେ ପୁଲିସ ପହରା ସତ୍ତ୍ୱେ ଏଭଳି ଲୁଟ୍ ଘଟଣା ପରେ ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପୂର୍ବରୁ ସୁଆଁପଦା ହାଟରେ ଅନେକ ଥର ମୋବାଇଲ ଲୁଟ ଭଳି ଘଟଣା ଘଟିଛି। ହାଟ ପରିସରରେ ସିସିଟିଭି କ୍ୟାମେରା ଲଗାଇବାକୁ ବୁଦ୍ଧିଜୀବୀ ଏବଂ କେତେକ ବ୍ୟବସାୟୀ ଆନନ୍ଦପୁର ପ୍ରଶାସନକୁ ଅନୁରୋଧ ଜଣାଇଛନ୍ତି।

## ମହିଳାଙ୍କୁ ଅସଦାଚରଣ ଓ ଅପହରଣ ଉଦ୍ୟମ: ୫ ଗିରଫ

**ଯୋଡ଼ା, ୩୧।୭ (ସମିସ):** କେନ୍ଦୁଝର ଜିଲ୍ଲା ଯୋଡା ଥାନା ଅନ୍ତର୍ଗତ ଯୋଡ଼ା ତଳକ ହାଟିଂରେ ଜଣେ ମହିଳାଙ୍କୁ ଅସଦାଚରଣ ଓ ଅପହରଣ ଘଟଣାରେ ଯୋଡ଼ା ପୁଲିସ ୫ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ପଶ୍ଚିମବଙ୍ଗ ମୁର୍ଶିଦାବାଦ ଅଞ୍ଚଳର ଫର୍ତିକ ଶେଖ୍, ସାହିଦୁଲ୍ ଶେଖ୍, ଦିଲଦାର୍ ହୁସେନ, ଜାମାଲ ଶେଖ୍ ଓ ସାଫିକୁଲ ଶେଖ। ସୂଚନା ଅନୁସାରେ, ମୁରସିଦାବାଦ ଅଞ୍ଚଳର କିଛି ଲୋକ ଯୋଡ଼ା ସହରରେ ରହି ଘର ମିସ୍ତ୍ରି ଭାବେ କାର୍ଯ୍ୟ କରନ୍ତି। ଏମାନଙ୍କ ସହିତ ଅଭିଯୋକାରିଣୀ ମହିଳା ମଧ୍ୟ କାର୍ଯ୍ୟ କରୁଥିଲେ। ଗତ ମଙ୍ଗଳବାର ଅଭିଯୁକ୍ତମାନେ ମହିଳାଙ୍କୁ ବଳପୂର୍ବକ ଅପହରଣ ଉଦ୍ୟମ କରିବା ସହ ତାଙ୍କ ସହିତ ଅସଦାଚରଣ କରିଥିବା ନେଇ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିଲା। ଯୋଡ଼ା ପୁଲିସ ଏନେଇ ଏକ ମାମଲା ରୁଜୁକରି ତଦନ୍ତ କରିବା ସହ ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିବା ଥାନା ଆଇଆଇସି ସୁଶାନ୍ତ ପ୍ରଧାନ ସୂଚନା ଦେଇଛନ୍ତି।

## କାନପୁର ବର୍ଷା ବିପନ୍ନଙ୍କୁ ଦରିପାଲ ବଣ୍ଟନ



**କେନ୍ଦୁଝର, ୩୧।୭ (ସମିସ):** ଲଘୁଚାପଜନିତ ବର୍ଷାରେ କ୍ଷତିଗ୍ରସ୍ତ କାନପୁର ବିସ୍ଥାପିତ ଚମକପୁର ପଞ୍ଚାୟତର ରୁଗୁଡି ଗ୍ରାମର ଶତାଧିକ ଆଦିବାସୀ ପରିବାରକୁ ଚମ୍ପୁଆ ବିଧାୟକ ସନାତନ ମହାକୁଡଙ୍କ ଦ୍ୱାରା ପରିଚାଳିତ ମା' ଜଗତଜନନୀ ସେବା ଟ୍ରଷ୍ଟ, ନମ୍ବିରା ତରଫରୁ ଦରିପାଲ ବଣ୍ଟନ କରାଯାଇଛି। କାନପୁର ଡ୍ୟାମ ନିମନ୍ତେ ପୂର୍ବରୁ ଏହି ଆଦିବାସୀ ଗ୍ରାମରେ ରହୁଥିବା ଶତାଧିକ ପରିବାର ବହୁ ହଇରାଣ ହେଉଥିବାବେଳେ ବର୍ତ୍ତମାନର ଲଘୁଚାପଜନିତ ବର୍ଷା ଯୋଡା ବ୍ଲକ ଚମକପୁର ପଞ୍ଚାୟତର ରୁଗୁଡି ଗ୍ରାମବାସୀଙ୍କ ଅସୁବିଧାକୁ ଦ୍ୱିଗୁଣିତ କରିଛି। ଏ ସଂପର୍କରେ ଖବର ପାଇ ଚମ୍ପୁଆ ବିଧାୟକଙ୍କ ନିର୍ଦ୍ଦେଶକ୍ରମେ ବିଧାୟକଙ୍କ ଜିଲ୍ଲା ପ୍ରତିନିଧି ସଂଜୀବ ବେହେରା, ଯୋଡା ବ୍ଲକ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ନାଏକ, ଚମକପୁର ସରପଞ୍ଚ ଶକୁନ୍ତଳା ନାଏକ, ନାଏବ ସରପଞ୍ଚ ଅର୍ଜୁନ ବେହେରା, ୱାର୍ଡସଭ୍ୟ ସଂଯୁକ୍ତା ଆପଟ୍ଟ, ନଳିନୀ ନାଏକ, ପୂର୍ବତନ ସରପଞ୍ଚ ପ୍ରଭାକର ନାଏକଙ୍କ ସମେତ କାର୍ତ୍ତିକ ନାଏକ, ବିଶୁ ଆପଟ୍ଟ, ଜଗନ୍ନାଥ ବାରିକ, ଦିନେଶ ଦାସ ପ୍ରମୁଖ ଉକ୍ତ ଉପାନ୍ତ ବୁଡି ଅଞ୍ଚଳକୁ ଯାଇ ଶତାଧିକ ମୁଣ୍ଡା ସଂପ୍ରଦାୟର ଆଦିବାସୀ ପରିବାରକୁ ବର୍ଷାରୁ ରକ୍ଷା ପାଇବା ପାଇଁ ଦରି ପାଲ ବଣ୍ଟନ କରିଛନ୍ତି।

## ବଳରାମଧୀର ହାଇସ୍କୁଲ କିରାଣିଙ୍କୁ ବିଦାୟ ସମ୍ବର୍ଦ୍ଧନା



**ରାମଚନ୍ଦ୍ରପୁର, ୩୧।୭ (ସମିସ):** ଘସିପୁରା ବ୍ଲକ ପୁରୁଣାବାନ୍ଧଗୋଡାସ୍ଥିତ ବଳରାମଧୀର ହାଇସ୍କୁଲର ବରିଷ୍ଠ କିରାଣି ରମାକାନ୍ତ ଘଡେଇଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ପ୍ରଧାନଶିକ୍ଷକ ଶାନ୍ତନୁ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ସରପଞ୍ଚ ସୁଧାରାଣୀ ଧୀର, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ଶିକ୍ଷାକମିଟି ଅଧ୍ୟକ୍ଷ ଦେବବ୍ରତ ପଟ୍ଟନାୟକ, ସିଆରସିସି ସଂଜିବ ବେହେରା, ବିଶିକେଶନ ଭୁୟାଁ, ଶିକ୍ଷାବିତ ବ୍ରଜକିଶୋର ସେନାପତି, ପଞ୍ଚସଖା ଶିକ୍ଷାସେତୁ ଅଧ୍ୟକ୍ଷ ସୌମେନ୍ଦ୍ର ଧୀର, ପ୍ରାକ୍ତନ ବିଜ୍ଞାନ ଶିକ୍ଷକ ବଳରାମ ବେହେରା, ମୁଖ୍ୟବକ୍ତା ଭାବେ ପୂର୍ବତନ ସରପଞ୍ଚ ବୈଷ୍ଣବ ସେନାପତି ଶ୍ରୀ ଘଡ଼େଇଙ୍କ ଉଦ୍ଦେଶ୍ୟରେ ବକ୍ତବ୍ୟ ରଖିଥିଲେ। ଶିକ୍ଷକ ଶୁଭ୍ରଜିତ ଧୀର, ନାରାୟଣ ଦାସ, ଲକ୍ଷ୍ମୀପ୍ରିୟା ସାହୁ, ସୁରେଶ ଭୁୟାଁ, ଅରୁଣ ନାୟକ, ବିଶ୍ୱନାଥ ଖୁଣ୍ଟିଆ, ଅତସି ଜେନା, ଦେବେନ୍ଦ୍ର ପ୍ରସାଦ ସାହୁ, ଶିକ୍ଷା କମିଟି ସଭ୍ୟ ଗାର୍ଦ୍ଦି ମୁଣ୍ଡା, ଅମୂଲ୍ୟ ମାଝୀ ଏବଂ ପୂର୍ବଛାତ୍ରଙ୍କ ସହ ବର୍ତ୍ତମାନ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।

---

### ନିଶା କାରବାରରେ ଚଢ଼ଉ; ୨୧ ଗିରଫ

## ବ୍ରାଉନସୁଗର ସହ ନଗଦ ୮ ଲକ୍ଷ ଓ ମୋବାଇଲ ଜବତ



**ଆନନ୍ଦପୁର, ୩୧।୭ (ସମିସ):** ଆନନ୍ଦପୁର-ଘସିପୁରା-ରାମଚନ୍ଦ୍ରପୁର-ନନ୍ଦିପଦା ଥାନା ପୁଲିସ ଅଞ୍ଚଳରୋ ଦୁଇ ଦିନ ଧରି ଚଢ଼ଉ ଫଳରେ ୨୧୩ ଗ୍ରାମ ବ୍ରାଉନ୍ ସୁଗର ଜବତ କରାଯାଇଛି। ବ୍ରାଉନ ସୁଗର ବିକ୍ରି ଅଭିଯୋଗରେ ପୁଲିସ ୨୧ ଜଣଙ୍କୁ ଗିରଫ କରିଛି। ଏହାସହ ଦୁର୍ବୃତ୍ତଙ୍କ ନିକଟରୁ ନଗଦ ୮ ଲକ୍ଷ ୩୦ ହଜାର ଟଙ୍କା ଏବଂ ୧୩ଟି ମୋବାଇଲ୍ ଫୋନ୍ ମଧ୍ୟ ଜବତ କରିଥିବା ସୂଚନା ଦେଇଛନ୍ତି କେନ୍ଦୁଝର ଜିଲ୍ଲା ଅତିରିକ୍ତ ଏସ୍‌ପି ପ୍ରତ୍ୟୁଷ ମହାପାତ୍ର। ଶାଳପଡା ହାଟ ପଡିଆଠାରେ ବିକ୍ରି କରିବା ପାଇଁ ୩ ଜଣ ଓ କିଣିବା ପାଇଁ ୩ ଜଣଙ୍କୁ ପୁଲିସ କାବୁ କରିଥିଲା। ପରେ ସେମାନଙ୍କଠାରୁ ତଥ୍ୟ ସଂଗ୍ରହ କରି ଘଷିପୁରା ରାମଚନ୍ଦ୍ରପୁର, ଆନନ୍ଦପୁର ଓ ନନ୍ଦିପଦା ଥାନାଞ୍ଚଳରେ ଚଢ଼ଉ କରିଥିଲା। ଭଦ୍ରକ ଅଞ୍ଚଳରୁ ଏମାନେ ବ୍ରାଉନସୁଗର ଆଣି ଆନନ୍ଦପୁର ଅଞ୍ଚଳରେ ଦୀର୍ଘଦିନ ଧରି ବିକ୍ରି କରୁଥିଲେ। ଆନନ୍ଦପର ଉପଖଣ୍ଡ ଅଞ୍ଚଳରେ ବଢିଚାଲିଥିବା ବ୍ରାଉନସୁଗାର କାରବାରକୁ ନେଇ ବିଭିନ୍ନ ମହଲରୁ ପୁଲିସ ନିକଟରେ ହୋଇଆସୁଥିବା ଅଭିଯୋଗକୁ ଆଧାରକରି ଆନନ୍ଦପୁର ଏସଡିପିଓ ପ୍ରଶାନ୍ତ ବେହେରାଙ୍କ ନେତୃତ୍ୱରେ ପୁଲିସ୍ ଟିମ୍ ଗଠନ କରି ଗତଦୁଇଦିନ ଧରି ଚଢଉ କରିବା ପରେ ଏହି ସଫଳତା ମିଳିଥିବା ଜଣାପଡିଛି। ଆଗକୁ ଚଢ଼ଉ ଜାରି ରହିବ ବୋଲି ଅତିରିକ୍ତ ଏସପି ସୂଚନା ଦେଇଛନ୍ତି।

### ୨୦ ନମ୍ବର ଏନ୍‌ଏଚ୍‌ରେ ସୋ'କେସ୍ ଚାରା ରୋପଣ

## ୫ ଲକ୍ଷ ଟଙ୍କାର ଅନୁଦାନ; ଗଛ ନାହିଁ, ଅଛି ବାଉଁଶ କଣି

**ଆନନ୍ଦପୁର, ୩୧।୭ ସମିସ):** ୨୦ ନମ୍ବର ଜାତୀୟ ରାଜପଥରେ ହୋଇଥିବା ବୃକ୍ଷ ରୋପଣର ଚିତ୍ର ଏଭଳି। ଚାରା ରୋପଣ ନାମରେ ହରିଲୁଟ୍ ହୋଇଛି ଲକ୍ଷାଧିକ ଟଙ୍କାର ଅନୁଦାନ। ନାଁକୁ ମାତ୍ର କାଗଜପତ୍ରରେ ରାସ୍ତା ଡିଭାଇଡର୍‌ରେ ଚାରା ରୋପଣ କରାଯାଇଛି। ନା ଅଛି ସୁରକ୍ଷା ବାଡ଼ ନା ରକ୍ଷଣାବେକ୍ଷଣ ପାଇଁ ଚାଲିଛି ଠୋସ୍ କାର୍ଯ୍ୟ। ଜାତୀୟ ରାଜପଥ ମଝିରେ ଥିବା ଡିଭାଇଡ଼ରରେ ଗଛ ଲଗାଯିବା ପାଇଁ ନିର୍ଦ୍ଦେଶ ହୋଇଥିଲା। ସୋ'କେସ୍ ଭଳି କିଛି ଚାରା ଲଗାଇ ବାକି ଟଙ୍କା ଚଳୁ କରି ଦେଇଥିବା ଅଭିଯୋଗ ହେଉଛି। ୨୦୦ ଚାରା ଲଗାଯାଇଥିବା ବେଳେ ବର୍ତ୍ତମାନ ଗୋଟିଏ ମଧ୍ୟ ନଥିବା ପରିଲକ୍ଷିତ ହୋଇଛି। ଗଛ ବଦଳରେ ବାଉଁଶ କଣି ଓ କେତେ ଖଣ୍ଡ ବତା



ପଡ଼ିରହିଛି। ପ୍ରାୟ ୫ ଲକ୍ଷ ଟଙ୍କା ବ୍ୟୟରେ ହୋଇଥିବା ବୃକ୍ଷ ରୋପଣର ଅବସ୍ଥା ନେଇ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ଅରୁଣ କୁମାର ଦାସଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ପୁଣି ଥରେ ଗଛ ଲଗାକିବା ପାଇଁ ସମ୍ପୃକ୍ତ ଠିକା ସଂସ୍ଥାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି କହି ଏହି ପ୍ରସଙ୍ଗକୁ ଏଡାଇ ଦେଇଛନ୍ତି। ପ୍ରଶାସନ ଦୃଷ୍ଟି ଆଢୁଆଳରେ ରହୁଥିବା ଜାତୀୟରାଜପଥ ବିଭାଗରେ କି ପ୍ରକାର ଜାଲିଆତି ହେଉଛି ଏଥିରୁ ସ୍ପଷ୍ଟ ଅନୁମେୟ। ଜାତୀୟ ରାଜପଥ ରକ୍ଷଣାବେକ୍ଷଣ ପାଇଁ ଅଭିସ୍ତା କନଷ୍ଟ୍ରକ୍ସନ ନାମକ ଠିକସଂସ୍ଥା ଦାୟିତ୍ୱ ନେଇଥିବା ବେଳେ ସମସ୍ତ ପ୍ରକାର ନିର୍ମାଣ କାର୍ଯ୍ୟ ଓ ରକ୍ଷଣାବେକ୍ଷଣକୁ ତଦାରଖ କରିବା ପାଇଁ ଜଣେ ଯନ୍ତ୍ରୀଙ୍କୁ ଦାୟିତ୍ୱ ଦିଆଯାଇଛି ହେଲେ ଉପଯୁକ୍ତ ତଦାରଖ ଅଭାବରୁ ଅନେକ ସମୟରେ ଏହାର ଉଦ୍ଦେଶ୍ୟ ସାଧିତ ହୋଇପାରୁ ନାହିଁ। ଶାଳପଡା ସର୍ଭିସ ରୋଡର ଦୟନୀୟ ଅବସ୍ଥା ପାଇଁ ରାସ୍ତା ବରୋଧ ନିତିଦିନିଆ ଘଟଣାରେ ପରିଣତ ହେଲାଣି। ଯାହାକି ରାଜପଥ ପ୍ରାଧିକରଣ ପକ୍ଷରୁ ରାଜପଥ ପରିଚାଳନାର ଏକ ନଗ୍ନ ଉଦାହରଣ ବୋଲି ଚର୍ଚ୍ଚା ପରିସରକୁ ଆସିଛି।

## ମହିଳାଙ୍କ ମୃତ୍ୟୁ ଘଟଣାରେ ଅଭିଯୁକ୍ତ ସ୍ୱାମୀ ଗିରଫ



**ବାଲିବନ୍ଧ, ୩୧।୭ (ସମିସ):** ଝୁମ୍ପୁରା ଥାନା ଭାଲୁକା ଗ୍ରାମର ସହିଦନଗରଠାରେ ଏମଡି ମେନାନ୍‌ଙ୍କ ପ୍ରଥମ ପତ୍ନୀ ଶକୁନ୍ତଳା ଦାସଙ୍କୁ ପିଟି ପିଟି ଅତି ଅମାନୁଷିକ ଭାବେ ହତ୍ୟା ଘଟଣାରେ ଅଭିଯୁକ୍ତ ସ୍ୱାମୀ ଏମଡି ମେନାନକୁ ପୁଲିସ ଗୁରୁବାର ଗିରଫ କରି କୋର୍ଟ ଚାଲାଣ କରିଛି। ଏମଡି ମେନାନ ଏବଂ ସ୍ତ୍ରୀ ଶକୁନ୍ତଳାଙ୍କ ମଧ୍ୟ କିଛି କଥାକୁ ନେଇ ବଚସା ହୋଇଥିଲା। ଏଥିରେ ଉତ୍ୟକ୍ତ ହୋଇ ଏକ କାଠଫାଳିଆରେ ସ୍ତ୍ରୀ ଶକୁନ୍ତଳାଙ୍କୁ ହତ୍ୟା କରିଥିବା ନେଇ ସ୍ୱାମୀ ଏମଡି. ମେନାନ ସ୍ୱୀକାର କରିଛି। ଶକୁନ୍ତଳାଙ୍କ ଭାଇ ମକରଧର ଦାସଙ୍କ ଝୁମ୍ପୁରା ଥାନାରେ ଅଭିଯୋଗ ଆଧାରରେ ପୁଲିସ ମାମଲା ରୁଜୁ କରିବା ସହ ଶବ ବ୍ୟବଚ୍ଛେଦ ପରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ପରେ ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି। ସୂଚନାଯୋଗ୍ୟ, ୭ ବର୍ଷ ତଳେ ଝୁମ୍ପୁରା ଗ୍ରାମର ଏମଡି. ମେନାନ୍ ଶକୁନ୍ତଳାଙ୍କୁ ପ୍ରେମବିବାହ କରିଥଲେ। ସେମାନଙ୍କ ୪ ବର୍ଷର ପୁଅ ସହ ୨ ବର୍ଷର ଝିଅଟିଏ ଅଛନ୍ତି। ପରେ ପାରିବାରିକ ତିକ୍ତତା ସୃଷ୍ଟି ହୋଇ ଏହି ହତ୍ୟାକାଣ୍ଡ ଘଟିଥିବା ଜଣାପଡ଼ିଛି। ଏହାକୁ ନେଇ ଝୁମ୍ପୁରା ଥାନାରେ ଭାରତୀୟ ନ୍ୟାୟ ସଂହିତାର ଧାରା ୮୦/୮୫/୧୦୩(୧)/୪ ଡିପି ଆକ୍ଟ ସମ୍ବଳିତ ୧୦୧/୨୫ ସମ୍ବଳିତ ଏକ ମାମଲା ରୁଜୁ ହୋଇଛି।

---

## ପୁନଃନିଯୁକ୍ତି ଓ ବକେୟା ରାଶି ପ୍ରଦାନ ଦାବି



**କେନ୍ଦୁଝର, ୩୧।୭ (ସମିସ):** କେନ୍ଦୁଝର ସଦର ବ୍ଲକ୍ ଏମ୍‌ଏସ୍‌ପି କାରଖାନାରେ ଛଟେଇ ଶ୍ରମିକଙ୍କୁ ପୁନଃନିଯୁକ୍ତି ଓ ଅବସର ପରେ ବକେୟା ରାଶି ପ୍ରଦାନ ଦାବିରେ ଆଜି ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏ ବାବଦରେ ମେ ୨୯ରେ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ ହେଁ କୌଣସି ସମାଧାନ କରା ନଯାଇ ପ୍ରତ୍ୟେକ ବର୍ଷ ଶ୍ରମିକଙ୍କୁ ଛଟେଇ କରାଯାଉଥିବା ଅଭିଯୋଗ ହୋଇଛି। ୨୦୨୩ ଅକ୍ଟୋବରରେ ୧୫ ଜଣ ସମେତ ଚଳିତ ବର୍ଷ ମିଶି ୨ ଶହରୁ ଅଧିକ ଶ୍ରମିକଙ୍କୁ ଛଟେଇ କରାଯାଇଛି। ରାଜକିଶୋର ମିଶ୍ରା, ତପନ କୁମାର ପ୍ରଧାନ, ରାଜେଶ ମୁଣ୍ଡାଙ୍କୁ ମନଇଚ୍ଛା ବାହାର କରିଦେଇଥିବା ଅଭିଯୋଗରେ ଦର୍ଶାଯାଇଛି। ୧୫ରୁ ଅଧିକ ଶ୍ରମିକଙ୍କ ବକେୟା ଅର୍ଥ ରାଶି ପ୍ରଦାନ କରା ନଯାଇ ହଇରାଣ କରାଯାଉଥିବା ଜଣାପଡିଛି। ସ୍ଥାନୀୟ ସରପଞ୍ଚ ଓ ଜିଲ୍ଲା ଶ୍ରମ ଅଧିକାରୀଙ୍କୁ ଅଭିଯୋଗ କରିଥିଲେହେଁ କମ୍ପାନୀ କୌଣସି ସମାଧାନ କରୁନି। ଏନେଇ ଦାବିପତ୍ରର ନକଲ କେନ୍ଦୁଝର ଜିଲ୍ଲା ଶ୍ରମଅଧିକାରୀ, ସଦର ଥାନାଧିକାରୀ, ଜିଲ୍ଲା ପୁଲିସ ଆରକ୍ଷୀ, କେନ୍ଦୁଝର ସିଟିଜେନ ଫୋରମ ସଭାପତି, ଗୋବର୍ଦ୍ଧନ ସରପଞ୍ଚଙ୍କୁ ପ୍ରଦାନ କରାଯାଇଛି। ତପନ ପ୍ରଧାନ, ରାଜକିଶୋର ମିଶ୍ର, ଦ୍ୱାରିକା ପାତ୍ର, ମଧୁସୂଦନ ସାହୁ, ଧନେଶ୍ୱର ମହାନ୍ତ, ହୃଦାନନ୍ଦ ମହାନ୍ତ, ସନାତନ ନାଏକ, ଦୁଃଶାସନ ଗିରି ପ୍ରମୁଖ ଶ୍ରମିକ ଉପସ୍ଥିତ ଥିଲେ।

**ଏମ୍‌ଏସ୍‌ପି କାରଖାନାରେ ଶ୍ରମିକ ଅଶାନ୍ତି**

# ସ୍ୱାଧୀନତାର ଅମୃତ ବେଳାରେ ରୂପସାହିକୁ ବିକାଶ ଅପହଞ୍ଚ

ଯୋଡ଼ା, ୩୧।୭ (ସମିସ)

କେନ୍ଦୁଝର ଜିଲ୍ଲା ଯୋଡ଼ା ଖଣି ମଣ୍ଡଳ ମୂଲ୍ୟବାନ ଖଣିଜ ଓ ଶିଳ୍ପ ପାଇଁ ପରିଚିତ; କିନ୍ତୁ ଏହାର ପାରିପାର୍ଶ୍ୱିକ ବିକାଶ ଆଶାନୁରୂପ ହୋଇପାରିନାହିଁ। ଗ୍ରାମାଞ୍ଚଳକୁ ବିକାଶ ପହଞ୍ଚିପାରି ନାହିଁ। ମୌଳିକ ସୁବିଧାରୁ ବି ବଞ୍ଚିତ ଅଛନ୍ତି ସ୍ଥାନୀୟ ବାସିନ୍ଦା। ବର୍ଷ ବର୍ଷ ଧରି ଅବହେଳିତ, ନିଷ୍ପେସିତ ଅବସ୍ଥାରେ ସ୍ଥାନୀୟ ଲୋକ କାଳାତିପାତ କରୁଛନ୍ତି। ଏପରିକି ଜିଲ୍ଲା ଖଣିଜ ପାଣ୍ଠି ଓ ଖଣି ଅଞ୍ଚଳ ଉନ୍ନୟନ ପାଣ୍ଠିରେ ପର୍ଯ୍ୟାପ୍ତ ଅର୍ଥ ଥାଇ ମଧ୍ୟ ସେମାନଙ୍କ ଭାଗ୍ୟ ବଦଳି ପାରୁନାହିଁ।

ସେହିପରି ଏକ ରାଜସ୍ୱ ଗ୍ରାମ ହେଉଛି ରୂପସାହି। ଜାତୀୟ ରାଜପଥ ୫୨୦ର ବିଲେଇପଦାଠାରୁ ପ୍ରାୟ ପାଞ୍ଚଶହ ମିଟର ଭିତରକୁ ଗଲେ ପଡେ ଏହି ଆଦିବାସୀ ସମ୍ପ୍ରଦାୟର ଗ୍ରାମଟି। ଯୋଡ଼ା ବ୍ଲକ୍ ତଥା ବିରିକଳ ପଞ୍ଚାୟତ ଅନ୍ତର୍ଗତ ଏହି ଗ୍ରାମରେ ରୁହନ୍ତି ଶତାଧିକ ଗରିବ ଆଦିବାସୀ ପରିବାର, ଯାହାର ଲୋକସଂଖ୍ୟା ୫ ଶହରୁ ଉର୍ଦ୍ଧ୍ୱ ହେବ। ଏମାନେ ଚାଷ ବ୍ୟତୀତ ଦିନମଜୁରିଆ ଭାବେ ଏଠିସେଠି କାମକରି ଗୁଜୁରାଣ ମେଣ୍ଟାଇବା ସହ ପଡିରହିଛନ୍ତି। ଚାରିଆଡେ ଘଞ୍ଚ ଜଙ୍ଗଲ, ଜଙ୍ଗଲ ଭିତରେ ରହିଛି କେତୋଟି ଝୁମ୍ପୁଡି ଘର। ସଞ୍ଜ ନଇଁଲେ ଗାଁ ଭିତର କିଟିମିଟ ଅନ୍ଧକାର। କେଉଁ କାଳେ ସରକାରଙ୍କ ପକ୍ଷରୁ ଲଗାଯାଇଥିବା ସୋଲାର ଲାଇଟ ରକ୍ଷଣାବେକ୍ଷଣ ଅଭାବରୁ ଅର୍ଦ୍ଧାଧିକ ଅଚଳ। ଘନ ଅନ୍ଧକାର ଯୋଗୁଁ ସାପ ଓ ହାତୀ ଭୟ ସେମାନଙ୍କୁ ଘାରିଥାଏ। ପ୍ରତି ବର୍ଷ ସାପକାମୁଡାରେ ଲୋକ ଏଠି ମୃତ୍ୟୁବରଣ କରନ୍ତି। ବରାବର ହାତୀ ଗାଁ ଭିତରେ ପଶି ଫସଲ ନଷ୍ଟ କରିବା ସହ ଘର ଦ୍ୱାର ଭାଙ୍ଗି ସଞ୍ଚିତ ଧାନ, ଚାଉଳ ଖାଇଦେଇଥାନ୍ତି। ଏପରିକି ହାତୀ ଆକ୍ରମଣାର ଶିକାର ମଧ୍ୟ ହୋଇଥାନ୍ତି। ସାରାଦେଶ ସ୍ୱାଧୀନତାର ଅମୃତ ବେଳାରେ ଉତ୍ସବ ପାଳନ କରୁଥିବା ବେଳେ ଏଭଳି କିଛି ଗ୍ରାମବାସୀଙ୍କ ଦୁର୍ଦ୍ଦଶା, ହତାଶା ବର୍ଷ ବର୍ଷ ଧରି ଦୂର ହୋଇପାରୁନାହିଁ।



**● ଶିକ୍ଷା, ସ୍ୱାସ୍ଥ୍ୟ, ବିଜୁଳି ସେବା ସବୁକିଛି ନାହିଁ ନାହିଁରେ ଚାଲିଛି**

**● ପାନୀୟଜଳର ଘୋର ଅଭାବ, ଭଲ ରାସ୍ତାଟିଏ ବି ଭାଗ୍ୟକୁ ନାହିଁ**

ପିଇବା ପାଣିର ରହିଛି ଘୋର ଅଭାବ। ସରକାରଙ୍କ ପକ୍ଷରୁ ୧୦ ବର୍ଷ ତଳେ ଯୋଗାଇ ଦିଆଯାଇଥିବା ସୌରଚାଳିତ ଜଳଯୋଗାଣ ବ୍ୟବସ୍ଥା ଏବେ ଅଚଳ ହେବାକୁ ବସିଲାଣି। ଯାହା ଜଳ ଯୋଗାଣ ହେଉଛି ତାହା ପର୍ଯ୍ୟାପ୍ତ ନୁହେଁ। ବର୍ଷା ଦିନେ କିମ୍ବା କୋହଲା ପାଗରେ ଏହା ସମ୍ପୂର୍ଣ୍ଣ ଅଚଳ ହେବାରୁ ପାନୀୟଜଳର ଘୋର ଅଭାବ ଦେଖାଦେଇଥାଏ। ଲୋକେ ୧ କିମି ଦୂରକୁ ଯାଇ ନାଳରୁ ପାଣି ଆଣି ନିତ୍ୟ ବ୍ୟବହାର କରିଥାନ୍ତି। ଦୂଷିତ ପାଣି ବ୍ୟବହାର ଯୋଗୁଁ ଲୋକେ ବିଭିନ୍ନ ସ୍ୱାସ୍ଥ୍ୟଜନିତ ସମସ୍ୟାରେ ଘାଣ୍ଟିସନ୍ତୁଳି ହେଉଛନ୍ତି। ଗାଁ ଭିତରେ ଗୋଷ୍ଠୀ ଶୌଚାଳୟଟିଏ ମଧ୍ୟ ନାହିଁ। ପ୍ରାଥମିକ ସ୍କୁଲ ନଥିବା ବେଳେ କେବଳ ରହିଛି ଏକ ଅଙ୍ଗନବାଡି କେନ୍ଦ୍ର। ଅଧିକାଂଶ ଯୋଗ୍ୟ ହିତାଧିକାରୀଙ୍କ ବିଭିନ୍ନ ଭତ୍ତା ପାଇବାରୁ ବଞ୍ଚିତ।

ଗାଁ ଭିତରକୁ ରାସ୍ତାଟିଏ ମଧ୍ୟ ନାହିଁ। ରୋଗୀବୁହା ଗାଡି ଗାଁ ଭିତରକୁ ପଶି ପାରୁ ନଥିବାରୁ ଏବେ ମଧ୍ୟ କେହି ରୋଗରେ ପଡିଲେ ଖଟିଆରେ ବୁହାହୋଇ ରାଜପଥ ଉପରକୁ ଆଣିବାକୁ ପଡିଥାଏ। ଯୋଡ଼ା ବ୍ଲକଠାରୁ ମାତ୍ର କେଇ କିମି ଦୂରରେ ରହିଥିବା ଏହି ଗାଁଟି ଉପରେ କାହାରି ଦୃଷ୍ଟି ପଡି ନଥାଏ। ବାରମ୍ବାର ବ୍ଲକ୍ ଦୌଡ଼ି କିଛି ଫଳ ମିଳିନଥିବା ସ୍ଥାନୀୟ ବାସିନ୍ଦା ଗୌତମ ମୁଣ୍ଡା, ଶୁକ୍ରମଣି ମୁଣ୍ଡା, ସୁରୁ ମୁଣ୍ଡା, ସଂଗୀତା ପାତ୍ର, ବିରଞ୍ଚି ମୁଣ୍ଡା, ସୁନିକା ମୁଣ୍ଡା, ମାଣିକ ମୁଣ୍ଡା, ଝୁନୁ ମୁଣ୍ଡା, ଗଣେଶ ମୁଣ୍ଡା, ଡବର ମୁଣ୍ଡା, ସିଂ ମୁଣ୍ଡା ପ୍ରମୁଖ ଅଭିଯୋଗ କରିଛନ୍ତି। ଏ ସଂକ୍ରାନ୍ତରେ ବିରିକଳା ସରପଞ୍ଚଙ୍କ ମୁଖ ନାଏକଙ୍କ ସହିତ ଯୋଗାଯୋଗ ହୋଇପାରିନାହିଁ। ଯୋଡ଼ା ବିଡିଓ ଡେନିସ ବେହେରା ବର୍ଷାପରେ ଏହି ଗ୍ରାମକୁ ରାସ୍ତାକାମ ଆରମ୍ଭ କରାଯିବ ବୋଲି କହିଛନ୍ତି। ପାଣି ସମସ୍ୟାର ସମାଧାନ ପାଇଁ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି କହିଛନ୍ତି।

# ଟାଟାଷ୍ଟିଲ୍ ଫାଉଣ୍ଡେସନ ପକ୍ଷରୁ ରକ୍ତଦାନ ଶିବିର



କାଳିପଦା/ ବାଲିଆପାଳ, ୩୧।୭ (ସମିସ): ଟାଟାଷ୍ଟିଲ ଫାଉଣ୍ଡେସନ ପକ୍ଷରୁ ଭାରତ ରତ୍ନ ଜେ ଆର ଡି ଟାଟାଙ୍କ ୧୨୧ତମ ଜୟନ୍ତୀ ବାଲିଆପାଳ ବ୍ଲକ ବେତଗଡ଼ିଆ ପଞ୍ଚାୟତ ନାରାୟଣପୁର ଦୁର୍ଗା ମଣ୍ଡପ ଠାରେ ପାଳିତ ହୋଇଯାଇଛି। ଏହି ଅବସରରେ ରକ୍ତଦାନ ଶିବିରରେ ୫୬ ୟୁନିଟ ରକ୍ତ ସଂଗୃହିତ ହୋଇ ଥିଲା। ସ୍ୱାସ୍ଥ୍ୟସେବା ଶିବିରରେ ଅଭିଜ୍ଞ ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମୀମାନେ ଚକ୍ଷୁ ରୋଗ ପରୀକ୍ଷା, ମହିଳା ମାନଙ୍କ ହିମୋଗ୍ଲୋବିନ ପରୀକ୍ଷା ସହିତ ମାଗଣାରେ ଔଷଧ ବଣ୍ଟନ କରିଥିଲେ। ସରପଞ୍ଚ ସୁମତୀ ଗିରି, ବିଭାଗୀୟ ଅଧିକାରୀ ସୁଶାନ୍ତ କୁମାର ମିଶ୍ର, ବିରଜା ଶଙ୍କର ଦାସ ପ୍ରମୁଖ ଅତିଥି ଭାବରେ ଯୋଗ ଦେଇଥିଲେ। ସେହିପରି ପ୍ରତାପପୁର ପଞ୍ଚାୟତ ସଭା ଗୃହରେ ଅନୁଷ୍ଠିତ ଶିବିରରେ ସରପଞ୍ଚ କସ୍ତୁରୀବାଳା ପାତ୍ର, ବିଭାଗୀୟ ଅଧିକାରୀ ସୁଶାନ୍ତ ମିଶ୍ର ଅତିଥି ଭାବେ ଯୋଗ ଦେଇଥିଲେ।

# ବିନା ଅନୁମତିରେ ଚାଲିଛି ଶହ ଶହ ପାଥୋଲ୍ୟାବ୍

## କୁମ୍ଭକର୍ଣ୍ଣ ନିଦ୍ରାରେ ଜିଲ୍ଲାସ୍ତରୀୟ ମନଟରିଂ କମିଟି ଓ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ

ବାଲିଆପାଳ, ୩୧।୭ (ସମିସ)

ବାଲିଆପାଳ ବ୍ଲକ ସମେତ ବ୍ଲକର ବିଭିନ୍ନ ଛକ ଓ ଗ୍ରାମାଞ୍ଚଳରେ ବେଧଡକ ଭାବେ ଚାଲିଛି ବେଆଇନ ପାଥୋଲ୍ୟାବ। ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏବଂ ସ୍ୱାସ୍ଥ୍ୟ ବିଭାଗଠାରୁ ଅନୁମତି ନ ନେଇ ଶହଶହ ପାଥୋଲାବ ବେଆଇନ ଭାବେ ଚାଲିଥିଲେ ହେଁ ଏଗୁଡିକୁ ଯାଞ୍ଚ କରାଯାଉ ନାହିଁ। ବିଶେଷ ସୂତ୍ରରୁ ମିଳିଥିବା ତଥ୍ୟ ଆଧାରରେ ବାଲିଆପାଳ ବ୍ଲକରେ ମାତ୍ର ୨ଟି ପାଥୋଲାବକୁ ସ୍ୱାସ୍ଥ୍ୟ ବିଭାଗ ଏବଂ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ଅନୁମତି ମିଳିଛି। ସିଡିଏମ୍‌ଓଙ୍କଠାରୁ ଅନୁମତି ମିଳିବା ପରେ ଏହି ପାଥୋଲ୍ୟାବଗୁଡ଼ିକୁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ଅଥୋରାଇଜେସନ ଅର୍ଡର ମିଳିଛି। ହେଲେ ଏହି ବ୍ଲକରେ ବିନା ଅନୁମତିରେ ୧୦୦ରୁ ଊର୍ଦ୍ଧ୍ୱ ପାଥୋଲ୍ୟାବ ଚାଲିଛି। କେବଳ ବାଲିଆପାଳ ବ୍ଲକ ନୁହେଁ ଇଡକୋଛକ, ସିମୁଳିଆ ଛକ, ବ୍ଲକଛକ-ଜଗନ୍ନାଥ ମନ୍ଦିର ରାସ୍ତା ପାର୍ଶ୍ୱ ଦୋକାନ, ସିମୁଳିଆ ବଜାର, ଖପରାପଦା, ଲଙ୍ଗଳେଶ୍ୱର ବଜାର, କାଳିପଦା ବଜାର, ରତାଇ, ନୂଆଗାଁ ସମେତ ଗ୍ରାମାଞ୍ଚଳରେ ବହୁ ସଂଖ୍ୟାରେ ବେଆଇନ ପାଥୋଲ୍ୟାବ ଚାଲିଛି। ଅନେକ ଘରୋଇ ପାଥୋଲ୍ୟାବରେ ଅନଭିଜ୍ଞ ଟେକନିସିଆନ ଥିବାରୁ ସଠିକ୍ ପରୀକ୍ଷା ରିପୋର୍ଟ ମଧ ଆସୁନାହିଁ। ଯାହାକି ରୋଗୀଙ୍କ ପାଇଁ ବିପଦର କାରଣ ପାଲଟିଛି। ପାଥୋଲ୍ୟାବର ତ୍ରୁଟିପୂର୍ଣ୍ଣ ରିପୋର୍ଟ ଯୋଗୁଁ ସଠିକ୍ ରୋଗ ଚିହ୍ନଟ ହୋଇପାରୁ ନାହିଁ। ଫଳରେ ରୋଗୀଙ୍କ ଜ୍ୱର ଏବଂ ଅନ୍ୟ ସ୍ୱାସ୍ଥ୍ୟଜନିତ ସମସ୍ୟା ଭଲ ହେବା ବଦଳରେ ଅଧିକ ଜଟିଳ ହେଉଛି। ସରକାରୀ ନିୟମ ଅନୁଯାୟୀ ଯେଉଁ ଜାଗାରେ ପାଥୋଲ୍ୟାବ ଓ ଘରୋଇ ହସ୍ପିଟାଲମାନ ଖୋଲାଯିବା କଥା ନୁହଁ ସେସବୁ ଜାଗାରେ ଏ ପ୍ରକାର କାରବାର ଜୋରସୋରରେ ଚାଲିଛି। ରୋଗୀ ପରୀକ୍ଷା ପାଇଁ ଘରୋଇ ପାଥୋଲାବକୁ ଯାଇ ଶୋଷଣର ଶିକାର ହେଉଛନ୍ତି। ଅନେକ ପାଥୋଲ୍ୟାବ ବେଆଇନ ଭାବେ ବିନା ପଞ୍ଜୀକରଣରେ ଚାଲିଥିବାବେଳେ ସେଗୁଡ଼ିକ ବିରୋଧରେ ସ୍ୱାସ୍ଥ୍ୟ ବିଭାଗ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବା ଅଭିଯୋଗ ହୋଇଛି। ଅନେକ ପାଥୋଲ୍ୟାବ ବର୍ଜ୍ୟବସ୍ତୁକୁ ନିୟମ ଅନୁଯାୟୀ ନଷ୍ଟ କରୁନଥିବାବେଳେ ଏଣେତେଣେ ପକାଉଥିବାରୁ ପରିବେଶ ପ୍ରଦୂଷିତ ହେଉଛି। ବର୍ଜ୍ୟବସ୍ତୁ ଏଣେ ତେଣେ ପଡୁଥିବାରୁ ପଶୁପକ୍ଷୀ ଏହାକୁ ଖାଇ ମୃତ୍ୟୁମୁଖରେ ପଡୁଛନ୍ତି। ଏହାଦ୍ୱାରା ଅନେକ ରୋଗ ବ୍ୟାପିବା ଆଶଙ୍କା ରହୁଛି। ଯଦି ନିୟମିତ ଯାଞ୍ଚ କରାଯିବ ଏବଂ ନିୟମ ଖିଲାପକାରୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଥାଆନ୍ତା ତେବେ ଏହା ଉପରେ ରୋକ ଲଗାଯାଇପାରିବ ବୋଲି ଚର୍ଚ୍ଚା ହେଉଛି। ଜିଲ୍ଲାସ୍ତରୀୟ ମନିଟରିଂ କମିଟି ଦ୍ୱାରା ନିୟମିତ ଯାଞ୍ଚ କରାଯାଇ ଆଇନ ଅନୁଯାୟୀ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

# ସର୍ବଭାରତୀୟ ସମ୍ମିଳନୀରେ ଓଡ଼ିଶାରୁ ଯୋଗଦେଲେ ୮ ପ୍ରତିନିଧି




ନୀଳଗିରି, ୩୧।୭ (ସମିସ): ସମଗ୍ର ଦେଶରେ ପରିବହନ କ୍ଷେତ୍ର ଓ ଶ୍ରମିକଙ୍କ କାର୍ଯ୍ୟ କ୍ଷେତ୍ରରେ ବିଭିନ୍ନ ସମସ୍ୟାର ସମାଧାନର ସୂତ୍ର ତଥା ନିରାକରଣ ପାଇଁ, ଟ୍ରାନ୍ସପୋର୍ଟ ଫେଡେରେସନର ୧୨ତମ ସର୍ବଭାରତୀୟସମ୍ମିଳନୀ କେରଳରାଜ୍ୟରରାଜଧାନୀ ଥିରୁଅନନ୍ତପୁରମଠାରେ ଅନୁଷ୍ଠିତ ହେଉଅଛି। ଉକ୍ତ ସମ୍ମିଳନୀ କମ୍ରେଡ ନେପାଳଦେବ ଭଟ୍ଟାଚାର୍ଯ୍ୟ ନଗର, ଏକେଜି ଭବନ ସମ୍ମିଳନୀ କକ୍ଷରେ ଚାଲିଛି। ଏଥି ନିମନ୍ତେ ଓଡ଼ିଶାରୁ ୮ଜଣ ପ୍ରତିନିଧି ଯୋଗ ଦେଇଛନ୍ତି। ଟ୍ରାନ୍ସପୋର୍ଟ ଫେଡେରେସନ, ଓଡ଼ିଶାର ସାଧାରଣ ସମ୍ପାଦକ ଉଲ୍ଲାସ ସ୍ୱାଇଁଙ୍କ ନେତୃତ୍ୱରେ ଉକ୍ତ ୮ଜଣ ସାଥୀ ଯୋଗ ଦେଇଛନ୍ତି। ବାଲେଶ୍ୱର ଜିଲ୍ଲାରୁ ବିଜୟ କୁମାର ପାତ୍ର, ରାଜକିଶୋର ଲେଙ୍କା, ରାଉରକେଲାରୁ ବିମାନ୍ ମାଇତି, ପ୍ରଭାତ ପଣ୍ଡା, ରାଜକିଶୋର ବେହେରା, ଜଟଣୀ ରୁ ଗଣେଶ ବେହେରା, ଭୁବନେଶ୍ୱର ରୁ ପୂର୍ଣ୍ଣ ଚନ୍ଦ୍ର ପାଢ଼ୀ ପ୍ରମୁଖ ଯୋଗ ଦେଇଛନ୍ତି। ଉକ୍ତ ସମ୍ମିଳନୀରେ ତୁର୍କୀ, ଥାଇଲାଣ୍ଡ, ଜାପାନ, ନେପାଳ, ଶ୍ରୀଲଙ୍କା, ଭିଏତନାମ, ଲାଓସର ବିଦେଶୀ ପ୍ରତିନିଧି ଯୋଗଦେଇ ବର୍ତ୍ତମାନ ପରିସ୍ଥିତିରେ ପରିବହନ କ୍ଷେତ୍ରରେ ଶ୍ରମିକ ମାନଙ୍କୁ କିଭଳି ଭାବେ ଶୋଷଣ କରାଯାଉଛି ଓ ତା'ର ପ୍ରତିକାର ବିଷୟରେ ଆଲୋଚନା କରିଛନ୍ତି। କିଭଳି ଭାବେ ଆଗାମୀ ଦିନରେ ପରିବହନ ଶ୍ରମିକ ମାନେ ନିଜର ସୁରକ୍ଷା, ସ୍ଥାୟିତ୍ୱ, ବଜାୟ ରଖିବେ ସେ ବିଷୟରେ ନିଷ୍ପତ୍ତି ଗ୍ରହଣ କରାଯାଇଛି।

# ରେଡ୍‌କ୍ରସ୍ ତରଫରୁ ବନ୍ୟା ବିପନ୍ନଙ୍କୁ ରିଲିଫ୍ ବଣ୍ଟନ

ବାଲେଶ୍ୱର/ବାଲିଆପାଳ, ୩୧।୭(ସମିସ): ଭାରତୀୟ ରେଡକ୍ରସ ସୋସାଇଟି ଓଡ଼ିଶା ରାଜ୍ୟ ଶାଖାର ଅବୈତନିକ ସଚିବ ଗଣେଶ ଚନ୍ଦ୍ର ପାତ୍ରଙ୍କ ତତ୍ତ୍ୱାବଧାନରେ ଆଜି ବାଲେଶ୍ୱର ଜିଲ୍ଲାର ବାଲିଆପାଳ ବ୍ଲକରେ ବିଭିନ୍ନ ସ୍ଥାନରେ ଗୁରୁବାର ଦିନ ବନ୍ୟା ବିପନ୍ନଙ୍କୁ ରିଲିଫ୍ ବାବଦରେ ଗୋଟିଏ ଲେଖାଏଁ ତାରପଲିନ, ପିଇବା ପାଣି ସୁରକ୍ଷିତ ରଖିବା ପାଇଁ ବାଲଟି ଓ ମଗ ବଣ୍ଟନ କରାଯାଇଛି। ବ୍ଲକର ବିଭିନ୍ନ ପଞ୍ଚାୟତ ଯଥା ପାଳଜାମକୁଣ୍ଡା, ବିଷ୍ଣୁପୁର, ଅସ୍ତିର ପ୍ରାୟ ହଜାର ଲୋକଙ୍କୁ ରିଲିଫ୍ ବିତରଣ କରାଯାଇଛି। ରିଲିଫ ବଣ୍ଟନ କାର୍ଯ୍ୟକ୍ରମ ରାଜ୍ୟ ଜୁନିୟର ରେଡକ୍ରସ୍ ଅଫିସର ଲକ୍ଷ୍ମଣ ସ୍ୱାଇଁ ପରିଚାଳନା କରିଥିଲେ। ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ସଂଯୋଜକ ଲୀଳା ପୁଣ୍ୟତିର୍ଥ ସ୍ୱାଇଁ, ବିନୟ ନାୟକ, ପତିତପାବନ ନାୟକ ସହଯୋଗ କରିଥିଲେ। ବାଲେଶ୍ୱର ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ତଥା ଜିଲ୍ଲା ଜୁନିୟର ରେଡ଼କ୍ରସ କାର୍ଯ୍ୟାଳୟ ତରଫରୁ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ତଥା ଜିଲ୍ଲା ଜୁନିୟର ରେଡ଼କ୍ରସର ସମ୍ପାଦକ ଚନ୍ଦ୍ରକାନ୍ତ ଘଡେଇ, କାଉନସିଲର ନାରାୟଣ ପାଇକରାୟ, ଯୁବ ରେଡ଼କ୍ରସର କାଉନସେଲର ଓ ସ୍ୱେଚ୍ଛାସେବୀ ମାନେ, ରେଡ଼କ୍ରସର ବହୁମୁଖୀ




ବାତ୍ୟା ଆଶ୍ରୟସ୍ଥଳୀର ସ୍ୱେଚ୍ଛାସେବୀ ଯୋଗଦେଇ ନିଜକୁ ରିଲିଫ କାର୍ଯ୍ୟରେ ସାମିଲ କରିଥିଲେ। ସମାଜସେବୀ ତଥା କୃଷିବିତ ଅଦ୍ୱୈତ କୁମାର ପାତ୍ର ରିଲିଫ ବଣ୍ଟନ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ବନ୍ୟା ପରର ସ୍ଥିତି ଯଥା ଡେଙ୍ଗୁ, ହଇଜା ରୋଗକୁ ମୁକାବିଲା କରିବାପାଇଁ ଜୁନିୟର ରେଡ଼କ୍ରସ ଅଧିକାରୀ ପ୍ରାଥମିକ ସହାୟତା ଉପରେ ଲୋକ ମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିଥିଲେ।

# ମାନ୍ଧାତା ଭକ୍ତିକ୍ଷେତ୍ରରେ ତିନି ମନ୍ଦିରର ପ୍ରତିଷ୍ଠା ଉତ୍ସବ



କାଳିପଦା, ୩୧।୭ (ସମିସ): ବାଲିଆପାଳ ବ୍ଲକ ବାଲିକୁଟୀ ପଞ୍ଚାୟତ ମାନ୍ଧାତା ବଜାରସ୍ଥିତ ଭକ୍ତି କ୍ଷେତ୍ର ପରିସରରେ ନବନିର୍ମିତ ମହାମାୟା ମା' ଲକ୍ଷ୍ମୀ, ଶ୍ରୀ କ୍ଷେତ୍ର ରାଜ ରାଜେଶ୍ୱରୀ ମା' ବିମଳା, ଶ୍ରୀ ଗଣେଶଙ୍କ ମନ୍ଦିରର ଆଜି ଶୁଭ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି। ପ୍ରତିଷ୍ଠା ଉତ୍ସବ ପାଇଁ ମଙ୍ଗଳବାର ଅଧିବାସ, ବୁଧବାର କଳସ ଯାତ୍ରା ଓ ଯଜ୍ଞ ଶୁଭାରମ୍ଭ, ଗୁରୁବାର ଯଜ୍ଞ ପୂର୍ଣ୍ଣାହୁତି ଓ ପ୍ରସାଦ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ତାହାଛଡା ପ୍ରତ୍ୟେହ ସନ୍ଧ୍ୟାରେ ଧର୍ମାଲୋଚନା, ପ୍ରବଚନ, ଭଜନ ସନ୍ଧ୍ୟା ଆଦି କାର୍ଯ୍ୟକ୍ରମ ମଧ ହୋଇଛି। ତିନି ମନ୍ଦିରର ଶୁଭ ପ୍ରତିଷ୍ଠା ଉତ୍ସବ ପାଇଁ ଭକ୍ତମାନଙ୍କର ପ୍ରବଳ ଗହଳି ହୋଇ ଥିଲା। ଜଗନ୍ନାଥ ଜୀଉ ସେବା ନିଯୋଗର ସଭାପତି ଗୋପାଳ କୃଷ୍ଣ ପାତ୍ର, ସମ୍ପାଦକ ସନାତନ ପାତ୍ର, ସରୋଜ କୁମାର ତୋଳା, କୃଷ୍ଣା ନନ୍ଦ ପାତ୍ର, ଦେବେନ୍ଦ୍ର ନାଥ ଗିରି, ବିଜୟ କୁମାର ଦାସ, ସୁକୁମାର ଦାସ, ପଦ୍ମଲୋଚନ ଦାସ, ଅଶ୍ୱିନୀ କୁମାର ମଣ୍ଡଳ, ରଜନୀ କୁମାର ବାରିକ, ପରୀକ୍ଷିତ ଆଦକ, ପ୍ରଦୀପ କୁମାର ଜେନା, ମନୋରଞ୍ଜନ ସାମଲ, ଅଜୟ କୁମାର ପାତ୍ର, ବୈକୁଣ୍ଠ ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ପ୍ରଧାନଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



ନୀଳଗିରି, ୩୧।୭ (ସମିସ): ନୀଳଗିରିସ୍ଥିତ ବହୁ ପୁରାତନ ଐତିହ୍ୟ ଓ ହେରିଟେଜ ସମ୍ମାନିତ କୈଳାସ ଚନ୍ଦ୍ର ମାଧମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭୀମସେନ ବିଶ୍ୱାଳଙ୍କ ଭାବ ଆବେଗପୁର୍ଣ ବିଦାୟ କାଳୀନ ସମାରୋହ ପାଳନ କରାଯାଇଅଛି। ଏଥିରେ ମୁଖ୍ୟ ଅତିଥି ରୂପେ ଯୋଗଦାନ କରିଥିଲେ ବାଲେଶ୍ୱର ଜିଲ୍ଲା ଶିକ୍ଷା ଅଧିକାରୀ ମହୋଦୟ ପ୍ରାକ୍ତନ ଆଲୁମିନି ଛାତ୍ର ଡ଼. ବସନ୍ତ କୁମାର ନାୟକ। ସେହିପରି ସ୍ୱତନ୍ତ୍ର ଅତିଥି ଭାରାପ୍ରାପ୍ତ ମ୍ୟୁନିସିପାଲିଟି ଚେୟାରମ୍ୟାନ ମହେନ୍ଦ୍ରନାଥ ବେହେରା ଓ ଅନ୍ୟାନ୍ୟ ଅତିଥି ରୂପେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଉନ୍ନୟନ ଅଧିକାରୀ ନୀଳଗିରି ମିହିର କୁମାର ଦାସ, ଲମ୍ବୋଧର ସିଂ, ଆଲୁମିନି ସଭାପତି ସୁରଞ୍ଜନ ମହାପାତ୍ର, ଆଲୁମିନି ସମ୍ପାଦକ ସୁଶାନ୍ତ କୁମାର ମହାପାତ୍ର, ଏସ ଏମ ସି ସଭାପତି ଲକ୍ଷ୍ମୀଧର ରାଉଳ, ଅବସରପ୍ରାପ୍ତ ପୂର୍ବତନ ଭାରାପ୍ରାପ୍ତ ପ୍ରଧାନ ଶିକ୍ଷକ ବାମନ ମହାନ୍ତି, ଅବସରପ୍ରାପ୍ତ ଭାରାପ୍ରାପ୍ତ ପ୍ରଧାନ ଶିକ୍ଷକ ଯତୀନ୍ଦ୍ର କୁମାର ଭୋଳ, ଅବସରପ୍ରାପ୍ତ ବରିଷ୍ଠ ଶିକ୍ଷୟତ୍ରୀ ଅପର୍ଣ୍ଣା ନାୟକ ମଞ୍ଚାସୀନ ହୋଇଥିଲେ। ଉକ୍ତ ସମାରୋହକୁ ସାଫଲ୍ୟ କରିବାରେ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ, କର୍ମଚାରୀ, ଆଲୁମିନି, ଏସଏମ୍‌ସି ସଦସ୍ୟମାନେ ସହଯୋଗ କରିଥିଲେ।

# ପ୍ରାଥମିକ ଚିକିତ୍ସା ସହାୟତା ପ୍ରଶିକ୍ଷଣ ଶିବିର




ଲଙ୍ଗଳେଶ୍ୱର, ୩୧।୭ (ସମିସ): ବସ୍ତା ବ୍ଲକ କରୁଆ ଗଦାଧର କର ଉଚ୍ଚ ବିଦ୍ୟାଳୟ ବେଲଦାଣ୍ଡିଆ ପରିସରରେ ଭାରତୀୟ ରେଡକ୍ରସ ସୋସାଇଟି ଓଡ଼ିଶା ରାଜ୍ୟ ଶାଖା ପକ୍ଷରୁ ଏକଦିବସୀୟ ପ୍ରାଥମିକ ସହାୟତା ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଭିରାମ କାମିଲା ପୌରୋହିତ୍ୟ କରିଥିବାବେଳେ ମୁଖ୍ୟଅତିଥି ଭାବେ ନାବରା ସରପଞ୍ଚ ତଥା ଡାକ୍ତର ନଗେନ୍ଦ୍ର କୁମାର ସିଂ, ପ୍ରଶିକ୍ଷକ ଭାବେ ରେଡକ୍ରସ ସୋସାଇଟି ପଖରୁ ଦେବରାଜ ମିଶ୍ର ଓ ସମ୍ମାନିତ ଅତିଥି ଭାବେ ସାମ୍ବାଦିକ ଅଜିତ କୁମାର ସାହୁ ପ୍ରମୁଖ ଯୋଗଦେଇ ବିଦ୍ୟାଳୟରେ ପ୍ରାଥମିକ ଚିକିତ୍ସା ସହାୟତାର ଆବଶ୍ୟକତା ଓ ଉପାଦେୟତା ଉପରେ ଆଲୋକପାତ କରିବା ସହିତ ପ୍ରତ୍ୟେକ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନରେ ଏହି କାର୍ଯ୍ୟକ୍ରମକୁ ବାଧ୍ୟତାମୂଳକ ଭାବେ କାର୍ଯ୍ୟକାରୀ କରିବାକୁ ସରକାର ଓ ଶିକ୍ଷା ବିଭାଗ ନିକଟରେ ଦାବି ରଖିଥିଲେ। ଏହି ଅବସରରେ ପ୍ରଶିକ୍ଷକ ଦେବରାଜ ମିଶ୍ର ସଡ଼କ ଦୁର୍ଘଟଣା, ଅଂଶୁଘାତ, ବିଦ୍ୟୁତ୍ ଆଘାତ, ଅଗ୍ନିକାଣ୍ଡ, ପାଣିବୁଡି, ବଜ୍ରାଘାତ, ସାପ କାମୁଡା, ସଞ୍ଜ୍ଞାହୀନ ଅବସ୍ଥାରେ ଓ ବନ୍ୟା, ବାତ୍ୟା, ଭୂମିକମ୍ପ, ପ୍ରାକୃତିକ ବିପର୍ଯ୍ୟୟ ବେଳେ ପାଖରେ ଉପଲବ୍ଧ ଜିନିଷ ଓ ସାମଗ୍ରୀକୁ ବ୍ୟବହାର କରି କିଭଳି ସୁରକ୍ଷିତ ଭାବେ ପ୍ରାଥମିକ ସହାୟତା ଯୋଗାଇବ ସହିତ ସୁରକ୍ଷିତ ଭାବେ ଉଦ୍ଧାର କରା ଯାଇପାରିବ ବିଦ୍ୟାର୍ଥୀ ମାନଙ୍କୁ ସ୍ୱତନ୍ତ୍ର ତାଲିମ ପ୍ରଦାନ କରିଥିଲେ। ଏଥିରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଅଣଶିକ୍ଷକ ସହଯୋଗ କରିଥିବାବେଳେ ଶିକ୍ଷକ ତ୍ରିଲୋଚନ ପଣ୍ଡା ଧନ୍ୟବାଦ୍ ଅର୍ପଣ କରିଥିଲେ।

# ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ପକ୍ଷରୁ ଚାରାରୋପଣ



ଜଳେଶ୍ୱର, ୩୧।୭ (ସମିସ): ଜଳେଶ୍ୱର ବ୍ଲକର ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଙ୍ଘ ପକ୍ଷରୁ ରାୟାଁରାମଚନ୍ଦ୍ରପୁର ପଞ୍ଚାୟତର ରାୟାଁସାହି ଅପୂର୍ବ ବନମାଳୀ ସରକାରୀ ପ୍ରାଥମିକ ବିଦ୍ୟାଳୟ ବଗିଚା ପରିସରରେ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟ ପରିସରରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ରାୟାଁରାମଚନ୍ଦ୍ରପୁର ପଞ୍ଚାୟତର ସରପଞ୍ଚ ପ୍ରତିନିଧି ସମାଜସେବୀ ପ୍ରବୀର କୁମାର ଦାସଙ୍କ ସହଯୋଗରେ ଜଳେଶ୍ୱର ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଙ୍ଘର ସଦସ୍ୟ ଖଗେନ୍ଦ୍ର ନାଥ ସାହୁ, ଯୋଗେଶ ଚନ୍ଦ୍ର ରାଉଳ, ପୂର୍ଣ୍ଣଚନ୍ଦ୍ର ଓଝା, ବିଶ୍ୱନାଥ ଘୋଷ, ଜ୍ୟୋତିଷଚନ୍ଦ୍ର କର, ଡ. ଅଜିତ କୁମାର ମହାନ୍ତି, ଜିତାରାମ ଦେ, କପିଳେଶ୍ୱର ମହାନ୍ତି, ଶଶୀକାନ୍ତ ପ୍ରଧାନ, ଶ୍ରୀମନ୍ତ କୁମାର ଘୋଷ, ପ୍ରଫୁଲ୍ଲ କୁମାର ମହାନ୍ତି, ରଜତ ଚନ୍ଦ୍ର ଦାସ, ମଦନ ମୋହନ ମହାନ୍ତି, ଗିରିଧାରୀ ବେହେରା, ଅଭିମନ୍ୟୁ ସାହୁ, ଦେବେନ୍ଦ୍ର ନାଥ ପାଲ ଓ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁରେଶ ଚନ୍ଦ୍ର ବାରିକ, ସହକାରୀ ଶିକ୍ଷକ ବେଣୁଧର ନାୟକ, ରାମପଦ ମହାପାତ୍ର, ସାମ୍ବାଦିକ ସୁକୁମାର ରଣା, ସପନ କୁମାର ଦାସ, କୁଞ୍ଜ ବିହାରୀ ଜେନା, ଅଭିଜିତ ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ଖଇରା ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ସେବା ନିବୃତ୍ତ ସମ୍ବର୍ଦ୍ଧନା

ଖଇରା, ୩୧।୭ (ସମିସ): ବାଲେଶ୍ୱର ଖଇରା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଗୁରୁବାର ଅବସରଗ୍ରହଣ କରିଥିବା ଶିକ୍ଷାଧିକାରୀ ଗଦାଧର ଦାସଙ୍କୁ ସେବା ନିବୃତ୍ତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ପ୍ରାକ୍ତନ ଗୋଷ୍ଠୀ ଶିକ୍ଷାଧିକାରୀ ସୁଦର୍ଶନ ରାଉତଙ୍କ ପୌରୋହିତ୍ୟରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା ମୁଖ୍ୟ ଅତିଥି, ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ ମୁଖ୍ୟବକ୍ତା, ପୁର୍ବତନ ବିଇଓ ଗୋଲକ ବିହାରୀ ପାଢ଼ୀ, ପୂର୍ବତନ ବିଆରସିସି ରମେଶ ଚନ୍ଦ୍ର ଦାସ ଓ ବାସୁଦେବ ରାଉତ, ପୂର୍ବତନ ଏବିଇଓ ଶ୍ରୀଧର ପ୍ରସାଦ ବେହେରା, ଗୌରାଙ୍ଗ ମହାପାତ୍ର, ହେମନ୍ତ କୁମାର ମିଶ୍ର ଓ ପାର୍ବତୀ ପଣ୍ଡା, ଶିକ୍ଷକ ପ୍ରଶିକ୍ଷକ ରଘୁନାଥ ଦାସ, ଏବିଇଓ ମାଣିକ ମିଶ୍ର ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇ ବିଇଓ ଗଦାଧର ବାବୁ ସବୁବେଳେ କର୍ତ୍ତବ୍ୟକୁ ସବୁବେଳେ ସମ୍ମାନ ଦେଉଥିବାର ପ୍ରକାଶ କରିଥିଲେ। ପୂର୍ବତନ ସିଆରସିସି ଓ ବର୍ତ୍ତମାନର ସିଆରସିସି, ବିଇଓ କାର୍ଯ୍ୟାଳୟର କର୍ମଚାରୀ ବିଇଓଙ୍କ ସହ ଘଟିଯାଇଥିବା ଘଟଣାବଳୀକୁ ନିଜ ବକ୍ତବ୍ୟରେ ପରିପ୍ରକାଶ କରିଥିଲେ। ଫାଙ୍କା ପଡ଼ିବାକୁ ଥିବା ଏହି ବିଇଓ ପଦବୀକୁ ପୂରଣ କରିବାକୁ ଅତିଥି ଓ କାର୍ଯ୍ୟାଳୟ କର୍ମଚାରୀମାନେ ବିଧାୟକଙ୍କୁ ଅନୁରୋଧ କରିଥିଲେ।



# ମନ୍ଦାରସାହି ପଞ୍ଚାୟତରେ ସମୀକ୍ଷା ବୈଠକ

ଭୋଗରାଇ, ୩୧।୭ (ସମିସ) : ଭୋଗରାଇ ବ୍ଲକ ମନ୍ଦାରସାହି ପଞ୍ଚାୟତର ପଞ୍ଚାୟତ ଅଫିସ ସଭା ଗୃହରେ ଏକ ସମୀକ୍ଷା ବୈଠକ ଓ ସ୍ୱାଧୀନତା ଦିବସ ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତର ସରପଞ୍ଚ ଏହି ବୈଠକରେ ସଭାପତିତ୍ୱ କରିଥିଲେ। ପଞ୍ଚାୟତରେ ହେଉଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ବାବଦରେ ଏକ ରିପୋର୍ଟ କାର୍ଡ ପ୍ରଦାନ କରାଯାଇଥିଲା। ଏହି ପଞ୍ଚାୟତର ୧୬ଟି ୱାର୍ଡର ଆସିଥିବା ୱାଡ଼ ସଭ୍ୟ ସଭ୍ୟା ମାନେ ନିଜ ୱାଡ ହୋଇଥିବା ଉନ୍ନତି ମୂଳକ କାର୍ଯ ବାବଦରେ ଆଲୋଚନା କରିଥିଲେ ଏବଂ ଆଗାମୀ ସ୍ୱାଧୀନତା ଦିବସ କିପରି ପାଳନ କରାଯିବ ସେ ବାବଦରେ ଆଲୋଚନା କରାଯାଇଥିଲା। ପଞ୍ଚାୟତରେ ଥିବା ସମସ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ମାନଙ୍କୁ ନେଇ ମଧ ଆଲୋଚନା କରାଯାଇଥିଲା। ଏହି ସଭାରେ ମନ୍ଦାରସାହି ପଞ୍ଚାୟତର ସଦସ୍ୟ ଲକ୍ଷ୍ମୀନାରାୟଣ ସାହୁ, ୩୩ ନମ୍ବର ଜୋନର ଜିଲ୍ଲା ପରିଷଦ ସଭ୍ୟ ସନ୍ତୋଷ କୁମାର ଜେନା, ସି ଆର ସି ସି ଗୌତମ ବେହେରା, ଶିକ୍ଷକ ଗୌରହରି ଦାସ, ପ୍ରଶାନ୍ତ ପଣ୍ଡା, ଗୀତାଞ୍ଜଳି ମହାନ୍ତି, ଅନୁପମା ଦାସ, ଅଭିଷେକ ମହାନ୍ତି, ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ଖୁଦିରାମ ଟୁଡୁ, ରାକେଶ ତୋଳା ସହ ସମସ୍ତ ଅଙ୍ଗନବାଡ଼ି କର୍ମୀ, ଆଶା କର୍ମୀ ଉପସ୍ଥିତ ଥିଲେ। ନାଏବ ସରପଞ୍ଚ ସୁଦର୍ଶନ ଗିରି ଧନ୍ୟବାଦ ଅର୍ପଣ କରିଥିଲେ।



## ଚାଉଳ ହେରଫେର ଘଟଣା

# ତଦନ୍ତ ଦାବିକଲା ବାଲିଆପାଳ ସୂଚନା ଅଧିକାର ଅଭିଯାନ ସଂଘ

କାଳିପଦା, ୩୧।୭ (ସମିସ)

ସୁବର୍ଣ୍ଣରେଖା ବନ୍ୟା କ୍ଷତିଗ୍ରସ୍ତଙ୍କ ପାଇଁ ଆସିଥିବା ରିଲିଫ ଚାଉଳ ବ୍ୟାପକ ଭାବରେ ହେରଫେର ହୋଇଛି। ଏହାର ବିଧିବଦ୍ଧ ତଦନ୍ତ ଦାବି କରି ବାଲିଆପାଳ ସୂଚନା ଅଧିକାର ଅଭିଯାନ ସଂଘ ଆଜି ପୂର୍ତ୍ତ ବିଭାଗ ଡାକ ବଙ୍ଗଳାରେ ଏକ ସାମ୍ବାଦିକ ସମ୍ମିଳନୀ କରିଛି। ସରପଞ୍ଚ ଓ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀମାନେ ସରକାରଙ୍କ ସମସ୍ତ ଗାଇଡ଼ ଲାଇନ କୁ ଉଲ୍ଲଂଘନ କରି ଏପରି କରିଛନ୍ତି ବୋଲି ସଂଘ ଅଭିଯୋଗ କରିଛି। ସରପଞ୍ଚମାନେ କେତେକଙ୍କୁ ସାତ କିଲୋ ଗ୍ରାମ, କେତେକଙ୍କୁ ପାଞ୍ଚ କିଲୋ ଗ୍ରାମ, ଛୋଟ ପିଲାମାନଙ୍କୁ ତିନି କିଲୋ ଗ୍ରାମଠୁ କମ୍ ଚାଉଳ ମଧ ଦେଇଛନ୍ତି। କେତେକ ସରପଞ୍ଚ ଚାଉଳକୁ ମହଜୁତ କରି ପରେ ହଡପ କରୁଥିବା ସଂଘ କହିଛି। କେତେକ ପଞ୍ଚାୟତରେ ଗଣ୍ଡଗୋଳ ହୋଇ ଚାଉଳ ବଣ୍ଟା ହୋଇ ପାରି ନାହିଁ। ଗାଇଡ଼ ଲାଇନକୁ କେହି ମାନୁ ନାହାଁନ୍ତି। ମନମାନୀରେ ଚାଉଳ ବଣ୍ଟାଯାଉଛି। ବନ୍ୟା ସମୟରେ ବସ୍ତା ବ୍ଲକରେ ଯାତ୍ରା ସିଂହ ବାହିନୀକୁ ପ୍ରଶାସନ ଅନୁମତି ଦେବା କେତେ ଦୂର ଯୁକ୍ତିଯୁକ୍ତ ସଂଘ ପ୍ରଶ୍ନ ଉଠାଇଛି। ଜଳେଶ୍ୱର ଏସଡିପିଓ ଜଣେ ସରକାରୀ କର୍ମଚାରୀ ହୋଇ ଯାତ୍ରା ପାର୍ଟି କୁ ଉଦଘାଟନ କରିବା କାହା ସ୍ୱାର୍ଥରେ ବୋଲି ସଂଘ ପ୍ରଶ୍ନ ଉଠାଇଛି। ଜିଲ୍ଲାପାଳ ସମସ୍ତ ଜାଣି ଅଜଣା ରହିବା ଲୋକଙ୍କୁ ଆଶ୍ଚର୍ଯ୍ୟ କରିଛି। ସଂଘ ଆଗାମୀ ଦିନରେ ଏଥିପାଇଁ ଆନ୍ଦୋଳନ କରିବ ବୋଲି ଚେତାବନୀ ଦେଇଛି। ସଭାପତି ଅନୁଜ କୁମାର ମହାପାତ୍ର, କୁଷଧ୍ୱଜ ଜେନା, ଗୋପୀନାଥ ଗଙ୍ଗାଇ, ବାଦଲ କୁମାର ପାତ୍ର, ଦେବେନ୍ଦ୍ର ଦାସ, ବିପିନ ଦାସ, କାହ୍ନୁ ଚରଣ ପାତ୍ର, ଶରତ କୁମାର ପାତ୍ର, ପ୍ରହ୍ଲାଦ କୁମାର ଘଡ଼ାଇ, ଶେଖ ମୁନ୍ନା, ମାନସ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ରହିବା ସହିତ ଉଦବୋଧନ ପ୍ରଦାନ କରି ଥିଲେ।




# କାଳିକ ପଞ୍ଚାୟତ ଅଫିସ୍‌ରୁ ତାଲା ଭାଙ୍ଗି ଚୋରି




ଜଳେଶ୍ୱର, ୩୧।୭(ସମିସ): ଜଗୁଆଳି ବୀହିନ ସରକାରୀ ଅନୁଷ୍ଠାନରୁ ଚୋରି ଏକ ଟ୍ରେଣ୍ଡରେ ପରିଣତ ହୋଇଗଲାଣି। ଜଳେଶ୍ୱର ବ୍ଲକ ଅଧିନ କାଳିକ ପଞ୍ଚାୟତ ଅଫିସର ତାଲା ଭାଂଗି ବୁଧବାର ବିଳମ୍ବିତ ରାତ୍ରିରେ ଦୁର୍ବୃତ୍ତମାନେ କମ୍ପ୍ୟୁଟର, ପ୍ରିଣ୍ଟର, ଇନ୍‌ଭଟର ଚୋରି କରି ନେଇଥିବା ରାଇବଣିଆ ଥାନାରେ ଅଭିଯୋଗ ହୋଇଛି। ସରପଞ୍ଚ ପୁଷ୍ପଲତା ଦାସ ଆଜି କାର୍ଯ୍ୟାଳୟକୁ ଆସି ତାଲା ଭଙ୍ଗା ଯାଇଥିବାର ଦେଖି ପୁଲିସ୍‌କୁ ଖବର ଦେଇଥିଲେ। ଦୁର୍ବୃତ୍ତ ମାନେ କାର୍ଯ୍ୟାଳୟର ପ୍ରତ୍ୟେକ ରୁମ୍‌ର କବାଟ ତାଲା ଭାଙ୍ଗିଥିବା ବେଳେ କେତେକ ଗୁରୁତ୍ୱପୂର୍ଣ୍ଣ ଫାଇଲ୍ ସହ ଡିଜିଟାଲ ସାମଗ୍ରୀ ଚୋରି ହୋଇଥିବା ଜଣାଯାଇଛି। ରାଇବଣିଆ ଥାନା ଅଧିକାରୀ ଲୋପାମୁଦ୍ରା ପଣ୍ଡା ଘଟଣା ସମ୍ପର୍କରେ ତଦନ୍ତ କରିଥିବା ବେଳେ ଆସନ୍ତା କାଲି ସାଇଣ୍ଟିଫିକ ଟିମ୍ ଆସି ତଦନ୍ତ କରିବେ ବୋଲି ଜଣାଯାଇଛି। ସୂଚନାଯୋଗ୍ୟ ସରକାରୀ କାର୍ଯ୍ୟାଳୟ ଓ ବିଦ୍ୟାଳୟକୁ ମୂଲ୍ୟବାନ ବିଦ୍ୟୁତ୍ ଉପକରଣ ଯୋଗାଇ ଦିଆଯାଉଥିବାବେଳେ ଜଗୁଆଳି ନଥିବାରୁ ବହୁ ପଞ୍ଚାୟତ ଅଫିସ ଓ ଶିକ୍ଷାନୁଷ୍ଠାନରୁ ଚୋରି ବୃଦ୍ଧି ପାଇଛି।

## ଉଦଳା ପଞ୍ଚାୟତ ସମିତି କାର୍ଯ୍ୟାଳୟର ପଛଦ୍ୱାର ଖୋଲା

# ମୁଖ୍ୟ ଫାଟକ ସମ୍ମୁଖ ପାଲଟିଛି ବସ୍‌ଷ୍ଟାଣ୍ଡ

**ଉଦଳା, ୩୧।୭ (ସମିସ):** କପ୍ତିପଦା ଉପଖଣ୍ଡର ଉଦଳା ପଞ୍ଚାୟତ ସମିତି ୧୨ଟି ପଞ୍ଚାୟତକୁ ନେଇ ଗଠିତ। ଏଠାରେ ଡାକ୍ତରଖାନା, ବିଚାର ବିଭାଗୀୟ ଅଦାଲତ ଆଦି ରହିଛି। ହେଲେ ପଞ୍ଚାୟତ ସମିତିର ମୁଖ୍ୟ ଫାଟକ ସମ୍ମୁଖ ଏବେ ବସ୍‌ଷ୍ଟାଣ୍ଡ ପାଲଟିଛି। ଫଳରେ ମୁଖ୍ୟ ଗେଟ ଏବେ ଅଲୋଡା ହୋଇଥିବାରୁ ପଛଦ୍ୱାର ଖୋଲା ରହିଛି। ବ୍ଲକ ମୁଖ୍ୟାଳୟରୁ ପଞ୍ଚାୟତର ବିଭିନ୍ନ ଗ୍ରାମାଞ୍ଚଳକୁ ସଂଯୋଗ କରିବା ଉଦ୍ଦେଶ୍ୟରେ ଲକ୍ଷ୍ମୀବସ ଚଳାଚଳ କରୁଛି। ମାତ୍ର ଉକ୍ତ ବସଗୁଡିକ ରହଣୀ କାରଣରୁ ଉଦଳା ବ୍ଲକ କାର୍ଯ୍ୟାଳୟର ମୁଖ୍ୟ ଫାଟକ ଏବେ ଯାତାୟାତ ଅନୁପଯୋଗୀ ହୋଇପଡିଛି। ଗେଟ ଆଗରେ ସର୍ବଦା ଲକ୍ଷ୍ମୀ ବସ ରହୁଛି। ଫଳରେ ବ୍ଲକ କାର୍ଯ୍ୟାଳୟକୁ ଯିବା ପାଇଁ ପଛଦ୍ୱାର ବହୁଳ ଭାବରେ ବ୍ୟବହାର କରାଯାଉଛି। ଏପରିକି ଏବେ ସମ୍ପୂର୍ଣ୍ଣ ବନ୍ଦ ହୋଇପଡିଥିବା ଲକ୍ଷ୍ୟ କରାଯାଉଛି ମୁଖ୍ୟ ଫାଟକ। ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କଠାରୁ ପଞ୍ଚାୟତ ସମିତି ଅଧ୍ୟକ୍ଷ, ସମିତି ସଭ୍ୟ ଏବଂ ସରପଞ୍ଚଙ୍କଠାରୁ କର୍ମଚାରୀ ଓ ହିତାଧିକାରୀଙ୍କ ପାଇଁ ମୁଖ୍ୟ ଫାଟକ ସାଜିଛି ପଛ ଦ୍ୱାର। ଏ ନେଇ ଅସନ୍ତୋଷ ଦେଖାଦେଇଛି।



## ପାଞ୍ଚପୀଢ଼କୁ ଜିଲ୍ଲା ଘୋଷଣା ଦାବିକଲା ପ୍ରଗତି ମଞ୍ଚ

# ଅଗଷ୍ଟ ୨ରେ ଗଣଧାରଣା

**କରଞ୍ଜିଆ,୩୧।୭ (ସମିସ):**



ପାଞ୍ଚପୀଢ଼କୁ ଜିଲ୍ଲା ଘୋଷଣା ଦାବିରେ ଆସନ୍ତା ଅଗଷ୍ଟ ୨ ତାରିଖରେ ଗଣଧାରଣା ଦିଆଯିବ ବୋଲି ନିଷ୍ପତ୍ତି ହୋଇଥିବା ନେଇ ଗୁରୁବାର ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରଗତି ମଞ୍ଚର ସଭାପତି ଆଇନଜୀବୀ ସଞ୍ଜୟ କୁମାର ସାହୁ ସୂଚନା ଦେଇଛନ୍ତି। ଏହି ଆନ୍ଦୋଳନ ନିମନ୍ତେ ଗୁରୁବାର କଚେରୀ ପରିସରରେ ମଞ୍ଚ ସଭାପତି ଆଇନଜୀବୀ ସଞ୍ଜୟ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଏକ ସାମ୍ବାଦିକ ସମ୍ମିଳନୀ ଆହ୍ୱାନ କରଯାଇଥିଲା। ସମ୍ମିଳନୀରେ ଆନ୍ଦୋଳନର ଉଦ୍ଦେଶ୍ୟ, ଦାବି ସଂପର୍କରେ ସୂଚନା ଦେଇ ସେ କହିଥିଲେ ଯେ, କରଞ୍ଜିଆରେ ଦୀର୍ଘ ଦିନ ହେଲା ଏ.ଡିଏମ କାର୍ଯ୍ୟାଳୟ, ଏଆରଟିଓ, ଅତିରିକ୍ତ ଏସ୍‌ପିଙ୍କ କାର୍ଯ୍ୟାଳୟ ଖୋଲିବା ସହିତ ଆହୁରି ଅନେକ ଜିଲ୍ଲାସ୍ତରୀୟ କାର୍ଯ୍ୟାଳୟ ଖୋଲି ଜନ ସାଧାରଣଙ୍କୁ ତ୍ୱରିତ୍ ସେବା ଯୋଗାଇବା ପାଇଁ ଦାବି ହୋଇଆସୁଛି। ସରକାର ଛୋଟଛୋଟ ବ୍ଲକକୁ ନେଇ ଜିଲ୍ଲା ଗଠନ କରିଛନ୍ତି। ତେଣୁ ସେହି ଆଧାରରେ ପାଞ୍ଚପିଢ଼କୁ ଜିଲ୍ଲା ଘୋଷଣା କରିବା ଯଥାର୍ଥତା ରହିଛି। ଏହି ଦୃଷ୍ଟିରୁ ପାଞ୍ଚପିଢ଼ ବିକାଶ ମଞ୍ଚ ପକ୍ଷରୁ ଜିଲ୍ଲା ଘୋଷଣା ଦାବି ହୋଇଥିଲା। ଭୌଗୋଳିକ ଦୃଷ୍ଟିକୋଣରୁ ଉପଖଣ୍ଡର ସଦର ମହକୁମାଠାରୁ ଜିଲ୍ଲା ସଦର ମହକୁମା ଦୂର ୧୨୫ କିମି। ଏହାର ଅନେକ ଅଞ୍ଚଳ ରହିଛି ଯାହାର ଦୂରତା ୨୦୦ କିମିରୁ ଅଧିକ ହେବ। ଫଳରେ ଲୋକଙ୍କୁ ତ୍ୱରିତ ସେବା ଯୋଗାଇବା ପାଇଁ ପାଞ୍ଚପିଢ଼କୁ ଜିଲ୍ଲା ଘୋଷଣା ଆବଶ୍ୟକ। ଏହି ଉପଖଣ୍ଡ ତୁଳନାତ୍ମକ ଭାବେ ଅଧିକ ରାଜସ୍ୱ ସରକାରଙ୍କୁ ଦେଉଛି। ଆଗାମୀ ଦିନରେ ଜିଲ୍ଲାର ଏକ ବୃହତ ସହରର ଭାବେ ମାନ୍ୟତା ପାଇବାର ସମ୍ଭାବନା ରହିଛି। ପର୍ଯ୍ୟଟନ କ୍ଷେତ୍ରରେ ପାଞ୍ଚପିଢ ଜିଲ୍ଲାର ଏକ ନମ୍ବର ସ୍ଥାନ ପାଇଛି। ଶିମିଳିପାଳ ଜାତୀୟ ଉଦ୍ୟାନ, ଐତିହାସିକ ଖିଚିଂ ମନ୍ଦିର, ପ୍ରକୃତିର ଅନନ୍ୟା ସମ୍ପଦ ଭୀମକୁଣ୍ଡ ଏହି ଅଞ୍ଚଳରେ ରହିଛି। ଏହା ଜିଲ୍ଲାର ଏକ ବ୍ୟାବସାୟିକ ପେଣ୍ଠସ୍ଥଳୀ ମଧ୍ୟ କୁହାଯାଏ। ଏଠାରେ ବହୁ ଜାତୀୟକରଣ ବ୍ୟାଙ୍କ, ସରକାରୀ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ, ବିଭିନ୍ନ କମ୍ପାନୀର ସୋରୁମ ଆଦି ମଧ୍ୟ ରହିଛି। କରଞ୍ଜିଆ ସ୍ୱାସ୍ଥ୍ୟ ସେବା କ୍ଷେତ୍ର, କ୍ରୀଡା କ୍ଷେତ୍ରରେ ସବୁବେଳେ ଉଲ୍ଲେଖନୀୟ ଉଦାହରଣ ସୃଷ୍ଟି କରିଛି। ଲୋକ ସଂଖ୍ୟା ଓ ଆୟତନ ଦୃଷ୍ଟିରୁ ଏହାକୁ ଜିଲ୍ଲା ଘୋଷଣା ଯୁକ୍ତିଯୁକ୍ତ ବୋଲି ମଞ୍ଚର ସଂପାଦକ ଆଇନଜୀବୀ ଦିବ୍ୟପ୍ରସାଦ ସାହୁ କହିଛନ୍ତି। ସମ୍ମିଳନୀରେ ଉପସଭାପତି ଉମାଶଙ୍କର ଦାସ, ଯୁଗ୍ମ ସମ୍ପାଦକ କର୍ଣ୍ଣାର୍ଜୁନ ସାହା, କୋଷାଧ୍ୟକ୍ଷ ସୁଧିର ଭାରୁକା ଓ ଆବାହକ ଜଗମୋହନ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ଆନ୍ଦୋଳନକୁ ତୀବ୍ର କରିବାକୁ ବିଭିନ୍ନ ବ୍ଲକରେ ସବ କମିଟି ଗଠନ କରିବାକୁ ପ୍ରସ୍ତାବ ଦିଆଯାଇଛି। ଅଗଷ୍ଟ ୨ରୁ ରିଲେ ଧାରଣା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ହେବ; ହେଲେ ଏହି ଆନ୍ଦୋଳନ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଚାଲିବ ବୋଲି ସାମ୍ବାଦିକଙ୍କୁ ସୂଚନା ଦିଆଯାଇଥିଲା।

## ୩ଟି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ବଦଳି

**ବାରିପଦା,୩୧।୭ (ସମିସ):** ସ୍କୁଲ ଓ ଗଣଶିକ୍ଷା ବିଭାଗ ପରିଚାଳିତ ସରକାରୀ ହାଇସ୍କୁଲ ଗୁଡିକର ସିନିୟର ଏସଇଏସ ପ୍ରଧାନ ଶିକ୍ଷକଙ୍କ ବଦଳି ଆଦେଶ ଓଡିଶା ମାଧ୍ୟମିକ ଶିକ୍ଷା ପରିଷଦ ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶ ଅନୁସାରେ ବୁଧବାର ପ୍ରକାଶ ପାଇଛି। ସେମାନେ ହେଲେ ଉଦଳା ବୈରାଟପୁର ସରକାରୀ ଉଚ୍ଚ ବିଦ୍ୟାଳୟର ସାବିତ୍ର ସୋରେନଙ୍କୁ ତିରିଂ ବ୍ଲକ ବଡ଼ଡାଲିମା ସରକାରୀ ଉଚ୍ଚ ବିଦ୍ୟାଳୟକୁ ବଦଳି ହୋଇଥିବା ବେଳେ ବିଶୋଇ ଚଟାଣୀ ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରବୀନ୍ଦ୍ର ନାଥ ସେଠୀଙ୍କର ଭଞ୍ଜପୁର ଏଲଏମପି ସରକାରୀ ଉଚ୍ଚ ବିଦ୍ୟାଳୟକୁ ବଦଳି ହୋଇଛି। ସେହିପରି ରଙ୍ଗାମାଟିଆ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପ୍ରତିମା ରାଣୀ ଦାଶଙ୍କର ବାରିପଦାର ରାଖାଲଗୋପ ସରକାରୀ ଉଚ୍ଚ ବିଦ୍ୟାଳୟକୁ ବଦଳି ହୋଇଥିବା ଜଣାପଡିଛି।

## ପାଣିରେ ବୁଡି ଯୁବକଙ୍କ ମୃତ୍ୟୁ

**ବେତନଟୀ, ୩୧।୭ (ସମିସ):** ବେତନଟୀ ପଞ୍ଚାୟତର ସଠିଲୋ ଗ୍ରାମରେ ଜଣେ ଯୁବକ ପାଣିରେ ବୁଡି ଯିବାରୁ ତାଙ୍କର ମୃତ୍ୟୁ ଘଟିଛି। ମୃତକ ଜଣକ ହେଉଛନ୍ତି ରାକେଶ କୁମାର ଦାସ (୪୦)। ସେ କୌଣସି କାରଣରୁ ପାଣିରେ ବୁଡିଯାଇଥିଲେ।

# ଆଦିପୁରରେ ଜୟ ବଡାମ ସାଂସ୍କୃତିକ ପରିଷଦ ଗଠିତ

**ଖିଚିଂ, ୩୧।୭ (ସମିସ):** ଉତ୍ତର ଓଡିଶାରେ ବସବାସ କରୁଥିବା ବାଥୁଡି ସମ୍ପ୍ରଦାୟରେ ବଡାମ ଉପାସନା ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କରିଛି। ପୌରାଣିକ ଯୁଗରୁ ସେ କୃଷି ଓ ସଂସ୍କୃତିର ଦେବତା ଭାବେ ପୂଜା ପାଇ ଆସୁଛନ୍ତି। ପ୍ରଚଳିତ କିମ୍ବଦନ୍ତୀ ଅନୁଯାୟୀ ବଡାମ ହେଉଛନ୍ତି ନୀଳମାଧବଙ୍କ ଜ୍ୟେଷ୍ଠଭ୍ରାତା ବଳରାମ। ନୀଳମାଧବଙ୍କୁ ଶ୍ରୀକ୍ଷେତ୍ରକୁ ନିଆଗଲାପରେ ଜ୍ୟେଷ୍ଠଭ୍ରାତା ବଳରାମଙ୍କୁ 'ବଡାମ ଠାକୁର' ନାମରେ ଶିମିଳିପାଳର ଅଠର ଦେଉଳରେ ଗୁପ୍ତଭାବେ ପୂଜାର୍ଚ୍ଚନା କରାଯାଉଛି। ଏହି ପବିତ୍ର ପୀଠରେ ଚାଙ୍ଗୁ ବାଦ୍ୟ ବଜାଇ ବଡାମ ଠାକୁରଙ୍କୁ ନିଷ୍ଠାର ସହ ପୂଜା କଲେ ଶ୍ରଦ୍ଧାଳୁର ଦୁଃଖ କଷ୍ଟ ଲାଘବ ହୋଇ ସୁଖ ସମୃଦ୍ଧି ପ୍ରାପ୍ତ ହୋଇଥାଏ ବୋଲି ଲୋକକଥା ରହିଛି। ସମସ୍ତ ବାଥୁଡି ଗ୍ରାମରେ ବଡାମ ଠାକୁରଙ୍କୁ 'ବଡାମ ଶାଳ' ଭାବେ ବିଧିମତେ ପୂଜାର୍ଚ୍ଚନା କରାଯାଇଥାଏ। ଏହି ପ୍ରାଚୀନ ଆଧ୍ୟାତ୍ମିକ ପରମ୍ପରାକୁ ଉଜ୍ଜୀବିତ ରଖିବା ପାଇଁ ମୟୂରଭଞ୍ଜ ଜିଲ୍ଲା ଶୁକ୍ଳି ବ୍ଲକ ଅନ୍ତର୍ଗତ ଆଦିପୁର ଗ୍ରାମର ବାଥୁଡି ସମ୍ପ୍ରଦାୟର ପୁରୁଷ ଓ ମହିଳାଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଆମନ୍ତ୍ରିତ ଅତିଥି ଭାବେ ସ୍ଥାନୀୟ ପୁଣ୍ୟତୀର୍ଥ ଦୋମୁହାଣୀ ବିକାଶ ପରିଷଦର ସଭାପତି ଡ଼ଃ ବଳଭଦ୍ର ଘଡ଼ାଇ ସଭାପତିତ୍ୱ କରିଥିବାବେଳେ ସମ୍ପାଦକ ମହେଶ୍ୱର ବେହେରା ଓ କୋଷାଧ୍ୟକ୍ଷ ସହଦେବ ମୁଣ୍ଡା ପ୍ରମୁଖ ଏହି ସାଂସ୍କୃତିକ ପରିଷଦ ଗଠନ ନିମନ୍ତେ ବିଭିନ୍ନ ପରାମର୍ଶ ଦେଇଥିଲେ। ପରେ ଗ୍ରାମବାସୀଙ୍କ ସର୍ବସମ୍ମତି କ୍ରମେ ଆଦିପୁରରେ 'ଜୟ ବଡାମ ସାଂସ୍କୃତିକ ପରିଷଦ ଗଠନ କରାଯାଇଛି। ସଭାପତି - ଧୀରେନ୍ଦ୍ର ଦାସ, ଉପସଭାପତି- ଜେମାମଣି ଦାସ, ସମ୍ପାଦକ- ଦମୟନ୍ତୀ ଦାସ, ସହସମ୍ପାଦକ-ଜଗଦୀଶ ନାଏକ, କୋଷାଧ୍ୟକ୍ଷ- ଯଶୋବନ୍ତ ଦାସ ଓ ହିସାବ ନିରୀକ୍ଷକ- ବସନ୍ତ ଦାସ ମନୋନୀତ ହୋଇଛନ୍ତି।



## ଗୌରୀଶଙ୍କର ସିହ୍ନା କରଞ୍ଜିଆ ନଗର ବିଜେଡି ସଭାପତି



**କରଞ୍ଜିଆ,୩୧।୭ (ସମିସ):** କରଞ୍ଜିଆ ନଗର ସଭାପତି ଭାବେ ବରିଷ୍ଠ ବିଜେଡ଼ି ନେତା ଗୌରୀଶଙ୍କର ସିହ୍ନା ଏବଂ ବ୍ଲକ ନିମନ୍ତେ ପଙ୍କଜ କୁମାର ମହାନ୍ତଙ୍କୁ ନିଯୁକ୍ତି ମିଳିଛି। ଗୌରୀ ବାବୁ ବିଜୁ ବାବୁଙ୍କ ସମୟରୁ ଜନତାଦଳରେ ରହି କାମ କରୁଥିଲେ। ପରେ ବିଜେଡି ଗଠନ ହେବା ଦିନଠାରୁ ସେ ଦଳରେ ରହି ବହୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଛନ୍ତି। ଆଜି ଦଳ ତାଙ୍କୁ ନଗର ସଭାପତି ଦାୟିତ୍ୱ ଦେଇ ଥିବାରୁ ସେ ଧନ୍ୟବାଦ୍ ପ୍ରଦାନ କରିଛନ୍ତି। ଆଗାମୀ ଦିନରେ ଦଳକୁ ମଜଭୁତ କରି ଗଢିବେ ବୋଲି ସୂଚନା ଦେଇଛନ୍ତି।

## ସରସ୍ୱତୀ ଶିଶୁ ମନ୍ଦିରରେ ବିଜ୍ଞାନ ମେଳା



**ସାରସକଣା,୩୧/୭/(ସମିସ):** ସାରସକଣା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଭାରପ୍ରାପ୍ତ ପ୍ରଧାନ ଆଚାର୍ଯ୍ୟ ଅଭିନନ୍ଦନ ସାହୁଙ୍କ ଅଧ୍ୟକ୍ଷତାରେ ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଶରତପାଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପଦାର୍ଥ ବିଜ୍ଞାନ ଅଧ୍ୟାପକ ମାନସ କୁମାର ପତି ଯୋଗଦେଇ ଶିଶୁମାନଙ୍କୁ ବୈଜ୍ଞାନିକ ଚିନ୍ତା ଧାରା ବିଷୟରେ ସୂଚନା ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ବାସୁଦେବ ସାହୁ ଓ ସମ୍ପାଦକ ରବୀନ୍ଦ୍ର ନାଥ ଭୋଳ ପିଲାମାନଙ୍କୁ ବିଜ୍ଞାନ ଦ୍ୱାରା ସମାଜରୁ କିପରି ଅନ୍ଧବିଶ୍ୱାସ ଦୂର ହୋଇପାରିବ ତାହା ବିଷୟରେ ସଚେତନ କରାଇଲେ। ଏହି ଅବସରରେ ଅତିଥିମାନେ ବିଜ୍ଞାନ ପ୍ରକଳ୍ପ, ଗଣିତ ପ୍ରକଳ୍ପ, ଗଣିତ ପ୍ରୟୋଗ ଓ ପତ୍ରବାଚନ ବୁଲି ଦେଖିଥିଲେ। ବିଦ୍ୟାଳୟର ବିଜ୍ଞାନ ପ୍ରମୁଖ ଅନୁପମ ଜେନାଙ୍କ ତତ୍ତ୍ୱାବଧାନରେ ଶିଶୁଙ୍କ ଦ୍ୱାରା ବିଭିନ୍ନ ବର୍ଗରେ ୧୨୦ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଛି। କାର୍ଯ୍ୟକ୍ରମକୁ ବରିଷ୍ଠ ଗୁରୁଜୀ ଲକ୍ଷ୍ମୀକାନ୍ତ ବେହେରା ପରିଚାଳନା କରିଥିଲେ।

## ପୁଲିସ ଓ ବନ ବିଭାଗ ପକ୍ଷରୁ ବୃକ୍ଷ ରୋପଣ ଅଭିଯାନ

**ବାରିପଦା, ୩୧।୭ (ସମିସ):** ଗୁରୁବାର ବାରିପଦାସ୍ଥିତ ରିଜର୍ଭ ପୁଲିସ ପ୍ୟାରେଡ ପଡିଆରେ ଜିଲ୍ଲା ପୁଲିସ ଏବଂ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଆନୁକୂଲ୍ୟରେ ଏକ ବୃକ୍ଷ ରୋପଣ ଅଭିଯାନ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପାଲ୍ଲି, ସମ୍ମାନିତ ଅତିଥି ଭାବେ ବାରିପଦା ବନଖଣ୍ଡ ଅଧିକାରୀ ଉମା ମହେଶ ଯୋଗ ଦେଇ ବୃକ୍ଷ ରୋପଣ ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ସଂପର୍କରେ କହିବା ସହିତ ଏକ ସୁସ୍ଥ ବାତାବରଣ ସୃଷ୍ଟି କରିବା ପାଇଁ 'ମା ପାଇଁ ଗଛ ଟିଏ' କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଚଳିତବର୍ଷ ୭୬ ତମ ବନ ମହୋତ୍ସବ ଅବସରରେ ଜିଲ୍ଲାରେ ବିଭିନ୍ନ ସ୍ଥାନରେ ବୃକ୍ଷ ରୋପଣ ଚାଲିଛି। ଏହି ପରିପ୍ରେକ୍ଷୀରେ ଉପସ୍ଥିତ ସମସ୍ତେ ସାମୂହିକ ଶପଥ ପାଠ କରିଥିଲେ।

## ରତିନାରାୟଣଙ୍କ ପୁସ୍ତକ 'ସତ୍ୟ ସୁମନ' ଉନ୍ମୋଚିତ



**ଆନନ୍ଦପୁର, ୩୧।୭ (ସମିସ):** ଚକ୍ରତୀର୍ଥ ରୋଡ୍‌ସ୍ଥିତ ଯୁଥ୍ ହଷ୍ଟେଲରେ ସଂଯୋଗୀ ସାହିତ୍ୟ ସଂସଦ ତରଫରୁ ଏକ ସାରସ୍ୱତ ସମାରୋହ ଅନୁଷ୍ଠିତ ହୋଇଯାଇଛିଫ ସଂଯୋଗୀ ସଜଫୁଲର ଦକ୍ଷିଣ-ପୂର୍ବାଞ୍ଚଳ ବିଶେଷାଙ୍କ ଲୋକାର୍ପଣ କବିତା ପାଠୋତ୍ସବ ଓ ବନ୍ଧୁମିଳନ ଉତ୍ସବରେ ସ୍ଥାନୀୟ ବଳରାମପୁର ଗ୍ରାମର ଆଦର୍ଶ ଶିକ୍ଷକ ରତିନାରାୟଣ ରାଉତଙ୍କ ସ୍ୱରଚିତ କବିତା ସଂକଳନ "ସତ୍ୟ ସୁମନ' ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଯାଇଛି। ବରିଷ୍ଠ ସାହିତ୍ୟିକ ତଥା ସଂଗଠକ ନଗେନ୍ଦ୍ରନାଥ ସ୍ୱାଇଁଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ରୂପେ ଓଡ଼ିଆ ଭାଷା ପ୍ରତିଷ୍ଠାନର ପ୍ରାକ୍ତନ ନିର୍ଦ୍ଦେଶକ ଡକ୍ଟର କୈଳାଶଚନ୍ଦ୍ର ଟିକାୟତରାୟ, ମୁଖ୍ୟବକ୍ତା ଭାବରେ ପୁରୀ ଜିଲ୍ଲାର ପ୍ରିୟପତ୍ର, ଟିକିତାରା ଓ ଶ୍ରୀଲେଖାର ସଂପାଦକ ବିପିନବିହାରୀ ଦଳାଇ, ସମ୍ମାନିତଅତିଥି ରୂପେ ନୟାଗଡ଼ ଜିଲ୍ଲାର କବି, ଗବେଷକ ତଥା କୁଇଜ୍ ମାଷ୍ଟର ଚନ୍ଦ୍ରବିଜୟୀ ମିଶ୍ର ଓ ସଂଯୋଗୀ ସାହିତ୍ୟ ସଂସଦର ସଭାପତି ଉପେନ୍ଦ୍ର ଦାଶ, ସଂପାଦକ ବାବୁଲାଲ ପଲେଇ, ରାଜ୍ୟ ସଞ୍ଚାଳକ ହୃଷୀକେଶ ଦାଶ, ସଂଯୋଗୀ ସଜଫୁଲର ମୁଖ୍ୟ ସଂପାଦକ ସନ୍ତୋଷ କୁମାର ପତି, ପରିଚାଳନା ସଂପାଦକ ସରୋଜ ସେନାପତି, ଦିବ୍ୟଦର୍ଶନର ସଂପାଦିକା ପ୍ରବାସିନୀ ମିଶ୍ର, ଆୟୋଜକ ଡ଼ ସସ୍ମିତା ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଶ୍ରୀ ରାଉତ ବର୍ତ୍ତମାନ ହରିଚନ୍ଦନପୁର ବ୍ଲକ୍ ପିଟାଟାଙ୍ଗର ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ରୂପେ କାର୍ଯ୍ୟରତ।

## ■ ଅନଭିଜ୍ଞ କର୍ମଚାରୀ ବିକୁଛନ୍ତି ଔଷଧ

# ବନ୍ଧା ପଡିଛି ଅନେକ ପ୍ରମାଣପତ୍ର

**ରାମଚନ୍ଦ୍ରପୁର,୩୧।୭ (ସମିସ):** ଆନନ୍ଦପୁର ଉପଖଣ୍ଡର ବିଭିନ୍ନ ଚିକିତ୍ସାଳୟ ଏବଂ ଛକ ବଜାରରେ ଗଢି ଉଠିଛି ଅନେକ ଔଷଧ ଦୋକାନ। ଯେଉଁ ଫାର୍ମାସିଷ୍ଟଙ୍କ ନାମରେ ଔଷଧ ଦୋକାନ ଲାଇସେନ୍ସ ରହିଛି ସେ ବ୍ୟକ୍ତି ସେହି ଔଷଧ ଦୋକାନରେ ଉପସ୍ଥିତ ନରହି କିଏ ସରକାରୀ ଚାକିରିରେ ବ୍ୟସ୍ତ ରହୁଛନ୍ତି ତ କିଏ ଅନ୍ୟତ୍ର ବ୍ୟସ୍ତ ରହୁଛନ୍ତି। ଫଳରେ ଅନଭିଜ୍ଞ କର୍ମଚାରୀ ଉକ୍ତ ଦୋକାନଗୁଡ଼ିକରେ ବ୍ୟକ୍ତି ଔଷଧ ବିକ୍ରି କରୁଛନ୍ତି। ଅଧିକାଂଶ ବ୍ୟକ୍ତି ଫାର୍ମାସିଷ୍ଟ ଭାବେ ସରକାରୀ ଡାକ୍ତର ଖାନାରେ ଚାକିରି କରୁଥିବା ସ୍ଥଳେ, ତାଙ୍କ ଲାଇସେନ୍ସରେ ଦୋକାନ ମଧ୍ୟ ଖୋଲାହୋଇଛି। ଏଥିପ୍ରତି ଡ୍ରଗ କଣ୍ଟ୍ରୋଲର ବା ବିଭାଗୀୟ ଅଧିକାରୀ ସବୁ ଜାଣି ଚୁପ ବସିଛନ୍ତି। ବେଆଇନ ଔଷଧ ଦୋକାନ ଖୋଲାଯିବା ସଂକ୍ରାନ୍ତରେ କେନ୍ଦୁଝର ଜିଲ୍ଲା ଭେଷଜ ନିରୀକ୍ଷକ ରୁଦ୍ରନାରାୟଣ ସାହୁଙ୍କୁ ପଚାରିବାରୁ ସେ କହିଛନ୍ତି ଯେ ଯେଉଁ ବ୍ୟକ୍ତିଙ୍କର ଲାଇସେନ୍ସରେ ଔଷଧ ଦୋକାନ ଖୋଲିବାକୁ ଅନୁମତି ମିଳିଥିବ ସେହି ବ୍ୟକ୍ତି ଦୋକାନରେ ଉପସ୍ଥିତ ରହିବା ଉଚିତ; ତେବେ ଅନେକ ଫାର୍ମାସିଷ୍ଟ ସରକାରୀ କର୍ମଚାରୀ ଭାବେ ନିଯୁକ୍ତି ପାଇଥିଲେ ସୁଦ୍ଧା କିଛି ଅର୍ଥ ଲୋଭରେ ନିଜ ସାର୍ଟିଫିକେଟକୁ ଔଷଧ ଦୋକାନରେ ବନ୍ଧା ପକାଇଥିବା ଘଟଣା ଚର୍ଚ୍ଚାକୁ ଆସିଛି। ଯଦି ଏଭଳି ଘଟଣା ନଜକୁ ଆସେ ଉଚିତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।

## ଗାଡ଼ି ଧକ୍କାରେ ଜଣେ ମୃତ

**କେନ୍ଦୁଝର,୩୧।୭ (ସମିସ):** କେନ୍ଦୁଝର ସଦର ଥାନା ପଳାସପଙ୍ଗା ଫାଣ୍ଡି ଅନ୍ତର୍ଗତ କାଠବାଉଁଶୁଳିଠାରେ ଗୁରୁବାର ସକାଳେ ଏକ ଅଜଣା ଟ୍ରକ ଧକାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକଙ୍କ ପରିଚୟ ମିଳିପାରିନି। ଖବର ପାଇ ଘଟଣାସ୍ଥଳରେ ପଳାସପଙ୍ଗା ଫାଣ୍ଡି ଏସଆଇ ମାନସ ରଞ୍ଜନ ପଣ୍ଡା ସଦଳବଳେ ପହଞ୍ଚି ଶବ ଜବତ କରି ତଦନ୍ତ ଆରମ୍ଭ କରିଛନ୍ତି। ଶବ ବ୍ୟବଚ୍ଛେଦ ପାଇଁ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ଝୁମ୍ପୁରାରୁ ଉଖୁଣ୍ଡା ବାଇପାସ ରାସ୍ତାରେ ଶତାଧିକ ଟ୍ରକ ଯାତାୟାତ କରୁଛି। ପ୍ରଶାସନ ଏଥିପ୍ରତି ଧ୍ୟାନ ଦେଉନି। ଏଣୁ ଦୁର୍ଘଟଣାରେ ଲୋକେ ମୃତ୍ୟୁମୁଖରେ ପଡୁଥିବା ଅଭିଯୋଗ ହୋଇଛି। ସ୍ଥାନୀୟବାସିନ୍ଦା ଆଇନନ ଟ୍ରକ ଚଳାଚଳ ବନ୍ଦ ପାଇଁ ଦାବି କରିଛନ୍ତି।

# ସାମଗ୍ରୀ ବିକ୍ରି ଅଭିଯୋଗରେ ଟ୍ରକ୍ ଜବତ



**ତୁରୁମୁଙ୍ଗା, ୩୧।୭ (ସମିସ):** କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ପୁଲିସ ଟ୍ରକରେ ପରିବହନ ହେଉଥିବା ସାମଗ୍ରୀକୁ ବିକ୍ରି କରିଥିବା ଅଭିଯୋଗରେ ଏକ ଟ୍ରକକୁ ଜବତ କରିଛି। ଏନେଇ ବିହାର ରାଜ୍ୟ ଦରଭଙ୍ଗା ଥାନାରେ ଫେବୃଆରୀରେ ୩୧/୨୫ରେ ମାମଲା ରୁଜୁ କରାଯାଇଥିଲା। ଟ୍ରକଟି ୫ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ରେଲୱେ ସାମଗ୍ରୀକୁ ନେଇ ଦରଭଙ୍ଗାରୁ ରାଇରଙ୍ଗପୁର ବାଦାମପାହାଡ଼କୁ ଆସୁଥିବା ବେଳେ ଉକ୍ତ ସାମଗ୍ରୀକୁ ଅନ୍ୟତ୍ର ବିକ୍ରି କରିଦେଇଥିବା ନେଇ ଦରଭଙ୍ଗା ଥାନାରେ ଟ୍ରାନ୍ସପୋର୍ଟର ଅଭିଯୋଗ କରିଥିଲେ। ଅଭିଯୋଗ ପରେ ଉକ୍ତ ଗାଡି ଉପରେ ପୁଲିସ ନଜର ରଖିଥିଲା। ଟ୍ରକଟି କଲିକତାରୁ ରାୟପୁରକୁ ଲୁହା ପାଇପ ବୋଝେଇ କରି ଆସୁଥିବା ସମୟରେ ବୁଧବାର ଚଢେଇଭୋଳ ନିକଟରୁ ତୁରୁମୁଙ୍ଗା ଥାନା ଏଏସଆଇ ସୁଜାତା ମହାନ୍ତ ଟ୍ରକ ଜବତ କରି ତଦନ୍ତ କରୁଛନ୍ତି।

## ଚାଉଳ ବସ୍ତା ବୋହୁଛନ୍ତି ସ୍କୁଲ ଛାତ୍ର

**ତେଲକୋଇ, ୩୧।୭ (ସମିସ):** କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକ ଶିବନାରାୟଣପୁର ଗୋଡା ରାଧାକୃଷ୍ଣ ଉଚ୍ଚ ବିଦ୍ୟାଳୟରେ ଛାତ୍ରମାନଙ୍କ ଦ୍ୱାରା ଚାଉଳ ବସ୍ତା ବୁହା ଯାଉଥିବା ଚିତ୍ର ସାମନାକୁ ଆସିଛି। ଏହାଦ୍ୱାରା ଶିକ୍ଷାଦାନ ବାଧାପ୍ରାପ୍ତ ହେଉଥିବା ନେଇ ଅଭିଭାବକ ମହଲରେ ଆଶଙ୍କା ପ୍ରକାଶ ପାଇବା ସହ ଏନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏଭଳି ଏକ ଚିତ୍ର ଏବେ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାରେ ଲାଗିଛି। ବିଦ୍ୟାଳୟ କର୍ତ୍ତୃପକ୍ଷ କିଭଳି ସରକାରୀ ବ୍ୟବସ୍ଥା ବିରୋଧରେ ଏଭଳି କାର୍ଯ୍ୟ ଛାତ୍ରମାନଙ୍କ ଦ୍ୱାରା କରାଉଛନ୍ତି ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏପରିକି ଅନ୍ତେବାସୀଙ୍କୁ ନିମ୍ନମାନର ଖାଦ୍ୟ ଦିଆଯାଇ ବ୍ୟାପକ ଅର୍ଥ ଆତ୍ମସାତ କରାଯାଉଥିବା ଅଭିଯୋଗ ହୋଇଛି। ଯାହାକୁନେଇ ଅଭିଭାବକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହାର ବିଧିବଦ୍ଧ ତଦନ୍ତ କରାଯାଇ ଦୋଷୀ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି।



## ୧୦ହଜାର ମହୁଲ ପୋଚ ନଷ୍ଟ, ୬୦୦ ଲିଟର ଦେଶୀମଦ ଜବତ, ୨ ଗିରଫ

**ମୋରଡା,୩୧।୭ (ସମିସ):** ମୋରଡ଼ା ବ୍ଲକ ଅନ୍ତର୍ଗତ ଦୁର୍ଗାପୁର ପଞ୍ଚାୟତ ଭାଲୁକଚୁଆରେ ଅବକାରୀ ବିଭାଗ ପକ୍ଷରୁ ଏକ ବେଆଇନ ଦେଶୀମଦ ଭାଟି ଉପରେ ଚଢ଼ଉ କରାଯାଇଥିଲା। ପରେ ସେଠାରୁ ୧୦ ହଜାର ମହୁଲ ପୋଚ ନଷ୍ଟ କରିବା ସହିତ ୬୦୦ ଲିଟର ଦେଶୀ ମଦ ଜବତ କରିଛି ଅବକାରୀ ବିଭାଗ। ଏଥିସହିତ ମଦ ତିଆରି ପାଇଁ ବ୍ୟବହୃତ ହେଉଥିବା ସରଞ୍ଜାମ ମଧ୍ୟ ଜବତ କରାଯାଇଛି। ଚଢ଼ଉ ସମୟରେ ଗ୍ରାମର ମଦ ମାଫିଆ ସାରଥୀ ହେମ୍ବ୍ରମ ଏବଂ ଗୁରୁବାରୀ ମୁର୍ମୁଙ୍କୁ ଗିରଫ କରିଛି ଅବକାରୀ ବିଭାଗ।

# ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟ: ନର୍ସଙ୍କ ହାତରେ ରୋଗୀଙ୍କ ଭାଗ୍ୟ

## ବର୍ଷେହେଲା ସ୍ଥାୟୀ ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ ନାହାନ୍ତି

**ଚମ୍ପୁଆ,୩୧।୭ (ସମିସ):**



ଆଦିବାସୀ ଅଧ୍ୟୁଷିତ ଉପାନ୍ତ ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟରେ ସ୍ଥାୟୀ ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ ଡାକ୍ତର ଅଭାବ କାରଣରୁ ରୋଗୀସେବା ବିପର୍ଯ୍ୟସ୍ତ ହୋଇପଡିଛି। ଚମ୍ପୁଆ ସଦର ମହକୁମାରେ ୧୯୧୦ ମସିହାରେ ନିର୍ମିତ ଏହି ଚିକିତ୍ସାଳୟ ମୟୁରଭଞ୍ଜ, ସୁନ୍ଦରଗଡ, ପଡ଼ୋଶୀ ଝାଡଖଣ୍ଡ ସମେତ ସ୍ଥାନୀୟ ଅଞ୍ଚଳର ରୋଗୀ ସେବାକୁ ଗୁରୁତ୍ୱ ଦେଇଆସୁଥିଲେ ହେଁ ଆଜିର ସମୟରେ ଏହି ଚିକିତ୍ସାଳୟ ଉପରେ ରୋଗୀଙ୍କ ଭରସା ତୁଟିବା ଆରମ୍ଭ କଲାଣି। ନିୟମିତ ଡାକ୍ତର ଅଭାବ ପ୍ରମୁଖ କାରଣ ସାଜିଥିବା ବେଳେ ଏନେଇ ବାରମ୍ବାର ଅଭିଯୋଗ ସତ୍ତ୍ୱେ ସୁଫଳ ମିଳିପାରୁ ନାହିଁ।

୪ ବର୍ଷରୁ ଊର୍ଦ୍ଧ୍ୱ ହେବ ଏହି ଚିକିତ୍ସାଳୟର ସ୍ତ୍ରୀ ପ୍ରସୂତି ବିଭାଗରେ ନିୟମିତ ଡାକ୍ତର ନାହାନ୍ତି। ଡାକ୍ତର ଅଭାବ କାରଣ ଦେଖାଇ ୩ ବର୍ଷ ଧରି ଜିଲ୍ଲା ଖଣିଜ ପାଣ୍ଠିରୁ ୨ ଜଣ ଡାକ୍ତରଙ୍କୁ ଏଠାରେ ନିଯୁକ୍ତି ଦିଆଯାଇଥିଲା। ସ୍ତ୍ରୀ ଓ ପ୍ରସୂତି ବିଭାଗ ଏକ ଜରୁରୀ ବିଭାଗ ଭାବରେ ବିବେଚନା କରାଯାଉଥିବା ବେଳେ ଯେନତେନ ପ୍ରକାରେଣ ଦୀର୍ଘ ୩ ବର୍ଷ ଧରି ଖଣିଜ ପାଣ୍ଠିରୁ ନିଯୁକ୍ତ ଡାକ୍ତର କାମ ଚଳାଇ ଆସୁଥିଲେ। ମାତ୍ର ପ୍ରାୟ ୧ ବର୍ଷ ହେବ ଉଭୟ ଡାକ୍ତର କାମ ଛାଡି ଦେବାରୁ ଏହି ପଦ ଖାଲି ପଡିଛି। ଫଳରେ ଏହି ଗୁରୁତ୍ୱପୂର୍ଣ୍ଣ ବିଭାଗରେ ରୋଗୀମାନେ ନାନା ସମସ୍ୟା ଭୋଗୁଥିବା ଦେଖାଯାଇଛି। ବର୍ତ୍ତମାନ ସପ୍ତାହରେ ୬ ଦିନ ଧରି ୬ ଜଣ ଡାକ୍ତରଙ୍କୁ ଡେପ୍ୟୁଟେସନ ବ୍ୟବସ୍ଥା କରାଯାଇଥିଲେ ମଧ୍ୟ ସେମାନେ କେବଳ ସୀମିତ ସମୟ ସେବା ଯୋଗାଇ ଫେରିଯାଉଛନ୍ତି। ଯାହାଫଳରେ ଗମ୍ଭୀର ଅବସ୍ଥାରେ ଗର୍ଭବତୀ ମହିଳା ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଭଗବାନଙ୍କ ଭରସା ଛଡା ସେମାନଙ୍କର ଅନ୍ୟ ଉପାୟ ନଥାଏ। ଶେଷରେ ସେମାନଙ୍କୁ ସଙ୍ଗୀନ ଅବସ୍ଥାରେ ମୁଖ୍ୟ ଚିକିତ୍ସାଳୟ କେନ୍ଦୁଝରକୁ ପଠାଯାଇଥାଏ। ବିଭାଗଟି ଜରୁରୀ ବିଭାଗ ହୋଇଥିବାରୁ ବିଭିନ୍ନ ସମୟରେ ସ୍ତ୍ରୀ ଓ ପ୍ରସୂତି ରୋଗୀ ଭରସା କରି ଆସୁଛନ୍ତି ସତ କିନ୍ତୁ ସ୍ୱାଭାବିକ ପ୍ରସବ କ୍ଷେତ୍ରରେ ନର୍ସମାନେ ସେବା ଯୋଗାଉଛନ୍ତି। ନିୟମିତ ଡାକ୍ତର ଅନୁପସ୍ଥିତି ପାଇଁ ରୋଗୀଙ୍କୁ ବହୁ କଷ୍ଟ ସହିବାକୁ ପଡୁଛି। ସ୍ଥାନୀୟଲୋକଙ୍କ ପକ୍ଷରୁ ଏହି ବିଭାଗର ଡାକ୍ତର ନିଯୁକ୍ତି ପାଇଁ ସରକାର ଦୃଷ୍ଟି ଦେବାକୁ ଦାବି ହୋଇ ଆସୁଥିବା ବେଳେ ଚମ୍ପୁଆ ଏସଡିଏମଓ ଉମାକାନ୍ତ ସାହୁଙ୍କ କହିବାନୁଯାୟୀ, ଡାକ୍ତର ଅଭାବଜନିତ କାରଣରୁ ରୋଗୀସେବା ବ୍ୟାଘାତ ଘଟୁଥିବା ସେ ସ୍ୱୀକାର କରିଛନ୍ତି। ଏଥିପାଇଁ ସେ ଜିଲ୍ଲା ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି, ୧୫ ଦିନରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏହି ଡାକ୍ତର ବ୍ୟବସ୍ଥାର ସମାଧାନ କରାଯିବ ବୋଲି ଆଲୋଚନାରୁ ନିଷ୍କର୍ଶ ବାହାରିଥିବା ଡା. ସାହୁ ଜଣାଇଛନ୍ତି।

## ବଢୁଛି ଚୋରା ନକଲି ସାର ବିକ୍ରି

**ହାଟଡ଼ିହୀ,୩୧।୭ (ସମିସ):** ହାଟଡ଼ିହୀ ବ୍ଲକ ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ଏବେ ନକଲି ସାର ବିକ୍ରି ହେଉଥିବା ନେଇ ଅଭିଯୋଗ ହୋଇଛି। କିଛି ଅସାଧୁ ବ୍ୟବସାୟୀ ବାହାର ଜିଲ୍ଲାରୁ ନକଲି ଡ଼ିଏପି ସାର ଆଣି ଚଢ଼ା ଦରରେ ବିକ୍ରି କରୁଥିବା ନେଇ ଜାଣିବାକୁ ମିଳିଛି। ଭିନ୍ନ ଭିନ୍ନ ରଙ୍ଗର ପଟାସ ସାର ଏବେ ମାର୍କେଟରେ ବିକ୍ରି ହେଉଥିବାରୁ ତାହା ମଧ୍ୟ ନକଲି ହୋଇଥିବା ନେଇ ସନ୍ଦେହ କରାଯାଉଛି। ଗୋଟିଏ ପଟେ ସମବାୟ ସମିତିରେ ପଞ୍ଜୀକରଣ ଅଡୁଆକୁ ଅନ୍ୟପଟେ ଅସାଧୁ ବ୍ୟବସାୟୀ ନକଲି ସାର ବିକ୍ରି କରି ଚାଷୀଙ୍କୁ ଲୁଟୁଥିବା ଅଭିଯୋଗ ହେଉଛି। ଚଳିତବର୍ଷ କୃଷି ବିଭାଗ ଏଯାଏଁ ଏଥିପ୍ରତି ପଦକ୍ଷେପ ନେଇ ନଥିବା ଅଭିଯୋଗ ହେଉଛି। ଏଥିପ୍ରତି ଆନନ୍ଦପୁର ଉପଜିଲ୍ଲାପାଳଙ୍କ ସହ ବିଧାୟକ ଦୃଷ୍ଟି ଦେବାକୁ ଚାଷୀକୁଳ ନିବେଦନ କରିଛନ୍ତି।

## ଲକ୍ଷାଧିକ ଟଙ୍କାର ଚୋରି ସୁନା ଉଦ୍ଧାର

**ତୁରୁମୁଙ୍ଗା, ୩୧।୭ (ସମିସ):** କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ପଛ ପଟ ତ୍ରିବିନ୍ଦା ହାଟପଡିଆ ନିକଟରୁ ଡବା ଏବଂ ପଲିଥିନରୁ ଲକ୍ଷାଧିକ ଟଙ୍କାର ଚୋରି ସୁନା ପୁଲିସ ଉଦ୍ଧାର କରିଛି। ଚମ୍ପୁଆ ପୁଲିସ ଏବଂ ତୁରୁମୁଙ୍ଗା ପୁଲିସ ଦ୍ୱାରା ଏହି ଚୋରି ସୁନାକୁ ଜବତ କରାଯାଇ ତଦନ୍ତ ଆରମ୍ଭ ହୋଇଛି। ପୁଲିସ ଧରିଥିବା ଦୁଇ ଚୋରଙ୍କୁ ଏଠାକୁ ଆଣି ଚୋରି ସୁନାକୁ ଉଦ୍ଧାର କରାଯାଇ ଚମ୍ପୁଆ ଥାନାକୁ ନିଆଯାଇଛି।

## ଆଜିର ରାଶିଫଳ

**ମେଷ:** ଗୁରୁଜନଙ୍କ ସହ ଉତ୍ତମ ବୁଝାମଣା ରହିବ। ଆର୍ଥିକ ଦୃଷ୍ଟିରୁ ଦିନଟି ଉତ୍ତମ। ରୋଜଗାର ବୃଦ୍ଧି ହେବ। ଜୀବନସାଥୀଙ୍କ ସହଯୋଗ ମିଳିପାରେ। ବ୍ୟବସାୟୀ କୌଣସି ଶୁଭ ଖବର ପାଇବେ।

**ବୃଷ:** କୌଣସି କାର୍ଯ୍ୟ ବିଗିଡ଼ିପାରେ। ଧାର୍ମିକ କାର୍ଯ୍ୟ ପ୍ରତି ଆଗ୍ରହ ବଢ଼ିବ। ସ୍ୱଭାବରେ ନିୟନ୍ତ୍ରଣ ରକ୍ଷା କରିବେ। ଆତ୍ମବିଶ୍ୱାସର ସହ କାର୍ଯ୍ୟ କରିବେ। ନିବେଶ ଲାଗି ଉପଯୁକ୍ତ ସମୟ। ଦୀର୍ଘ ଦିନର ଆଶା ପୂରଣ ହେବ।

**ମିଥୁନ:** ବିରୋଧୀଙ୍କ ସହ ମତାନ୍ତର ଦୂର ହେବ। ଭୁଲ୍ କାମରୁ ଦୂରେଇ ରହିବେ। ପାରିବାରିକ ଜୀବନରେ ସୁଖଶାନ୍ତି ରହିବ। ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଭଲ। କୌଣସି କଥାକୁ ନେଇ ମନ ଉଣା ହୋଇପାରେ।

**କର୍କଟ:** ଦାନଧର୍ମରେ ଦିନଟି ଅତିବାହିତ କରିବେ। ବିଦ୍ୟାର୍ଥୀ ବିଦେଶ ଯାତ୍ରା କରିପାରନ୍ତି। ଗରିବଙ୍କୁ ସାହାଯ୍ୟ କରିବେ। ମାନସିକ ଶାନ୍ତି ମିଳିବ। ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ। ଅତିଥି ସତ୍କାର କରିପାରନ୍ତି।

**ସିଂହ:** ଆର୍ଥିକ ସମସ୍ୟା ସୃଷ୍ଟି ହେବ। କାର୍ଯ୍ୟକ୍ଷେତ୍ରରେ ବିଶେଷ ଧ୍ୟାନ ଦେବେ। କାର୍ଯ୍ୟଧାରାରେ ପରିବର୍ତ୍ତନ ଆଣିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବ। କଳା ଓ ସଙ୍ଗୀତ ପ୍ରତି ରୁଚି ବଢ଼ିବ।

**କନ୍ୟା:** ବନ୍ଧୁଙ୍କ ସହାୟତାରେ କାମ ପୂରା କରିବେ। ଛାତ୍ରଛାତ୍ରୀ ପଢ଼ାକୁ ନେଇ ଚିନ୍ତାରେ ରହିବେ। ସ୍ୱାସ୍ଥ୍ୟ ସମସ୍ୟା ଉପୁଜିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଜୀବନସାଥୀଙ୍କଠାରୁ ଉପହାର ପାଇବେ।

**ତୁଳା:** ଦିନଟିରେ ସଫଳତା ମିଳିବ। ପୈତୃକ ବ୍ୟବସାୟରୁ ଲାଭବାନ ହେବେ। ସକାରାତ୍ମକ ଚିନ୍ତାଧାରାରେ ସମସ୍ତ କାର୍ଯ୍ୟ କରିବେ। ଆର୍ଥିକ ଲାଭ ମିଳିବ। ଆଣ୍ଠୁଗଣ୍ଠି ସମସ୍ୟା ଦେଖାଦେଇପାରେ।

**ବିଛା:** ବାଦବିବାଦରୁ ଦୂରେଇ ରହିବେ। କାମରୁ ସଫଳତା ମିଳିବ। ବ୍ୟବସାୟରେ ଦୂରସ୍ଥାନକୁ ଯାତ୍ରା କରିବେ। ପ୍ରେମ ସମ୍ପର୍କ ସୁଖମୟ ହେବ। ଜମିବାଡ଼ିକୁ ନେଇ ବିବାଦ ଦେଖା ଦେବ। ଆୟ ଓ ବ୍ୟୟ ସମାନ ରହିବ।

**ଧନୁ:** ଆତ୍ମବିଶ୍ୱାସ ବଢ଼ିବ। କାମ କରିବାରେ ସକ୍ଷମ ହେବେ ନାହିଁ। କୌଣସି ସମସ୍ୟାରେ ପଡ଼ିପାରନ୍ତି। ନକାରାତ୍ମକ ଚିନ୍ତାଧାର ଦୂର ହେବ। ଅଫିସ ସହକର୍ମୀଙ୍କ ସହଯୋଗରେ କାମ ପୂରା କରିବେ।

**ମକର:** ଧନଲାଭ ଯୋଗ ଅଛି। କୌଣସି କଥାକୁ ନେଇ ବିଚଳିତ ହେବା ବ୍ୟର୍ଥ। ପରିବାର ଲୋକଙ୍କ ସହ ହସ ଖୁସିରେ ଦିନ କାଟିବେ। ଡାକ୍ତରୀ ଛାତ୍ରଛାତ୍ରୀଙ୍କୁ ନିଯୁକ୍ତି ସୁଯୋଗ ମିଳିପାରେ।

**କୁମ୍ଭ:** ପରନିନ୍ଦାରୁ ଦୂରେଇ ରହିବେ। ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତାନ୍ତର ଦେଖା ଦେବ। ରଣନୀତିରେ କାମ କରିବେ ଏବଂ ସଫଳତା ପ୍ରାପ୍ତି ହେବ। ସ୍ୱାସ୍ଥ୍ୟ ସମସ୍ୟା ପାଇଁ ଖର୍ଚ୍ଚାନ୍ତ ହେବେ। ବିବାହ ବିଳମ୍ବ ହେବ।

**ମୀନ:** ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ। କାମ ଆରମ୍ଭ ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ଛାତ୍ରଛାତ୍ରୀ ପ୍ରତିଯୋଗିତାମୂଳକ ପରୀକ୍ଷାରେ କୃତକାର୍ଯ୍ୟ ହେବେ। ଚକ୍ଷୁ ସମସ୍ୟା ଭୋଗିପାରନ୍ତି।

## ଆଜିର ଇତିହାସ

- ୧୮୮୩- ଗ୍ରେଟ୍ ବ୍ରିଟେନ୍‌ରେ ଅନ୍ତର୍ଦେଶୀୟ ଡାକ ସେବା ଆରମ୍ଭ ହେଲା।
- ୧୯୨୦- ମହାତ୍ମା ଗାନ୍ଧୀ ଅସହଯୋଗ ଆନ୍ଦୋଳନ ଆରମ୍ଭ କଲେ।
- ୧୯୩୩- ହିନ୍ଦୀ ଫିଲ୍ମ ଅଭିନେତ୍ରୀ ମୀନା କୁମାରୀଙ୍କ ଜନ୍ମ।
- ୧୯୫୭- ନ୍ୟାସନାଲ ବୁକ୍ ଟ୍ରଷ୍ଟ(ଏନ୍‌ବିଟି)ର ସ୍ଥାପନା।
- ୧୯୬୦- କରାଚୀ ପରିବର୍ତ୍ତେ ଇସ୍‌ଲାମାବାଦ ହେଲା ପାକିସ୍ତାନର ରାଜଧାନୀ।
- ୧୯୯୫- ହବଲ ଟେଲିସ୍କୋପ ଶନିର ଅନ୍ୟ ଏକ ଉପଗ୍ରହକୁ ଠାବ କଲା।

## 'ବର୍ଡର ୨'

# ବରୁଣଙ୍କ ନାୟିକା ହେବେ ମେଧା

ବଲିଉଡ୍ ଅଭିନେତା ସନ୍ନି ଦେଓ୍ୱଲ ଏବେ ତାଙ୍କ ଆଗାମୀ ଫିଲ୍ମ 'ବର୍ଡର ୨' ପାଇଁ ଚର୍ଚ୍ଚାରେ ଅଛନ୍ତି। ଏବେ ଏହି ଫିଲ୍ମକୁ ନେଇ ଏକ ଖବର ଆସିଛି। ଏଥିରେ ବରୁଣ ଧୱନ୍‌ଙ୍କ ବିପକ୍ଷରେ ମେଧା ରାଣା ନଜର ଆସିବେ। ନିକଟରେ ଫିଲ୍ମ ନିର୍ମାତା ଏସମ୍ପର୍କରେ ସାମାଜିକ ଗଣମାଧ୍ୟମରେ ଜଣାଇଛନ୍ତି। ମେଧା 'ବର୍ଡର ୨' ପୂର୍ବରୁ 'ଇସ୍କ ଇନ୍ ଦ ଏୟାର୍', 'ଫ୍ରାଇଡେ ନାଇଟ୍ ପ୍ଲାନ୍', 'ଲଣ୍ଡନ ଫାଇଲ୍‌ସ' ଆଦି ଫିଲ୍ମରେ ଦେଖାଯାଇଥିଲେ। 'ବର୍ଡର ୨'ରେ ମେଧାଙ୍କ ସହ ସୋନମ୍ ବାଜୱା, ମୌନି ରୟ, ଭିନାଲି ଭଟ୍ଟନାଗରଙ୍କୁ ମଧ୍ୟ ସ୍ଥାନ ମିଳିପାରେ ବୋଲି ଚର୍ଚ୍ଚା ହେଉଛି। 'ବର୍ଡର ୨' ଜାନୁଆରୀ ୨୩, ୨୦୨୬ରେ ରିଲିଜ୍ ହେବ। ଏଥିରେ ସନ୍ନି ଦେଓ୍ୱଲଙ୍କ ସହ ବରୁଣ ଧୱନ୍, ଦିଲଜିତ୍ ଦୋସାଞ୍ଜ, ଅହାନ୍ ସେଟ୍ଟି ପ୍ରମୁଖ ନଜର ଆସିବେ। ଏହାର ପ୍ରଯୋଜନା ଦାୟିତ୍ୱରେ ଭୂଷଣ କୁମାର, କୃଷ୍ଣ କୁମାର, ଜେପି ଦତ୍ତା ଓ ନିଧି ଦତ୍ତା ଅଛନ୍ତି। ଏହାର ନିର୍ଦ୍ଦେଶନା ଦାୟିତ୍ୱରେ ଅନୁରାଗ ସିଂହ ଅଛନ୍ତି। ଏଥିରେ ଦେଶପ୍ରେମ, ଆକ୍ସନ, ଭାବପ୍ରବଣତାର ଏକ ନିଆରା ମିଶ୍ରଣ ଦେଖିବାକୁ ମିଳିବ। ଏଠାରେ ପ୍ରକାଶ ଥାଉ କି, 'ବର୍ଡର ୨' ୧୯୯୭ରେ ଆସିଥିବା ଫିଲ୍ମ 'ବର୍ଡର'ର ସିକ୍ୱେଲ।



# ବିଶ୍ୱ ଫୁସ୍‌ଫୁସ୍ କର୍କଟ ଦିବସ



ଶରୀରର ଯେକୌଣସି ଅଙ୍ଗରେ କର୍କଟ ବିପଦପୂର୍ଣ୍ଣ ଏବଂ ସାଂଘାତିକ। ମାରାତ୍ମକ ଫୁସ୍‌ଫୁସ୍ କର୍କଟ ରୋଗ ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ପ୍ରତିବର୍ଷ ଅଗଷ୍ଟ ୧ ତାରିଖକୁ ଫୁସ୍‌ଫୁସ୍ କର୍କଟ ଦିବସ ଭାବେ ପାଳନ କରାଯାଏ। ବିଶ୍ୱବ୍ୟାପୀ ପୁରୁଷ ଏବଂ ମହିଳାମାନଙ୍କଠାରେ ଦ୍ୱିତୀୟ ସାଧାରଣ ପ୍ରକାରର କର୍କଟ ଭାବରେ ଫୁସ୍‌ଫୁସ୍ କ୍ୟାନ୍ସର, ଏକ ପ୍ରମୁଖ ସମସ୍ୟା ଭାବରେ ଉଭା ହୋଇଛି। ଏହି କାରଣରୁ ଅଧିକାଂଶ ପୁରୁଷ ଏବଂ ମହିଳାଙ୍କର ଜୀବନ ମଧ୍ୟ ଯାଉଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ରିପୋର୍ଟ ଅନୁସାରେ, ୨୦୨୦ ମସିହାରେ ଫୁସ୍‌ଫୁସ୍ କର୍କଟ ହେତୁ ସାରା ବିଶ୍ୱରେ ୧୮ ଲକ୍ଷ ଲୋକଙ୍କର ମୃତ୍ୟୁ ହୋଇଥିଲା। ୨୦୧୨ ମସିହାରେ ପ୍ରଥମ ଥର ଏହି କାର୍ଯ୍ୟକ୍ରମକୁ 'ଫୋରମ୍ ଅଫ୍ ଇଣ୍ଟରନ୍ୟାସନାଲ୍ ରେସପେରେଟୋରୀ ସୋସାଇଟିଜ୍' ଦ୍ୱାରା 'ଇଣ୍ଟରନ୍ୟାସନାଲ୍ ଆସୋସିଏସନ୍ ଫର ଲଙ୍ଗ କ୍ୟାନ୍ସର ଆଣ୍ଡ ଆମେରିକାନ୍ କଲେଜ ଅଫ୍ ଚେଷ୍ଟ ଫିଜିସିଆନ' ଙ୍କ ସହାୟତାରେ ଆୟୋଜିତ କରାଯାଇଥିଲା। ତମାଖୁ ସେବନ ଫୁସ୍‌ଫୁସ୍ କର୍କଟର ମୁଖ୍ୟ କାରଣ ହୋଇଥାଏ। ତାଛଡ଼ା ପ୍ରଦୂଷଣ କାରଣରୁ ଫୁସ୍‌ଫୁସ୍ କର୍କଟ ହୋଇଥାଏ। ପ୍ରଦୂଷଣ ଯୋଗୁଁ ବିଷାକ୍ତ ରାସାୟନିକ ଗ୍ୟାସ୍‌ଗୁଡ଼ିକ ଆମ ଫୁସ୍‌ଫୁସ୍‌ରେ ପ୍ରବେଶ କରି ଏହା କର୍କଟ ସୃଷ୍ଟି କରିଥାଏ। ଗୋବର ଘସି ଜାଳିବା ସହ ଯେଉଁମାନେ ଧୂଳି, ବାଲି, କୋଇଲାରେ ଅଧିକ ସମୟ କାମ କରୁଛନ୍ତି ସେମାନଙ୍କୁ ଏହି କର୍କଟ ହେବା ଆଶଙ୍କା ଅଧିକ ଥାଏ। ଫୁସ୍‌ଫୁସ୍ ଆମ ଶରୀରର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ, କାରଣ ଏହା ଶ୍ୱାସକ୍ରିୟା ଏବଂ ଶରୀରକୁ ଅମ୍ଳଜାନ ଯୋଗାଇବା ପାଇଁ କାମ କରେ। ତେଣୁ ଫୁସ୍‌ଫୁସ୍‌ର ଯତ୍ନ ନେବା ଅତ୍ୟନ୍ତ ଜରୁରି। କାରଣ ଖରାପ ଫୁସ୍‌ଫୁସ୍ କାରଣରୁ ଶ୍ୱାସକ୍ରିୟାରେ ବ୍ୟତିକ୍ରମ, ଆଜ୍‌ମା, କ୍ରନିକ ରୋଗ ଏବଂ ଫୁସ୍‌ଫୁସ୍ କର୍କଟ ମଧ୍ୟ ହୋଇପାରେ। ଫୁସ୍‌ଫୁସ୍‌ରେ କୌଣସି କୋଷ ଅନିୟନ୍ତ୍ରିତ ଭାବେ ବଢ଼ିଲେ ତାହା କର୍କଟର ରୂପ ନିଏ। ସେହି ଟ୍ୟୁମର୍ ପରବର୍ତ୍ତୀ ସମୟରେ କର୍କଟର କାରଣ ପାଲଟିଥାଏ। ଅଧିକ ଦିନ ଧରି କାଶ ଲାଗି ରହିବା, ଛାତି ଯନ୍ତ୍ରଣା ହେବା, ମୁଣ୍ଡ ବିନ୍ଧିବା ଆଦି ଏହାର ଲକ୍ଷଣ ହୋଇଥାଏ। ତେବେ ପ୍ରଥମ ଷ୍ଟେଜ୍‌ରୁ ଏହା ଚିହ୍ନଟ ହୋଇପାରିଲେ ଏହାର ଚିକିତ୍ସା ଫଳପ୍ରଦ ହୋଇଥାଏ। ତେବେ ଫୁସ୍‌ଫୁସ୍ କର୍କଟରୁ ରକ୍ଷା ପାଇବା ପାଇଁ ସୁସ୍ଥ ଜୀବନଶୈଳୀ ଆପଣାଇବା ସହ ଧୂମପାନରୁ ନିବୃତ୍ତ ରହିବା ଆବଶ୍ୟକ। ଏହାବାଦ୍ ବାରମ୍ବାର ସ୍କ୍ରିନିଂ ମାଧ୍ୟମରେ ବି ଫୁସ୍‌ଫୁସ୍ କର୍କଟ ପ୍ରାରମ୍ଭିକ ସ୍ତରରେ ଜଣାପଡ଼ିଯିବ। ଫଳରେ ବେଳ ଥାଉ ଥାଉ ଏହାର ଚିକିତ୍ସା କରାଯାଇ ପାରିବ।

# ଚାକିରି ପାଇଁ ଡିଜିଟାଲ ସ୍ନାନ


ଭଲ ଚାକିରିଟିଏ କିମ୍ବା ବଡ଼ କଲେଜରେ ପାଠ ପଢ଼ିବା ପାଇଁ ବିଦ୍ୟାର୍ଥୀମାନେ ପୂଜାପାଠ କରାଇଥାନ୍ତି। ଏହି କ୍ରମରେ ଏବେ ସାମାଜିକ ଗଣମାଧ୍ୟମରେ ଡିଜିଟାଲ ସ୍ନାନ ନାଁରେ ଏକ ନୂଆ ଟ୍ରେଣ୍ଡ ଭାଇରାଲ ହେଉଛି। ତେବେ ମହାକୁମ୍ଭରେ ଏହା ପ୍ରଥମେ ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଥିଲା। ବିଶେଷକରି ବୁଡ଼ ପକାଇବାରୁ ବଞ୍ଚିତ ଥିବା ଲୋକଙ୍କ ଫଟୋକୁ ଗଙ୍ଗା ନଦୀରେ ବୁଡ଼ ପକାଯାଉଥିଲା। ଏହା ଥିଲା ପରମ୍ପରା ସହ ଯୋଡ଼ି ହେବାର ଆଧୁନିକ ଉପାୟ। ହେଲେ ଏବେ ପୁଣି ଥରେ ଏହି ଧାରା ଫେରିଥିବା ବେଳେ ଏଥର କିନ୍ତୁ ଚାକିରି ପାଇବା ଲାଗି ଏହା ଆରମ୍ଭ କରାଯାଇଥିବା ଦେଖାଯାଇଛି। ଏହାର ଏକ ଭିଡିଓକୁ ସାମାଜିକ ଗଣମାଧ୍ୟମରେ ସେୟାର୍ କରାଯିବା ପରେ ସମସ୍ତଙ୍କ ନଜରକୁ ଆସିଛି। ଏହାକୁ ଦୀପକ ଗୋୟଲ ନାମକ ଜଣେ ବ୍ୟକ୍ତି ସେୟାର୍ କରିଛନ୍ତି। ଭିଡିଓରେ ଦେଖିବାକୁ ମିଳିଛି, ଗୋଟିଏ ସାଦା କାଗଜରେ ହାଇଦ୍ରାବାଦର ଇଣ୍ଡିଆ ସ୍କୁଲ ଅଫ୍ ବିଜନେସ୍‌ର କିଛି ବିଦ୍ୟାର୍ଥୀଙ୍କ ଫଟୋ ରହିଛି। ଏହାପରେ ଦୀପକ କହୁଛନ୍ତି, ଏହି ପିଲାମାନଙ୍କୁ ଯେପରି ଭଲ ଚାକିରି ମିଳିପାରିବ, ସେଥିପାଇଁ ମୁଁ ସେମାନଙ୍କର ଫଟୋକୁ ପବିତ୍ର ଗଙ୍ଗା ନଦୀରେ ବୁଡ଼ାଉଛି। ଯେଉଁମାନେ ଏଭଳି ଗଙ୍ଗାରେ ବୁଡ଼ ପକାଇବାକୁ ଚାହୁଁଛନ୍ତି ସେମାନେ ହ୍ୱାଟସ୍‌ଆପ୍ ଦ୍ୱାରା ତାଙ୍କୁ ଫଟୋ ପଠାଇପାରିବେ। ଅବଶ୍ୟ ଏଥିପାଇଁ ତାଙ୍କୁ ୧୧୦୦ ଟଙ୍କା ଦେବାକୁ ପଡ଼ିବ। ଏହାପୂର୍ବରୁ ମଧ୍ୟ ଦୀପକ କୁମ୍ଭମେଳା ସମୟରେ ଏଭଳି ଡିଜିଟାଲ ସ୍ନାନ କରାଇ ଚର୍ଚ୍ଚାକୁ ଆସିଥିଲେ। ଏଥର ଡିଜିଟାଲ ସ୍ନାନ ବିଶ୍ୱାସର ଏକ ନୂଆ ପରମ୍ପରା ସୃଷ୍ଟି କରିଥିବା କୁହାଯାଉଛି। ଅନ୍ୟପଟେ ଲୋକେ ଏଥିରେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ଦେଇଛନ୍ତି।





## ସଞ୍ଜୀବନୀ

# ମାନସିକ ଶାନ୍ତି ପାଇଁ କଲର ୱାକିଂ



ଅଧୁନା ମେଦବହୁଳତା ସମସ୍ୟା ଦିନକୁ ଦିନ ବୃଦ୍ଧି ପାଉଛି। ମେଦବହୁଳତା ଯୋଗୁଁ ପ୍ରାୟତଃ ବସିବା, ଉଠିବା ଆଦିରେ ସମସ୍ୟା ହୋଇଥାଏ। ଏହା ବିଭିନ୍ନ ରୋଗକୁ ମଧ୍ୟ ଆମନ୍ତ୍ରିତ କରିଥାଏ। ତେଣୁ ପ୍ରତିଦିନ ଚାଲିବା ଦ୍ୱାରା ଓଜନ ନିୟନ୍ତ୍ରଣରେ ରହିବା ସହ ଶରୀର ଫିଟ୍ ଓ ନୀରୋଗ ରହିଥାଏ। ଏହାକୁ ଧ୍ୟାନ ଦେଲେ ଓଜନ ହ୍ରାସ ପାଇଁ ପାୱାର ୱାକିଂ, ବ୍ରିସ୍କ ୱାକିଂ, ଜଗିଙ୍ଗ, ରିଭର୍ସ ୱାକିଂ ଆଦି ଚାଲିବା ଟ୍ରେଣ୍ଡରେ ରହିଥିବାବେଳେ ଏବେ 'କଲର ୱାକିଂ'କୁ ନେଇ ଅନେକ ଚର୍ଚ୍ଚା।

ଏହି ନୂତନ ଚାଲିବା କୌଶଳରେ ଜଣେ ବ୍ୟକ୍ତିଙ୍କୁ ଚାଲିବା ପୂର୍ବରୁ ଗୋଟିଏ ନିର୍ଦ୍ଦିଷ୍ଟ ରଙ୍ଗ ବାଛିବାକୁ ପଡ଼ିଥାଏ। ଚାଲିବା ସମୟରେ ଉକ୍ତ ରଙ୍ଗର ବସ୍ତୁକୁ ଦେଖି ତାହାକୁ ଗଣିଥାନ୍ତି। ତେବେ ମନକୁ ଶାନ୍ତି ଓ ଖୁସି ରଖିବାକୁ କଲର ୱାକିଂ ସବୁଠୁ ପ୍ରଭାବୀ। ୱିଲିୟମ୍ ଏସ୍ ବରୋଜ ନିଜର ବିଦ୍ୟାର୍ଥୀଙ୍କୁ ପ୍ରେରିତ କରିବାକୁ କଲର ୱାକିଂ ଆରମ୍ଭ କରିଥିଲେ। ଏହି ବ୍ୟାୟାମ ମସ୍ତିଷ୍କକୁ ପ୍ରଭାବିତ କରି ରଚନାତ୍ମକତା ଚିନ୍ତାଧାରା, କଳ୍ପନା, କଳା, କୌଶଳ ଏବଂ ସମସ୍ୟାର ସମାଧାନ କରିବାର ଦକ୍ଷତାକୁ ବୃଦ୍ଧି କରାଏ।

ତେଣୁ କଲର ୱାକିଂ କେବଳ ମାନସିକ ସୁସ୍ଥତା ପାଇଁ ଭଲ ତାହା ନୁହେଁ, ଏହା ଦ୍ୱାରା ଶାରୀରିକ ସ୍ୱାସ୍ଥ୍ୟ ଠିକ୍ ରୁହେ। ଚିନ୍ତାରୁ ମୁକ୍ତି ମିଳେ। ସାଧାରଣତଃ ରଙ୍ଗ ଭାବନାକୁ ନିୟନ୍ତ୍ରିତ କରିବାରେ ସାହାଯ୍ୟ କରୁଥିବାରୁ ଏହି କୌଶଳରେ ଚାଲିବା ଦ୍ୱାରା ନୂତନ ଚିନ୍ତାଧାରା ସୃଷ୍ଟି ହେବା ସହିତ ଏକାଗ୍ରତା, ଆତ୍ମବିଶ୍ୱାସ, ସୃଜନଶୀଳତା ବୃଦ୍ଧି ପାଏ। ମାଂସପେଶୀ ଶକ୍ତ ହୁଏ। ବିଶେଷ କଥା ହେଉଛି, ଚାଲିବା ଦ୍ୱାରା ଏଣ୍ଡରଫିନ୍ ଏବଂ ସେରୋଟୋନିନ ହରମୋନ୍ ବୃଦ୍ଧି ପାଏ। ମନ ହାଲୁକା ହୋଇଯାଏ। ଖୁସି ରଖେ।

## 'ସକାଳ'ର ସ୍ୱାସ୍ଥ୍ୟ

# ଟିନିଟସ୍

**କିଛି ଲୋକଙ୍କ କାନରେ ସିଟି ବାଜିବା ପରି ଅନୁଭବ ହୁଏ। ଏହି ସମସ୍ୟାକୁ ଚିକିତ୍ସା ଭାଷାରେ ଟିନିଟସ୍ କୁହାଯାଏ। ଟିନିଟସ୍ ହେଉଛି ଶ୍ରବଣଶକ୍ତି ସମ୍ପର୍କିତ ଏକ ଲକ୍ଷଣ। ଏଥିରେ କାରଣ ନଥାଇ କାନରେ ଘଣ୍ଟି ବାଜିବା ପରି ଅନୁଭୂତ ହୋଇଥାଏ। ଦୀର୍ଘଦିନ ଟିନିଟସ୍ ମାମଲା କେତେକଙ୍କ କ୍ଷେତ୍ରରେ ମାନସିକ ରୋଗରେ ପରିଣତ ହୋଇଥାଏ। ଧୀରେ ଧୀରେ ଏହା ଶ୍ରବଣଶକ୍ତିକୁ ହ୍ରାସ କରିଦିଏ। ଯେକୌଣସି ବୟସରେ ଏହା ହୋଇପାରେ। ତେବେ ଏହାର କାରଣ, ଲକ୍ଷଣ ଓ ଚିକିତ୍ସା ବିଷୟରେ ଜାଣିବା...**



ଟିନିଟସ୍‌ର ପ୍ରକୃତ କାରଣ ଏଯାବତ୍ ଅସ୍ପଷ୍ଟ ରହିଛି। ହେଲେ ଲଗାତାର ଉଚ୍ଚଶକ୍ତି ସମ୍ପନ୍ନ ଶବ୍ଦ ଶୁଣିବା, କାନରେ ମଇଳା ଜମିଯିବା, କାନ ତଳ ସ୍ନାୟୁରେ କିଛି ସଂକ୍ରମଣ, କାନର ପର୍ଦ୍ଦା ସଂକ୍ରମଣ, ମସ୍ତିଷ୍କରେ ଆଘାତ ଲାଗିବା, ଉଚ୍ଚ ରକ୍ତଚାପ ଏବଂ ଥାଇରଏଡ ଆଦି ସମସ୍ୟା ଥିଲେ ଟିନିଟସ୍‌ର ଆଶଙ୍କା ବୃଦ୍ଧି ପାଇଥାଏ। ଟିନିଟସ୍‌ରେ ପୀଡ଼ିତ ବ୍ୟକ୍ତିଙ୍କ କାନକୁ ଜୋର ଶବ୍ଦ ଶୁଣାଯିବା ସହିତ ମୁଣ୍ଡ ବିନ୍ଧା ଲକ୍ଷଣ ଦେଖାଯାଏ। ଏହାସହିତ କାନକୁ ଜୋର କିମ୍ବା ବହୁତ ଧୀର ଶୁଣାଯିବା, କାନରେ ପବନ ପରି ଶବ୍ଦ ଆସିବା ଆଦି ଲକ୍ଷଣ ଦେଖାଯାଏ। ଗମ୍ଭୀର ସ୍ଥିତିରେ ଶାରୀରିକ ବ୍ୟବହାରରେ ପରିବର୍ତ୍ତନ ହୁଏ।

ତେଣୁ ଏପରି ସମସ୍ୟାରୁ ଆରୋଗ୍ୟ ଲାଭ ପାଇଁ ଇ.ଏନ୍.ଟି ତଥା ଗଳା, ନାସା ଓ କର୍ଣ୍ଣରୋଗ ବିଶେଷଜ୍ଞଙ୍କୁ ପରାମର୍ଶ କରିବା ଉଚିତ। କିଛି ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟପରୀକ୍ଷା ଦ୍ୱାରା ଏହି ରୋଗର କାରଣ ଜଣାପଡ଼ିବା ସହ ଲକ୍ଷଣ ଅନୁଯାୟୀ ଚିକିତ୍ସା କରାଯାଏ। ଏଥିପାଇଁ ରକ୍ତପରୀକ୍ଷା, ସିଟିସ୍କାନ ଓ ଏମ୍‌ଆର୍‌ଆଇ ମଧ୍ୟ ଆବଶ୍ୟକ ହୋଇଥାଏ। ଏଥିପାଇଁ ଶବଣ ଯନ୍ତ୍ର ଲଗାଇବାକୁ ହୁଏ। କିଛି ଗୁରୁତ୍ୱପୂର୍ଣ୍ଣ ଥେରାପି କରିବାକୁ ଡାକ୍ତର ମଧ୍ୟ ପରାମର୍ଶ ଦିଅନ୍ତି। ଏହାବ୍ୟତୀତ ସ୍ଥିତିରେ ସୁଧାର ନ ଆସିଲେ ଅସ୍ତ୍ରୋପଚାର କରିବାକୁ ପଡ଼ିଥାଏ। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ସବୁବେଳେ ଇୟରଫୋନ୍ ବ୍ୟବହାର କରିବା ଅନୁଚିତ।

## ଉପକାରୀ ମେଥି

# ଅଙ୍କୁରିତ ମେଥି

ମେଥିରେ ଭିଟାମିନ୍ ଏ, ବି ଓ ସି, ଲୌହସାର, ମ୍ୟାଗ୍ନେସିୟମ, କ୍ୟାଲସିୟମ, ପଟାସିୟମ, କାର୍ବୋହାଇଡ୍ରେଟ ଆଦି ପୋଷକତତ୍ତ୍ୱ ରହିଥାଏ। ଔଷଧୀୟ ଗୁଣରେ ଭରପୁର ମେଥିକୁ ସେବନ କଲେ ଶରୀରର ବିଭିନ୍ନ ରୋଗ ଦୂର ହୋଇଥାଏ। ତେବେ ବର୍ତ୍ତମାନ ସମୟରେ ଅଙ୍କୁରିତ ମେଥି ଖାଇବାର ଟ୍ରେଣ୍ଡ ବୃଦ୍ଧି ପାଇଛି। ଅଙ୍କୁରିତ ମେଥି ଖାଇବା ଦ୍ୱାରା କ'ଣ ଲାଭ ମିଳେ ଜାଣିବା ସେ ବିଷୟରେ...

- ନିୟମିତ ଉପଯୁକ୍ତ ମାତ୍ରା ଏବଂ ସମୟରେ ଅଙ୍କୁରିତ ମେଥି ସେବନ କଲେ, ପ୍ରମେହ ଏବଂ ସ୍ତ୍ରୀ ରୋଗ ଆଦିରେ ହିତକର ହୋଇଥାଏ। ଶରୀରରୁ ବିଷାକ୍ତ ପଦାର୍ଥ ବାହାର କରିବାରେ ଅଙ୍କୁରିତ ମେଥିର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏଥିରେ ଥିବା ଫାଇବର ବଦହଜମୀ ଦୂର କରେ।
- ଅଙ୍କୁରିତ ମେଥି ଖାଇବା ଦ୍ୱାରା କୋଷ୍ଠକାଠିନ୍ୟ, ଗ୍ରହଣି ଦୂର ହୋଇଥାଏ। କୋଲେଷ୍ଟ୍ରଲ ମଧ୍ୟ ନିୟନ୍ତ୍ରଣ କରିବାରେ ଏହା ବେଶ୍ ଫଳପ୍ରଦ।
- ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଁ ଅଙ୍କୁରିତ ମେଥି ଖାଇପାରିବେ। ତାସହିତ ଅଙ୍କୁରିତ ମେଥି ସର୍ଦ୍ଦି, କାଶ, ଥଣ୍ଡା ଓ ଜ୍ୱର ଦୂର କରିଥାଏ। ମେଥିରେ ଥିବା ଭିଟାମିନ୍ ସି ଓ ଆଣ୍ଟି ଅକ୍ସିଡାଣ୍ଟ ଯୋଗୁଁ ହୃଦ୍‌ରୋଗ ହେବାର ଆଶଙ୍କା ହ୍ରାସ ପାଇଥାଏ। ଅଙ୍କୁରିତ ମେଥି ଖାଇବା ପୂର୍ବରୁ ଚିକିତ୍ସକଙ୍କ ପରାମର୍ଶ ନେବା ଜରୁରି।



# ରକ୍ତପରୀକ୍ଷାର ନୂଆ ବିକଳ୍ପ



ରୋଗ ଚିହ୍ନଟର ପ୍ରଥମ ମାର୍ଗ ହେଉଛି ରକ୍ତ ପରୀକ୍ଷା। ହେଲେ ଏମିତି ଅନେକ ଅଛନ୍ତି, ରକ୍ତ ପରୀକ୍ଷା ପାଇଁ ବ୍ୟବହୃତ ଛୁଞ୍ଚିକୁ ନେଇ ଭୟ କରନ୍ତି। ଫଳରେ ରକ୍ତ ପରୀକ୍ଷାରୁ ବଞ୍ଚିତ ରୁହନ୍ତି। ହେଲେ ଏବେ କୃତ୍ରିମ ବୁଦ୍ଧିମତା ଜରିଆରେ ବିନା ଛୁଞ୍ଚି ପ୍ରୟୋଗରେ ବି ରକ୍ତ ପରୀକ୍ଷା ସମ୍ଭବ ହେବ। କେବଳ ଫେସ୍ ସ୍କାନ୍ କରିବା ଦ୍ୱାରା ରକ୍ତ ପରୀକ୍ଷା ହୋଇପାରିବ। କ୍ୱିକ ବାଇଟଲ ନାମକ ଏଆଇ ଆଧାରିତ ଆପ୍ ଜରିଆରେ ଫେସ୍ ସ୍କାନ ଦ୍ୱାରା ରକ୍ତ ପରୀକ୍ଷା ସହଜ ହୋଇପାରିବ। ଏହି ପରୀକ୍ଷାରେ ମାତ୍ର ୨୦ ସେକେଣ୍ଡରେ ସ୍ୱାସ୍ଥ୍ୟସ୍ଥିତି ବିଷୟରେ ଜଣାପଡ଼ିବ। ସର୍ବପ୍ରଥମେ ହାଇଦ୍ରାବାଦ୍ ସରକାରୀ ହସ୍‌ପିଟାଲ 'ନିଲୋଫର'ରେ ଗର୍ଭବତୀ ମହିଳାଙ୍କ ଶରୀରରେ ଆନେମିଆ ପରୀକ୍ଷା ପାଇଁ ଏହି କୌଶଳ ପ୍ରୟୋଗ କରାଯାଇଥିଲା। ଏଥିରୁ ଭଲ ଫଳ ମଧ୍ୟ ମିଳିଥିଲା। ଏହି ଟୁଲ୍‌ର କୌଶଳର ନାଁ ହେଉଛି ଫଟୋପ୍ଲେଥିସ୍ମୋଗ୍ରାଫି (ପିପିଜି)। ଯେତେବେଳେ ଉଜ୍ଜ୍ୱଳ ଆଲୋକରେ ଚେହେରା ସ୍କାନ୍ କରାଯାଏ, ଫୋନ୍‌ର କ୍ୟାମେରାରେ ପ୍ରତିଫଳିତ ଆଲୋକକୁ ଏହି ଆପ୍ ଧରିନିଏ। ଏଲଗୋରିଦମ ସାହାଯ୍ୟରେ ହୃଦ୍‌ସ୍ପନ୍ଦନ, ନିଶ୍ୱାସ ଓ ରକ୍ତ ପ୍ରବାହ ସହିତ ଜଡିତ ସଙ୍କେତକୁ ପଢ଼ି ସ୍ୱାସ୍ଥ୍ୟ ରିପୋର୍ଟ ପ୍ରସ୍ତୁତ କରେ। ଏପରିକି ୨୦ ସେକେଣ୍ଡରେ ସ୍ୱାସ୍ଥ୍ୟସମ୍ବନ୍ଧୀୟ ବହୁ ଗୁରୁତ୍ୱପୂର୍ଣ୍ଣ ସୂଚନା ସେୟାର କରିଥାଏ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହି ଆପ୍ ରକ୍ତଚାପ, ହେମୋଗ୍ଲୋବିନ୍ ସ୍ତର, ହୃଦ୍‌ସ୍ପନ୍ଦନ, ଅକ୍ସିଜେନ୍ ସାଚୁରେଶନ (ଏସ୍‌ପିଓ୨), ଚିନ୍ତାସ୍ତର, କୋଲେଷ୍ଟ୍ରଲ, ଶ୍ୱାସକ୍ରିୟା, ଏଚ୍‌ଆର୍‌ଭି ସମେତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଷୟରେ ସୂଚନା ପ୍ରଦାନ କରିପାରିବ। ସେହିପରି ଖୁବ୍‌ଶୀଘ୍ର ୫ବର୍ଷରୁ କମ୍ ବୟସର ହଜାର ପିଲାଙ୍କ ଉପରେ ଏହାର କ୍ଲିନିକାଲ ପରୀକ୍ଷଣ କରାଯିବା ସହିତ ଏହାର ଫଳାଫଳକୁ ପାରମ୍ପରିକ ରକ୍ତ ପରୀକ୍ଷା ସହିତ ତୁଳନା କରାଯିବ। ଫଳାଫଳ ସନ୍ତୋଷଜନକ ହେଲେ, ଏହି କୌଶଳ ସ୍ୱାସ୍ଥ୍ୟସେବାରେ ବୈପ୍ଳବିକ ପରିବର୍ତ୍ତନ ଆଣିପାରିବ।

## ଭାରତ-ଇଂଲଣ୍ଡ ପଞ୍ଚମ ଟେଷ୍ଟ

# ବର୍ଷା ଯୋଗୁଁ ଖେଳ ବାଧାପ୍ରାପ୍ତ

ଓଭାଲ,୩୧ା୭ (ଏଜେନ୍ସି):

ଭାରତ ଓ ଇଂଲଣ୍ଡ ମଧ୍ୟରେ ଏଠାରେ ଆଜି ଆରମ୍ଭ ହୋଇଛି ସିରିଜ୍ ୫ମ ତଥା ଶେଷ ଟେଷ୍ଟ ମ୍ୟାଚ୍। ୨-୧ରେ ସିରିଜ୍ ଆଗୁଆ ଥିବା ଇଂଲଣ୍ଡର କାମଚଳା ଅଧିନାୟକ ଓଲି ପୋପ୍ ମଧ୍ୟ ଟସ୍ ଜିତିବା ପରେ ଭାରତକୁ ପ୍ରଥମେ ବ୍ୟାଟିଂ ଲାଗି ଆମନ୍ତ୍ରଣ କରିଥିଲା। ପ୍ରଥମ ଦିନ ଲଞ୍ଚ ସୁଦ୍ଧା ଭାରତ ୨ ୱିକେଟରେ ୭୨ ରନ୍ କରିଥିଲା। ଲଞ୍ଚ ପରେ ହଠାତ୍ ଜୋର ବର୍ଷା ହେବାରୁ ଖେଳ ଆଉ ସମ୍ଭବ ହୋଇ ପାରି ନ ଥିଲା। ବର୍ଷା ଛାଡିବା ପରେ ମଧ୍ୟ ପଡ଼ିଆ ଓଦା ହୋଇଥିବାରୁ କିଛି ସମୟ ଖେଳ ବନ୍ଦ ରହିଥିଲା। ଏହା ପରେ ଖେଳ ୬ ଓଭର ହୋଇଥିଲା। ଏଥିରେ ଭାରତ ଶୁବମନ ଗିଲ (ରନ୍‌ଆଉଟ)ଙ୍କ ୱିକେଟ ହରାଇ ବର୍ଷା ଯୋଗୁ ଖେଳ ବନ୍ଦ ରହିଲା ବେଳକୁ ୩ ୱିକେଟରେ ୮୫ ରନ୍ କରିଥିଲା। ଏହି ସମୟରେ ସାଇ ସୁଦର୍ଶନ ୨୮ ଓ କରୁନ ନାୟାର କୌଣସି ରନ ନକରି ବ୍ୟାଟିଂ କରୁଥିଲେ। ଓପନର ଯଶସ୍ୱୀ ଜୟସ୍ୱାଲ ମାତ୍ର ୨ ଓ ଦମ୍‌ର ସହ ଖେଳୁଥିବା ଲୋକେଶ ରାହୁଲ ମାତ୍ର ୧୪ ରନ୍‌ରେ ଆଉଟ ହୋଇଛନ୍ତି। ଭୁଲ ବୁଝାମଣା ଯୋଗୁଁ ରନ୍ ଆଉଟ ହୋଇଥିବା ଅଧିନାୟକ ଗିଲ୍ ୨୧ ରନ୍ କରିଥିଲେ।



ଭାରତ ୨ ୱିକେଟରେ ୭୨ ରନ୍ କରିବା ପରେ ଖେଳକୁ ବର୍ଷା ଅଟକାଇଦେଇଥିଲା। ବର୍ଷା ପରେ ଦୁଇଥର ଖେଳ ଆରମ୍ଭ କରିବାକୁ ସମର୍ଥ ହୋଇଥିଲେ ମଧ୍ୟ ତୃତୀୟଥର ବାଧାପ୍ରାପ୍ତ ହୋଇଥିଲା। ଏଣୁ ଫିଲ୍ଡ ଅମ୍ପାୟାର ଆଗୁଆ ଚା'ପାନ ବିରତି କରାଇଥିଲେ। କିନ୍ତୁ ପିଚ୍ ସହ ପଡ଼ିଆ ଓଦା ରହିଥିବାରୁ ଖେଳିବା କଷ୍ଟକର ହୋଇଛି। ବିଶେଷ କରି ଗତକାଲି ପ୍ରବଳ ବର୍ଷା ଓ ଲଞ୍ଚ ପରେ ହଠାତ୍ ବର୍ଷା ହେବାରୁ ପିଚ୍ ଓଦା ହୋଇଯାଇଛି। ଏଣୁ ଭାରତକୁ ବ୍ୟାଟିଂ କରିବା କଷ୍ଟକର ହେବ।

ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଭାରତ ୦.୮ ମିଲିମିଟର ଘାସ ଥିବା ପିଚ୍‌ରେ ଇଂଲଣ୍ଡ ବୋଲରଙ୍କୁ ମୁକାବିଲା କରିବା କଷ୍ଟକର ହୋଇଥିଲା। ଏଡି ମ୍ୟାଚ୍‌ରେ ଅଧିନାୟକ ବେନ୍ ଷ୍ଟୋକ୍ସ ଓ ଜୋଫ୍ରା ଆର୍ଚର ଖେଳୁ ନ ଥିବାରୁ ତାଙ୍କ ବଦଳରେ ଖେଳୁଥିବା ଗସ ଆଟକିନସନ ଓ ଜେମି ଓଭରଟନ ବିଶେଷ କିଛି ପ୍ରଭାବ ପକାଇ ପାରି ନ ଥିଲେ। ଆଟକିସନ ପ୍ରତିପକ୍ଷ ଯୁବ ଓପନର ଜୟସ୍ୱାଲଙ୍କୁ ଏଲ୍‌ବିଡବ୍ଲ୍ୟୁ ଆଉଟ କରି ଘରୋଇ ଦଳକୁ ବ୍ରେକ୍ ଥ୍ରୁ ଦେଇଥିଲେ। ଏହା ପରେ ସୁଦର୍ଶନ ଓ ରାହୁଲ ଏଭଳି କଷ୍ଟସାଧ୍ୟ ପିଚ୍‌ରେ ଇଂଲଣ୍ଡ ବୋଲରଙ୍କୁ ସହଜରେ ମୁକାବିଲା କରିଥିଲେ। କିନ୍ତୁ ୬ ଓଭରରେ ୭ ରନ୍ ହେବା ପରେ ରାହୁଲ ଚାପରେ ଆସି ଓକ୍ସଙ୍କ ଏକ ସଟ୍ ପିଚ୍ ବଲ୍‌କୁ ସଟ୍ ମାରିବାକୁ ଚେଷ୍ଟା କରିଥିଲେ। କିନ୍ତୁ ଏହା ମିସ୍ ହୋଇଯିବାରୁ ସେ ବୋଲ୍ଡ ଆଉଟ ହୋଇଯାଇଥିଲେ। ଚଳିତ ସିରିଜ୍‌ରେ ରାହୁଲ ଏତେ ଭଲ ଖେଳିଥିଲେ ମଧ୍ୟ ଏଭଳି ତ୍ରୁଟି କରିଥିଲେ। ଦୁଇ ଓପନର ୩୮ ରନ୍ ମଧ୍ୟରେ ପାଭିଲିୟନ ଫେରିଯିବା ପରେ ସୁଦର୍ଶନଙ୍କ ସହ ଗିଲ ଯୋଗ ଦେଇ ଭାରତୀୟ ଇନିଂସକୁ ଆଗକୁ ବଢ଼ାଇଥିଲେ। ଲଞ୍ଚ ବେଳକୁ ୨୩ ଓଭର ଖେଳ ସମ୍ଭବ ହୋଇପାରିଥିଲା। ଏଥିରେ ଭାରତ ୨ ୱିକେଟ ହରାଇଥିଲା। ଏହି ସିରିଜ୍‌ରେ ଇଂଲଣ୍ଡ ୨-୧ରେ ଆଗୁଆ ରହିଛି। ଏଠାରେ ଭାରତ ମ୍ୟାଚ୍ ଜିତିଲେ ସିରିଜ୍ ୨-୨ରେ ସମାନ ସ୍ତରକୁ ଆସିବ। କିନ୍ତୁ ଇଂଲଣ୍ଡ ନିକଟରେ ଆଣ୍ଡରସନ-ତେନ୍ଦୁଲକର ଟ୍ରଫି ରହିବ।

### ସଂକ୍ଷିପ୍ତ ସ୍କୋର

ଭାରତ ପ୍ରଥମ ଇନିଂସ: ୮୫/୩,୨୯ ଓଭର (ସାଇ ସୁଦର୍ଶନ-ବ୍ୟାଟିଂ-୨୫,କରୁଣ ନାୟର-ବ୍ୟାଟିଂ-୦,ଶୁବମନ ଗିଲ୍-୨୧, ଲୋକେଶ ରାହୁଲ-୧୪, ଯଶସ୍ୱୀ ଜୟସ୍ୱାଲ-୨, ଗସ ଆଟକିନସନ-୧/୭, କ୍ରିସ୍ ଓକ୍ସ-୧/୨୮)।

## ୮ ଖେଳାଳି ପରିବର୍ତ୍ତନ

ଭାରତ ଓ ଇଂଲଣ୍ଡ ମଧ୍ୟରେ ଏଠାରେ ଆଜି ଆରମ୍ଭ ହୋଇଥିବା ୫ମ ଟେଷ୍ଟରେ ଚତୁର୍ଥ ଟେଷ୍ଟ ଖେଳିଥିବା ୮ଜଣ ଖେଳାଳିଙ୍କୁ ପରିବର୍ତ୍ତନ କରାଯାଇଛି। ଉଭୟ ଦଳରେ ୪ଜଣ ଲେଖାଏଁ ବଦଳିଛନ୍ତି। ସେମାନଙ୍କ ମଧ୍ୟରେ ଭାରତୀୟ ଦଳରୁ ୩ ଫାଷ୍ଟ ବୋଲର ଯଶପ୍ରୀତ୍ ବୁମ୍‌ରା, ଶାର୍ଦ୍ଦୁଳ ଠାକୁର ଓ ଡେବ୍ୟୁଟାଣ୍ଟ ଅଂଶୁଲ କାମ୍ବୋଜଙ୍କ ସହ ଆହତ ୱିକେଟ ରକ୍ଷକ ଋଷଭ ପନ୍ତଙ୍କୁ ଏହି ଟେଷ୍ଟରୁ ବାଦ୍ ଦିଆଯାଇଥିଲା। ସେମାନଙ୍କ ସ୍ଥାନରେ ଫାଷ୍ଟ ବୋଲର ଆକାଶ ଦୀପ ଓ ପ୍ରସିଦ୍ଧ କ୍ରିଷ୍ଣା, ବ୍ୟାଟର କରୁନ ନାୟାର ଓ ୱିକେଟକିପର ଧ୍ରୁବ ଜୁରେଲଙ୍କୁ ସ୍ଥାନ ଦେଇଛି। ସେହିପରି ଇଂଲଣ୍ଡ ଦଳରୁ ଆହତ ଅଧିନାୟକ ବେନ୍ ଷ୍ଟୋକ୍ସ, ଫାଷ୍ଟ ବୋଲର ଜୋଫ୍ରା ଆର୍ଚର, ସ୍ପିନର ଲିଆମ ଡାୱସନ ଓ ବ୍ରାଇଡନ କାର୍ସଙ୍କୁ ଦଳ ବାଦ୍ ଦେଇଛି। ଏମାନଙ୍କ ସ୍ଥାନରେ ୩ ଫାଷ୍ଟ ବୋଲର ଗସ ଆଟକିନସନ, ଜୋଶ ଟଙ୍ଗ୍ ଓ ଜେମି ଓଭରଟନ, ଅଲରାଉଣ୍ଡର ଜ୍ୟାକବ ବେଥେଲଙ୍କୁ ସାମିଲ କରିଛି। ଷ୍ଟୋକ୍ସଙ୍କ ସ୍ଥାନରେ ଓଲି ପୋପ୍ ଦଳର ନେତୃତ୍ୱ ନେଉଛନ୍ତି।

### ପଦାର୍ପଣ ଲାଗି ୯ ୬୧ ଦିନର ଅପେକ୍ଷା



ଏହି ସିରିଜ୍‌ରେ ଟେଉଁ ୩ ଭାରତୀୟ ଖେଳିବାକୁ ସୁଯୋଗ ପାଇ ନାହାନ୍ତି ତାହା ମଧ୍ୟରେ ବେଙ୍ଗଲ ରଣଜୀ ଦଳର ଅଧିନାୟକ ଅଭିମନ୍ୟୁ ଈଶ୍ୱରନ ଅନ୍ୟତମ। ଭାରତୀୟ ଟେଷ୍ଟ ଦଳରେ ୯୬୧ ଦିନ ହେଲା ସାମିଲ ହୋଇଥିଲେ ମଧ୍ୟ ତାଙ୍କୁ ଏ ପର୍ଯ୍ୟନ୍ତ ଡେବ୍ୟୁ କରିବାକୁ ସୁଯୋଗ ମିଳିପାରିଲାନି। ସେ ସାମିଲ ହେବା ପରଠାରୁ ୧୫ଜଣ ଖେଳାଳି ଭାରତ ପକ୍ଷରୁ ଡେବ୍ୟୁ କରିସାରିଲେଣି। ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ବିପକ୍ଷ ସିରିଜ୍‌ରେ ତାଙ୍କୁ ଦଳରେ ସାମିଲ କରାଯାଇଥିଲେ ମଧ୍ୟ କେବଳ ରିଜର୍ଭ ଖେଳାଳି ଭାବେ ରହିଯାଇଛନ୍ତି। ୧୦୦ଟି ପ୍ରଥମ ଶ୍ରେଣୀ ମ୍ୟାଚ୍ ଖେଳିସାରିଥିବା ଈଶ୍ୱରନଙ୍କ ଭାଗ୍ୟ କେବେ ପରିବର୍ତ୍ତନ ହେବ ତାହା କିଏ କହିବ?

### ପ୍ରତିଟେଷ୍ଟରେ ଖେଳାଳି ବଦଳାଇଛି ଭାରତ, ୩ ସୁଯୋଗ ପାଇଲେନି

ଇଂଲଣ୍ଡ ସହ ଏଠାରେ ଦଳ ଖେଳିଥିବା ୫ଟି ଯାକ ଟେଷ୍ଟ ମ୍ୟାଚ୍‌ରେ ଭାରତ ଭିନ୍ନ ଭିନ୍ନ ଖେଳାଳିଙ୍କୁ ଚୂଡାନ୍ତ ଏକାଦଶରେ ସାମିଲ କରିଛି। କିନ୍ତୁ ଏହି ସିରିଜ୍ ଲାଗି ଆରମ୍ଭରୁ ଦଳରେ ସ୍ଥାନ ପାଇଥିବା ୩ଜଣ ଖେଳାଳିଙ୍କୁ ଆଦୌ ସୁଯୋଗ ମିଳିଲା ନାହିଁ। ଏମାନଙ୍କ ମଧ୍ୟରେ ଅଭିଜ୍ଞ ସ୍ପିନର କୁଲଦୀପ ଯାଦବଙ୍କୁ ଟିମ୍ ମ୍ୟାନେଜ୍‌ମେଣ୍ଟ ଚାହିଁଥିଲେ ମଧ୍ୟ ସମୀକରଣ ଯୋଗୁ ଖେଳାଇ ପାରି ନ ଥିଲା। କିନ୍ତୁ ବାମହାତୀ ଫାଷ୍ଟ ବୋଲର ଅର୍ଶଦୀପ ସିଂହ ଦୁଇଥର ଡେବ୍ୟୁ କରିବା ନିଶ୍ଚିତ ହୋଇଥିଲେ ମଧ୍ୟ ଶେଷ ମୁହୂର୍ତ୍ତରେ ବାଦ୍ ପଡ଼ିଥିଲେ। ବ୍ୟାଟର ଅଭିମନ୍ୟୁ ଈଶ୍ୱରନ ମଧ୍ୟ ସୁଯୋଗ ପାଇଲେନି।

### ଗାଭାସ୍କରଙ୍କ ୪୭ ବର୍ଷର ରେକର୍ଡ ଭାଙ୍ଗିଲେ ଗିଲ୍

ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜ୍‌ରେ ଯେତେବେଳେ ଭାରତ ବିପଦରେ ପଡ଼ିଛି ସେହି ସମୟରେ ଦଳର ଅଧିନାୟକ ଶୁବମନ ଗିଲ ପାହାଡ ପରି ଛିଡ଼ା ହୋଇଛନ୍ତି। ଏହି କ୍ରମରେ ସେ ଗୋଟିଏ ଟେଷ୍ଟ ସିରିଜ୍‌ରେ ଜଣେ ଅଧିନାୟକ ଭାବେ ସୁନୀଲ ଗାଭାସ୍କରଙ୍କ ନାମରେ ଥିବା ୪୭ ବର୍ଷର ରେକର୍ଡକୁ ଭାଙ୍ଗିଦେଇଛନ୍ତି। ଗାଭାସ୍କର ୧୯୭୮ ୱେଷ୍ଟଇଣ୍ଡିଜ୍ ବିପକ୍ଷ ଟେଷ୍ଟ ସିରିଜ୍‌ରେ ୭୩୨ ରନ୍ କରିଥିଲେ। କିନ୍ତୁ ଗିଲ ଏହି ରେକର୍ଡକୁ ସେ ଅତିକ୍ରମ କରିଯାଇଥିଲେ। ଜଣେ ଅଧିନାୟକ ଭାବେ ୧୯୩୬ରେ ଅଷ୍ଟ୍ରେଲିଆର ଡନ୍ ବ୍ରାଡମ୍ୟାନ୍ ୮୧୦ ଓ ୧୯୯୦ରେ ଇଂଲଣ୍ଡ ଅଧିନାୟକ ଗ୍ରାହମ ଗୁଚ୍ ୭୫୨ ରନ୍ କରିଥିଲେ। ଶୁବମନ ଏହି ଟେଷ୍ଟରେ ୨୧ ରନ୍ କରି ଦୁର୍ଭାଗ୍ୟଜନକ ଭାବେ ରନ୍‌ଆଉଟ ହୋଇଥିଲେ। ସେ ୫ମ ଟେଷ୍ଟ ଖେଳି ୭୪୩ ରନ୍ କରିଛନ୍ତି। ଏହା ମଧ୍ୟରେ ୪ଟି ଶତକ ରହିଛି।

### ସିରିଜ୍‌ର ସମସ୍ତ ଟସ୍ ହାରିବାରେ ଗିଲ୍ ଚତୁର୍ଥ

ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜ୍‌ରେ ଦଳର ନେତୃତ୍ୱ ନେଇଥିବା ଶୁବମନ ଗିଲ୍ ଏଠାରେ ଖେଳାଯାଇଥିବା ୫ଟି ଯାକ ଟେଷ୍ଟରେ ଟସ୍ ହାରିଛନ୍ତି। ଏହାକୁ ମିଶାଇ ଟେଷ୍ଟ କ୍ରିକେଟରେ ଭାରତ କ୍ରମାଗତ ୧୫ଥର ଟସ୍ ହାରିସାରିଲାଣି। କିନ୍ତୁ କାମଚଳା ଅଧିନାୟକ ଓଲି ପୋପ୍ ପୂର୍ବରୁ ୧୪ଥର ଟସ୍ ହାରିଥିଲେ ମଧ୍ୟ ଏଠାରେ ଟସ୍ ଜିତିଛନ୍ତି। ବିଶ୍ୱରେ ୧୪ଥର ଜଣେ ଅଧିନାୟକ ସମସ୍ତ ୫ଟି ଯାକ ଟସ୍ ହାରିଛନ୍ତି। ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ରେ ସମସ୍ତ ୫ଟି ଯାକ ଟସ୍ ହାରିଥିବା ଅନ୍ୟ ଭାରତୀୟ ଅଧିନାୟକମାନେ ହେଲେ ୧୯୪୮-୪୯ରେ ଲାଲା ଅମରନାଥ ଓ ୧୯୮୨-୮୩ରେ କପିଳ ଦେବ ବନାମ ୱେଷ୍ଟଇଣ୍ଡିଜ୍, ୨୦୧୮ ରେ ବିରାଟ କୋହଲି ବନାମ ଇଂଲଣ୍ଡ।

## ଏସିଆନ୍ ପେନଚାକ୍ ସିଲାଟ୍‌ରେ ପ୍ଲିଜାଲିନଙ୍କୁ ରୌପ୍ୟ




ଭୁବନେଶ୍ୱର, ୩୧ା୭ (ସମିସ): ଏସିଆନ୍ ପେନଚାକ୍ ସିଲାଟ୍‌ର ୯ମ ସଂସ୍କରଣ ଭିଏତ୍‌ନାମରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଆ ଝିଅ ପ୍ଲିଜାଲିନ ତରାଇ ରୌପ୍ୟ ପଦକ ଜିତି ଦେଶ ଓ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ଜୁଲାଇ ୨୪ରୁ ଆରମ୍ଭ ହୋଇଥିବା ଇଣ୍ଡୋନେସିଆଭିତ୍ତିକ ମାର୍ଶାଲ ଆର୍ଟ କ୍ରୀଡ଼ାରେ ପ୍ଲିଜାଲିନ ୭୦-୭୫ କିଗ୍ରା ବିଭାଗରେ ଭାଗନେଇଥିଲେ। ଏଥିରେ ସେ ପୋଡିୟମର ଦ୍ୱିତୀୟ ସ୍ଥାନରେ ରହି ପଦକ ସଫଳତା ପାଇଥିଲେ। ସେହିଭଳି ଅନ୍ୟତମ ଓଡ଼ିଆ ଖେଳାଳି ରଞ୍ଜିତ ନାୟକ ଅଳ୍ପକେ ପୋଡିୟମ ଫିନିଶ କରିବାରୁ ବଞ୍ଚିତ ହୋଇଥିଲେ। ପ୍ଲିଜାଲିନଙ୍କ ଏହି ସଫଳତା ଲାଗି ରାଜ୍ୟ କ୍ରୀଡ଼ା ବିଭାଗର ନିର୍ଦ୍ଦେଶକ ଯେଦୁଲା ବିଜୟ, ଆଡିସନାଲ ସେକ୍ରେଟାରୀ ଅଶୋକ ପଣ୍ଡା, ସୋନାଲି ଚାନ୍ଦଙ୍କ ସମେତ ରାଜ୍ୟ ପେନଚାକ୍ ସଂଘର ସଭାପତି ତାପସ କୁମାର ରାୟ, ସମ୍ପାଦକ ସମ୍ପାଦକ ପ୍ରେମ ସିଂ ଥାପ୍ପା, ଉପସଭାପତି ମନୋରଞ୍ଜନ ଭଞ୍ଜ, ଖୋର୍ଦ୍ଧା ସଂଘ ସମ୍ପାଦକ ଜୀତେନ୍ଦ୍ର ରାଉତ ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି।

## ଅଗଷ୍ଟ ୨୯ରୁ ପ୍ରୋ-କବାଡ଼ି ଲିଗ୍-୧୨

### ଟାଇଟନ୍ସ-ଥଲାଇଭାସ୍ ଉଦ୍‌ଘାଟନୀ ଲଢ଼େଇ




ନୂଆଦିଲ୍ଲୀ, ୩୧ା୭ (ଏଜେନ୍ସି): ଲୋକପ୍ରିୟ ପ୍ରୋ କବାଡ଼ି ଲିଗ୍ (ପିକେଏଲ୍)ର ଦ୍ୱାଦଶ ସଂସ୍କରଣ ଅଗଷ୍ଟ ୨୯ରୁ ଆରମ୍ଭ ହେବାକୁ ଯାଉଛି। ତେଲୁଗୁ ଟାଇଟନ୍ସ ଓ ତାମିଲ ଥଲାଇଭାସ୍ ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ୍ ଖେଳାଯିବ। ଭାଇଜାଗ୍‌ର ରାଜୀବ ଗାନ୍ଧୀ ଇଣ୍ଡୋର ଷ୍ଟାଡିୟମରେ ଏହି ହାଇଭୋଲ୍‌ଟେଜ ମ୍ୟାଚ୍ ଅନୁଷ୍ଠିତ ହେବ। ଉଦ୍‌ଘାଟନୀ ଦିବସରେ ଦ୍ୱିତୀୟ ମୁକାବିଲାରେ ବେଙ୍ଗାଲୁରୁ ବୁଲ୍ସ ଓ ପୁନେରୀ ପଲ୍‌ଟନ୍ସ ପରସ୍ପରକୁ ଭେଟିବେ। ପିକେଏଲ୍-୧୨ ଲାଗି ଗୁରୁବାର ଘୋଷଣା ହୋଇଥିବା କାର୍ଯ୍ୟସୂଚୀରୁ ଏହା ସ୍ପଷ୍ଟ ହୋଇଛି। ଚଳିତ ସଂସ୍କରଣରେ ୧୨ଟି ଦଳ ଟାଇଟଲ୍ ପାଇଁ ଲଢ଼େଇ କରିବେ। ସେହିଭଳି ଡିଫେଣ୍ଡିଂ ଚାମ୍ପିଅନ ହରିୟାଣା ଷ୍ଟିଲର୍ସ ଅଗଷ୍ଟ ୩୧ରେ ବେଙ୍ଗଲ୍ ୱାରିୟର୍ସ ବିପକ୍ଷରେ ଖେଳି ଅଭିଯାନ ଆରମ୍ଭ କରିବ।

ଏଥର ଦେଶର ୪ଟି ପ୍ରମୁଖ ସହର ଭାଇଜାଗ, ଜୟପୁର, ଚେନ୍ନଇ ଓ ଦିଲ୍ଲୀରେ ପର୍ଯ୍ୟାୟକ୍ରମେ ମ୍ୟାଚ୍ ଖେଳାଯିବ। ଦୀର୍ଘ ୭ ବର୍ଷ ପରେ ବନ୍ଦର ସହର ଭାଇଜାଗ୍‌କୁ ପ୍ରୋ କବାଡ଼ି ଲିଗ୍ ଫେରିଛି। ଏଠାରେ ଟୁର୍ଣ୍ଣାମେଣ୍ଟର ପ୍ରଥମ ୨୮ଟି ମ୍ୟାଚ୍ ଆୟୋଜିତ ହେବ। ଏହାପରେ ସେପ୍ଟେମ୍ବର ୧୨ରୁ ଜୟପୁରର ଏସ୍‌ଏମ୍‌ଏସ୍ ଷ୍ଟାଡିୟମରେ ଦ୍ୱିତୀୟ ଲେଗ୍, ସେପ୍ଟେମ୍ବର ୨୯ରୁ ଚେନ୍ନଇରେ ୩ୟ ଲେଗ୍ ଓ ଫାଇନାଲ ତଥା ୪ର୍ଥ ଲେଗ୍ ଅକ୍ଟୋବର ୧୩ରୁ ଦିଲ୍ଲୀରେ ଖେଳାଯିବ। ଟୁର୍ଣ୍ଣାମେଣ୍ଟର ପ୍ଲେ-ଅଫ୍ କାର୍ଯ୍ୟସୂଚୀ ପରବର୍ତ୍ତୀ ସମୟରେ ଘୋଷଣା କରାଯିବ।

## ପିତାଙ୍କୁ ପୁଣିଥରେ ପ୍ରଶିକ୍ଷକ ରଖିଲେ ସିତ୍‌ସିପାସ୍

ଏଥେନ୍ସ, ୩୧ା୭ (ଏଜେନ୍ସି): ଗ୍ରୀକ୍ ଟେନିସ ତାରକା ଷ୍ଟିଫାନୋସ୍ ସିତ୍‌ସିପାସ୍ ପୁଣିଥରେ ତାଙ୍କ ପିତା ଆପୋଷ୍ଟୋଲୋସଙ୍କୁ ପ୍ରଶିକ୍ଷକ ଭାବେ ପୁନଃନିଯୁକ୍ତ କରିଛନ୍ତି। ଗତ ସପ୍ତାହରେ ପୂର୍ବତନ ପ୍ରଶିକ୍ଷକ ଗୋରାନ ଇଭାନିସେଭିସ୍‌ଙ୍କଠାରୁ ଅଲଗା ହେବାପରେ ୨୬ ବର୍ଷୀୟ ସିତ୍‌ସିପାସ୍ ପିତାଙ୍କୁ ନିଜର ଗୁରୁଭାବେ ପୁଣିଥରେ ରଖିବାକୁ ନିଷ୍ପତ୍ତି ନେଇଥିଲେ। ଏଥିପୂର୍ବରୁ ୨୦୨୪ ଅଗଷ୍ଟରେ ସିତ୍‌ସିପାସ୍ ତାଙ୍କ ପିତାଙ୍କୁ ପ୍ରଶିକ୍ଷକ ପଦରୁ ହଟାଇଦେଇଥିଲେ। ସେହି ସମୟରେ ସିତ୍‌ସିପାସ ଖରାପ ପ୍ରଦର୍ଶନ କରି ବିଶ୍ୱ ର୍‌ୟାଙ୍କିଙ୍ଗ୍‌ରେ ୩୦ତମ ସ୍ଥାନକୁ ଖସିଯାଇଥିଲେ। ତେଣୁ ସେ ପିତାଙ୍କୁ ହଟାଇ ଗୋରାନଙ୍କୁ ପ୍ରଶିକ୍ଷକ ଭାବେ ନିଯୁକ୍ତ କରିଥିଲେ। ନିକଟରେ କିନ୍ତୁ ୱିମ୍ବଲଡନ ଗ୍ରାଣ୍ଡସ୍ଲାମ ପ୍ରତିଯୋଗିତାରେ ସିତ୍‌ସିପାସ୍ ପ୍ରଥମ ରାଉଣ୍ଡରୁ ହାରି ବିଦାୟ ନେଇଥିଲେ। ଏଥିରେ ହତୋତ୍ସାହିତ ହୋଇ ତାଙ୍କ ପ୍ରଶିକ୍ଷକ ଗୋରାନ କହିଥିଲେ ଯେ, ସେ ତାଙ୍କ ଜୀବନରେ ଏଭଳି ଅପ୍ରସ୍ତୁତ ଖେଳାଳି କେବେ ଦେଖିନାହାନ୍ତି।' ଏହି ଘଟଣା ପରେ ସିତ୍‌ସିପାସ୍ ଓ ଗୋରାନ ଅଲଗା ହେବାକୁ ନିଷ୍ପତ୍ତି ନେଇଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ, ପୂର୍ବତନ ୱିମ୍ବଲଡନ ଚାମ୍ପିଅନ ଗୋରାନ ପୂର୍ବରୁ ନୋଭାକ ଜୋକୋଭିଚ୍‌ଙ୍କ ପ୍ରଶିକ୍ଷକ ଭାବେ କାର୍ଯ୍ୟ କରିଥିଲେ। ତାଙ୍କ ପ୍ରଶିକ୍ଷଣ କାଳରେ ଜୋକୋଭିଚ୍ ୯ଟି ଗ୍ରାଣ୍ଡସ୍ଲାମ ଟାଇଟଲ୍ ଜିତିଥିଲେ।

## ପ୍ରଥମ ଟେଷ୍ଟ: କନୱେ, ମିଚେଲ୍‌ଙ୍କ ଅର୍ଦ୍ଧଶତକ | ନ୍ୟୁଜିଲାଣ୍ଡର ପାଳି ଅଗ୍ରଣୀ

ବୁଲାୱାୟୋ, ୩୧ା୭ (ଏଜେନ୍ସି): ଘରୋଇ ଜିମ୍ବାୱେ ବିପକ୍ଷରେ ଚାଲିଥିବା ପ୍ରଥମ ଟେଷ୍ଟରେ ନ୍ୟୁଜିଲାଣ୍ଡ ପ୍ରଥମ ପାଳିରେ ଅଗ୍ରଣୀ ନେବାରେ ସଫଳ ହୋଇଛି। ଜିମ୍ବାୱେର ୧୪୯ ରନ ଜବାବରେ ନ୍ୟୁଜିଲାଣ୍ଡ ଗୁରୁବାର ଦ୍ୱିତୀୟ ଦିବସ ଶେଷ ଖବର ସୁଦ୍ଧା ୯୦ ଓଭରରେ ୭ ୱିକେଟ୍ ହରାଇ ୨୮୫ ରନ ସଂଗ୍ରହ କରିଛି। ଦଳ ପକ୍ଷରୁ ଡେଭନ କନୱେ ଓ ଡାରୀଲ ମିଚେଲ ଅର୍ଦ୍ଧଶତକୀୟ ପାଳି ଖେଳି ଦଳକୁ ପ୍ରଥମ ଅଗ୍ରଣୀ ଦେବାରେ ସହାୟତା କରିଛନ୍ତି। ଓପନିଂ ଆସିଥିବା କନୱେ ୮୮ ରନ କରିଥିବାବେଳେ ମିଚେଲ ୬୭ ରନରେ ଅପରାଜିତ ରହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ୱିଲ୍ ୟଙ୍ଗ୍ ୪୧, ହେନରୀ ନିକୋଲସ ୩୪, ଅଧିନାୟକ ମିଚେଲ ସାଣ୍ଟନର ୧୯ ରନ କରିଥିଲେ। ବୋଲିଂରେ ଘରୋଇ ଦଳର ବ୍ଲେସିଙ୍ଗ ମୁଜରବାନୀ ୩ ଓ ତନକା ଚିଭାଙ୍ଗା ୨ଟି ୱିକେଟ୍ ନେଇଛନ୍ତି। ୩ ୱିକେଟ୍ ବଳକା ଥାଇ ନ୍ୟୁଜିଲାଣ୍ଡ ପ୍ରଥମ ପାଳିରେ ୧୩୮ ରନରେ ଅଗ୍ରଣୀ ରହିଛି। ପୂର୍ବରୁ ମ୍ୟାଟ୍ ହେନରୀ ୬ ୱିକେଟ୍ ନେଇ ଜିମ୍ବାୱେକୁ ୧୪୯ ରନରେ ସୀମିତ ରଖିଥିଲେ।


ଡେଭନ କନୱେ

## ବିଶ୍ୱ ଟିଟି ଟିମ୍ ଚାମ୍ପିଅନସିପ୍‌କୁ ଭାରତର ଯୋଗ୍ୟତା

ନୂଆଦିଲ୍ଲୀ, ୩୧ା୭ (ଏଜେନ୍ସି): ଟେବଲ୍ ଟେନିସ୍ (ଟିଟି) ବିଶ୍ୱ ଟିମ୍ ଚାମ୍ପିଅନସିପ୍ ଆସନ୍ତା ବର୍ଷ ଲଣ୍ଡନରେ ଅନୁଷ୍ଠିତ ହେବ। ଏହି ମେଗା ଇଭେଣ୍ଟକୁ ଭାରତର ଉଭୟ ପୁରୁଷ ଓ ମହିଳା ଟିମ୍ ଯୋଗ୍ୟତା ହାସଲ କରିଛି। ଦକ୍ଷିଣ ଏସିଆ ରିଜିଅନ ଚାମ୍ପିଅନସିପ୍‌ରେ ଭାରତର ଉଭୟ ପୁରୁଷ ଓ ମହିଳା ଟେବଲ୍ ଟେନିସ ଦଳ ଅପରାଜେୟ ରହି ପାଞ୍ଚଦଳୀୟ ଟେବଲ୍‌ର ପ୍ରଥମ ସ୍ଥାନରେ ରହିଥିଲେ। ଭାରତର ପୁରୁଷ ଓ ମହିଳା ଦଳ ବିଶ୍ୱ ଚାମ୍ପିଅନସିପ୍‌କୁ ସହଜରେ ଯୋଗ୍ୟତା ଅର୍ଜନ କରିଛନ୍ତି। ଭାରତୀୟ ମହିଳା ଦଳରେ ସେଲିନା ସେଲଭାକୁମାର, ସାୟଲି ୱାନି, ସିନ୍ଦ୍ରେଲା ଦାସ, କ୍ରିତ୍ତିକା ରୟ ଓ ତନିଶା କୋଟେଚା ରହିଛନ୍ତି। ସେହିଭଳି ଅନିର୍ବାଣ ଘୋଷ, ଦିବ୍ୟାଂଶା ଶ୍ରୀବାସ୍ତବ, ଅଭିନ୍ଦନ ପ୍ରଧିଭାଡି, ରୋହିତ ଭଞ୍ଜ ଓ ଆକାଶ ପାଲ୍ ପୁରୁଷ ଦଳରେ ରହିଛନ୍ତି।

## ୱାଶିଂଟନରେ ୱାର୍ଲ୍ଡ ସ୍କୁଲ ଟିମ୍ ଚେସ୍ | ଅପରାଜିତା ଏଫ୍‌ପିଓ



ଭୁବନେଶ୍ୱର,୩୧ା୭ (ସମିସ): ଭାରତ ଓ ଓଡ଼ିଶା ଲାଗି ଗୌରବର ବିଷୟ। ଓଡ଼ିଶାର ଅନ୍ତର୍ଜାତୀୟ ଚେସ୍ ଖେଳାଳି ଅପରାଜିତା ଗୋଛିକାର ଆମେରିକାର ୱାଶିଂଟନଠାରେ ହେବାକୁ ଥିବା ୱାର୍ଲ୍ଡ ଟିମ୍ ଚେସ୍ ଲାଗି ଏଫ୍‌ପିଓ (ଫେୟାର ପ୍ଲେ ଅଫିସର) ନିଯୁକ୍ତ ହୋଇଛନ୍ତି। ପୁରୁଷ ବିଭାଗରେ ଜର୍ମାନୀର ଜୁର୍ଗେନ କ୍ଲୁଏନର୍ସ ନିଯୁକ୍ତ ହୋଇଛନ୍ତି। ଅଗଷ୍ଟ ୨ରୁ ୭ ତାରିଖଯାଏ ହେବାକୁ ଥିବା ଏହି ପ୍ରତିଯୋଗିତାରେ ୪୮ଟି ଦେଶରୁ ୫୫ଟି ଦଳ ଅଂଶଗ୍ରହଣ କରିବେ। ଭାରତରୁ ଗୋଟିଏ ଦଳ ଭାଗ ନେଉଛି।

## ମାକାଉ ଓପନ୍: କ୍ୱାର୍ଟରରେ ଲକ୍ଷ୍ୟ ସେନ୍

ନୂଆଦିଲ୍ଲୀ, ୩୧ା୭ (ଏଜେନ୍ସି): ମାକାଉ ଓପନ୍ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ଭାରତର ଲକ୍ଷ୍ୟ ସେନ୍ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଗୁରୁବାର ଖେଳାଯାଇଥିବା ପୁରୁଷ ସିଙ୍ଗଲ୍ସ ରାଉଣ୍ଡ-୧୬ର ଏକ ମ୍ୟାଚରେ ଲକ୍ଷ୍ୟ ୨୧-୧୪, ୧୪-୨୧, ୨୧-୧୭ ଗେମ୍‌ରେ ଇଣ୍ଡୋନେସିଆର ସିଏ ୱାଡୋୟୋଙ୍କୁ ପରାସ୍ତ କରିଥିଲେ। ସେହିଭଳି ଅନ୍ୟତମ ଭାରତୀୟ ଖେଳାଳି ତରୁଣ ମାନେପଲ୍ଲି ମଧ୍ୟ ପ୍ରି-କ୍ୱାର୍ଟରରେ ବିଜୟୀ ହୋଇ ଅଗ୍ରଗତି କରିଛନ୍ତି।

### ଗ୍ରୀନ୍ ବେଜ୍ କ୍ଲାସିକ ଅଲ୍ ଓଡ଼ିଶା ସ୍ନୁକର୍

## କ୍ୱାର୍ଟରଫାଇନାଲ ଲାଇନଅପ୍ ଚୂଡ଼ାନ୍ତ

ଭୁବନେଶ୍ୱର, ୩୧ା୭ (ସମିସ):

ଏଠାରେ ଚାଲିଥିବା ଗ୍ରୀନ ବେଜ୍ ଅଲ୍‌ଓଡ଼ିଶା ଓପନ୍ ୧୦-ରେଡ୍ ସ୍ନୁକର ଚାମ୍ପିଅନସିପ୍‌ର କ୍ୱାର୍ଟର ଫାଇନାଲ ଲାଇନଅପ୍ ଚୂଡ଼ାନ୍ତ ହୋଇଯାଇଛି। ଶୁକ୍ରବାର ରାକେଶ ପ୍ରଧାନ-କୁନାଲ ଅଗରୱାଲ, ଆକାଶ ମହାପାତ୍ର-ଆଶୁତୋଷ ପାଢ଼ୀ, ସିଦ୍ଧାର୍ଥ ସେନ-ଅବିନାଶ ମହାପାତ୍ରଙ୍କ ମଧ୍ୟରେ କ୍ୱାର୍ଟର ଫାଇନାଲ ଖେଳାଯିବ। ସେହିଭଳି ଚିରାଗ ଆରୋରା ଓ ସୁଦୀପ୍ତ ଦାସଙ୍କ ମଧ୍ୟରେ ଅନୁଷ୍ଠିତ ରାଉଣ୍ଡ-୧୬ ମ୍ୟାଚ୍‌ର ବିଜେତା କ୍ୱାର୍ଟରରେ ସୁବ୍ରତ ଦାସଙ୍କୁ ଭେଟିବେ। ଗୁରୁବାର ଖେଳାଯାଇଥିବା ପ୍ରି-କ୍ୱାର୍ଟର ମ୍ୟାଚ୍‌ଗୁଡ଼ିକରେ ସିଦ୍ଧାର୍ଥ ୪-୦ ଫ୍ରେମରେ ଅଲ୍‌ତାଫ୍ ଅଲିଙ୍କୁ, ରାକେଶ ୪-୦ରେ ବରୁଣ ପୂରବଙ୍କୁ, କୁନାଲ ୪-୩ରେ ନିଶାନ୍ତ ବିଶ୍ୱାଳଙ୍କୁ, ଅବିନାଶ ୪-୦ରେ ଚେତନ ଆନନ୍ଦଙ୍କୁ, ଆକାଶ ୪-୦ରେ ଶରଦ ବେହେରାଙ୍କୁ, ସୁବ୍ରତ ୪-୨ରେ ଜ୍ଞାନ ଦାସଙ୍କୁ ଓ ଆଶୁତୋଷ ୪-୦ ଫ୍ରେମରେ ରଞ୍ଜିତ ପତିଙ୍କୁ ହରାଇ ଅଗ୍ରଗତି କରିଛନ୍ତି।




### ■ ଜାତୀୟ ସବ୍‌ଜୁନିଅର ନ୍ୟାସ୍‌ନାଲ ହକି

## ଆଜି ମହାରାଷ୍ଟ୍ର-ଓଡିଶା ଲଢ଼େଇ



ଭୁବନେଶ୍ୱର, ୩୧ା୭ (ସମିସ): ଜାତୀୟ ସବ୍‌ଜୁନିଅର ବାଳକ ହକି ଚାମ୍ପିଅନସିପ୍‌ର ୧୫ତମ ସଂସ୍କରଣ ଚେନ୍ନଇରେ ଚାଲିଛି। ଗ୍ରୁପ୍-ଡି'ରେ ସ୍ଥାନ ପାଇଥିବା ଓଡ଼ିଶା ଶୁକ୍ରବାର ମହାରାଷ୍ଟ୍ର ବିପକ୍ଷରେ ଖେଳି ଅଭିଯାନ ଆରମ୍ଭ କରିବ। ଏହି ପୁଲ୍‌ରେ ୩ୟ ଦଳ ଭାବେ ଚଣ୍ଡିଗଡ଼ ସ୍ଥାନ ପାଇଛି। ଅଗଷ୍ଟ ୨ରେ ଓଡ଼ିଶା ଶେଷ ପୁଲ୍ ମ୍ୟାଚରେ ଚଣ୍ଡିଗଡ଼କୁ ଭେଟିବ। ଚାରୋଟି ପୁଲ୍‌ର ଶ୍ରେଷ୍ଠ ଦୁଇଟି ଲେଖାଏ ଦଳ କ୍ୱାର୍ଟର ଫାଇନାଲକୁ ଯୋଗ୍ୟତା ଅର୍ଜନ କରିବେ। ଅଗଷ୍ଟ ୫ରେ କ୍ୱାର୍ଟର, ୬ରେ ସେମିଫାଇନାଲ ଓ ୮ ତାରିଖରେ ଫାଇନାଲ ଅନୁଷ୍ଠିତ ହେବ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS